ଧରିତ୍ରୀ
DHARITRI

ରବିବାର, ଜୁନ୍ ୭/୨୦୨୦ (୨୦ ପୃଷ୍ଠା+ ଛୁଟିଦିନ) Sunday, June 7/2020

୪୬ଶ ଭାଗ ୧୯୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-

ସାଧାରଣ ଝିଅରୁ ବଲିଉଡ୍ ହିଟ୍ ଗାୟିକା

୪ ବର୍ଷ ବୟସରୁ ଗୀତ ଗାଇବା ଆରମ୍ଭ କରିଥିଲେ ନେହା କକ୍କର। ତାଙ୍କୁ ଦର୍ଶକ 'ଇଣ୍ଡିଆନ ଆଇଡଲ -୨'ରେ ବେଶୀ ପସନ୍ଦ କରିଥିଲେ। ଫିଲ୍ମ 'ସନି-ସନି'ରୁ ସେ ସୁନାମ ଅର୍ଜନ କରିଥିଲେ।

୧୦ ୨୦

୧୦କୋଟି ଡଲାର ଦାନ କରିବେ ଜୋର୍ଡାନ

ସାମାଜିକ ସମାନତା ପ୍ରତିଷ୍ଠା କରିବା ଲାଗି ୧୦ କୋଟି ଆମେରିକୀୟ ଡଲାର ଦାନ କରିବେ ବୋଲି ଘୋଷଣା କରିଛନ୍ତି ବାସ୍କେଟବଲ କିମ୍ବଦନ୍ତୀ ମାଇକେଲ ଜୋର୍ଡାନ।

ଆସିପାରେ ଆଉ ଏକ ବାତ୍ୟା

- ୮ରେ ଲଘୁଚାପ
- ବାତ୍ୟା ରୂପ ନେଲେ ନାଁ ରହିବ 'ଗତି'
- ୧୦ରେ ଓଡ଼ିଶା ଛୁଇଁବ ମୌସୁମୀ
- ଉପକୂଳ, ଦକ୍ଷିଣ ଓଡ଼ିଶାରେ ଅତି ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୬।୬(ବ୍ୟୁରୋ)

ବାତ୍ୟା 'ଅମ୍ଫନ'ର କ୍ଷତ ଭରି ନ ଥିବା ବେଳେ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଆଉ ଏକ ବାତ୍ୟା ମୁଣ୍ଡ ଟେକିବା ପରିସ୍ଥିତି ଉପୁଜିଲାଣି। କେନ୍ଦ୍ରୀୟ ବଙ୍ଗୋପସାଗର ମ୍ୟାନ୍‌ମାର ଉପକୂଳରେ ଆସନ୍ତା ୮ ତାରିଖରେ ଏକ ଲଘୁଚାପ ସୃଷ୍ଟି ହେବ। ଲଘୁଚାପ କ୍ଷେତ୍ର ଓ ଏହାର ଆଖପାଖରେ ବାୟୁର ଗତି ଶନିବାର ଆହୁରି ଧିମା ହୋଇଯାଇଛି। ଘଣ୍ଟା ପ୍ରତି ବେଗ ୪ରୁ ୫ କି.ମି. ରହିଛି। ଏଥିସହିତ ସମ୍ପୃକ୍ତ ଅଞ୍ଚଳରେ ବାୟୁମଣ୍ଡଳୀୟ ଚାପ ମଧ୍ୟ ହ୍ରାସ ପାଉଛି। ଏ ସବୁ ଲକ୍ଷଣ ଆଉ ଏକ ବାତ୍ୟା ସମ୍ଭାବନାକୁ ଖୋରାକ ଯୋଗାଇଛି। ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ଆକଳନ ଅନୁଯାୟୀ ଲଘୁଚାପ ଅଧିକ ଘନୀଭୂତ ହୋଇ ଅବପାତ(ଡିପ୍ରେଶନ)ରେ ପରିଣତ ହେବା ସମ୍ଭାବନା ରହିଛି। ଆଇଏମ୍‌ଡିର ଟ୍ରପିକାଲ୍ ବାତ୍ୟା ବୁଲେଟିନ୍ କହୁଛି ଯେ, ଅବପାତ ହେଉଛି ବାତ୍ୟାର ଅଷ୍ଟମ ସ୍ତର। ଯଦି ଏହା ଚତୁର୍ଥ ସ୍ତରକୁ ଯିବ ତେବେ ତାହା ବାତ୍ୟା ଆକାରରେ ବଦଳିବାର ଯଥେଷ୍ଟ ସମ୍ଭାବନା ରହିଛି। ଲଘୁଚାପ ସୃଷ୍ଟି ହେବା ଅଞ୍ଚଳରେ ବାୟୁର ବେଗ ହ୍ରାସ ପାଇବା ବାତ୍ୟା ସୃଷ୍ଟି ହେବା ନେଇ ସଙ୍କେତ ଦେଉଛି। ଯଦି ଏହି ଲଘୁଚାପ ବାତ୍ୟାରେ ରୂପାନ୍ତରିତ ହୁଏ ତେବେ ତାହାର ନାମ 'ଗତି' ରଖାଯିବ ବୋଲି ଆଇଏମ୍‌ଡି ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଲଘୁଚାପ ବାତ୍ୟାରେ ପରିଣତ ହେବ କି ନାହିଁ ସେ ନେଇ ଏବେ ସୁଦ୍ଧା ଆଇଏମ୍‌ଡି ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ନିର୍ଦ୍ଦେଶକ ଏଚ୍.ଆର. ବିଶ୍ୱାସ କହିଛନ୍ତି ଯେ, ଶନିବାର ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଉତ୍ତର ଆଣ୍ଡାମାନ ଆଖପାଖ ଅଞ୍ଚଳରେ ସମୁଦ୍ର ପତ୍ତନଠାରୁ ୩.୧ କି.ମି. ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଆସନ୍ତା ସୋମବାର ସୁଦ୍ଧା ଏହା ଲଘୁଚାପରେ ପରିଣତ ହେବ। ଏହାର ପ୍ରଭାବରେ ଆସନ୍ତା ୧୦ ଓ ୧୧ ତାରିଖରେ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଉପକୂଳ ଓ ଦକ୍ଷିଣ ଓଡ଼ିଶାରେ ବର୍ଷା ପରିମାଣ ବହୁତ ବଢ଼ିଯିବ। ବିଶେଷ କରି ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା, କୋରାପୁଟ ଏବଂ ନବରଙ୍ଗପୁର ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ୧୧ ଓ ୧୨ ତାରିଖରେ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷା ହେବ। ଏହି ଲଘୁଚାପ ଦକ୍ଷିଣ ପଶ୍ଚିମ ମୌସୁମୀକୁ ରାଜ୍ୟକୁ ବାଟ କଢ଼େଇବାରେ ସହାୟକ ହେବ। ଜୁନ୍ ୧୦ରେ ମୌସୁମୀ ପୁରୀ ଓ ଜଗତ୍‌ସିଂହପୁର ଜିଲା ଦେଇ ଓଡ଼ିଶାକୁ ପ୍ରବେଶ କରିବା ସମ୍ଭାବନା ରହିଛି ବୋଲି ବିଶ୍ୱାସ କହିଛନ୍ତି। ଆସନ୍ତା ଦୁଇଦିନ ପାଗରେ କୌଣସି ପରିବର୍ତ୍ତନ ହେବ ନାହିଁ। ଦିନରେ ତାତି ବଢିବା ସାଙ୍ଗକୁ ଅପରାହ୍ନରେ କିମ୍ବା ରାତିରେ କେତେକ ଜିଲାରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଗଞ୍ଜାମ, ଗଜପତି, ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ ଏବଂ କନ୍ଧମାଳ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ସହ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ପବନର ବେଗ ଘଣ୍ଟାପ୍ରତି ୩୦ରୁ ୪୦ କି.ମି. ରହିବ ବୋଲି ପୂର୍ବାନୁମାନ କରାଯାଇଛି।

ଉଲ୍ଲେଖ ଯୋଗ୍ୟ ଯେ ୨୦୨୦ ଜୁନ ସୁଦ୍ଧା ଭାରତରେ ଦୁଇଟି ବାତ୍ୟା ମାଡ଼ ହୋଇ ସାରିଲାଣି। ମେ ୨୦ରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା 'ଅମ୍ଫନ' ପଶ୍ଚିମବଙ୍ଗକୁ ଧକ୍କା ଦେଇଥିବା ବେଳେ ଅନ୍ୟ ଏକ ବାତ୍ୟା 'ନିସର୍ଗ' ଜୁନ୍ ୩ରେ ମହାରାଷ୍ଟ୍ର ଉପକୂଳକୁ ଧକ୍କା ଦେଇଛି। ମୌସୁମୀ ସମୟ ହୋଇଥିବାରୁ ଆସନ୍ତା ୨ ମାସ ପର୍ଯ୍ୟନ୍ତ ବାତ୍ୟାର ଭୟ ସେତେଟା ନ ଥାଏ। ସେପ୍ଟେମ୍ବର ଏବଂ ଅକ୍ଟୋବର ବେଳକୁ ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା କେତେକ ବାତ୍ୟା ଉପକୂଳ ମୁହାଁ ହୋଇଥାନ୍ତି। ତେବେ ଗତ କିଛିବର୍ଷ ହେବ ଜଳବାୟୁ ପରିବର୍ତ୍ତନ କାରଣରୁ ମେ ଓ ଜୁନ୍‌ରେ ଓଡ଼ିଶାକୁ ବାତ୍ୟାର ଭୟ ରହୁଛି। ୨୦୧୯ ମେ ୩ ରେ ବାତ୍ୟା 'ଫନୀ' ଓଡ଼ିଶା ଉପକୂଳରେ ତାଣ୍ଡବ ରଚାଇଥିବା ବେଳେ ୨୦୨୦ ମେ ୨୦ରେ ବାତ୍ୟା ଅମ୍ଫନ ଉପକୂଳବର୍ତ୍ତୀ ଜିଲାକୁ ଦୋହଲାଇ ଦେଇଥିଲା।

ରାଜ୍ୟରେ ଆରମ୍ଭ ହେବ କ୍ରୁଜ୍ ପର୍ଯ୍ୟଟନ

- ଚିଲିକା, ମହାନଦୀ, ଭିତରକନିକା, ସାତକୋଶିଆ ଗଣ୍ଡ ଓ ହୀରାକୁଦରେ 'ରିଭର୍ କ୍ରୁଜ୍'
- ଟେଣ୍ଡର ଆମନ୍ତ୍ରଣ କଲା ପର୍ଯ୍ୟଟନ ବିଭାଗ

ଭୁବନେଶ୍ୱର,୬।୬(ବ୍ୟୁରୋ)

ଓଡ଼ିଶାରେ ବ୍ୟାପକ ହେବ କ୍ରୁଜ୍ ଟୁରିଜମ୍ ବା ଜାହାଜ ପର୍ଯ୍ୟଟନ। ପ୍ରାଥମିକ ପର୍ଯ୍ୟାୟରେ ରାଜ୍ୟର ୫ଟି ପ୍ରମୁଖ ସ୍ଥାନରେ ପର୍ଯ୍ୟଟକଙ୍କୁ ମିଳିବ ଡେ' କ୍ରୁଜ୍ ସର୍ଭିସ୍। ଘରୋଇ ସଂସ୍ଥା ସହଯୋଗରେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଚିଲିକା, ମହାନଦୀ, ଭିତରକନିକା, ସାତକୋଶିଆ ଗଣ୍ଡ ଓ ହୀରାକୁଦରେ ଏହି 'ରିଭର୍ କ୍ରୁଜ୍' ବ୍ୟବସ୍ଥା ଆରମ୍ଭ ହେବ। ଏନେଇ ଶନିବାର ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଛି। କରୋନା ପାଇଁ ଗୁରୁତର ପ୍ରଭାବିତ ହୋଇଥିବା ରାଜ୍ୟ ପର୍ଯ୍ୟଟନର ବିକାଶ ପାଇଁ ଏହି ନୂଆ ଯୋଜନା ପ୍ରସ୍ତୁତ ହୋଇଥିବା ବିଭାଗ ପକ୍ଷରୁ କୁହାଯାଇଛି।

ରାଜ୍ୟରେ ୪୮୨ କି.ମି. ସୁଦୀର୍ଘ ବେଳାଭୂମି ରହିଥିବାବେଳେ ୫ଟି ପ୍ରମୁଖ ନଦୀ ସହ ଏକାଧିକ ଜଳଭଣ୍ଡାର ଓ ଏସିଆର ସର୍ବବୃହତ୍ ଲୁଣା ହ୍ରଦ ଚିଲିକା ରହିଛି। ଏହି ଜଳ ଉତ୍ସଗୁଡ଼ିକରେ ବିଭିନ୍ନ ପର୍ଯ୍ୟଟନ ପ୍ରକଳ୍ପ ମାଧ୍ୟମରେ ଯୁବ ପର୍ଯ୍ୟଟକ ତଥା ଲକ୍‌ଜରୀ ଓ ଆଡ୍‌ଭେଞ୍ଚର ଟୁରିଜମ୍‌ରେ ଆଗ୍ରହ ରଖୁଥିବା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ରାଜ୍ୟ ସରକାର ଦୀର୍ଘଦିନ ହେବ ଯୋଜନା କରିଆସୁଛନ୍ତି। ଏଥିଲାଗି ୨୦୧୬ ଟୁରିଜମ୍ ପଲିସିରେ ୱାଟର ସ୍ପୋର୍ଟସ, ଆଡ୍‌ଭେଞ୍ଚର ସ୍ପୋର୍ଟସ, ହାଉସ୍ ବୋଟ୍, କ୍ରୁଜ୍ ଟୁରିଜମ୍ ପ୍ରୋଜେକ୍ଟ, ଆକ୍ୱାରିୟମ୍ ଏବଂ ଆକ୍ୱା-ପାର୍କ ଭଳି ବିଭିନ୍ନ ପ୍ରକଳ୍ପକୁ ପ୍ରୋତ୍ସାହନ ଦେବାର ବ୍ୟବସ୍ଥା କରାଯାଇଥିଲା। ☞ପୃଷ୍ଠା-୪

ଅନ୍‌ଲାଇନ୍‌ରେ ପଢ଼ନ୍ତୁ ଏଥରର ଛୁଟିଦିନ

www.dharitriepaper.in
www.dharitri.com

ଆଜିର ସମ୍ପାଦକୀୟ

ଚାଇନାର ଚାଲ୍

ଆଜିର ମନ୍ତବ୍ୟ

ଅଧିକ ପରୀକ୍ଷା କରାଗଲେ ଭାରତ ଓ ଚାଇନାରେ ବହୁ ସଂଖ୍ୟକ କରୋନା ରୋଗୀ ବାହାରିବେ।

–ଡୋନାଲ୍ଡ ଟ୍ରମ୍ପ, ଆମେରିକା ରାଷ୍ଟ୍ରପତି

ବିଡେନ୍ ଡେମୋକ୍ରାଟ ପ୍ରାର୍ଥୀ

ନଭେମ୍ବରରେ ଟ୍ରମ୍ପଙ୍କ ସହ ଲଢ଼େଇ

ୱାଶିଂଟନ,୬।୬(ପି.ଟି.)

ଆମେରିକାର ପୂର୍ବତନ ଉପରାଷ୍ଟ୍ରପତି ଜୋ ବିଡେନ୍ ହ୍ୱାଇଟ ହାଉସ୍ ପାଇଁ ଆନୁଷ୍ଠାନିକ ଭାବେ ଡେମୋକ୍ରାଟିକ୍



ଜୋ ବିଡେନ୍

ରାଷ୍ଟ୍ରପତି ପ୍ରାର୍ଥୀ ହୋଇଛନ୍ତି। ଆଗାମୀ ନଭେମ୍ବରରେ ହେବାକୁ ଥିବା ନିର୍ବାଚନରେ ସେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ଲଢ଼ିବେ। ଡେମୋକ୍ରାଟିକ୍ ପ୍ରେସିଡେନ୍ସିଆଲ ପ୍ରାଇମେରିରେ ୭୭ ବର୍ଷୀୟ ବିଡେନ୍‌ଙ୍କୁ ସଂଖ୍ୟାଧିକ ପ୍ରତିନିଧିଙ୍କ ସମର୍ଥନ ମିଳିଯାଇଛି। ଶୁକ୍ରବାର ରାତିରେ ମୋଟ ୩,୯୭୯ ପ୍ରତିନିଯୁକ୍ତ ପ୍ରତିନିଧିଙ୍କ ମଧ୍ୟରୁ ୧,୯୯୧ଜଣଙ୍କ ସମର୍ଥନ ହାସଲ କରିଥିଲେ ବିଡେନ୍। ଫଳରେ ସେ ଡେମୋକ୍ରାଟିକ୍ ପାର୍ଟିର ରାଷ୍ଟ୍ରପତି ପ୍ରାର୍ଥୀ ଲାଗି ଯୋଗ୍ୟ ହୋଇପାରିଛନ୍ତି। ଅଗଷ୍ଟରେ ୱିସକନସିନ୍‌ଠାରେ ଅନୁଷ୍ଠିତ ହେବାକୁ ଥିବା ଡେମୋକ୍ରାଟିକ୍ ନ୍ୟାଶନାଲ କନ୍‌ଭେନଶନରେ ତାଙ୍କୁ ଆନୁଷ୍ଠାନିକ ଭାବେ ପ୍ରାର୍ଥୀ ଘୋଷଣା କରାଯିବ।

ବାରାକ୍ ଓବାମାଙ୍କ ରାଷ୍ଟ୍ରପତିତ୍ୱ ସମୟରେ ୨୦୦୯ରୁ ୨୦୧୭ ପର୍ଯ୍ୟନ୍ତ ବିଡେନ୍ ଆମେରିକାର ଉପରାଷ୍ଟ୍ରପତି ଥିଲେ। ନଭେମ୍ବର ୩ରେ ରାଷ୍ଟ୍ରପତି ନିର୍ବାଚନ ହେବାକୁ ଥିବାବେଳେ ପୁନର୍ବାର ନିର୍ବାଚିତ ହେବାକୁ ଚାହୁଁଥିବା ରିପବ୍ଲିକାନ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପଙ୍କ ସହ ବିଡେନ୍‌ଙ୍କର ପ୍ରତିଦ୍ୱନ୍ଦ୍ୱିତା ହେବ।

ଚାଇନାକୁ ଡରିଲା ଟୁଇଟର

'ଏକ୍‌ଜିଟ ଦ ଡ୍ରାଗନ ପୋଷ୍ଟ'

- ଅମୁଲର ଅଫିସିଆଲ ଆକାଉଣ୍ଟ ହଟାଇଲା
- କମ୍ପାନୀର ହସ୍ତକ୍ଷେପ ପରେ ପୁଣି ଆକ୍ଟିଭେଟ କଲା

ନୂଆଦିଲ୍ଲୀ,୬।୬

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ବେଖାତିର କରି ତାଙ୍କ ପୋଷ୍ଟକୁ ହଟାଇ ଦେଉଥିବା ଟୁଇଟର ଚାଇନାକୁ ଡରିଯାଇଛି। ଏହି ସୋସିଆଲ ନେଟୱାର୍କିଂ ସାଇଟ ବେଜିଂକୁ ସୁହାଇଲା ଭଳି କାମ କରୁଛି। ଦୁଗ୍ଧଜାତ ସାମଗ୍ରୀ ଉତ୍ପାଦନକାରୀ ପ୍ରମୁଖ କମ୍ପାନୀ ଅମୁଲର ଏକ ସଦ୍ୟ ଟୁଇଟକୁ ହଟାଇ ଦେବା ପରେ ଏହାର ଚାଇନା ପ୍ରୀତି ପଦାରେ ପଡିଛି।

ଲଦାଖ ସୀମାରେ ଉତ୍ତେଜନା ସୃଷ୍ଟି କରୁଥିବା ଚାଇନା ବିରୋଧରେ ଭାରତୀୟଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି ଦେଶର ସାମଗ୍ରୀଗୁଡ଼ିକୁ ବର୍ଜନ କରିବା ପାଇଁ ଭାରତରେ ଅଭିଯାନ ଆରମ୍ଭ ହୋଇଛି। ଏଭଳି ସ୍ଥିତିରେ ଅମୁଲ ନିଜ ଅଫିସିଆଲ ଟୁଇଟର ଆକାଉଣ୍ଟରେ 'ଏକ୍‌ଜିଟ ଦି ଡ୍ରାଗନ' ନାମରେ ଏକ ଟେମ୍ପଲେଟ ପୋଷ୍ଟକରି କମେଣ୍ଟ କରିଥିଲା। ଏହାପରେ ଟୁଇଟର ଅମୁଲ ଆକାଉଣ୍ଟକୁ ଗୁରୁବାର ରାତିରେ ହଟାଇ ଦେଇଥିବା ଦେଖାଯାଇଥିଲା। ପରବର୍ତ୍ତୀ ସମୟରେ ହଟାଯାଇଥିବା ଆକାଉଣ୍ଟକୁ ପୁଣି ଥରେ ଆକ୍ଟିଭ କରାଯାଇଥିଲା। ଉକ୍ତ ପୋଷ୍ଟରେ ଅମୁଲ ଗାର୍ଲ ଡ୍ରାଗନ ସହ ଲଢ଼େଇ କରୁଥିବା ଦର୍ଶାଯାଇଛି। ଡ୍ରାଗନ ପାର୍ଶ୍ୱରେ ଚାଇନାର ଭିଡିଓ ଶେୟାରିଂ ପ୍ଲାଟ୍‌ଫର୍ମ ଟିକ୍‌ଟକ୍ ରହିଛି।

ସ୍ଥାନୀୟ ଏବଂ ବିଶ୍ୱସ୍ତରର କୌଣସି ପ୍ରସଙ୍ଗ ଉପରେ ଅମୁଲ ଏଭଳି ସୃଜନାତ୍ମକ ଟେମ୍ପଲେଟ ୧୯୬୬ ପରଠାରୁ ପ୍ରସ୍ତୁତ କରିଥାଏ। ଦୀର୍ଘ ବର୍ଷ ଧରି ଏଭଳି ହୋଇଆସିଛି। ଏଥିଲାଗି ଘରେ ଘରେ ଅମୁଲର ଲୋକପ୍ରିୟତା ମଧ୍ୟ ରହିଛି। ନିକଟରେ ଅମୁଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଆତ୍ମନିର୍ଭର ଭାରତ' ସହ ସ୍ଥାନୀୟ ☞ପୃଷ୍ଠା-୪



ମୋ ଦେହ ସମ୍ପୂର୍ଣ୍ଣ ସୁସ୍ଥ ଅଛି, ଆଉ ୨୦ ବର୍ଷ ମୁଁ ବଞ୍ଚିବି।
– ଦଲାଇ ଲାମା, ତିବ୍ବତୀୟ ଧର୍ମଗୁରୁ

ଚାଇନା ବିରୋଧରେ ୮ ଦେଶର ମେଳି

ବ୍ରୁମ୍‌ବର୍ଗ,୬।୬

ଚାଇନାର ପ୍ରଭାବ ଦିନକୁ ଦିନ ବଢ଼ି ଚାଲିଥିବାବେଳେ ଏହା ବିଶ୍ୱ ବାଣିଜ୍ୟ, ସୁରକ୍ଷା ଓ ମାନବିକ ଅଧିକାର ପ୍ରତି ବିପଦ ସୃଷ୍ଟି କରିଛି। ଏହାକୁ ପ୍ରତିହତ କରିବା ଲାଗି ଆମେରିକା ସମେତ ୮ ଗଣତାନ୍ତ୍ରିକ ରାଷ୍ଟ୍ରର ବରିଷ୍ଠ ଆଇନପ୍ରଣେତାମାନେ ନୂଆ ମେଣ୍ଟ ଗଠନ କରିଛନ୍ତି। ଶୁକ୍ରବାର ଏହି ଇଣ୍ଟର-ପାର୍ଲାମେଣ୍ଟାରି ଆଲିଆନ୍ସ ଗଠନ କରାଯାଇଛି। ଚାଇନାର କ୍ରମବର୍ଦ୍ଧିଷ୍ଣୁ ଅର୍ଥନୀତି ଏବଂ କୂଟନୈତିକ ପ୍ରଭାବକୁ ପ୍ରତିହତ କରିବା ଲାଗି ଆମେରିକା ସମଭାବାପନ୍ନ ମେଣ୍ଟ ଗଠନ ଲାଗି ଉଦ୍ୟମ ଜାରି ରଖିଛି। ହଂକଂରେ ଜାତୀୟ ନିରାପତ୍ତା ଆଇନ ଲାଗୁ କରିଥିବା ବେଜିଂକୁ ଆମେରିକା ନେତୃତ୍ୱରେ ବିଭିନ୍ନ ରାଷ୍ଟ୍ର ପକ୍ଷରୁ ସମାଲୋଚନା କରାଯାଇଛି। ହଂକଂରେ ଚାଇନାର ଜାତୀୟ ନିରାପତ୍ତା ଆଇନ ଲାଗୁ ହେବା ଫଳରେ ଏହି ସହରର ସ୍ୱୟଂଶାସନ କ୍ଷମତା ପ୍ରତି ବିପଦ ସୃଷ୍ଟି ହୋଇଛି। ପିପୁଲ୍ସ ରିପବ୍ଲିକ୍ ଅଫ୍ ଚାଇନାର ବିଭିନ୍ନ ପ୍ରସଙ୍ଗର ଗଠନମୂଳକ ତଥା ସମ୍ମିଳିତ ଜବାବ ଦେବା ମେଣ୍ଟ ଗଠନର ଉଦ୍ଦେଶ୍ୟ ବୋଲି କୁହାଯାଇଛି।

ଏହି ନବଗଠିତ ମେଣ୍ଟରେ ଆମେରିକାର ରିପବ୍ଲିକାନ ସିନେଟର ମାର୍କୋ ରୁବିଓ, ଡେମୋକ୍ରାଟ୍ ବବ୍ ମେନେଣ୍ଡେଜ୍, ଜାପାନର ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ଜେନେରାଲ ନାକାଟାନି, ୟୁରୋପୀୟ ପାର୍ଲାମେଣ୍ଟର ବହିର୍ବ୍ୟାପାର କମିଟି ସଦସ୍ୟ ମିରିଆମ୍ ଲେକ୍ସମନ ଏବଂ ବ୍ରିଟେନ କଞ୍ଜରଭେଟିଭ୍ ଏମ୍‌ପି ଡୁନ୍‌କାନ୍ ସ୍ମିଥ୍ ସହଅଧ୍ୟକ୍ଷ ରହିଛନ୍ତି। ଚାଇନାର ହଂକଂ କାର୍ଯ୍ୟାନୁଷ୍ଠାନକୁ ରୁବିଓ କଡ଼ା ସମାଲୋଚନା କରିଛନ୍ତି। କମ୍ୟୁନିଷ୍ଟ ଶାସିତ ଚାଇନା ବିଶ୍ୱ ପାଇଁ ଚ୍ୟାଲେଞ୍ଜ ହୋଇଛି ବୋଲି ସେ ଟୁଇଟ୍ କରିଛନ୍ତି। ଅନ୍ୟପକ୍ଷରେ ହଂକଂରେ ଦେଖାଦେଇଥିବା ସ୍ଥିତି ଚାଇନାର ଆଭ୍ୟନ୍ତରୀଣ ବ୍ୟାପାର ବୋଲି ବେଜିଂ ବାରମ୍ବାର କହିଆସୁଛି। ଦେଶର ବୃହତ ଅର୍ଥନୀତି ଓ କୂଟନୈତିକ ପ୍ରଭାବ ବୃଦ୍ଧି ବିଶ୍ୱ ପାଇଁ ଆଦୌ ବିପଦ ନୁହେଁ ବୋଲି ଚାଇନା କହିଛି। କେତେଜଣ ରାଜନେତା ସ୍ୱାର୍ଥ ପାଇଁ ଏକାଠି ହୋଇଛନ୍ତି। ସେମାନେ ସତ୍ୟ ଏବଂ ଅନ୍ତର୍ଜାତୀୟ ସମ୍ପର୍କର ମୂଳ ନିୟମକୁ ସମ୍ମାନ ଦେବା ସହ ଶୀତଳ ଯୁଦ୍ଧ ମାନସିକତା ପରିତ୍ୟାଗ କରନ୍ତୁ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ଗେଙ୍ଗ୍ ଶୁଆଙ୍ଗ ବେଜିଂ ଠାରେ ଗଣମାଧ୍ୟମକୁ କହିଛନ୍ତି।

ଚାଇନା ବିରୋଧରେ ଆମେରିକା, ଜର୍ମାନୀ, ବ୍ରିଟେନ, ଜାପାନ, ଅଷ୍ଟ୍ରେଲିଆ, କାନାଡା, ସ୍ୱିଡେନ, ନରୱେ ସମେତ ୟୁରୋପୀୟ ପାର୍ଲାମେଣ୍ଟର ସଦସ୍ୟମାନେ ଏକାଠି ହୋଇଛନ୍ତି। ଏହି ରାଷ୍ଟ୍ରଗୁଡ଼ିକ ମଧ୍ୟରୁ ଅଧିକାଂଶ ଚାଇନାର ରଣନୀତିକ ମହତ୍ତ୍ୱାକାଂକ୍ଷାକୁ ଅତିକ୍ରମ କରିବାରେ ଗୁରୁତର ଅର୍ଥନୈତିକ କିମ୍ବା ରାଜନୈତିକ ପରିଣାମର ସମ୍ମୁଖୀନ ହୋଇଛନ୍ତି। ଟ୍ରମ୍ପ୍ ପ୍ରଶାସନ ଚାଇନା ସହ ଦ୍ୱିପାକ୍ଷିକ ବାଣିଜ୍ୟ ସମ୍ପର୍କ ବଢ଼ାଇବା ପାଇଁ ଉଦ୍ୟମ ଚଳାଇଥିବାବେଳେ ଏହା ଏକ ଦୀର୍ଘ ଟ୍ରେଡ୍ ୱାରରେ ପରିଣତ ହୋଇଛି, ଯାହାର ପ୍ରଭାବ ସାରା ବିଶ୍ୱ ଉପରେ ପଡ଼ିଥିବା କୁହାଯାଉଛି। ସେହିପରି ଚାଇନାରୁ ଆମେରିକାର ଖବରଦାତାଙ୍କୁ ତଡିଦିଆଯାଇଛି। କାନାଡାର ଦୁଇଜଣ ନାଗରିକଙ୍କୁ ବିନା ବିଚାରରେ ଚାଇନା ଅଟକ ରଖିଛି। ସେହିପରି ନରୱେର ଚାଇନା ସହିତ ବାଣିଜ୍ୟିକ ସମ୍ପର୍କ ଛିନ୍ନ ହୋଇଛି।

ଗଠନ ହେଲା ଇଣ୍ଟର-ପାର୍ଲାମେଣ୍ଟାରି ଆଲିଆନ୍ସ

ବିସ୍ଫୋରଣରେ ଗାଈ ଗୁରୁତର

- ପଡ଼ୋଶୀ ଖଞ୍ଜିଥିଲେ ବିସ୍ଫୋରକ
- ଘାସ ଚରିବା ବେଳେ ଫୁଟିଲା

ବିଲାସପୁର, ୬।୬

କେରଳରେ ବାଣଭର୍ତ୍ତି ସପୁରି ଖୁଆଇ ଏକ ଗର୍ଭିଣୀ ହାତୀକୁ ମାରିବା ଭଳି ବର୍ବରୋଚିତ ଘଟଣା ସାରା ଦେଶରେ ଆଲୋଡନ ସୃଷ୍ଟି କରିଥିବାବେଳେ ହିମାଚଳପ୍ରଦେଶରେ ସେହିଭଳି ଏକ ଘଟଣା ଘଟିଛି। ଏକ ଗର୍ଭିଣୀ ଗାଈ ଘାସ ଚରୁଥିବାବେଳେ ବିସ୍ଫୋରଣ ହେବାରୁ ତା'ର ମୁହଁରେ ଗଭୀର କ୍ଷତ ହୋଇଛି। ଏହି ଘଟଣା ପାଇଁ ଗାଈର ମାଲିକ ପଡୋଶୀଙ୍କୁ ଦାୟୀ କରିବା ସହ ଘଟଣାର ତଦନ୍ତ ଦାବି କରିଛନ୍ତି। ଗୁରୁତର ଆହତ ଗାଈର ଭିଡିଓ ଭାଇରାଲ ହୋଇଛି। ଏଥିରେ ଗାଈ ମାଲିକ ଗୁର୍ଡିଆଲ ସିଂ ସରକାରୀ ସହାୟତା ସହ ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଘଟଣା ଘଟିଛି ହିମାଚଳପ୍ରଦେଶର ବିଲାସପୁର ଜିଲା ଅନ୍ତର୍ଗତ ଝଣ୍ଡୁତା ଅଞ୍ଚଳରେ। ପଡୋଶୀ ନନ୍ଦଲାଲ ଉଦ୍ଦେଶ୍ୟମୂଳକ ଭାବେ ପଡ଼ିଆରେ ବିସ୍ଫୋରକ ରଖିଥିବା ଗୁର୍ଡ଼ିଆଲ ଅଭିଯୋଗ କରିଛନ୍ତି। ଏହି ଘଟଣା ପରେ ନନ୍ଦଲାଲ ଫେରାର ହୋଇଯାଇଛନ୍ତି। ଭିଡିଓରେ ଗାଈ ପାଟିରୁ ରକ୍ତ ବାହାରୁଥିବା ଦେଖାଯାଇଛି। ପ୍ରାଣୀ ନିଷ୍ଠୁରତା ଆଇନରେ ପୋଲିସ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

ସେନା ହେଲିକପ୍ଟର ଦୁର୍ଘଟଣାରେ ୪ ମୃତ

ଜାକର୍ତ୍ତା, ୬।୬: ଇଣ୍ଡୋନେସିଆର ଏକ ସେନା ହେଲିକପ୍ଟର କେନ୍ଦ୍ରୀୟ ଜାଭା ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହେବାରୁ ୪ ଜଣଙ୍କ ମୃତ୍ୟୁ ଘଟିବା ସହ ୫ ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି। ହେଲିକପ୍ଟରରେ ୯ ଜଣ ଥିଲେ। ଆହତଙ୍କୁ କେଣ୍ଡାଲ ଜିଲା ହସ୍ପିଟାଲରେ ଚିକିତ୍ସା କରାଯାଉଥିବା ଜଣାପଡ଼ିଛି। ହେଲିକପ୍ଟରଟି ଖୁବ୍ ନିକଟରେ ଉଡୁଥିବା ବେଳେ ଏଭଳି ଦୁର୍ଘଟଣା ଘଟିଥିବା କୁହାଯାଇଛି। ୨ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଥିବା ପ୍ରକାଶ।

ଜର୍ଜିଆରେ ବିମାନ ଦୁର୍ଘଟଣା: ୫ ମୃତ

ଏଟନ୍‌ଟନ୍, ୬।୬: ଜର୍ଜିଆରେ ଏକ ବିମାନ ଦୁର୍ଘଟଣା ଘଟି ସମସ୍ତ ୫ ଜଣ ଯାତ୍ରୀଙ୍କ ପ୍ରାଣହାନି ଘଟିଛି। ଫ୍ଲୋରିଡ଼ାରୁ ବିମାନଟି ଯାତ୍ରୀଙ୍କୁ ନେଇ ଇଣ୍ଡିଆନା ଅଭିମୁଖେ ଏକ ଦଶାହ କାର୍ଯ୍ୟରେ ଯୋଗଦେବା ଲାଗି ଯାଉଥିଲେ। ଗୋଟିଏ ପରିବାରର ୪ ଲୋକ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଜଣାପଡ଼ିଛି। ବିମାନଟିରେ ନିଆଁ ଲାଗିଯିବା ପରେ ତଳକୁ ଖସିପଡ଼ିଥିବା ଜଣାପଡ଼ିଛି। ଏହା ପରେ ଉଦ୍ଧାରକାରୀ ଦଳ ସେଠାରେ ପହଞ୍ଚିଥିଲେ ବି ସମସ୍ତ ୫ ଯାତ୍ରୀ ପ୍ରାଣ ହରାଇ ସାରିଥିଲେ।

ପଙ୍ଗୋଙ୍ଗ ହ୍ରଦ ନିକଟରୁ ସୈନ୍ୟ ହଟାଅ

ଚାଇନା ସହ ସେନା ଅଧିକାରୀସ୍ତରୀୟ ଆଲୋଚନାରେ ଭାରତର ଦାବି

ନୂଆଦିଲ୍ଲୀ,୬।୬(ପି.ଟି./ଆଇଏଏନ୍‌ଏସ୍)

ସୀମା ବିବାଦକୁ ନେଇ ପୂର୍ବ ଲଦାଖରେ ମାସେ ହେଲା ଅଚଳାବସ୍ଥା ଲାଗି ରହିଥିବାବେଳେ ଏହାର ସମାଧାନ ପାଇଁ ପ୍ରଥମ ବଡ଼ ପଦକ୍ଷେପ ସ୍ୱରୂପ ଶନିବାର ଭାରତ ଓ ଚାଇନା ସୈନ୍ୟବାହିନୀର ଲ୍ୟୁଟ୍‌ନାଣ୍ଟ ଜେନେରାଲ ସ୍ତରୀୟ ଆଲୋଚନା ଅନୁଷ୍ଠିତ ହୋଇଛି। ଲେହସ୍ଥିତ ୧୪ କର୍ପସ୍‌ର ଜେନେରାଲ ଅଫିସର କମାଣ୍ଡିଂ ଲ୍ୟୁଟ୍‌ନାଣ୍ଟ ଜେନେରାଲ ହରିନ୍ଦର ସିଂ ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଇଥିବାବେଳେ ଚାଇନା ପକ୍ଷର ନେତୃତ୍ୱ ନେଇଛନ୍ତି ତିବ୍ବତ୍ ମିଲିଟାରି ଜିଷ୍ଟ୍ରିକ୍ଟର କମାଣ୍ଡର। ପୂର୍ବ ଲଦାଖ ଅନ୍ତର୍ଗତ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ର ଚାଇନା ପାର୍ଶ୍ୱରେ ଥିବା ମାଲ୍‌ଡୋ ସୀମାନ୍ତ ସୈନ୍ୟ ମିଟିଙ୍ଗ୍ ପଏଣ୍ଟରେ ଏହି ଆଲୋଚନା ହୋଇଥିଲା। ପଙ୍ଗୋଙ୍ଗ ସୋ ହ୍ରଦର ଉତ୍ତର ପାର୍ଶ୍ୱରେ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି(ପିଏଲ୍‌ଏ) ପୂର୍ବସ୍ଥିତିରେ ପରିବର୍ତ୍ତନ ପାଇଁ ଉଦ୍ୟମ ଚଳାଇଛି। ସେଥିପାଇଁ ଉକ୍ତ ଅଞ୍ଚଳରେ ପିଏଲ୍‌ଏ କ୍ୟାମ୍ପ୍ ନିର୍ମାଣ କରିଛି। ସେଠାରୁ ଚାଇନା ଏହାର ସୈନ୍ୟ ପ୍ରତ୍ୟାହାର କରିନେବା ସହ କ୍ୟାମ୍ପ୍ ହଟାଇନେବାକୁ ଭାରତ ପକ୍ଷରୁ ଦାବି କରାଯାଇଥିବା ଜଣାପଡିଛି।

ସୀମାନ୍ତ ଅଞ୍ଚଳରେ ଉପୁଜିଥିବା ସଙ୍କଟର ସମାଧାନ ପାଇଁ ଦୁଇ ଦେଶର ଅଧିକାରୀମାନେ ଉଭୟ ସାମରିକ ଓ କୂଟନୈତିକ ଚ୍ୟାନେଲରେ ସମାଧାନ ପାଇଁ ଉଦ୍ୟମ ଅବ୍ୟାହତ ରଖିଛନ୍ତି ବୋଲି ଭାରତୀୟ ସେନା ମୁଖପାତ୍ର ସୂଚନା ଦେଇଛନ୍ତି। ଭାରତ-ଚାଇନା ସୀମା ପ୍ରସଙ୍ଗରେ ତୃତୀୟ ପକ୍ଷର ସ୍ଥାନ ନାହିଁ ବୋଲି ସରକାର ପୂର୍ବରୁ ସ୍ୱଷ୍ଟ କରିଦେଇଛନ୍ତି। ଗତ ୨ ତାରିଖରେ ଦୁଇଦେଶର ମେଜର ଜେନେରାଲ ପାହ୍ୟାର ଅଧିକାରୀସ୍ତରୀୟ ଆଲୋଚନା ହୋଇଥିଲା। ତେବେ ଏଥିରେ କୌଣସି ନିଷ୍କର୍ଷ ବାହାରିପାରି ନ ଥିଲା। ବହୁସଂଖ୍ୟାରେ ଚାଇନା ସୈନ୍ୟ ପଙ୍ଗୋଙ୍ଗ ହ୍ରଦର ଫିଙ୍ଗର ୪ ଅଞ୍ଚଳରେ କ୍ୟାମ୍ପ ପକାଇଛନ୍ତି। ଭାରତ ପକ୍ଷରୁ ମଧ୍ୟ ସେଠାକୁ ଅନୁରୂପ ସଂଖ୍ୟକ ଯବାନ ପଠାଯାଇଛି। ପଙ୍ଗୋଙ୍ଗ ହ୍ରଦକୁ ୮ଟି ଫିଙ୍ଗରରେ ବିଭକ୍ତ କରାଯାଇଛି। ୧ରୁ ୪ ପର୍ଯ୍ୟନ୍ତ ଫିଙ୍ଗର ଭାରତ ନିୟନ୍ତ୍ରଣରେ ଥିବାବେଳେ ୫ରୁ ୮ ଫିଙ୍ଗର ଚାଇନା ଅଧୀନରେ ରହିଛି। ଫିଙ୍ଗର ୪ ନିକଟରେ ଭାରତୀୟ ଘାଟି ରହିଥିବାବେଳେ ଫିଙ୍ଗର ୮ ପର୍ଯ୍ୟନ୍ତ ସବୁ ଅଞ୍ଚଳକୁ ଭାରତ ଦାବି କରୁଛି। ଫଳରେ ଫିଙ୍ଗର ୪ରୁ ୮ ପର୍ଯ୍ୟନ୍ତ ଅଞ୍ଚଳ ବିବାଦୀୟ ହୋଇରହିଛି ଏବଂ ଏହାକୁ ନେଇ ବେଳେବେଳେ ଦୁଇ ସେନା ମୁହାଁମୁହିଁ ହେଉଛନ୍ତି। ମେ' ୫ରେ ଉକ୍ତ ଅଞ୍ଚଳରେ ଭାରତ ଓ ଚାଇନ ସୈନ୍ୟଙ୍କ ମଧ୍ୟରେ ଧସ୍ତାଧସ୍ତି ହେବାରୁ ଉଭୟ ପକ୍ଷରୁ ଅନେକ ଆହତ ହୋଇଥିଲେ।

ଶୁକ୍ରବାର ଦୁଇଦେଶ ମଧ୍ୟରେ କୂଟନୈତିକ ସ୍ତରୀୟ ଆଲୋଚନା ହୋଇଥିଲା। ଶାନ୍ତିପୂର୍ଣ୍ଣ ଆଲୋଚନା ମାଧ୍ୟମରେ ମତପାର୍ଥକ୍ୟ ଦୂର କରିବା ଲାଗି ଉଭୟ ପକ୍ଷ ରାଜି ହୋଇଥିଲେ। ୨୦୧୮ରେ ଉହାନ ସହରରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗଙ୍କ ମଧ୍ୟରେ ଅନୁଷ୍ଠିତ ଅନୌପଚାରିକ ସମିଟ୍‌ରେ ନିଆଯାଇଥିବା ନିଷ୍ପତ୍ତି ଓ ମାର୍ଗଦର୍ଶିକା ଅନୁଯାୟୀ ବିବାଦ ସମାଧାନ କରିବାକୁ ଦୁଇ ପକ୍ଷ ସହମତ ହୋଇଥିଲେ। ଏହା ବ୍ୟତୀତ ଦୁଇ ସେନାର ସ୍ଥାନୀୟ କମାଣ୍ଡରଙ୍କ ମଧ୍ୟରେ ୧୨ ଥର ଏବଂ ମେଜର ଜେନେରାଲ ସ୍ତରରେ ୩ ଥର ବୈଠକ ଅନୁଷ୍ଠିତ ହୋଇସାରିଥିଲେ ମଧ୍ୟ ସମାଧାନର ବାଟ ବାହାରିପାରି ନାହିଁ।

ଅମୃତ୍‌ସରରେ ଅପରେଶନ ବ୍ଲୁ ଷ୍ଟାରର ୩୬ତମ ବାର୍ଷିକୀ ଅବସରରେ ସ୍ୱର୍ଣ୍ଣମନ୍ଦିରକୁ ଦଙ୍ଗାନିରୋଧୀ ପୋଲିସ ଜଗିଛନ୍ତି।

'ଶଯ୍ୟା କଳାବଜାର କରୁଛନ୍ତି ଘରୋଇ ହସ୍ପିଟାଲ'



ଅରବିନ୍ଦ କେଜ୍‌ରିୱାଲ

ନୂଆଦିଲ୍ଲୀ,୬।୬(ପି.ଟି.)

ଦିଲ୍ଲୀର କେତେକ ଘରୋଇ ହସ୍ପିଟାଲ କୋଭିଡ୍-୧୯ ରୋଗୀଙ୍କୁ ଚିକିତ୍ସା କରିବାକୁ ମନା କରିଦେବା ସହ ଶଯ୍ୟା କଳାବଜାରରେ ସମ୍ପୃକ୍ତ ଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଅଭିଯୋଗ ଆଣିବା ସହ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଇଛନ୍ତି। କରୋନା ସନ୍ଦିଗ୍ଧଙ୍କୁ ଚିକିତ୍ସା କରିବାରେ ହସ୍ପିଟାଲ ମନା କରିପାରିବେ ନାହିଁ। ଏଥିପାଇଁ ସରକାର ଏକ ନିର୍ଦ୍ଦେଶନାମା ଜାରି କରିବାକୁ ଯାଉଥିବା ସେ କହିଛନ୍ତି।

ରାଜ୍ୟ ସଭା ନିର୍ବାଚନ ପୂର୍ବରୁ କଂଗ୍ରେସର ରିସର୍ଟ ପଲିଟିକ୍ସ

ଅହମଦାବାଦ, ୬।୬

ଜୁନ୍ ୧୯ରେ ହେବାକୁ ଥିବା ରାଜ୍ୟ ସଭା ନିର୍ବାଚନ ପୂର୍ବରୁ ଗୁଜରାଟ କଂଗ୍ରେସ ହତବଡ଼େଇ ଯାଇଛି। ବିଶେଷକରି ୩ ବିଧାୟକଙ୍କ ଇସ୍ତଫା ପରେ ଦଳରେ ସଙ୍କଟ ଦେଖାଦେଇଛି। ତେଣୁ ରାଜ୍ୟ ସଭା ନିର୍ବାଚନକୁ ଆଖିଆଗରେ ରଖି ଘୋଡ଼ାବେପାରକୁ ଏଡ଼ାଇବା ଲାଗି କଂଗ୍ରେସ ପକ୍ଷରୁ ବିଧାୟକମାନଙ୍କୁ ରିସର୍ଟକୁ ନିଆଯାଇଛି। କଂଗ୍ରେସ ବିଧାୟକ ଅକ୍ଷୟ ପଟେଲ, ଜିତୁ ଚୌଧୁରୀ ଓ ବ୍ରିଜେଶ୍ ମିଶ୍ର ଇସ୍ତଫା ଦେବା ପରେ ୧୮୨ ଆସନ ବିଶିଷ୍ଟ ରାଜ୍ୟ ବିଧାନସଭାରେ କଂଗ୍ରେସ ସଦସ୍ୟ ସଂଖ୍ୟା ୬୫କୁ କମିଆସିଛି। ୧୦ ଆସନ ଖାଲିପଡ଼ିଛି। ଉତ୍ତର ଗୁଜରାଟର କେତେଜଣ କଂଗ୍ରେସ ବିଧାୟକଙ୍କୁ ବନସକଣ୍ଠା ଜିଲା ଅମ୍ବାଜିସ୍ଥିତ ରିସର୍ଟକୁ ନିଆଯାଇଛି। ଦକ୍ଷିଣ ଓ କେନ୍ଦ୍ରୀୟ ଗୁଜରାଟର ବିଧାୟକମାନଙ୍କୁ ଆନନ୍ଦସ୍ଥିତ ବଙ୍ଗଳାକୁ ନିଆଯାଇଥିବା କଂଗ୍ରେସ ମୁଖପାତ୍ର ମନୀଷ୍ ଦୋଷୀ ପ୍ରକାଶ କରିଛନ୍ତି। ସେହିଭଳି ସୌରାଷ୍ଟ୍ର ବିଧାୟକଙ୍କୁ ରାଜ୍‌କୋଟର ରିସର୍ଟକୁ ନିଆଯାଇଛି। ନିର୍ବାଚନ ପର୍ଯ୍ୟନ୍ତ ବିଧାୟକମାନେ ଏହିସବୁ ସ୍ଥାନରେ ରହିବେ ବୋଲି ଜଣାପଡ଼ିଛି। କଂଗ୍ରେସ ୨ ରାଜ୍ୟ ସଭା ଆସନ ଲାଗି ପ୍ରାର୍ଥୀ ଦେଇଥିବା ବେଳେ ଭାଜପା ୪ ଆସନ ଲାଗି ପ୍ରାର୍ଥୀ ଦେଇଛି। କଂଗ୍ରେସର ଦ୍ୱିତୀୟ ଓ ଭାଜପାର ଚତୁର୍ଥ ପ୍ରାର୍ଥୀ ଲାଗି ବଳ କଷାକଷି ଚାଲିଛି। କାଳେ ଭାଜପା ଘୋଡ଼ାବେପାର କରି ବିଧାୟକଙ୍କୁ ହାତେଇ ନେବେ, କଂଗ୍ରେସର ଭୟ ରହିଛି।

ମାତୃତ୍ୱ ବୟସ, ମାତୃ ମୃତ୍ୟୁହାର ଯାଞ୍ଚ ଲାଗି ଟାସ୍କଫୋର୍ସ

ନୂଆଦିଲ୍ଲୀ,୬।୬(ପି.ଟି.)

ମାତୃ ମୃତ୍ୟୁହାର କମାଇବାରେ ମାତୃତ୍ୱ ବୟସର କ'ଣ ସମ୍ପର୍କ ରହିଛି ତାହା ଯାଞ୍ଚ କରିବା ପାଇଁ ସରକାର ଏକ ଟାସ୍କଫୋର୍ସ ଗଠନ କରିଛନ୍ତି। ଜୟା ଜେଟଲୀଙ୍କ ଅଧ୍ୟକ୍ଷତାରେ ୧୦ ସଦସ୍ୟ ବିଶିଷ୍ଟ କମିଟି ବର୍ତ୍ତମାନର ଆଇନରେ ସଂଶୋଧନ କିମ୍ବା ଉପଯୁକ୍ତ ଆଇନ ଆଣିବା ପାଇଁ ପ୍ରସ୍ତାବ ଦେବ। ଏଥିସହିତ ଏହାର ସୁପାରିସକୁ କାର୍ଯ୍ୟକାରୀ କରିବା ଲାଗି ସମୟସୀମା ଧାର୍ଯ୍ୟ କରିବ ବୋଲି ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଜୁଲାଇ ୩୧ ସୁଦ୍ଧା ଟାସ୍କଫାର୍ସକୁ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ବିବାହ ବୟସ ଏବଂ ମାତୃତ୍ୱ ସହିତ ସ୍ୱାସ୍ଥ୍ୟ, ଚିକିତ୍ସାଗତ ଉପଯୁକ୍ତତା, ଗର୍ଭାବସ୍ଥା ଓ ପ୍ରସବ ବେଳେ ଏବଂ ଏହା ପରେ ମାଆ ଓ ଶିଶୁର ପୋଷକ ତତ୍ତ୍ୱ ସ୍ଥିତି, ଶିଶୁ ମୃତ୍ୟୁହାର, ମାତୃ ମୃତ୍ୟୁହାର, ମୋଟ ମୃତ୍ୟୁହାର, ଜନ୍ମ ସମୟର ଲିଙ୍ଗ ଅନୁପାତ, ଶିଶୁ ଲିଙ୍ଗ ଅନୁପାତ ଏବଂ ସ୍ୱାସ୍ଥ୍ୟ ଓ ପୋଷଣ ତତ୍ତ୍ୱକୁ ନେଇ ଅନ୍ୟ ଆନୁଷଙ୍ଗିକ ବିଷୟ ଉପରେ ଟାସ୍କ ଫୋର୍ସ ଅନୁଧ୍ୟାନ କରିବ। ଆବଶ୍ୟକ ହେଲେ ଟାସ୍କଫୋର୍ସ ଏହାର ବୈଠକକୁ ଅନ୍ୟ ବିଶେଷଜ୍ଞମାନଙ୍କୁ ଡାକିପାରିବ।

ପୁଣି ଉତ୍କଟ ହେଲା ବାୟୁ ପ୍ରଦୂଷଣ

ଲକ୍‌ଡାଉନ ବେଳେ ୮୮% କମିଥିଲା

ନୂଆଦିଲ୍ଲୀ,୬।୬(ଆଇଏଏନ୍‌ଏସ୍)

ଲକ୍‌ଡାଉନର ପ୍ରାରମ୍ଭିକ ପର୍ଯ୍ୟାୟରେ ଦେଶର ୬ଟି ପ୍ରମୁଖ ସହରରେ ବାୟୁ ପ୍ରଦୂଷଣ ଯଥେଷ୍ଟ ହ୍ରାସ ପାଇଥିଲା। ତେବେ ଧୀରେ ଧୀରେ ଲକ୍‌ଡାଉନ ଖୋଲିବା ସହ ପ୍ରଦୂଷଣ ପୁଣି ବଢ଼ିବା ଆରମ୍ଭ କରିଛି। ନିକଟରେ କରାଯାଇଥିବା ଏକ ଅଧ୍ୟୟନରୁ ଏହି ତଥ୍ୟ ମିଳିଛି। ସେଣ୍ଟର ଫର୍ ସାଇନ୍ସ ଆଣ୍ଡ ଏନ୍‌ଭାଇରନମେଣ୍ଟ (ସିଏସ୍‌ଇ)ର ଅଧ୍ୟୟନ ଅନୁଯାୟୀ ଲକ୍‌ଡାଉନ ବେଳେ ଦିଲ୍ଲୀ, ମୁମ୍ବାଇ, କୋଲକାତା, ଚେନ୍ନାଇ, ହାଇଦ୍ରାବାଦ ଓ ବେଙ୍ଗାଲୁରୁରେ ପିଏମ୍ ୨.୫ ସ୍ତର ୪୫ରୁ ୮୮ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଥିଲା। ତେବେ ଦେଶ ଲକ୍‌ଡାଉନ ୪.୦ରେ ପ୍ରବେଶ କରିବା ସହ ଅର୍ଥନୈତିକ କାରବାର ବଢ଼ାଇବା ପାଇଁ କଳକାରଖାନା ଖୋଲିବା ଓ ଗାଡ଼ି ଚଳାଚଳକୁ ଅନୁମତି ମିଳିଥିଲା। ଫଳରେ ପୁଣିଥରେ ପ୍ରଦୂଷଣ ବଢ଼ିବା ଆରମ୍ଭ ହୋଇଥିଲା ବୋଲି ଅଧ୍ୟୟନରୁ ଜଣାପଡିଛି। ଲକ୍‌ଡାଉନ ୪.୦ ବେଳେ ପିଏମ୍ ୨.୫ ସ୍ତର ୨ରୁ ୬ ଗୁଣ ବଢ଼ିଥିଲା ବୋଲି ରିପୋର୍ଟରେ କୁହାଯାଇଛି। ଏପରିକି ରାଜଧାନୀ ଦିଲ୍ଲୀରେ ଏହି ସ୍ତର ୪ରୁ ୮ ଗୁଣ ବଢ଼ିଥିବା ଜଣାପଡିଛି।

ଲକ୍‌ଡାଉନର ପ୍ରାରମ୍ଭିକ ପର୍ଯ୍ୟାୟରେ କଳକାରଖାନା ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ରାସ୍ତାରେ ଗାଡ଼ି ଚଳାଚଳ ମଧ୍ୟ ଯଥେଷ୍ଟ କମ୍ ଥିଲା। ଏଥିସହିତ ନିର୍ମାଣ କାର୍ଯ୍ୟକୁ ବନ୍ଦ ରଖାଯାଇଥିଲା। ସେଥିପାଇଁ ବାୟୁ ପ୍ରଦୂଷଣ ହ୍ରାସ ପା

ବିଷାକ୍ତ ଫଳ ଖାଇ ୪ ଶିଶୁ ଗୁରୁତର

କାମାକ୍ଷାନଗର, ୬।୬(ଡି.ଏନ୍.ଏ.): ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ବାଟଗାଁ ପଞ୍ଚାୟତ ଅଧୀନ ଚକୁଡିଆ ଗ୍ରାମର ୪ ଜଣ ଶିଶୁ ଶନିବାର ବିଷାକ୍ତ ଫଳ ଖାଇ ଗୁରୁତର ହୋଇପଡ଼ିଛନ୍ତି। ସେମାନେ ହେଲେ ଚିଣ୍ଟୁ ସୋରେନ୍ (୬), ସିଦ୍ଧାର୍ଥ ଦେହୁରୀ (୫), ରାଜେଶ ଦେହୁରୀ (୬), ସୋନାଲି ସୋରେନ୍ (୫)। ସମ୍ପୃକ୍ତ ଶିଶୁମାନେ ଅପରାହ୍ନରେ ଖେଳୁଥିବାବେଳେ ଘର ପାଖରେ ଫଳିଥିବା ସେହି ବିଷାକ୍ତ ଫଳ ଖାଇଦେଇଥିଲେ। ସମସ୍ତଙ୍କୁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।



'ବେଶି ଟେଷ୍ଟ ହେଲେ ଅଧିକ ସଂକ୍ରମିତ ବାହାରିବେ'

ୱାଶିଂଟନ,୬।୬

- ଆମେରିକାଠୁ ଟପିଯିବ ଚାଇନା, ଭାରତର ଆକ୍ରାନ୍ତ ସଂଖ୍ୟା: ଟ୍ରମ୍ପ୍
- ଚାଇନାରେ ଅଟକି ପାରିଥାନ୍ତା ଅଦୃଶ୍ୟ ଶତ୍ରୁ କରୋନା

କରୋନା ସଂକ୍ରମଣରେ ବିଶ୍ୱରେ ସର୍ବାଗ୍ରେ ରହିଛି ଆମେରିକା। ଏଠାରେ ଆକ୍ରାନ୍ତଙ୍କ ସଂଖ୍ୟା ୨୦ ଲକ୍ଷ ଛୁଇଁବାକୁ ବସିଥିବାବେଳେ ୧ ଲକ୍ଷ ୧୨ ହଜାର ଲୋକ ଆଖିବୁଜିଲେଣି। ହେଲେ ଭାରତ ଓ ଚାଇନାରେ ଯଦି ଅଧିକ ଟେଷ୍ଟ କରାଯାଏ ତା'ହେଲେ ଉଭୟ ଦେଶରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଆମେରିକାଠାରୁ ବହୁ ଅଧିକ ହେବ। ଶୁକ୍ରବାର ମୈତ୍ରିସ୍ଥିତ ପୁରିଟାନ ମେଡିକାଲ ପ୍ରଡକ୍ଟ କାର୍ଯ୍ୟକ୍ରମରେ ଯୋଗଦେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଭଳି କହିଛନ୍ତି। ତାଙ୍କ ମତରେ ଆମେରିକାରେ ୨ କୋଟି ଲୋକଙ୍କ କରୋନା ଯାଞ୍ଚ କରାଯାଇଛି, ଯାହାକି ଅନ୍ୟ ଦେଶ ତୁଳନାରେ ଅଧିକ। ଜର୍ମାନୀରେ ୪୦ ଲକ୍ଷ ଏବଂ ଦକ୍ଷିଣ କୋରିଆରେ ୩୦ ଲକ୍ଷ ଯାଞ୍ଚ କରାଯାଇଥିବା ସେ କହିଛନ୍ତି।

ଜନସଂଖ୍ୟା ଦୃଷ୍ଟିରୁ ଆମେରିକାର ସ୍ଥାନ ବିଶ୍ୱରେ ୩ୟରେ ଥିବାବେଳେ ଚାଇନା ଏବଂ ଭାରତର ସ୍ଥାନ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ। ଆମେରିକାର ଜନସଂଖ୍ୟା ୩୩ କୋଟିରୁ ଊର୍ଦ୍ଧ୍ୱ ଥିବାବେଳେ ଚାଇନାର ଜନସଂଖ୍ୟା ପ୍ରାୟ ୧୪୪ କୋଟି ଏବଂ ଭାରତର ଜନସଂଖ୍ୟା ହେଉଛି ପ୍ରାୟ ୧୩୮କୋଟି। ଚାଇନାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ପ୍ରାୟ ୮୩ ହଜାର ହୋଇଥିବାବେଳେ ଭାରତରେ ୨ ଲକ୍ଷ ୪୦ ହଜାର ଟପିଲାଣି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁଯାୟୀ ଭାରତରେ ଏପର୍ଯ୍ୟନ୍ତ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟେଷ୍ଟ କରାଯାଇଛି। ଆମେରିକାବାସୀଙ୍କ ଉଦ୍ଦେଶ୍ୟରେ ସେ କହିଛନ୍ତି ଯେ, ଆମେରିକାରେ ଅଧିକ ସଂକ୍ରମଣ ମାମଲା ରହିଛି, କାରଣ ଏଠାରେ ଅଧିକ ଟେଷ୍ଟ କରାଯାଉଛି। ଭାରତ ଓ ଚାଇନା ଭଳି କେତେକ ଦେଶରେ ଯଦି ଅଧିକ ଟେଷ୍ଟ କରାଯାଏ ତା'ହେଲେ ସେଠାରେ ମଧ୍ୟ ବହୁ ସଂକ୍ରମଣ ମାମଲା ସାମ୍ନାକୁ ଆସିବା ନିଶ୍ଚିତ। ସେ ପୁରିଟାନ ମେଡିକାଲ ପ୍ରଡକ୍ଟକୁ ଉଚ୍ଚ ପ୍ରଶଂସା କରିଥିଲେ। ଉଚ୍ଚମାନର ମେଡିକାଲ ସ୍ୱାବ୍ ଉତ୍ପାଦନ କରିବାରେ ପୁରିଟାନ ଶ୍ରେଷ୍ଠ କମ୍ପାନୀ ମଧ୍ୟରୁ ଅନ୍ୟତମ। ତ୍ୱରିତ ପରୀକ୍ଷଣ ପାଇଁ ଏହି ସ୍ୱାବ୍ ଗୁରୁତ୍ୱପୂର୍ଣ୍ଣ। ଟେଷ୍ଟିଂ କ୍ଷମତା ବୃଦ୍ଧି ଯୋଗୁ ଆମେରିକା ଲକ୍‌ଡାଉନରୁ ମୁକ୍ତ ହେବାରେ ଲାଗିଛି ଏବଂ ଦେଶର ଅର୍ଥନୀତି ସୁଧରିବାରେ ଲାଗିଛି।

ଆମେ ଭୟକୁ ବାସ୍ତବରେ ପରିଣତ କରିବାକୁ ଦେଇନାହୁଁ। ଆମେରିକା ଇତିହାସରେ ମାସିକ ଚାକିରିରେ ପ୍ରାୟ ଦୁଇଗୁଣ ବୃଦ୍ଧି ଘଟିଛି ବୋଲି ଟ୍ରମ୍ପ୍ କହିଛନ୍ତି। ସେ ନଭେମ୍ବର ୩ରେ ହେବାକୁ ଥିବା ରାଷ୍ଟ୍ରପ୍ରତିନିର୍ବାଚନ ପ୍ରସଙ୍ଗ ମଧ୍ୟ ଉଠାଇଛନ୍ତି। ସୂଚନାଥାଉ କି ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରପତି ହେବାକୁ ଚେଷ୍ଟା କରୁଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ତଥା ଡେମୋକ୍ରାଟିକ୍ ପ୍ରାର୍ଥୀ ଜୋ ବିଡେନ ବିଜୟୀ ହେବା ନେଇ ଏକାଧିକ ଜନମତ ସର୍ଭେ ଭବିଷ୍ୟବାଣୀ କରୁଛନ୍ତି। ହେଲେ ଟ୍ରମ୍ପ କହିଛନ୍ତି ଯେ, ଏହା ଏକ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ। ଭୁଲ୍ ରାଷ୍ଟ୍ରପତି ଚୟନ କରାଗଲେ ସେ ଟିକସ ବଢ଼ାଇବେ ଏବଂ ସୀମା ଖୋଲିଦେବେ। ଫଳରେ ସମସ୍ତେ ଆମ ଦେଶରେ ପ୍ରବେଶ କରିବେ।

କେନ୍ଦ୍ର ନିର୍ଦ୍ଦେଶରେ ବଦଳିଥିଲା ମାସ୍କ ଦାମ୍: ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର,୬।୬(ବ୍ୟୁରୋ)

କୋଭିଡ୍ କିଟ୍ ବିବାଦ ପ୍ରସଙ୍ଗ

ରାଜ୍ୟରେ କରୋନା ମୁକାବିଲା ପାଇଁ ପର୍ସନାଲ ପ୍ରୋଟେକ୍ଟିଭ୍ ଇକ୍ୟୁପ୍‌ମେଣ୍ଟ (ପିପିଇ), ଭେଣ୍ଟିଲେଟର, ମାସ୍କ ଆଦି ବିଭିନ୍ନ କୋଭିଡ୍ କିଟ୍ କିଣାକୁ ନେଇ ବିବାଦ ଉପୁଜିଥିବାବେଳେ ବିରୋଧୀମାନେ ଦୁର୍ନୀତି ଅଭିଯୋଗ ଆଣିଛନ୍ତି। ମଗାଇଥିବା କିଟ୍ ନ ରଖିବା ଓ ରାତାରାତି ମାସ୍କ ଦର ବଦଳିବା ପ୍ରସଙ୍ଗରେ ମୁହଁ ଖୋଲିଛନ୍ତି ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ। ଶନିବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ପ୍ରଥମେ ୧୦ଟଙ୍କାରେ ମାସ୍କ କିଣିବା ପାଇଁ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଥିଲା। ହେଲେ ପରବର୍ତ୍ତୀ ସମୟରେ ୧୬ ଟଙ୍କାରେ ମାସ୍କ କିଣିବାକୁ କୁହାଗଲା। ମାର୍ଚ୍ଚ ୨୪ରେ କେନ୍ଦ୍ରର ନିର୍ଦ୍ଦେଶ ଆସିବା ପରେ ମାସ୍କ କିଣା ଯାଇଥିବା ସେ କହିଛନ୍ତି। ରାଜ୍ୟ ସରକାର ମାସ୍କ କିଣାରେ ମହାଘୋଟାଲା କରିଥିବା ବିରୋଧୀଙ୍କ ଅଭିଯୋଗ ଉପରେ ମତ ରଖି ଦାସ କହିଥିଲେ, ସରକାର କେବେ ବି କୌଣସି ଦୁର୍ନୀତିକୁ ପ୍ରଶ୍ରୟ ଦିଅନ୍ତିନାହିଁ। ତେଣୁ ଏଭଳି ଏକ ସମ୍ବେଦନଶୀଳ ସମୟରେ କରୋନା ଯୋଦ୍ଧାଙ୍କ ମନୋବଳ ନ ଭାଙ୍ଗିବାକୁ ସେ କହିଛନ୍ତି। ରାଜ୍ୟ ସରକାର ଯାହା ବି କରିଛନ୍ତି, ସବୁକ୍ଷେତ୍ରରେ କେନ୍ଦ୍ରର ଗାଇଡ୍‌ଲାଇନକୁ ଅନୁକରଣ କରିଛନ୍ତି। ଡାକ୍ତର, ମେଡିକାଲ ଷ୍ଟାଫ୍, ସରକାରୀ କର୍ମଚାରୀଙ୍କ ପାଇଁ ରାଜ୍ୟ ଆଜି ଗର୍ବିତ ବୋଲି ମନ୍ତ୍ରୀ କହିଛନ୍ତି।

ଅର୍ଥନୀତିକୁ ଧ୍ୱଂସ କରୁଛି କେନ୍ଦ୍ର: ରାହୁଲ

ନୂଆଦିଲ୍ଲୀ,୬।୬: କରୋନା ସଙ୍କଟ ବେଳେ କେନ୍ଦ୍ର ସରକାର ଗରିବଙ୍କୁ ନଗଦ ଟଙ୍କା ଦେଉନାହାନ୍ତି। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)ଗୁଡ଼ିକୁ ମଧ୍ୟ ଆର୍ଥିକ ସହାୟତା ଦେବାକୁ ମନାକରୁଛନ୍ତି। ଏହା ଜରିଆରେ ସରକାର ଦେଶର ଅର୍ଥନୀତିକୁ ଧ୍ୱଂସ କରୁଛନ୍ତି। କେନ୍ଦ୍ରର ଏହି ଆଭିମୁଖ୍ୟ 'ବିମୁଦ୍ରୀକରଣ-୨' ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ସମାଲୋଚନା କରିଛନ୍ତି। ୱାୟନାଡ୍ ଏମ୍‌ପି ରାହୁଲ ଗାନ୍ଧୀ ଶନିବାର ଟୁଇଟରରେ ଏକ ନ୍ୟୁଜ୍ ରିପୋର୍ଟ ଶେୟାର କରିଛନ୍ତି। ଭାରତର ଅର୍ଥନୀତି ଏବଂ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର ୟୁନିଟଗୁଡ଼ିକ ଉପରେ ମହାମାରୀ କରୋନା କିପରି ପ୍ରଭାବ ପକାଇବ ସେନେଇ ଉକ୍ତ ରିପୋର୍ଟରେ ଦର୍ଶାଯାଇଛି। ବର୍ତ୍ତମାନର ସଙ୍କଟରୁ ଗରିବ ଲୋକଙ୍କୁ ଉଦ୍ଧାର କରିବା ପାଇଁ ୧୦,୦୦୦ ଟଙ୍କା ଲେଖାଏ ଏବଂ ଏମ୍‌ଏସ୍‌ଏମ୍‌ଇ ଶିଳ୍ପକୁ ଆର୍ଥିକ ପ୍ରୋତ୍ସାହନ ଦେବା ଲାଗି ତୁରନ୍ତ ପ୍ୟାକେଜ ବ୍ୟବସ୍ଥା କରିବାକୁ ରାହୁଲ ଦାବି କରିଛନ୍ତି। ଏଥିସହ ବହୁ ସଂଖ୍ୟକ ଲୋକଙ୍କୁ ନିଯୁକ୍ତି ପ୍ରଦାନ କରି ସେମାନଙ୍କ ହାତକୁ ନଗଦ ଟଙ୍କା ଦିଆଗଲେ ଚାହିଦା ସୃଷ୍ଟି ହେବ ବୋଲି କଂଗ୍ରେସ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ପାଇଁ ପ୍ୟାକେଜ୍ ଦାବି କରିଆସୁଛି। ଲୋକଙ୍କୁ ନଗଦ ଅର୍ଥ ନ ଦେବା ସରକାରଙ୍କ ପକ୍ଷେ ଏକ ଅପରାଧ ସଦୃଶ ବୋଲି ଏହା ପୂର୍ବରୁ ରାହୁଲ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। କରୋନା ସଂକ୍ରମଣ ରୋକିବା ଲାଗି ସରକାର ଘୋଷଣା କରିଥିବା ଲକ୍‌ଡାଉନ୍ ବିଫଳ ହୋଇଥିବା ସେ କହିଥିଲେ।

ଝାଉଁଜଙ୍ଗଲରେ ଯୁବତୀ ଯୁବକଙ୍କ ଝୁଲନ୍ତା ମୃତଦେହ

ବାଲିଆପାଳ, ୬।୬(ସ୍ୱ.ପ୍ର): ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଧୀନ ଡଗରା ବେଳାଭୂମି ନିକଟ ଡାକବଙ୍ଗଳାଠାରୁ ପ୍ରାୟ ୪ଶହ ମିଟର ଦୂରରେ ଥିବା ଝାଉଁ ଜଙ୍ଗଲରେ ଶନିବାର ଯୁବତୀଯୁବକଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଛି। ଉଭୟେ ଏକ ଓଢ଼ଣୀ ବେକରେ ଲଗାଇ ନିମ୍ବ ଗଛରେ ଓହଳି ରହିଛନ୍ତି। ମୃତ ଯୁବକ ହେଲେ ଚୌମୁଖ ଗ୍ରାମର ଅନନ୍ତ ମାଝି (୨୦)। ଯୁବତୀଙ୍କ ଘର ମୟୂରଭଞ୍ଜ ଜିଲାରେ ବୋଲି ଲୋକେ ଆଲୋଚନା କରୁଛନ୍ତି। ଡଗରା ଗ୍ରାମର କେତେଜଣ ଲୋକ ଅପରାହ୍ନ ପ୍ରାୟ ୨ଟା ବେଳେ ଏକ ମୃତ ଗୋରୁକୁ ଝାଉଁ ଜଙ୍ଗଲରେ ପକାଇବା ପାଇଁ ନେଇଯାଇଥିଲେ। ଜଙ୍ଗଲ ମଧ୍ୟରେ ଏକ ନିମ୍ବ ଗଛରେ ଯୁବତୀଯୁବକଙ୍କ ଝୁଲନ୍ତା ମୃତଦେହ ଦେଖି ଡଗରା ସରପଞ୍ଚଙ୍କୁ ଖବର ଦେଇଥିଲେ। ଆଖପାଖ ଅଞ୍ଚଳର ଲୋକେ ସେଠାରେ ପହଞ୍ଚି ଅନନ୍ତଙ୍କୁ ଚିହ୍ନିବା ସହିତ ଯୁବତୀ ଜଣଙ୍କ ଘର ମୟୂରଭଞ୍ଜ ଅଞ୍ଚଳର ବୋଲି କହିଥିଲେ। ଖବର ଲେଖା ପର୍ଯ୍ୟନ୍ତ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନାହିଁ।

କୋଣାର୍କ ଖାଁଖାଁ

କୋଣାର୍କ,୬।୬(ଡି.ଏନ୍.ଏ.): କରୋନା ମୁକାବିଲା ପାଇଁ ଜାରି ହୋଇଥିବା ଶଟଡାଉନ ପ୍ରଭାବରେ ପର୍ଯ୍ୟଟନସ୍ଥଳୀ କୋଣାର୍କ ଶନିବାର ଖାଁ ଖାଁ ହୋଇପଡିଛି। ଶୁକ୍ରବାର କୋଣାର୍କ ଏନଏସି ପକ୍ଷରୁ ଗାଡ଼ିରେ ପ୍ରଚାର କରାଯାଇ ସମସ୍ତ ବ୍ୟବସାୟୀ ଓ ସାଧାରଣ ଜନତାଙ୍କୁ ସଚେତନତା କରାଯାଇଥିଲା। ସକାଳୁ କୋଣାର୍କରେ ସବୁକିଛି ସ୍ୱତଃପ୍ରବୃତ ଭାବେ ବନ୍ଦ ରହିଥିଲା। ବଜାରରେ ଔଷଧ ଦୋକାନକୁ ଛାଡିଦେଲେ ସମସ୍ତ ଦୋକାନ ବନ୍ଦ ରହିଥିଲା। ଫଳରେ ସୂର୍ଯ୍ୟମନ୍ଦିର ସମ୍ମୁଖ, କୋଣାର୍କ ବସଷ୍ଟାଣ୍ଡ, ମେଡିକାଲ ଛକ, ରଂରୋଡ, ଥାନାଛକ, ଚନ୍ଦ୍ରଭାଗା ବଜାର, ରାମଚଣ୍ଡୀ ପୀଠ ଜନଶୂନ୍ୟ ହୋଇପଡିଥିଲା।

ସ୍କୁଲ୍ ମିଶ୍ରଣ ସ୍ଥଗିତ, ସୋମବାରରୁ ନାମଲେଖା

ଭୁବନେଶ୍ୱର, ୬।୬(ବ୍ୟୁରୋ)

୧୧ଜିଲାରେ ଶନି, ରବି ମାଟ୍ରିକ ଖାତାଦେଖା ବନ୍ଦ

୨୦ଜଣରୁ କମ୍ ଛାତ୍ରୀଛାତ୍ର ଥିବା ସ୍କୁଲକୁ ବନ୍ଦ କରି ନିକଟ ସ୍କୁଲରେ ମିଶାଇବା ସହ ଏଗୁଡ଼ିକୁ ବନ୍ଦ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପୂର୍ବରୁ ନିଷ୍ପତ୍ତି ହୋଇଥିଲା। ତେବେ ଏହି ନିଷ୍ପତ୍ତି ଏବେ ଲାଗୁ ହେବ ନାହିଁ ବୋଲି ଶନିବାର ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାଶ ସ୍ପଷ୍ଟ କରିଛନ୍ତି। ସେହିପରି ୨୦୨୦-୨୧ ଶିକ୍ଷାବର୍ଷ ପାଇଁ ପ୍ରାଥମିକ ଓ ମାଧ୍ୟମିକ ଶ୍ରେଣୀରେ ନାମଲେଖା ଆରମ୍ଭ କରିବା ଲାଗି ନିଷ୍ପତ୍ତି ହୋଇଛି। ଗତବର୍ଷ ଯେଉଁସବୁ ସ୍କୁଲ୍‌ରେ ନାମଲେଖା ହୋଇଥିଲା ଆସନ୍ତା ସୋମବାରଠାରୁ ସେସବୁ ସ୍କୁଲ୍‌ରେ ନାମଲେଖା ହେବ। କୌଣସି ସ୍କୁଲ୍‌ରେ ନାମଲେଖା ବନ୍ଦ ହେବ ନାହିଁ। ଜୁଲାଇ ୧୫ ପର୍ଯ୍ୟନ୍ତ ନାମଲେଖା ପ୍ରକ୍ରିୟା ଚାଲିବ ବୋଲି ମନ୍ତ୍ରୀ ଦାଶ ସୂଚନା ଦେଇଛନ୍ତି।

ଅନ୍ୟପଟେ କରୋନା ମୁକାବିଲା ପାଇଁ ଗଞ୍ଜାମ, ପୁରୀ, ନୟାଗଡ଼, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, ବଲାଙ୍ଗୀର ଓ ଖୋର୍ଦ୍ଧା ଜିଲାରେ ଶନିବାର ଓ ରବିବାର ଶଟ୍‌ଡାଉନ୍ ଘୋଷଣା ହୋଇଛି। ତେଣୁ ଏହି ଦୁଇଦିନ ଉକ୍ତ ୧୧ ଜିଲାରେ ମାଟ୍ରିକ୍ ଖାତାଦେଖା ବନ୍ଦ ହୋଇଥିବା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଶନିବାର ଏସବୁ ଜିଲାରେ ଖାତାଦେଖା ହୋଇ ନ ଥିବାବେଳେ ରବିବାର ମଧ୍ୟ ଖାତା ଦେଖାକୁ ବାତିଲ କରାଯାଇଛି। ଜୁନ୍ ଶେଷ ପର୍ଯ୍ୟନ୍ତ ଶଟ୍‌ଡାଉନ ସମୟରେ ଖାତାଦେଖା ବାତିଲ ହୋଇଛି। ତେବେ ଅନ୍ୟ ଜିଲାଗୁଡ଼ିକରେ ମାଟ୍ରିକ ଖାତା ମୂଲ୍ୟାୟନ ପୂର୍ବ ନିୟମ ମୂତାବକ ଜାରି ରହିବ ବୋଲି ମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, ମାଟ୍ରିକ୍ ଖାତାଦେଖା ପାଇଁ ୬୦ଟି ମୂଲ୍ୟାୟନ କେନ୍ଦ୍ର ହୋଇଛି। ଶଟ୍‌ଡାଉନ୍‌ରେ ଯାତାୟାତ ଅସୁବିଧାକୁ ଦୃଷ୍ଟିରେ ରଖି ଖାତା ମୂଲ୍ୟାୟନ ବନ୍ଦ ରଖିବାକୁ ଓଷ୍ଟା ଓ ରାଜ୍ୟ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ଦାବି ହୋଇଥିଲା।

ଗୋଟିଏ ଦିନରେ ସର୍ବାଧିକ ୧୭୩ ପଜିଟିଭ୍

ଭୁବନେଶ୍ୱର, ୬।୬(ବ୍ୟୁରୋ)

- ୯ ଜିଲାରେ ୧୦୦ ଟପିଲା ଆକ୍ରାନ୍ତଙ୍କ ସଂଖ୍ୟା
- ସୁସ୍ଥ ହେଲେ ଆଉ ୧୨୨

ରାଜ୍ୟରେ ପୁଣି ୧୪ ଜିଲାରୁ ୧୭୩ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଗୋଟିଏ ଦିନରେ ଏହା ସର୍ବାଧିକ। ଏମାନଙ୍କ ମଧ୍ୟରୁ ଗଞ୍ଜାମ ଜିଲାରୁ ୬୪ଜଣ ରହିଥିବାବେଳେ ଯାଜପୁରରୁ ୧୯, କଟକ ଓ ମୟୂରଭଞ୍ଜରୁ ୧୩ଜଣ ଲେଖାଏ ରହିଛନ୍ତି। ସେହିପରି ବଲାଙ୍ଗୀର ଓ ବାଲେଶ୍ୱରରୁ ୧୧ ଲେଖାଏ ପଜିଟିଭ୍ ବାହାରିଥିବାବେଳେ ଗଜପତିରୁ ୧୦, ଖୋର୍ଦ୍ଧାରୁ ୯, ନୂଆପଡ଼ା ୮, ନୟାଗଡ଼ ୭, ଭଦ୍ରକ ୪, କଳାହାଣ୍ଡି ୨, ପୁରୀ ଓ ଝାରସୁଗୁଡ଼ାରୁ ଜଣେ ଲେଖାଏ ଆକ୍ରାନ୍ତ ରହିଛନ୍ତି। ୧୫୦ ଜଣ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଓ ୨୩ ଜଣ ଲୋକାଲ କେସ୍ ବା ସ୍ଥାନୀୟ ଆକ୍ରାନ୍ତ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଶନିବାର ଦିଆଯାଇଥିବା ତଥ୍ୟରୁ ଜଣାପଡିଛି। ଏହି ନୂଆ ଆକ୍ରାନ୍ତଙ୍କୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୭୮୧କୁ ବୃଦ୍ଧି ପାଇଥିବାବେଳେ କେବଳ ୯ ଜିଲାରେ ଆକ୍ରାନ୍ତ ସଂଖ୍ୟା ୧୦୦ ଟପିଯାଇଛି।

ଅନ୍ୟପଟେ ରାଜ୍ୟ ପାଇଁ ଆସିଛି ଖୁସି ଖବର। ଗୋଟିଏ ପଟେ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଅନ୍ୟପଟେ ସୁସ୍ଥ ହେଉଥିବା ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟ ଅନୁରୂପ ଭାବେ ବଢ଼ିବାରେ ଲାଗିଛି। ଶନିବାର ୧୪ ଜିଲାରେ ୧୧୨ଜଣ କରୋନା ରୋଗରୁ ସୁସ୍ଥ ହୋଇଛନ୍ତି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ାରୁ ସର୍ବାଧିକ ୩୩ଜଣ ସୁସ୍ଥ ହୋଇଥିବା ବେଳେ ବଲାଙ୍ଗୀରରୁ ୧୬, ଯାଜପୁରରୁ ୧୧, ସୁନ୍ଦରଗଡ଼ରୁ ୧୦, ଜଗତ୍‌ସିଂହପୁରରୁ ୮, ଗଞ୍ଜାମ ଓ ଖୋର୍ଦ୍ଧାରୁ ୭ ଜଣ ଲେଖାଏ, କଟକ ଏବଂ ସୋନପୁରରୁ ୪ଜଣ ଲେଖାଏ, ବାଲେଶ୍ୱର, ପୁରୀ ଓ ସମ୍ବଲପୁରରୁ ୩ ଜଣ ଲେଖାଏ, ନୟାଗଡ଼ରୁ ୨ ଜଣ ଏବଂ ମୟୂରଭଞ୍ଜରୁ ଜଣେ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ ସୁସ୍ଥ ହୋଇଥିବା କରୋନା ରୋଗୀଙ୍କ ସଂଖ୍ୟା ୧୭୧୬କୁ ବୃଦ୍ଧି ପାଇଛି। ବର୍ତ୍ତମାନ ୧୦୫୫ଜଣ ସକ୍ରିୟ ଆକ୍ରାନ୍ତ ବିଭିନ୍ନ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

ବନ୍ଦେ ଭାରତ ମିଶନ-୩ ପାଇଁ ୨୨ହଜାର ଟିକେଟ ବିକ୍ରି

ନୂଆଦିଲ୍ଲୀ,୬।୬

କରୋନ ସଂକ୍ରମଣ ଜନିତ ସମସ୍ୟା ଓ କଟକଣା କାରଣରୁ ବିଦେଶରେ ଫସି ରହିଥିବା ଭାରତୀୟମାନଙ୍କୁ ଦେଶକୁ ଫେରାଇ ଆଣିବା ପାଇଁ କେନ୍ଦ୍ର ସରକାର ଏକ ସ୍ୱତନ୍ତ୍ର ଯୋଜନା 'ବନ୍ଦେ ଭାରତ ମିଶନ'ର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାର ତୃତୀୟ ପର୍ଯ୍ୟାୟ ପାଇଁ ଏୟାର ଇଣ୍ଡିଆ ଟିକେଟ ବିକ୍ରି ନେଇ ଘୋଷଣା କରିଛି। ଆମେରିକା, ଇଂଲଣ୍ଡ, କାନାଡା, ବ୍ରିଟେନ ଓ ୟୁରୋପ ଭଳି ଦେଶରେ ଫସି ରହିଥିବା ଭାରତୀୟଙ୍କ ପାଇଁ ଏହି ଟିକେଟ ବିକ୍ରି ହେଉଥିବା ଏୟାର ଇଣ୍ଡିଆ ପକ୍ଷରୁ ସୂଚନା ରହିଛି । ଗତ ଶୁକ୍ରବାର ସନ୍ଧ୍ୟା ୫ଘଟିକାରେ କମ୍ପାନୀ ଟିକେଟ ବିକ୍ରି ଆରମ୍ଭ କରିଥିଲା। ବୁକିଂର ମାତ୍ର ୧୫ ଘଣ୍ଟା ମଧ୍ୟରେ ପ୍ରାୟ ୨୨ହଜାର ଟିକେଟ ବିକ୍ରି ହୋଇଥିବା କମ୍ପାନୀ ସୂଚନା ଦେଇଛି । ଆଗାମୀ ଦିନରେ ବିଦେଶର ଅନ୍ୟ ସବୁ ସ୍ଥାନରୁ ଭାରତୀୟଙ୍କୁ ସ୍ୱଦେଶ ଫେରାଇ ଆଣିବା ବିଷୟରେ ଏହା ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବ। କମ୍ପାନୀ ବର୍ତ୍ତମାନ ୟୁରୋପ, ଅଷ୍ଟ୍ରେଲିଆ, ଆଫ୍ରିକା, କାନାଡା, ଆମେରିକା, ବ୍ରିଟେନ ଓ ଇଂଲଣ୍ଡ ଭଳି ଦେଶକୁ ଆସନ୍ତା ୧୦ ତାରିଖରୁ ଜୁଲାଇ ୧ ମଧ୍ୟରେ ପ୍ରାୟତଃ ୩୦୦ସ୍ୱତନ୍ତ୍ର ବିମାନ ଚଳାଇବ। ସରକାରଙ୍କର ବନ୍ଦେ ଭାରତ ମିଶନ ଯୋଜନା ଅଧୀନରେ ଏହି ସବୁ ଦେଶରୁ ସ୍ୱତନ୍ତ୍ର ବିମାନ ଯୋଗେ ଭାରତୀୟମାନଙ୍କୁ ସ୍ୱଦେଶ ଫେରାଇ ଅଣାଯିବ ବୋଲି ଏୟାର ଇଣ୍ଡିଆ ସୂଚନା ଦେଇଛି।

ସ୍ତ୍ରୀଙ୍କୁ ମାରି କନ୍ଥାରେ ଗୁଡ଼ାଇଦେଲେ

**କେନ୍ଦୁଝର, ୬।୬(ସ୍

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ସାଇ ନାରାୟଣ ପରିବାରବର୍ଗ

ସୋନିକା ପରିବାରବର୍ଗ

ପଞ୍ଚାନନ ପରିବାରବର୍ଗ

ସ୍ୱରାଜ୍ ପରିବାରବର୍ଗ

ସରୋଜ୍ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

କଅଁଳ କାନ୍ଧରେ ୪ ପ୍ରାଣୀଙ୍କ ଗୁଜୁରାଣ ଭାର

କଟକ ଅଫିସ,୬।୬

- ଅସୁସ୍ଥ ମା'-ବାପାଙ୍କ ପାଇଁ କିଣିହେଉନି ଔଷଧ
- ଯାଆଁଳା ଭଉଣୀଙ୍କ ପାଠପଢ଼ା ଖର୍ଚ୍ଚ ତୁଲାଇହେଉନି

ତେର ବର୍ଷର ବାଳକ ରାଜରୋଶନ ଠାକୁର। ପଢ଼ାବହି ବଦଳରେ ତାଙ୍କ କାନ୍ଧରେ ଏବେ ୪ ପ୍ରାଣୀଙ୍କ ଗୁଜୁରାଣ ଭାର। ୨ବର୍ଷ ହେବ ନିଜ ପରିବାର ପାଇଁ ସେ ହିଁ ସାହାରା ପାଲଟିଛନ୍ତି। ବାପା ରମେଶ ଠାକୁର ଦୁଇବର୍ଷ ହେବ ପକ୍ଷାଘାତରେ ଆକ୍ରାନ୍ତ ହୋଇ ଘରେ ପଡ଼ିରହିଛନ୍ତି। ଅସୁସ୍ଥ ଥିବା ମା' ସଞ୍ଜୁ ଦେବୀ ଏସ୍‌ସିବି ମେଡ଼ିକାଲ କଲେଜ ଓ ହସ୍ପିଟାଲର ନେଫ୍ରୋଲୋଜି ବିଭାଗରେ ୧୮ଦିନ ହେବ ଚିକିତ୍ସିତ ହେଉଛନ୍ତି। ମା' ଓ ବାପାଙ୍କ ଚିକିତ୍ସା ସମେତ ଦୁଇ ଯାଆଁଳା ଭଉଣୀ ପାୟଲ ଓ ପରୀଙ୍କ ଦାୟିତ୍ୱ ଭାର ମଧ୍ୟ ରାଜରୋଶନଙ୍କ କାନ୍ଧରେ ରହିଛି।

ଯାଜପୁର ଜିଲା ଧର୍ମଶାଳା ଅଞ୍ଚଳରେ ରାଜରୋଶନଙ୍କ ଘର। ବାପା ରମେଶ ଗୁପଚୁପ ବିକି ପରିବାର ଚଳାଉଥିଲେ। ୨ବର୍ଷ ତଳେ ହଠାତ୍ ସେ ଅସୁସ୍ଥ ହୋଇପଡ଼ିଲେ। ଅନେକ ଦିନ ଧରି ମେଡ଼ିକାଲରେ ଚିକିତ୍ସା ସତ୍ତ୍ୱେ ସେ ପକ୍ଷାଘାତରେ ଶଯ୍ୟାଶାୟୀ ପାଲଟିଗଲେ। ଏହାପରେ ରାଜରୋଶନ ଓ ମା' ସଞ୍ଜୁଙ୍କ ଉପରେ ପରିବାର ଦାୟିତ୍ୱ ପଡ଼ିଥିଲା। ରାଜରୋଶନ ଭିକ୍ଷାବୃତ୍ତି କରି ପରିବାର ଚଳାଉଥିଲେ। ସେହି ଅର୍ଥରେ ବାପାଙ୍କ ପଥ୍ୟ, ଦୁଇ ଭଉଣୀଙ୍କ ପଢ଼ାଖର୍ଚ୍ଚ ଉଠୁଥିଲା।

ଏହି ପରିବାରର ଦୁଃଖ ଲୋକଲୋଚନକୁ ଆସିବା ପରେ ଯାଜପୁର ଜିଲାପାଳ ସେମାନଙ୍କ ପାଇଁ ମାସିକ ୨ହଜାର ଟଙ୍କା ସହାୟତା ରାଶି ଘୋଷଣା କରିଥିଲେ। କିନ୍ତୁ ରାଶନ କାର୍ଡ଼ କିମ୍ବା ଅନ୍ୟ କୌଣସି ସରକାରୀ ସୁବିଧା ସେମାନଙ୍କୁ ମିଳୁନାହିଁ। ବହୁ କଷ୍ଟରେ ଥିବାବେଳେ ଏବେ ମା' ସଞ୍ଜୁ ଦେବୀ ଅସୁସ୍ଥ ହୋଇ ଏସ୍‌ସିବିରେ ଭର୍ତ୍ତି ହୋଇଛନ୍ତି। ଘରେ ଦୁଇ ଭଉଣୀ ବାପାଙ୍କ ସେବାରେ ଲାଗିଥିବା ବେଳେ କଟକରେ ମା'ଙ୍କ ପାଖରେ ଅଛନ୍ତି ରାଜରୋଶନ। ସରକାରୀ ସହାୟତା ପାଇଁ ଏବେ ରାଜରୋଶନ ନିବେଦନ କରିଛନ୍ତି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

କେମନ୍ତ ସାଜି,
ଟାକୁଆ ଗାଲକୁ ବନ ହଳଦୀ ?

ଯୁବତୀମାନେ ବେଶ ପରିପାଟି ହୋଇ ଅନ୍ୟ ଆଗରେ ଦେଖେଇ ହେବାରେ ଖୁସି ଓ ଆନନ୍ଦ ପାଇଥାନ୍ତି । ଏପରି ସ୍ଥଳେ ଗାଉଁଲି ଯୁବତୀର ଫେଶନ ବା ବିଚିତ୍ର ବେଶ ପରିପାଟି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି ।

କେମନ୍ତ ମଜା;
ପାକୁଆ ପାଟିକି ଚାଉଳ ଭଜା ।

ସାଧାରଣତଃ ବୟସ ଅତ୍ୟଧିକ ହୋଇଗଲେ ଦାନ୍ତ ଝଡ଼ି ଯାଇଥାଏ। ଫଳରେ ଟାଣ ବା କଠିନ ଜିନିଷ ଚୋବେଇବା ଅସମ୍ଭବ ହୋଇଯାଇଥାଏ। ଚାଉଳ ଭଜା ବା ମୁଢି ଭଳି ଖାଦ୍ୟ ଚୋବେଇବା ପାଇଁ ଦାନ୍ତର ଆବଶ୍ୟକତା ରହୁଥିବା ସ୍ଥଳେ ପାକୁଆ ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏପରି ପରିହାସଭରା ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
– ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ଏସ୍‌ସିବି ଆଇସୋଲେଶନ୍ ୱାର୍ଡରୁ ୨ କରୋନା ରୋଗୀ ଚିହ୍ନଟ

କଟକ ଅଫିସ,୬।୬

ଏସ୍‌ସିବି ଆଇସୋଲେଶନ୍ ୱାର୍ଡରୁ ଶନିବାର ୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହି ଦୁଇ ଜଣ ନିଜଠାରେ କରୋନାର ଲକ୍ଷଣ ସନ୍ଦେହ କରି ତିନି ଦିନ ତଳେ ଏସ୍‌ସିବିର କରୋନା ଓପିଡିକୁ ଚିକିତ୍ସା ପାଇଁ ଆସିଥିଲେ। ପରେ ଡାକ୍ତର ସେମାନଙ୍କୁ ସେଠାରେ ଆଇସୋଲେଶନ୍‌ରେ ରଖିଥିଲେ। ଉଭୟଙ୍କ ସ୍ୱାବ୍ ନମୁନା ଶୁକ୍ରବାର ପରୀକ୍ଷା ପାଇଁ ପଠାଯାଇଥିଲା। ସ୍ୱାବ୍ ରିପୋର୍ଟ ପଜିଟିଭ ଆସିବା ପରେ ଉଭୟଙ୍କୁ ଅଶ୍ୱିନୀ କୋଭିଡ ହସ୍ପିଟାଲ ପଠାଇ ଦିଆଯାଇଛି। ଏହି ଦୁଇ ଜଣଙ୍କ ଟ୍ରାଭେଲ ହିଷ୍ଟ୍ରି ରହିଥିବା ବେଳେ ଉଭୟଙ୍କ କଣ୍ଟାକ୍ଟ ଟ୍ରେସିଂ ହୋଇ ପାରି ନ ଥିବା ଜଣାପଡ଼ିଛି।

୫୮ଲକ୍ଷ ପ୍ରବାସୀ ଶ୍ରମିକଙ୍କୁ ସେବା ଦେଇଛି ରେଳପଥ

ନୂଆଦିଲ୍ଲୀ,୬।୬: କରୋନା ସଂକ୍ରମଣ ଜନିତ ସମସ୍ୟା ଓ ଲକଡାଉନ କାରଣରୁ ବିଭିନ୍ନ ରାଜ୍ୟରେ ଫସିରହିଥିବା ପ୍ରବାସୀ ଶ୍ରମିକଙ୍କୁ ସେମାନଙ୍କର ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବା ପାଇଁ ଉଭୟ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଓ ସୁପ୍ରିମ୍‌କୋର୍ଟ ରେଳମନ୍ତ୍ରଣାଳୟକୁ ଅବଗତ କରାଇଥିଲେ। ରେଳମନ୍ତ୍ରଣାଳୟ ବିଭିନ୍ନ ରାଜ୍ୟରେ ଫସିରହିଥିବା ପ୍ରବାସୀଙ୍କୁ ଶ୍ରମିକ ସ୍ୱତନ୍ତ୍ର ଟ୍ରେନ ମାଧ୍ୟମରେ ପଠାଇବାରେ ବ୍ୟବସ୍ଥା ସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହମତିରେ ଟ୍ରେନ ଚଳାଚଳ ହୋଇଥିଲା। ମେ ୧ରୁ ଆରମ୍ଭ ହୋଇଥିବା ଏହି ଶ୍ରମିକ ସ୍ୱତନ୍ତ୍ର ଟ୍ରେନରେ ଗତ ଶନିବାର ସୁଦ୍ଧା ୫୮ଲକ୍ଷ ପ୍ରବାସୀ ଶ୍ରମିକଙ୍କୁ ୪୨୮୬ ଟି ଟ୍ରେନରେ ରେଳବାଇ ସେମାନଙ୍କର ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇ ସାରିଥିବା ରେଳବୋର୍ଡର ଅଧ୍ୟକ୍ଷ ବିନୋଦ କୁମାର ଯାଦବ ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ, ଆଗରୁ ଚାଲୁଥିବା ୨୫୮ସ୍ୱତନ୍ତ୍ର ଟ୍ରେନରୁ ୧୩୭କୁ ହ୍ରାସ କରାଯାଇଛି।

classifieds Everyday
0674-2580101, 2549302


MATRIMONIAL

BRIDE WANTED

Son age 29 B.Tech, IIT Madras MBA, ISB working as a MNC Company at Delhi, 8144589551. D-17414

ପୁଅର ବାହାଘର ପାଇଁ କନ୍ୟାପାତ୍ରୀ ଖୋଜୁଛନ୍ତି କି? ସବୁଜାତିର କନ୍ୟାପାତ୍ରୀ ପାଇଁ "Akankshya Matrimony", 7978736177. D-68242

For M.Tech (IIT Bombay) internship (Steinbeis, University Germany qualified commander in Indian Navy). Contact- +919438183860. D-17442

GROOM WANTED

Girl age 29 hi 5.5" Dhanista Kumbha B.Tech KIIT BBSR, M.Tech, Bit Meshra Ranchi working software engineer at Bangalore, 7008986003, 9437078326. D-17415

ଝିଅର ବାହାଘର ପାଇଁ ବରପାତ୍ର ଖୋଜୁଛନ୍ତି କି? ସବୁଜାତିର ବରପାତ୍ର ପାଇଁ "Akankshya Matrimony", 7978736177. D-68243

automobile

SALE

Bullet old model, Swift Car Petrol, good running condition, 9861112208. D-69410

real estate

SALE

4/5BHK Duplex with gated Community at Balianta. Construction- 2200 @ 60lakhs/ 2600 @ 70lakhs. Mplanets: 9938219397 / 9861022055. D-17445

Patiaରେ 2250/-, 1250/-, Nakhara 750/-, Tirsulia 800/-, Bhubaneswar IIT ପାଖରେ installment ରେ land ମିଳୁଛି। 7978124465. D-69512

Immediate ଘରକରି ରହିବା ପାଇଁ ଭୁବନେଶ୍ୱର ବରଗଡ଼ ମୌଜାରେ ଘରବାରି plot ମିଳୁଛି। 9938756259. D-69511

3BHK flat for resale Jayadev Vihar mainroad, 8249165990, 8985972389. D-17441

3BHK Duplex 36,00,000/-, 2BHK SIMPLEX 28,00,000/, finishing Hanspal, 8093465134, 9668194157. D-68687

ଭୁବନେଶ୍ୱର ପିତାପଲ୍ଲି ଛକ ପାଖରେ NH side ପ୍ଲଟ୍ ମିଳୁଅଛି। Owner- 9090963952. D-69112

Newly constructed S+3 having 3nos' 2BHK flats with Modular Kitchen & 2nos Bathroom at BRIT, Baragarh, BBSR. 9437012031, 9338105496. D-17399

Gharabari sthitiban plot available at Hanspal (Balianta), call: 9937568585, 9937816565. D-69279

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୍୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

to-let

2Bedroom, Longhall, Kitchen, Two Bathroom, Rent for Office and Family, N/6-359, IRC Village, 9938499889. D-17381

Ground floor 2BHK Chintamaniswar, Rent Rs.9500/-, Mob: 9337712909, 7978008157. D-17380

7000sqft., 3000sqft., commercial space Cuttack, Puri mainroad, near Ravitalkies Square, Bhubaneswar, suitable for mall, Corporate Office, Bank, Showroom, 6371001523. D-69408

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

healthcare

Monalisa massage club : All types body massage with hiprofile smart lady rooms service available 9708545108. D-17423

Relaxing body massage by trained Ladies/ Gents therapist, 7008773793. D-60882

Newly open full body massage by Ladies/ Gents therapist, 8018656899. D-60881

Newly open SPA centre full body massage smart Ladies: 8260347387. D-59949

New open herbal full body massage only Gents therapist. 7681088658. D-17370

Full body massage with Gents and Ladies, Aaiginia Square. 9777167531. D-59950

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ପ୍ରଥମ ପୃଷ୍ଠାରୁ...

ରାଜ୍ୟରେ ଆରମ୍ଭ ...

ପରେ କେନ୍ଦ୍ର ସରକାର କ୍ରୁଜ୍ ଭେସେଲ, କ୍ରୁଜ୍ ଟର୍ମିନାଲ ଭଳି ପ୍ରକଳ୍ପକୁ ଆର୍ଥିକ ପ୍ରୋତ୍ସାହନ ଦେବାକୁ ଘୋଷଣା କରିଥିବାବେଳେ ଏଥିଲାଗି ରାଜ୍ୟ ସରକାର ଓଡ଼ିଶା ବୋଟ୍ ରୁଲ୍-୨୦୧୭ ପ୍ରସ୍ତୁତ କରିଥିଲେ। ଭିତରକନିକା ଓ ଚିଲିକା ସହ ହୀରାକୁଦ ଜଳଭଣ୍ଡାରରେ ହାଉସ୍‌ବୋଟ ବ୍ୟବସ୍ଥା ଆରମ୍ଭ କରାଯିବା ନେଇ ପୂର୍ବରୁ ପର୍ଯ୍ୟଟନ ସଚିବ ବିଶାଲ ଦେବ ସୂଚନା ଦେଇଥିଲେ। ସେହିଭଳି 'ରିଭର୍ କ୍ରୁଜ୍' ବ୍ୟବସ୍ଥା ଆରମ୍ଭ କରିବା ନେଇ ପରବର୍ତ୍ତୀ ସମୟରେ ଇନ୍‌ଲ୍ୟାଣ୍ଡ୍ ୱାଟର୍‌ୱେଜ୍ ଅଥରିଟି ଅଫ୍ ଇଣ୍ଡିଆ ସହ ଆଲୋଚନା ହୋଇଥିବାବେଳେ ସ୍ଥାନ ନିର୍ଦ୍ଧାରଣ ପାଇଁ କଥାବାର୍ତ୍ତା ଚାଲିଥିଲା। କେରଳରୁ ଆସିଥିବା ଏକ ସ୍ୱତନ୍ତ୍ର ଟିମ୍ ଭିତରକନିକା ସହ ହୀରାକୁଦ ଜଳଭଣ୍ଡାର ପରିଦର୍ଶନ କରିଥିଲା। ତେବେ ପୂର୍ବପ୍ରସ୍ତୁତ ଯୋଜନା ଅନୁଯାୟୀ ଉପରୋକ୍ତ ୫ଟି ସ୍ଥାନରେ ପର୍ଯ୍ୟଟନ ବିଭାଗ ଡେ' କ୍ରୁଜ୍ ବା 'ଇନ୍‌ଲ୍ୟାଣ୍ଡ୍ କ୍ରୁଜ୍ ଲାଇନର୍ସ' ଚଳାଚଳ ଆରମ୍ଭ କରିବାକୁ ଘରୋଇ କ୍ରୁଜ୍ ପରିଚାଳକଙ୍କଠାରୁ ଟେଣ୍ଡର ଆମନ୍ତ୍ରିତ କରିଛି। ଜୁଲାଇ ୧୦ ଟେଣ୍ଡର ଆବେଦନର ଶେଷ ତାରିଖ ରହିଥିବାବେଳେ ଆବେଦନକାରୀମାନେ ଏହି ସ୍ଥାନ ବ୍ୟତୀତ ଅନ୍ୟ ସ୍ଥାନ ଲାଗି ମଧ୍ୟ ଆବେଦନ କରିପାରିବେ ବୋଲି କୁହାଯାଇଛି। ଯୋଜନାର ତଦାରଖ ପାଇଁ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଉକ୍ତ ଟିମ୍ ଆଗତ ପ୍ରସ୍ତାବର ଯାଞ୍ଚ କରିବ। ଏହାପରେ ଏନେଇ ବିଧିବଦ୍ଧ ଭାବେ ନିଷ୍ପତ୍ତି ସହ କେଉଁ ଅଞ୍ଚଳରେ କେତେ କ୍ରୁଜ୍ ଚାଲିବ ସେନେଇ ସମ୍ପୂର୍ଣ୍ଣ ନିଷ୍ପତ୍ତି ନିଆଯିବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ଇଣ୍ଟରନ୍ୟାଶନାଲ କ୍ରୁଜ୍ ବିଜ୍‌ନେସ୍ ଏବେ ଭାରତକୁ ଫୋକସ୍‌ରେ ରଖିଥିବାବେଳେ ରାଜ୍ୟରେ ଜାହାଜ ପର୍ଯ୍ୟଟନର ଭିତ୍ତିଭୂମି ବିକାଶ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହାଦ୍ୱାରା ଓଡ଼ିଶା ପ୍ରତି ବହୁ ଯୁବ ପର୍ଯ୍ୟଟକ ଆକୃଷ୍ଟ ହେବେ ବୋଲି ବିଭାଗ ଆଶା ରଖିଛି।

ଚାଇନାକୁ ଡରିଲା ...

ସାମଗ୍ରୀକୁ ଫୋକସ କରିଥିବାବେଳେ ଚାଇନା ପ୍ରତକ୍ଷ ବିରୋଧରେ ଏଭଳି ପୋଷ୍ଟ କରିଛି। ଟୁଇଟର ଏହାକୁ ହଟାଇବା ପରେ ଅମୁଲ ଉଦ୍‌ବେଗ ପ୍ରକାଶ କରିଛି। ବିନା କୌଣସି ସୂଚନାରେ ଏହା କରାଯାଇଥିବା କମ୍ପାନୀ ପକ୍ଷରୁ ପ୍ରତିକ୍ରିୟାରେ କୁହାଯାଇଛି। ଟୁଇଟର ଆକାଉଣ୍ଟକୁ ଗୁରୁବାର ମଧ୍ୟରାତିରେ ହଟାଯାଇଥିଲା ବେଳେ ଶୁକ୍ରବାର ସକାଳେ ପୁଣି ଥରେ ଆକ୍ଟିଭେଟ କରାଯାଇଥିଲା। ଟୁଇଟରର ଏଭଳି କାର୍ଯ୍ୟ ଦ୍ୱାରା ଶେୟାର କରାଯାଇଥିବା 'ଏକ୍‌ଜିଟ ଦି ଡ୍ରାଗନ' ଶୀର୍ଷକ ପୋଷ୍ଟକୁ ଫଲୋଅର ଦେଖିବାକୁ ସକ୍ଷମ ହୋଇ ନ ଥିଲେ। ଟୁଇଟରର ଏଭଳି ବ୍ୟବହାର ନେଇ ଅମୁଲ ମର୍ମାହତ ବୋଲି ଅନ୍ୟ ଏକ ପୋଷ୍ଟରେ ପ୍ରକାଶ କରିଛି। କାହିଁକି ଆକାଉଣ୍ଟ ହଟାଗଲା ବୋଲି ଅମୁଲ ଟୁଇଟରର ଉତ୍ତର ଲୋଡ଼ିଥିଲା। ଟୁଇଟର ପକ୍ଷରୁ କୁହାଯାଇଛି ଯେ, ଚାଇନା ବିରୋଧୀ ପୋଷ୍ଟକୁ ନେଇ ଏଭଳି କରାଯାଇ ନାହିଁ। ଆକାଉଣ୍ଟର ସୁରକ୍ଷା ଏବଂ ନିରାପତ୍ତାକୁ ଧ୍ୟାନରେ ରଖି ଏହି ପଦକ୍ଷେପ ନିଆଯାଇଛି। ସୂଚନାଯୋଗ୍ୟ, ଅମୁଲ ବିଭିନ୍ନ ପ୍ରସଙ୍ଗ ଉପରେ ଏଭଳି କଳାତ୍ମକ ଢଙ୍ଗରେ ଟପିକାଲ ପ୍ରସ୍ତୁତ କରିଆସୁଛି। ଲୋକଙ୍କ ଜୀବନ ଉପରେ ପ୍ରଭାବ ରହିଥିବା ପ୍ରସଙ୍ଗଗୁଡିକ ସାଧାରଣତଃ ଏଥିରେ ସ୍ଥାନିତ ହୋଇଥାଏ। ବିଗତ ଦିନଗୁଡ଼ିକରେ ରାଷ୍ଟ୍ରପତି ଓ ସାଧାରଣ ନିର୍ବାଚନ, ବ୍ରେକ୍‌ଜିଟ, କୋଭିଡ୍-୧୯ ମୁକାବିଲା ଲାଗି ଲକ୍‌ଡାଉନ, ରାମାୟଣ, ମହାଭାରତ ସହ ଜରୁରିକାଳୀନ ପରିସ୍ଥିତିର ଥିମ୍‌କୁ ନେଇ ମଧ୍ୟ ଅମୁଲ ଏପରି ପୋଷ୍ଟ କରିଥିଲା। ଏଗୁଡିକ ନିରପେକ୍ଷ ଢଙ୍ଗରେ କରାଯାଇଥାଏ। ଲୋକଙ୍କୁ ପ୍ରଭାବିତ କରିବା କିମ୍ବା କୌଣସି ସ୍ୱାର୍ଥ ରଖି ଏହା କରାଯାଏ ନାହିଁ ବୋଲି ଅମୁଲ ସ୍ପଷ୍ଟ କରିଛି।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

ମେଷ

ପ୍ରକୃତିବଶତଃ ମନର ଅସନ୍ତୋଷକୁ କଠୋର ବାକ୍ୟରେ ପ୍ରକାଶ କରିପାରନ୍ତି। ବହୁତଦିନରୁ ଟଙ୍କା ନେଇଥିବା ଲୋକ ବିଷୟରେ କିମ୍ବା ବ୍ୟବସାୟିକ କିଛି ବିଫଳତାକୁ ନେଇ ଚିନ୍ତିତ ରହିପାରନ୍ତି। ଅଫିସିଆଲି କାମ ଚାପରେ ନିଜକୁ ଆଡ୍‌ଜଷ୍ଟ କରିବାକୁ ବାଧ୍ୟ ହେବେ। ଯାନ୍ତ୍ରିକ ଜିନିଷର ବ୍ୟବସାୟ ପାଇଁ ଭଲ।

ବୃଷ

କର୍ମକ୍ଷେତ୍ରରେ ଟିକିଏ ଜୋର୍ ଦେଇ କଥା କହିବା କାରଣରୁ ଅନ୍ୟମାନେ ଭୁଲ୍ ବୁଝିବେ। ଆନୁଷ୍ଠାନିକ କାର୍ଯ୍ୟରେ ବ୍ୟସ୍ତ ରହିବେ ଏବଂ ଚେଷ୍ଟା କରୁଥିବା କାମରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଶିଳ୍ପ,ବାଣିଜ୍ୟ ଓ ବ୍ୟବସାୟରେ ଆଂଶିକ ସଫଳତା ପାଇବେ। ପିଲାମାନଙ୍କ ଶିକ୍ଷା କିମ୍ବା କର୍ମସଂସ୍ଥାନ ପାଇଁ ଚିନ୍ତା କରିବେ।

ମିଥୁନ

ଆଜି ବନ୍ଧୁମିଳନ ସାଙ୍ଗକୁ ଦୂରଯାତ୍ରା, ମାଙ୍ଗଳିକ କାର୍ଯ୍ୟ କିମ୍ବା ଆନୁଷ୍ଠାନିକ କାମରେ ନିଜକୁ ସାମିଲ କରିପାରନ୍ତି। ଜମଜିମା, ମାଲିମକଦ୍ଦମା, ନିର୍ମାଣ, ଯୋଗାଯୋଗ, ସାମ୍ବାଦିକତା,ଏଜେନ୍ସିପ୍‌ରେ ପ୍ରତିଷ୍ଠା ଅର୍ଜନ କରିବେ। ବିବାଦୀୟ ଘଟଣାରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି।

କର୍କଟ

ପ୍ରତ୍ୟେକ କ୍ଷେତ୍ରରେ ନିଜକୁ ଖାପଖୁଆଇ ଚଳିପାରିବା ହେତୁ କିଛି ଅସୁବିଧା ହେବନାହିଁ। କର୍ମକ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେମିତି କିଛି ହେବନି । ପ୍ରତିଦ୍ୱନ୍ଦ୍ୱିତା ବଢ଼ିଚାଲିବା କାରଣରୁ ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ।

ସିଂହ

ପରିବେଶକୁ ଗମ୍ଭୀର କରି ଦେଇପାରନ୍ତି। ଫଳତଃ ବିଭିନ୍ନ ପ୍ରକାରର ସମସ୍ୟାକୁ କେନ୍ଦ୍ର କରି ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ତଥା ବିଦେଶଯାତ୍ରା ଓ ନୂତନକର୍ମାରମ୍ଭରେ ସଫଳତା ମିଳିବ। ଭୁଲ୍ ବୁଝାମଣାରୁ ପାରିବାରିକ ଜୀବନରେ ତିକ୍ତତା ଦେଖାଦେଇପାରେ।

କନ୍ୟା

ଅର୍ଥ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପାଇବା କଷ୍ଟକର ହେବ। ବନ୍ଧୁଙ୍କ ଉପରେ ଭରସାକରି ପରିଶେଷରେ ମୁଣ୍ଡରେ ହାତଦେଇ ବସିବାକୁ ପଡ଼ିପାରେ। ବାଣିଜ୍ୟ, ବ୍ୟବସାୟରେ ଆଶା ଅନୁରୂପ ଫଳ ପାଇବେ ଓ ଜମା ରାଶି ବୃଦ୍ଧି ପାଇବ। ତଥାପି ଆଲୋଚନା ପରିସରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି।

ତୁଳା

ପାରିବାରିକ କ୍ଷେତ୍ର କିଛି ମାତ୍ରାରେ ପ୍ରଭାବିତ ରହିବ। ଧାର୍ମିକ କିମ୍ବା ଆନୁଷ୍ଠାନିକ କାମରେ କୌଣସି ସମସ୍ୟା ସୃଷ୍ଟିର ଆଶଙ୍କା ରହିଛି। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ ନତୁବା ଅଦଳବଦଳ ହୋଇଯାଇପାରେ। ବନ୍ଧୁମାନଙ୍କ ସାହାଯ୍ୟରୁ କାର୍ଯ୍ୟସିଦ୍ଧି ଘଟିବା ସହ ମୂଲ୍ୟବାନ୍ ଦ୍ରବ୍ୟଲାଭ ହେତୁ ଖୁସି ହେବେ।

ବିଛା

ଅତି ଭଲ ସମ୍ପର୍କ ରହିଥିବା କୌଣସି ବନ୍ଧୁଙ୍କ ଅସୌଜନ୍ୟ ବ୍ୟବହାର ମାନସିକ ସ୍ଥିତିକୁ ବଡ଼ମ୍ବିତ କରିପାରେ। ପରିବାରରେ କାହା କଥା ସହ ଅନ୍ୟ କାହାର କଥା ମିଶିବ ନାହିଁ, ଫଳରେ ମତଦ୍ୱୈଧ ଘଟିବ। ସାମ୍ବାଦିକତା, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

ଧନୁ

ସମ୍ଭାବ୍ୟ

ସଂକ୍ଷେପରେ

ଜୀବନସାଥୀ ଖୋଜି ଯୁବତୀ ହରାଇଲେ ୩ ଲକ୍ଷ

ଭୁବନେଶ୍ୱର,୬।୬(ବ୍ୟୁରୋ): କ୍ୟାପିଟାଲ ଥାନା ଅନ୍ତର୍ଗତ ଗଙ୍ଗନଗରର ଜଣେ ଯୁବତୀ ମାଟ୍ରିମୋନିଆଲ ସାଇଟ୍‌ରେ ଜୀବନସାଥୀ ଖୋଜି ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକେଇର ଶିକାର ହୋଇଛନ୍ତି। ଏ ନେଇ ଯୁବତୀ ଜଣଙ୍କ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକ୍ରମେ ଦଫା ୪୧୯,୪୨୦,୪୬୮,୪୭୧,୩୪ ଏବଂ ଆଇଟି ଆକ୍ଟ ୬୬(ଡି)ରେ ଏକ ମାମଲା(ନଂ.୧୯୪/୨୦) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଗଙ୍ଗନଗରରେ ପରିବାର ସହ ରହୁଥିବା ଜଣେ ଯୁବତୀ ବିବାହ ପାଇଁ ମାଟ୍ରିମୋନିଆଲ ସାଇଟ୍‌ରେ ଜୀବନସାଥୀ ଖୋଜିଥିଲେ। ଏହି ସମୟରେ ଠକ ଜଣଙ୍କ ସାଇଟ୍‌ରେ ଅନ୍ୟ ଜଣେ ଯୁବକଙ୍କ ଫଟୋ ଦେବା ସହ ନିଜକୁ ଇଞ୍ଜିନିୟର ବୋଲି ଲେଖିଥିଲେ। ଏହାଦେଖି ଯୁବତୀ ଜଣଙ୍କ ରାଜି ହେବା ସହ ସାଇଟ୍‌ରେ ଦିଆଯାଇଥିବା ଫୋନ୍ ନମ୍ବରରେ ଯୋଗାଯୋଗ କରିଥିଲେ। କଥା ହେବା ସମୟରେ ଯୁବକ ନିଜକୁ ଇଞ୍ଜିନିୟର କହିବା ସହ ମାସକୁ ୩ଲକ୍ଷ ଟଙ୍କା ରୋଜଗାର କରୁଥିବା କହିଥିଲେ। କଥାରେ ଯୁବତୀଙ୍କ ବିଶ୍ୱାସ ଜିଣିବା ପରେ ଯୁବକ ଜଣଙ୍କ ଆରମ୍ଭ କରିଥିଲେ ଠକେଇ ପ୍ରକ୍ରିୟା। ବିବାହ ପୂର୍ବରୁ ଭୁବନେଶ୍ୱରରେ ଏକ ଫ୍ଲାଟ କିଣିବା ପାଇଁ ସେ ଯୁବତୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏପରିକି ଫ୍ଲାଟ ପାଇଁ ସବୁ ଟଙ୍କା ଯୋଗାଡ଼ କରିଥିବାବେଳେ ଆଉ ୪ଲକ୍ଷ ଟଙ୍କା ଆବଶ୍ୟକ ଥିବା ଯୁବକ ଜଣଙ୍କ କହିଥିଲେ। ଏହା ଶୁଣି ଯୁବତୀ ତାଙ୍କୁ ୩ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଦେବାକୁ ରାଜି ହେବା ସହ ଯୁବକଙ୍କ ଆକାଉଣ୍ଟକୁ ଟଙ୍କା ପଠାଇଥିଲେ। ଟଙ୍କା ପାଇବା ପରେ ଯୁବକ ଜଣଙ୍କ ନିଜର ଫୋନ୍ ବନ୍ଦ କରିଦେଇଥିଲେ। ଯୁବତୀ ତାଙ୍କୁ ବାରମ୍ବାର ଫୋନ୍ କରି ବିଫଳ ହେବା ପରେ ଠକେଇର ଶିକାର ହୋଇଥିବା ଜାଣିଥିଲେ। ଶେଷରେ ଯୁବତୀ ଟଙ୍କା ଫେରସ୍ତ ଆଶାରେ ଶୁକ୍ରବାର ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ଖୋର୍ଦ୍ଧା ଉପଖଣ୍ଡରେ ୫ ପଜିଟିଭ୍ ଚିହ୍ନଟ

ଖୋର୍ଦ୍ଧା ଅଫିସ,୬।୬: ଖୋର୍ଦ୍ଧା ଉପଖଣ୍ଡରେ ଶନିବାର ପୁଣି ୫ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ଟାଙ୍ଗୀର ୩, ଖୋର୍ଦ୍ଧା ବ୍ଲକର ୨ଜଣ ରହିଛନ୍ତି। ଚିହ୍ନଟ ବ୍ୟକ୍ତିଙ୍କୁ ଭୁବନେଶ୍ୱର କୋଭିଡ୍ ହସ୍ପିଟାଲକୁ ପଠାଇଦିଆଯାଇଛି। ଶନିବାର ଜିଲାରୁ(ଭୁବନେଶ୍ୱରକୁ ବାଦ୍ ଦେଇ) ୧୨୨ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇଛି। ଏଥିରେ ଖୋର୍ଦ୍ଧାର ୨୨, ବୋଲଗଡ଼ର ୬, ବେଗୁନିଆର ୧୨, ବାଲକାଟୀର ୧୧ ମେଣ୍ଢାଶାଳର ୧୧, ଟାଙ୍ଗୀର ୧୨, ବାଲୁଗାଁର ୩୫, ବାଣପୁରର ୧୩ ଜଣ ରହିଛନ୍ତି।

ଶଟ୍‌ଡାଉନରେ ଖାଁ ଖାଁ ବଜାର, ରାସ୍ତା

ଭୁବନେଶ୍ୱର,୬।୬(ବ୍ୟୁରୋ)

- ପ୍ରଥମ ଦିନରେ ୧୧ଜିଲାରେ ମିଳିଲା ସ୍ୱତଃସ୍ଫୂର୍ତ୍ତ ସମର୍ଥନ
- ରାଜଧାନୀରେ ପୋଲିସ ପକ୍ଷରୁ କଡ଼ାକଡ଼ି ଯାଞ୍ଚ
- ଲୋକେ ପୋଲିସକୁ ସହଯୋଗ କରି ଘରୁ ଗୋଡ଼ କାଢ଼ି ନ ଥିଲେ

ରାଜ୍ୟରେ କରୋନା ମହାମାରୀକୁ ରୋକିବା ପାଇଁ ସରକାର ଜୁନ୍‌ମାସର ପ୍ରତ୍ୟେକ ଶନିବାର ଓ ରବିବାର ୧୧ଟି ଜିଲାରେ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ଶନିବାର ଶଟ୍‌ଡାଉନ୍‌ର ପ୍ରଥମ ଦିନ ହୋଇଥିବାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଏହାକୁ କଡ଼ାକଡ଼ି ପାଳନ କରାଯାଇଥିବା ଦେଖିବାକୁ ମିଳିଥିଲା। ବିଶେଷକରି ଦ୍ୱୈତନଗରୀ ଭୁବନେଶ୍ୱର ଓ କଟକରେ ଏହାର ପ୍ରଭାବ ବିଶେଷଭାବେ ଦେଖିବାକୁ ମିଳିଥିଲା। ଗଞ୍ଜାମ, ପୁରୀ, ନୟାଗଡ଼, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ଯାଜପୁର, ଭଦ୍ରକ, ବାଲେଶ୍ୱର ଓ ବଲାଙ୍ଗୀର ଜିଲାରେ ଏହି ଶଟ୍‌ଡାଉନ୍ ଘୋଷଣା କରାଯାଇଛି। ଏହି ସମୟରେ ଲୋକମାନେ ବିନା ଜରୁରୀ କାମରେ ଘରୁ ନ ବାହାରିବା ସହ ସାମାଜିକ ଦୂରତ୍ୱ ବଜାୟ ଏବଂ କୋଭିଡ୍-୧୯ ନିୟମକୁ ପାଳନ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ୨ଦିନ ତଳେ ରାଜ୍ୟବାସୀଙ୍କୁ ଏକ ଭିଡିଓ ବାର୍ତ୍ତାରେ ନିବେଦନ କରିଥିଲେ। ଏହି ଅନୁସାରେ ଉପରୋକ୍ତ ଜିଲାଗୁଡ଼ିକରେ ମଧ୍ୟ ଲୋକମାନେ ଶଟ୍‌ଡାଉନ ନିୟମକୁ ପ୍ରଥମ ଦିନରେ ପାଳନ କରୁଥିବା ଦେଖିବାକୁ ମିଳିଛି ସବୁଆଡ଼େ ଖାଁ ଖାଁ। କେବଳ ଅତ୍ୟାବଶ୍ୟକ ଜରୁରୀ ସେବା ଯଥା, ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ, ବିଦ୍ୟୁତ୍ ଯୋଗାଣ, ଆର୍‌ବିଆଇ, ଅନ୍ୟ କ୍ଲିୟରିଂ ହାଉସ, ଏଟିଏମ୍ କେନ୍ଦ୍ର ଖୋଲା ରହିଥିଲା। ଏପରି କି ବିମାନ ବନ୍ଦର, ରେଳ ଷ୍ଟେଶନ ଓ ବସ୍ ଷ୍ଟାଣ୍ଡ ସ୍ୱାଭାବିକ ଭାବେ ଖୋଲା ରହିଥିଲା।

ରାଜଧାନୀର ବିଭିନ୍ନ ଛକରେ ପୋଲିସ ପକ୍ଷରୁ ଯାଞ୍ଚ କରାଯାଇଥିଲା। ସହରରେ ପ୍ରାୟ ୪୫ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ରହିଥିଲେ। ଭୁବନେଶ୍ୱର ଡିସିପି ଅନୁପ ସାହୁ ବିଭିନ୍ନ ଛକ ବୁଲି ସୁରକ୍ଷା ଯାଞ୍ଚ କରିଥିଲେ। ସବୁ ପୋଲିସ କର୍ମଚାରୀ ମାସ୍କ, ଛତା ଓ ସାନିଟାଇଜର ବ୍ୟବହାର କରି ଲୋକଙ୍କୁ ଯାଞ୍ଚ କରୁଥିଲେ। ଯେଉଁମାନଙ୍କ ଆତ୍ୟାବଶ୍ୟକ କାର୍ଯ୍ୟପାଇଁ ଯିବାକୁ ପଡୁଥିଲା ସେମାନେ ପଦାକୁ ବାହାରୁଥିଲେ। ଗଣମାଧ୍ୟମର ପ୍ରତିନିଧି, ସ୍ୱାସ୍ଥ୍ୟ କର୍ମୀ, ପେଟ୍ରୋଲ ପମ୍ପ କର୍ମଚାରୀ ଆଇଡିକାର୍ଡ ଦେଖାଇ ଯାଉଛନ୍ତି। ଏହି ଶଟ୍‌ଡାଉନ୍‌କୁ ଲୋକମାନେ ସ୍ୱତଃସ୍ଫୂର୍ତ୍ତଭାବେ ସମର୍ଥନ କରି ଘରୁ ଗୋଡ଼ କାଢ଼ି ନ ଥିଲେ। ସକାଳୁ ରାଜଧାନୀ ରାସ୍ତାରେ କାଁ ଭାଁ ଲୋକେ ଯାତାୟାତ କରୁଥିବାବେଳେ ମଧ୍ୟାହ୍ନ ସମୟରେ କୌଣସି ଜଣେ ହେଲେ ଲୋକଙ୍କୁ ଦେଖିବାକୁ ମିଳି ନ ଥିଲା। ସେହିପରି ଜାତୀୟ ରାଜପଥ ଶୂନଶାନ୍ ଲାଗୁଥିଲା। ରାଜଧାନୀର ୟୁନଟ୍-୧ ମାର୍କେଟ ବିଲ୍ଡିଂ, ୟୁନିଟ-୧ ମାର୍କେଟ ଏବଂ ଅନ୍ୟ ସବୁ ଦୋକାନ ବଜାର ବନ୍ଦ ରହିଥିଲା। କେବଳ ଔଷଧ ଦୋକାନ ଖୋଲାଥିଲା। ଯେଉଁମାନଙ୍କ ଔଷଧ ଆବଶ୍ୟକ ହେଉଥିବା ସେମାନେ ପୋଲିସ କର୍ମଚାରୀଙ୍କୁ ମେଡିକାଲ ରିପୋର୍ଟ ଦେଖାଇ ଯାଉଥିଲେ।

ସବୁଠୁ ବଡ଼ କଥା ହେଲେ ଭୁବନେଶ୍ୱର ରେଲୱେ ଷ୍ଟେଶନରେ ଶତାଧିକ ଲୋକ ଅନ୍ୟ ରାଜ୍ୟକୁ ଯିବା ପାଇଁ ଟ୍ରେନ୍‌କୁ ଅପେକ୍ଷା କରିଥିଲେ। ଟ୍ରେନ୍ ଆସି ନ ଥିବାରୁ ସେମାନେ ପ୍ଲାଟଫର୍ମ ଆଗରେ ବସି ଅପେକ୍ଷା କରିଥିଲେ। ସେହିପରି ବରମୁଣ୍ଡା ବସ୍ ଷ୍ଟାଣ୍ଡରେ ମଧ୍ୟ ଏକାଧିକ ଯାତ୍ରୀଙ୍କୁ ଦେଖିବାକୁ ମିଳିଥିଲା। ଶଟ୍‌ଡାଉନ୍ ବସ୍ ଚାଲିବାକୁ ସରକାର ଅନୁମତି ଦେଇଥିବାରୁ ଅନେକ ପ୍ରବାସୀ ନିଜରାଜ୍ୟକୁ ଫେରିଯିବା ପାଇଁ ବସ୍‌କୁ ଅପେକ୍ଷା କରିଛନ୍ତି। ବିମାନ ବନ୍ଦରରେ ଫେରୁଥିବା ଯାତ୍ରୀମାନେ ବିଶେଷ ହଇରାଣ ହୋଇନାହାନ୍ତି। କାରଣ ବିମାନ ବନ୍ଦରରେ ପ୍ରିପେଡ୍ ଟ୍ୟାକ୍ସି ସହଜରେ ମିଳିଯାଉଥିଲା। ସେମାନେ ଅଧିକ ଟଙ୍କା ଦେଇ ଯାଉଥିଲେ। କିନ୍ତୁ ରେଲୱେ ଷ୍ଟେଶନ ଏବଂ ବରମୁଣ୍ଡା ବସ୍ ଷ୍ଟାଣ୍ଡରେ ଅପେକ୍ଷା କରିଥିବା ପ୍ରବାସୀଯାତ୍ରୀଙ୍କ ନିକଟରେ ଏତେ ଅର୍ଥ ନ ଥିବାରୁ ସେମାନେ ଯାଇପାରି ନ ଥିଲେ।

ଭୁବନେଶ୍ୱର ବାଣୀବିହାର ଛକ।

କଟକ ରାଣୀହାଟ ମଙ୍ଗଳାବାଗ ରୋଡ୍।

ଘରୋଇ ହିଂସା, ଶିଶୁ ନିର୍ଯାତନା ଚିନ୍ତାଜନକ

କଟକ ଅଫିସ,୬।୬

ଜାତୀୟ ଆଇନ ସେବା ପ୍ରାଧିକରଣର ୱେବିନାର

ଜାତୀୟ ଆଇନ୍ ସେବା ପ୍ରାଧିକରଣ (ଏନ୍‌ଏଏଲ୍‌ଏସ୍‌ଏ)ର କାର୍ଯ୍ୟକାରୀ ଅଧ୍ୟକ୍ଷ ଜଷ୍ଟିସ୍ ଏନ୍.ଭି. ରାମଣା ଶନିବାର ୱେବିନାର 'ହ୍ୟାଣ୍ଡବୁକ୍ ଅଫ୍ ଫର୍ମାଟ୍: ଏନ୍‌ସ୍ୟୁରିଙ୍ଗ ଇଫେକ୍ଟିଭ୍ ଲିଗାଲ୍ ସର୍ଭିସେସ୍'କୁ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ସେ ଲକ୍‌ଡାଉନ୍ ଯୋଗୁ ବଢୁଥିବା ଘରୋଇ ହିଂସା ଓ ଶିଶୁ ନିର୍ଯାତନା ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏଥିରେ ସମସ୍ତ ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟକାରୀ ଅଧ୍ୟକ୍ଷ, ସଚିବ, ହାଇକୋର୍ଟ ଆଇନ୍‌ସେବା କମିଟିର ଅଧ୍ୟକ୍ଷ, ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଓ ସଚିବମାନେ ଭାଗ ନେଇଥିଲେ। ଓଡ଼ିଶା ପକ୍ଷରୁ ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟକାରୀ ଅଧ୍ୟକ୍ଷା ଜଷ୍ଟିସ୍ ସଞ୍ଜୁ ପଣ୍ଡା, ଓଡ଼ିଶା ହାଇକୋର୍ଟ ଆଇନ ସେବା କମିଟିର ଅଧ୍ୟକ୍ଷ ଜଷ୍ଟିସ୍ ଚିତ୍ତରଞ୍ଜନ ଦାସ ଯୋଗ ଦେଇଛନ୍ତି।

ଜଷ୍ଟିସ୍ ରାମଣା କହିଛନ୍ତି, ତିନି ମାସ ବିତିଯାଇଥିଲେ ମଧ୍ୟ ସ୍ଥିତି ବର୍ତ୍ତମାନ ସୁଦ୍ଧା ନିୟନ୍ତ୍ରଣାଧୀନ ହୋଇପାରିନାହିଁ। ଲୋକେ ଜୀବନ ଜୀବିକା ହରାଇଛନ୍ତି। ଲକ୍‌ଡାଉନ୍ ଯୋଗୁ ଲୋକଙ୍କ ମାନସିକ ସମସ୍ୟା ଦେଖାଦେଇଛି। ମହିଳାଙ୍କୁ ଘରେ ଅଧିକ କାମ କରିବାକୁ ପଡୁଛି। ଘରୋଇ ହିଂସା ଓ ଶିଶୁ ନିର୍ଯାତନା ବଢ଼ିଛି। ଏମିତି ସମୟରେ ପୀଡ଼ିତାମାନେ ଆଇନ ସେବା ଅଧିକାରୀଙ୍କ ପାଖରେ ପହଞ୍ଚି ପାରୁନାହାନ୍ତି। ଏଣୁ ସେମାନଙ୍କ ପାଖରେ ପହଞ୍ଚିବାର ଆବଶ୍ୟକତା ରହିଛି। ଏଥିପାଇଁ ୱାନ୍ ଷ୍ଟପ୍ ସେଣ୍ଟର (ଓଏସ୍‌ସି) ଖୋଲାଯିବା ସହ ପୀଡ଼ିତାଙ୍କୁ ଟେଲି ସର୍ଭିସ ଜରିଆରେ ମହିଳା ଆଇନଜୀବୀଙ୍କ ଦ୍ୱାରା ଆଇନ ସହାୟତା ଦିଆଯାଉଛି। ଅପରପକ୍ଷେ ଜେଲ୍‌ଗୁଡ଼ିକରୁ ଭିଡ଼ କମାଇବା ପାଇଁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟ ସ୍ତରରେ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗଠନ ହୋଇଛି। ବର୍ତ୍ତମାନ ସୁଦ୍ଧା ଦେଶରେ ୫୮ ହଜାର ୭୯୭ ଜଣ ବିଚାରାଧୀନ କଏଦୀ ଓ ୨୦ ହଜାର ୯୭୨ ଜଣ ଅଭିଯୁକ୍ତଙ୍କୁ ପାରୋଲ୍‌ରେ ଜେଲ୍‌ରୁ ବାହାର କରାଯାଇଛି। ରିମାଣ୍ଡରେ ଥିବା ୯ ହଜାର ୫୫୮ ଜଣଙ୍କୁ ଆଇନ୍ ସହାୟତା ଦିଆଯାଇଥିବା ଜଷ୍ଟିସ୍ ରାମଣା ପ୍ରକାଶ କରିଥିଲେ।

ବଢୁଛି ଦର, କଳାବଜାର ଆଶଙ୍କା

କଟକ ଅଫିସ,୬।୬

ଅତ୍ୟାବଶ୍ୟକ ସାମଗ୍ରୀରୁ ଆଳୁ ବାଦ୍ ପଡ଼ିବା ପରେ

ବଜାରରେ ଏବେ ଆଳୁ ଦର ବଢ଼ିବାରେ ଲାଗିଛି। ଦୁଇ ଦିନ ଭିତରେ କିଲୋ ପିଛା ୧୦ ଟଙ୍କା ବଢ଼ିଲାଣି। ବାତ୍ୟା ଅମ୍ଫନ ପ୍ରଭାବ ଯୋଗୁ ଦର ବଢ଼ିଥିବା ଛତ୍ରବଜାର ବ୍ୟବସାୟୀମାନେ କହୁଛନ୍ତି। କିନ୍ତୁ କେନ୍ଦ୍ର କ୍ୟାବିନେଟ ଅତ୍ୟାବଶ୍ୟକ ସାମଗ୍ରୀ ଆଇନରେ ସଂଶୋଧନ ଆଣିବା ପରେ ଏହି ସମସ୍ୟା ଦେଖାଦେଇଥିବା ବୁଦ୍ଧିଜୀବୀ ମହଲ କହିଛନ୍ତି। ଫଳରେ ଏହାକୁ ନେଇ କଳାବଜାର ମଧ୍ୟ ଆରମ୍ଭ ହେଲାଣି।

ଦୁଇ ଦିନ ତଳେ ଆଳୁ କିଲୋ ପିଛା ୧୯ରୁ ୨୦ ଟଙ୍କାରେ ବିକ୍ରି କରାଯାଉଥିଲା। ଏବେ ତାହା ୩୦ ଟଙ୍କା ହୋଇଛି। ଛତ୍ରବଜାର ବ୍ୟବସାୟୀ ତଥା ଛତ୍ରବଜାର ପୂଜା କମିଟି ସଭାପତି ଦେବେନ୍ଦ୍ରନାଥ ସାହୁଙ୍କ ସୂଚନା ମୁତାବକ, ଆଳୁ କୁଇଣ୍ଟାଲ ପିଛା ୧୯୦୦ରୁ ୨୦୦୦ ଟଙ୍କା ଥିଲା। ଏବେ ତାହା ୧୦୦ରୁ ୨୦୦ଟଙ୍କା ପର୍ଯ୍ୟନ୍ତ ବଢ଼ିଛି। ବାତ୍ୟା ଅମ୍ଫନ ପ୍ରଭାବରେ ପଶ୍ଚିମବଙ୍ଗ ଓ ବନ୍ୟା ପ୍ରଭାବରେ ଆସାମ କ୍ଷତିଗ୍ରସ୍ତ ହୋଇଥିବା ଯୋଗୁ ଆଳୁଦର ବଢ଼ିଥିବା ସେ କହିଛନ୍ତି। ଆଳୁ ଟ୍ରକ ପୂର୍ବଭଳି ଅଧିକ ସଂଖ୍ୟାରେ ଆସୁନାହିଁ। ଖୁଚୁରା ବ୍ୟବସାୟୀ ଏହାର ମୂଲ୍ୟ ବଢ଼ାଉଛନ୍ତି। ଲକ୍‌ଡାଉନ୍ ଯୋଗୁ ସହରରେ ଖୁଚୁରା ବ୍ୟବସାୟୀ ଭିନ୍ନଭିନ୍ନ ସ୍ଥାନରେ ବସୁଥିବାରୁ ଦର ଉପରେ ଛତ୍ରବଜାରର ନିୟନ୍ତ୍ରଣ ରହୁନି ବୋଲି ସେ କହିଛନ୍ତି। ଜିଲା ଯୋଗାଣ ଅଧିକାରୀ ଅମର ମହାପାତ୍ର କହିଛନ୍ତି, ପଶ୍ଚିମବଙ୍ଗରୁ ଓଡ଼ିଶାକୁ ପର୍ଯ୍ୟାପ୍ତ ପରିମାଣରେ ଆଳୁ ଆମଦାନି ହେବା ବଦଳରେ ଆସାମକୁ ଅଧିକ ରପ୍ତାନି ହେଉଛି। ଶଟ୍‌ଡାଉନ୍ ଘୋଷଣା ପରେ ଉପଭୋକ୍ତା ଆବଶ୍ୟକତାଠାରୁ ଅଧିକ ପରିମାଣର ଖାଦ୍ୟ ସାମଗ୍ରୀ କିଣୁଛନ୍ତି। ଏହା ଦରବୃଦ୍ଧିର ମୂଳ କାରଣ। ଛତ୍ରବଜାରର ବଡ଼ ବ୍ୟବସାୟୀଙ୍କ ସହ ଆଲୋଚନା ହୋଇଛି। ଖୁବଶୀଘ୍ର ଦର କମିବ ବୋଲି ବୋଲି ଯୋଗାଣ ଅଧିକାରୀ ମହାପାତ୍ର କହିଛନ୍ତି।

ପ୍ରତି ଘରର ସଦସ୍ୟ ୪ର୍ଥ ପର୍ଯ୍ୟାୟର ମୁଖ୍ୟ କର୍ଣ୍ଣଧାର

ଭୁବନେଶ୍ୱର, ୬।୬(ବ୍ୟୁରୋ)

କରୋନା ମୁକାବିଲା

ରାଜ୍ୟରେ ଏବେ କରୋନା ମୁକାବିଲାର ଚତୁର୍ଥ ପର୍ଯ୍ୟାୟ ଚାଲିଛି। ପ୍ରଥମ ତିନୋଟି ପର୍ଯ୍ୟାୟର ମୁଖ୍ୟ କର୍ଣ୍ଣଧାର ଥିଲେ ସରକାର ଅର୍ଥାତ୍ ପ୍ରଶାସନ। ଚତୁର୍ଥ ପର୍ଯ୍ୟାୟର ମୁଖ୍ୟ କର୍ଣ୍ଣଧାର ହେବେ ପ୍ରତି ଘରର ସଦସ୍ୟ। କରୋନା ସ୍ଥିତିକୁ ନେଇ ତଥ୍ୟ ଦେବା ସମୟରେ ରାଜ୍ୟ ସରକାରଙ୍କ କୋଭିଡ୍-୧୯ ମୁଖ୍ୟ ମୁଖପାତ୍ର ସୁବ୍ରତୋ ବାଗ୍‌ଚୀ କହିଛନ୍ତି। କିଛିଦିନର ଅନ୍ତର ପରେ ବାଗଚୀ ଶନିବାର ଅପରାହ୍ନ ସାଢ଼େ ୪ଟାରେ ଗଣମାଧ୍ୟମକୁ ସୂଚନା ଦେବା ସହ ପୂର୍ବପରି ନିଜର ଭିନ୍ନ ଶୈଳୀରେ ଲୋକଙ୍କୁ କରୋନା ସମ୍ବନ୍ଧରେ ନାନା ପରାମର୍ଶ ଦେବା ସହ ସହଯୋଗ କାମନା କରିଥିଲେ।

ସେ କହିଥିଲେ, ଚତୁର୍ଥ ପର୍ଯ୍ୟାୟର ସଫଳ ପରିଚାଳନାରେ ହିଁ ଆମ ସମସ୍ତଙ୍କର ଏବଂ ଆମର ପରପିଢ଼ିର ଭବିଷ୍ୟତ ନିର୍ଭର କରିବ। ଜୁନ୍, ଜୁଲାଇର ସମ୍ଭାବ୍ୟ ପରିସ୍ଥିତି ମୂଳରେ ଗୋଟିଏ ଆତ୍ମସଚେତନତାର କଥା ରହିଛି। ସେଇଟି ହେଲା ଲକ୍‌ଡାଉନ୍‌ରେ କୋହଳ ଅର୍ଥ ନୁହେଁ କରୋନା ଶେଷ ହୋଇଗଲା। ଯୁଦ୍ଧ ସମୟରେ ଶତ୍ରୁର ଆଶଙ୍କା ଚାଲିଯିବା ପରେ ସାଇରନ୍ ବଜାଇ ସମସ୍ତଙ୍କୁ ଅଲ୍ କ୍ଲିୟର ବା ସବୁଠିକ୍ ସୂଚନା ଦିଆଯାଇଥାଏ। ହେଲେ ଏବେ ଲକ୍‌ଡାଉନ୍ କୋହଳକୁ 'ଅଲ୍ କ୍ଲିୟର' ଭାବିଲେ ବିପଦକୁ ଡାକି ଆଣିବା। ବର୍ତ୍ତମାନ କ୍ଷେତ୍ରରେ କରୋନା ଏକ ମହାମାରୀ ବୋଲି ଜାଣିଛୁ। ଏହାର ମୁକାବିଲା ପାଇଁ ସମସ୍ତ ଅସ୍ତ୍ରଶସ୍ତ୍ର ସାଧାରଣ ଲୋକଙ୍କ ହାତରେ ରହିଛି। ପରିଷ୍କାର ପରିଚ୍ଛନ୍ନ ରହିବା, ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ରଖି ଚଳପ୍ରଚଳ ହେବା ଆଦୌ କଷ୍ଟସାଧ୍ୟ ନୁହେଁ। ରାତି ୭ଟାରୁ ସକାଳ ୭ଟା ଯାଏ ଘରେ ରହିବାକୁ ବିଶେଷ କିଛି ତ୍ୟାଗ କରିବାକୁ ପଡ଼ିବ ନାହିଁ। ସେହିଭଳି ଶଟ୍‌ଡାଉନ୍ ସମୟରେ ମଧ୍ୟ ଘରେ ରହିବା ଉଚିତ୍। କରୋନାକୁ ପରାସ୍ତ କରିବା ସମ୍ଭବ। ମାସକୁ ୩୦ଦିନ, ଦିନକୁ ୨୪ ଘଣ୍ଟା ଅର୍ଥାତ୍ ମାସକୁ ୭୨୦ ଘଣ୍ଟା ଆମକୁ କରୋନାଠୁ ଦୂରେଇ ରଖିବାକୁ ହେବ। ଯଦି ଜଣେ ଦିନକୁ ୧୦ ଘଣ୍ଟା ବାହାରକୁ ନ ଯାଏ ଏବଂ ସପ୍ତାହକୁ ଦୁଇ ଦିନ ଶନିବାର ଓ ରବିବାର ଘରେ ରୁହେ, ତେବେ ୭୨୦ ଘଣ୍ଟାରୁ ୪୯୨ ଘଣ୍ଟା କରୋନାଠାରୁ ସୁରକ୍ଷିତ ରହିପାରିବ। ଏହାଠାରୁ ବଡ଼ କବଚ ଆଉ କିଛି ନାହିଁ ବୋଲି ବାଗ୍‌ଚୀ ଅତି ସୁନ୍ଦର ଭାବେ ବୁଝାଇଥିଲେ।

ବିଦେଶ ଫେରନ୍ତା ଫୋନ୍ ନ ଉଠାଇଲେ କାର୍ଯ୍ୟାନୁଷ୍ଠାନ

ଜଡ଼ା ଚେତାବନୀ ଦେଲେ ସରକାର

ଭୁବନେଶ୍ୱର, ୬।୬(ବ୍ୟୁରୋ): ବିଦେଶ ଫେରନ୍ତାକୁ ରାଜ୍ୟ ସରକାର କଡ଼ା ଚେତାବନୀ ଦେଇଛନ୍ତି। ୧୦୪ କିମ୍ବା ରାଜ୍ୟ କଲ୍ ସେଣ୍ଟରରୁ ଯାଉଥିବା ଫୋନ୍ ନ ଉଠାଇଲେ କାର୍ଯ୍ୟାନୁଷ୍ଠାନ ହେବ। ୧୦୪ ନମ୍ବରରେ ପଞ୍ଜୀକରଣ କରିଥିବା ଫୋନ୍ ନମ୍ବର ସୁଇଚ୍ ଅଫ୍ ଥିଲେ କିମ୍ବା ଫୋନ୍ କଲ୍ ଗ୍ରହଣ ନ କଲେ ସମ୍ପୃକ୍ତ ଫେରନ୍ତା ଜଣକ ହୋମ୍ କ୍ୱାରାଣ୍ଟାଇନ ନିୟମ ମାନୁ ନ ଥିବା ଧରାଯିବ। ତେଣୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି। କରୋନା ମୁକାବିଲା ପାଇଁ ରାଜ୍ୟ ସରକାର ଜରୁରିକାଳୀନ ୧୦୪ ନମ୍ବରକୁ ବ୍ୟାପକ କରିଛନ୍ତି। ଯେଉଁମାନେ ଫେରୁଛନ୍ତି ସେମାନେ ଏହି ନମ୍ବରରେ ନିଜ ନାମ ପଞ୍ଜୀକରଣ କରିବା ସହିତ ସମ୍ପୂର୍ଣ୍ଣ ତଥ୍ୟ ଦେଇଥାନ୍ତି। ସେହି ନମ୍ବରରେ ବିଦେଶ ଫେରନ୍ତାଙ୍କ ସ୍ଥିତି ସମ୍ପର୍କରେ ରାଜ୍ୟ ସରକାର ସବୁବେଳେ ଅବଗତ ରହୁଛନ୍ତି। କିନ୍ତୁ ଅନେକ ବିଦେଶ ଫେରନ୍ତା ପଞ୍ଜୀକୃତ କରିଥିବା ଉକ୍ତ ଫୋନ୍ ନମ୍ବରକୁ ଫୋନ୍ କଲେ ଉଠାଉ ନାହାନ୍ତି। ତେଣୁ ବିଦେଶ ଫେରନ୍ତା ଏଥିରେ ସହଯୋଗ କରିବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

TENDER NOTICE
BAIF Institute for Sustainable Livelihoods and Development
Invites sealed quotations from reputed vendors for providing and supplying 700 bundles of GI wire net at Jharsuguda, Sambalpur and Sundargarh. Refer www.baif.org.in for details.
L4, Saraswati Enclave, Dhankuada, Sambalpur, 768006, Ph 8178910154

OFFICE OF MUNICIPAL COUNCIL, UMERKOTE
Phone/Fax No.-06866-270230, E-mail ID: umerkoten.hud@nic.in/ nac_umerkote@rediffmail.com
Letter No.2016/2020 Date: 06.06.2020
"e-PROCUREMENT NOTICE"
CORRIDENDUM TO TENDER CALL NOTICE NO.-1994 DATED 04.06.2020 NOTICE
The tender call notice no.1994 dated-04.06.2020 is cancelled due to technical issues in DSC.
Sd./- Executive Officer, Umerkote Municipality

OFFICE OF THE NOTIFIED AREA COUNCIL, BOUDHGARH
"e" Procurement Notice
Tender Call Notice No.1809/

ଶତ୍ରୁକୁ ପରାଭୂତ କରିବାର ସର୍ବୋତ୍ତମ ଉପାୟ ହେଲା– ତା'ସମ୍ମୁଖରେ ହସିବା । ତୁମେ ସତକୁ ସତ ହସିପାରିବ ସେତିକି ବେଳେ, ଯେତେବେଳେ ତୁମେ ସବୁପ୍ରକାର ଅପମାନ ଓ ଦୋଷାଦୋଷର ଊର୍ଦ୍ଧ୍ୱରେ ଥିବ । –ଶ୍ରୀମା

ଚାଇନାର ଚାଲ୍

ଆକାର ପଟେଲ

ଲଦାଖ ସୀମାରେ ଥିବା ସମସ୍ୟା ସମ୍ପର୍କରେ ଜୁନ୍ ୬ରେ ଭାରତ ଓ ଚାଇନା ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ଉଭୟ ଦେଶର ଲ୍ୟୁଟ୍‌ନାଣ୍ଟ ଜେନେରାଲଙ୍କ ଏଥିରେ ଭାଗ ନେଇଛନ୍ତି । ଲ୍ୟୁଟ୍‌ନାଣ୍ଟ ଜେନେରାଲ ହେଉଛନ୍ତି ତିନି ତାରକା ବିଶିଷ୍ଟ ଜେନେରାଲ୍, ଚାରି ତାରକା ବା ସର୍ବୋଚ୍ଚ ପଦବୀରୁ ଗୋଟିଏ ପାହ୍ୟା ତଳ । ଦୁଇ ତାରକା ବିଶିଷ୍ଟ ମେଜର ଜେନେରାଲଙ୍କ ମଧ୍ୟରେ ହୋଇଥିବା ପୂର୍ବ ଆଲୋଚନା ଭାରତ ଚାହୁଁଥିବା ଫଳାଫଳ ଦେବାରେ ବିଫଳ ହୋଇଛି ।

ଲଦାଖରେ ଏକ ଅଞ୍ଚଳ ଅଛି ଯେଉଁଠି ଉଭୟ ପକ୍ଷ ମେ ପର୍ଯ୍ୟନ୍ତ ପାଟ୍ରୋଲିଂ କରୁଥିଲେ । ଭାରତୀୟ ପାର୍ଶ୍ୱରୁ ଫିଙ୍ଗର ୪ ପର୍ଯ୍ୟନ୍ତ ରାସ୍ତାରେ ଯିବା ବଡ଼ କଷ୍ଟସାଧ୍ୟ ଏବଂ ପର୍ବତ ପାର୍ଶ୍ୱରେ ପାଦରେ ଚାଲିଚାଲି ଜଣକ ପଛରେ ଜଣେ କେବଳ ଗୋଟିଏ ଧାଡ଼ିରେ ଯାଇପାରିବେ । ଚାଇନାର ଯାତାୟାତ ବହୁତ ସହଜ କାରଣ ସେମାନେ ନିଜ ଗାଡି ଯିବା ପାଇଁ ରାସ୍ତା ନିର୍ମାଣ କରିଛନ୍ତି । ଅସୁବିଧା ସତ୍ତ୍ୱେ ଭାରତ ନିୟମିତ ଭାବରେ ଫିଙ୍ଗର ୮ ପର୍ଯ୍ୟନ୍ତ ପହଞ୍ଚି ପାଟ୍ରୋଲିଂ କରିଆସୁଥିଲା କାରଣ ଏହା ଆମର ଭୂମି ଏବଂ ୧୯୬୨ ଯୁଦ୍ଧରେ ଏହି ଅଞ୍ଚଳକୁ ଓ ଦେଶକୁ ରକ୍ଷା କରିବାକୁ ଯାଇ ହଜାର ହଜାର ଭାରତୀୟଙ୍କର ମୃତ୍ୟୁ ଘଟିଛି ।

ମେ ମାସରୁ ଚାଇନା ଭାରତୀୟ ପାଟ୍ରୋଲିଂକୁ ଫିଙ୍ଗର ୪ ଅତିକ୍ରମ କରିବାକୁ ନ ଦେଇ ସମଗ୍ର ଅଞ୍ଚଳକୁ ନିଜ ନୟନ୍ତ୍ରଣରେ ରଖିଛି । ରପୋର୍ଟରେ କୁହାଯାଇଛି ଯେ, ଚାଇନିଜ୍‌ମାନେ ୫୦୦୦ରୁ ୧୦,୦୦୦ ସୈନ୍ୟଙ୍କୁ ନେଇ ତିନୋଟି ସ୍ଥାନ ଦଖଲ କରିଛନ୍ତି, ଯେଉଁଠିକି ଭାରତ ଆଉ ପ୍ରବେଶ କରିବା ସମ୍ଭବ ନୁହେଁ । ଏହା ହେଉଛି ସମସ୍ୟା ଏବଂ ଏହି କାରଣରୁ ଜୁନ୍ ୬ରେ ଦୁଇ ଦେଶ ମଧ୍ୟରେ ଲ୍ୟୁଟ୍‌ନାଣ୍ଟ ଜେନେରାଲ ସ୍ତରୀୟ କଥାବାର୍ତ୍ତାର ଆୟୋଜନ କରାଯାଇଛି । ଭାରତ ଚାହୁଁଛି ଚାଇନା ଆମ ଅଞ୍ଚଳରୁ ହଟିଯାଉ, ଯାହା ପୂର୍ବ ଆଲୋଚନାରେ ସଫଳ ହୋଇପାରି ନ ଥିଲା । ଜୁନ୍ ୬ କଥାବାର୍ତ୍ତାର ଗୋଟିଏ ଦିନ ପୂର୍ବରୁ ଭାରତର ବୈଦେଶିକ ମନ୍ତ୍ରଣାଳୟ ଚାଇନାର ପ୍ରତିପକ୍ଷ ସହ ଆଲୋଚନା କରି ଏକ ବିବୃତି ଜାରି କରି କହିଛି ଯେ, ଶାନ୍ତିପୂର୍ଣ୍ଣ ଆଲୋଚନା ମାଧ୍ୟମରେ ଏହି ସମସ୍ୟାର ସମାଧାନ ହେବ । ଅର୍ଥାତ୍ ନରେନ୍ଦ୍ର ମୋଦି ବିଶ୍ୱାସ କରନ୍ତି ଯେ ଆଲୋଚନା ମାଧ୍ୟମରେ ଆମେ ଆମ ଅଞ୍ଚଳକୁ ଫେରାଇ ଆଣି ପାରିବା । ବୋଧହୁଏ ଏହି ଆଲୋଚନାରେ ଚାଇନା ଜେନେରାଲଙ୍କ ସହ ଭାରତର ସାଧାରଣ ଘୋଷଣାନାମା ରହିବ ନାହିଁ । ଚାଇନାର ଲଦାଖ ଅନୁପ୍ରବେଶକୁ ରୋକିବା ପାଇଁ ଭାରତ ଆମର ସେନାବଳର ଉପଯୋଗ ନ କରିବାକୁ ନିଷ୍ପତ୍ତି ନେଇଥିବା ଜଣାପଡିଛି । ଆଲୋଚନା ପୂର୍ବରୁ ଏହା ଏକ ବୁଦ୍ଧିମାନ ନିଷ୍ପତ୍ତି କି? ତାହା ନିର୍ଭର କରେ ପ୍ରତିପକ୍ଷ କ'ଣ ଚାହୁଁଛନ୍ତି ତାହା ଉପରେ ।

ଏଇଠି ସମସ୍ୟା ଅଛି । ଆମେ ଜାଣୁ ଭାରତ କ'ଣ ଚାହୁଁଛି, କିନ୍ତୁ ଚାଇନା କ'ଣ ଚାହୁଁଛି ଏବଂ ଲଦାଖରେ କାହିଁକି ଅନୁପ୍ରବେଶ କରୁଛି ତାହା ଜାଣିନାହୁଁ । ଏ ନେଇ କେତେକ ସେନା ବିଶେଷଜ୍ଞ ବିଭିନ୍ନ ମତ ପୋଷଣ କରିଛନ୍ତି । ଗୋଟିଏ ମତ ଅନୁସାରେ, ଧାରା ୩୭୦ର ଉଚ୍ଛେଦ ସହିତ ଲଦାଖକୁ କେନ୍ଦ୍ରଶାସିତ ଅଞ୍ଚଳ କରିବା, ନୂତନ ମାନଚିତ୍ର ଇସ୍ୟୁ କରିବା ଏବଂ ପାକ୍–ଅଧିକୃତ କଶ୍ମୀର ଓ ଚାଇନା ଦଖଲରେ ଥିବା ଆକ୍‌ସାଇ ଚୀନ୍‌କୁ ଜୀବନ ମୂଲ୍ୟ ଦେଇ ପୁଣି ଫେରାଇ ଅଣାଯିବ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ସଂସଦରେ ଘୋଷଣା କରିବାକୁ ନେଇ ଚାଇନା ଉତ୍କ୍ଷିପ୍ତ ହୋଇପଡ଼ିଛି ।

ଦ୍ୱିତୀୟ ମତ ହେଉଛି ଯେ ଚାଇନା ରାଷ୍ଟ୍ରପତି ଜି. ଜିନ୍‌ପିଙ୍ଗ ବିଶ୍ୱାସ କରୁଛନ୍ତି ମୋଦି ଉହାନ ଚୁକ୍ତିନାମାକୁ ଉଲ୍ଲଂଘନ କରୁଛନ୍ତି, ଯାହା ଦୁଇବର୍ଷ ପୂର୍ବେ ସ୍ୱାକ୍ଷରିତ ହୋଇଥିଲା । ଏହି ଚୁକ୍ତିନାମାରେ ଭାରତ ଓ ଚାଇନା ପରସ୍ପରର ଶତ୍ରୁ ନୁହନ୍ତି ବରଂ ବନ୍ଧୁ ଓ ଅଂଶୀଦାର ହେବାକୁ ରାଜି ହୋଇଥିଲେ । କିନ୍ତୁ ଭାରତର ସାମ୍ପ୍ରତିକ କାର୍ଯ୍ୟକଳାପ, ଯେପରିକି ଭାରତୀୟ କମ୍ପାନୀଗୁଡିକରେ ଚାଇନାର ପୁଞ୍ଜି ବିନିଯୋଗକୁ ରୋକିବା ଆଦି ସେହି ରାଜିନାମାକୁ ପ୍ରତିଫଳିତ କରୁନାହିଁ । ନିୟମିତ ଭାବେ ନୌସେନା ଅଭ୍ୟାସ କରିବା ପାଇଁ ଆମେରିକା, ଜାପାନ ଏବଂ ଅଷ୍ଟ୍ରେଲିଆ ସହିତ ଭାରତ ମଧ୍ୟ ଏକ ମେଣ୍ଟ ଗଠନ କରିଛି । ଏହାଦ୍ୱାରା ଚାଇନା ବିପଦ ଆଶଙ୍କା କରିବା ସହ କ୍ଷୁବ୍ଧ ହୋଇଛି । ତୃତୀୟଟି ହେଉଛି ଉତ୍ତରକୁ ଭାରତୀୟ ପ୍ରବେଶକୁ ଅବରୋଧ କରି ଚାଇନା ଚାହୁଁଛି ଏହାର ବେଲ୍ଟ ଏବଂ ରୋଡ୍ ଇନିସିଏଟିଭ୍ ଉପରେ ଅଧିକ ନିୟନ୍ତ୍ରଣ ରଖିବାକୁ । ଲଦାଖର ଯେଉଁ ଅଂଶକୁ ଚାଇନା ଅକ୍ତିଆର କରିଛି ତାହା ସେହି ଅଞ୍ଚଳ ପର୍ଯ୍ୟନ୍ତ ଯାଇଛି ।

ଚତୁର୍ଥ ମତଟି ହେଉଛି ଯେ, ଜାତୀୟ ପ୍ରସଙ୍ଗରୁ ଲୋକମାନଙ୍କ ଦୃଷ୍ଟି ହଟେଇବାକୁ ଏହା ହେଉଛି ଜିନ୍‌ପିଙ୍ଗଙ୍କର ଏକ ଚାଲ୍, କାରଣ କରୋନା ସଂକ୍ରମଣ ଯୋଗୁ ଦେଶରେ ତାଙ୍କର କର୍ତ୍ତୃତ୍ୱ ଓ ପ୍ରଭାବ ଦୁର୍ବଳ ହୋଇଯାଇଛି । ତେଣୁ ସେ ହଂକଂ ଏବଂ ଭାରତ ବିପକ୍ଷରେ ଦୁଃସାହସିକ ପଦକ୍ଷେପ ନେଉଛନ୍ତି । ବିଶେଷଜ୍ଞମାନଙ୍କ ପାଖରେ ଆଉ କିଛି ଥିଓରି ମଧ୍ୟ ରହିଛି । ଚାଇନା କାହିଁକି ଏପରି କାମ କରୁଛି ସେ ନେଇ ସେମାନଙ୍କ ମଧ୍ୟରେ କୌଣସି ସହମତି ନାହିଁ । ଆମେ କ'ଣ ଚାହୁଁ, ଚାଇନା ଜାଣେ, କିନ୍ତୁ ସେମାନେ କ'ଣ ଚାହାନ୍ତି ଆମେ ଜାଣିନାହୁଁ । ଭାରତ ଏକ ଗଣତନ୍ତ୍ର ଏବଂ ତେଣୁ କେତେକ ଦୃଷ୍ଟିରୁ ଏହା ପାଖରେ କମ୍ ବିକଳ୍ପ ଅଛି । ତୁରନ୍ତ ସମାଧାନ ଅର୍ଥାତ୍ ଚାଇନାର ସୈନ୍ୟ ଅପସାରଣ ପାଇଁ ଭାରତ ସରକାରଙ୍କ ଉପରେ ଗଣମାଧ୍ୟମ ଏବଂ ବିରୋଧୀଙ୍କ ତରଫରୁ ଚାପ ରହୁଛି ।

କ'ଣ ଘଟୁଛି ବା ଘଟିଛି ତାହା ଉପରେ ଜନସାଧାରଣଙ୍କୁ ଅନ୍ଧାରରେ ରଖାଯାଉଛି । ଫିଙ୍ଗର ୪ରୁ ୮ ମଧ୍ୟରେ ଥିବା ଆମ ଜମିର କ'ଣ ହେଲା ସେ ବିଷୟରେ ଆମକୁ ଆନୁଷ୍ଠାନିକ ଭାବେ କିଛି କୁହାଯାଇ ନାହିଁ । ରଣନୀତି ଅନୁଯାୟୀ ଚାଇନା ଏକ ଲମ୍ୱା ଏବଂ ବଡ଼ ଖେଳ ଖେଳିପାରେ । ଏହାର ନେତୃତ୍ୱ ଉପରେ କୌଣସି ମିଡିଆ ଚାପ ନାହିଁ । ତେଣୁ ବର୍ତ୍ତମାନ ଲଦାଖର ସୀମାନ୍ତ ଅଞ୍ଚଳ ଦଖଲ ମାଧ୍ୟମରେ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଅସ୍ଥିର ରଖି ଚାଇନା ଏହାର ଦୀର୍ଘମିଆଦୀ ଉଦ୍ଦେଶ୍ୟ ପୂରଣ କରିବାରେ ଲାଗିପଡ଼ିପାରେ । ତେବେ ଲଦାଖର ଉକ୍ତ ଅଞ୍ଚଳକୁ ପୁଣି ଭାରତକୁ ଫେରାଇ ଆଣିବା ପାଇଁ ମୋଦି ସରକାର ସାମରିକ ବିକଳ୍ପ ତ୍ୟାଗ କରିଥିବା ମନେକରାଯାଉଛି ।

Email:aakar.patel@gmail.com

ଦେଶପ୍ରେମୀ ମଦ୍ୟପଙ୍କ କଥା

ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ମହାମାରୀ କରୋନା ଭାରତକୁ କବଳିତ କରିନେଲା ପରେ ପ୍ରତିଦିନ କିଛି କିଛି ଭାରତୀୟ ସଂସାରକୁ ପିଠିକରି ଆମ ଗହଣରୁ ବିଦାୟ ନେଇ ଚାଲିଛନ୍ତି । ଆମେ ଯେଉଁମାନେ ରହିଯାଉଛନ୍ତି; ସେମାନେ ମୃତ୍ୟୁରୁ ମୁକ୍ତି ପାଇଛନ୍ତି ବୋଲି ଖୁସି ହେବାର ବି କିଛି ଯୁକ୍ତି ନାହିଁ, କାରଣ କରୋନା ଏମିତି ଏକ ମୃତ୍ୟୁଦୂତ, ଯିଏ ଯେ କୌଣସି ମୁହୂର୍ତ୍ତରେ ବି ବିନା ନୋଟିସରେ ଆସି ଯାଇପାରେ ଓ ଗେଲ କଲାଭଳି ତଣ୍ଟି ଚିପି ପୁଣି ତା' ବାଟରେ ଚାଲି ଯାଇପାରେ । ସମଗ୍ର ବିଶ୍ୱରେ ବହୁ ଚିକିତ୍ସା ବିଜ୍ଞାନୀ ଓ ବୈଜ୍ଞାନିକମାନଙ୍କ ସକଳ ଚେଷ୍ଟା ସତ୍ତ୍ୱେ ଏ ଯାଏ କରୋନାର ନିଦାନ ତ କିଛି ବାହାରି ପାରିଲା ନାହିଁ, ମାତ୍ର ତାକୁ ନେଇ ନିତିଦିନ ନୂଆ ନୂଆ ମନ୍ତବ୍ୟ ବାହାରି ଚାଲିଛି । କିଏ କହୁଛି, କରୋନାକୁ ଜୀବନର ଏକ ଅଙ୍ଗ କରି ନେବାକୁ ପଡ଼ିବ ତ ଅନ୍ୟ କିଏ କହିଲାଣି କରୋନା ଜୀବନ ଜିଇବାର କଳା ବଦଳାଇ ଦେବ । ପୁଣି କିଏ ଭବିଷ୍ୟବାଣୀ କଲେଣି କରୋନାର ସୃଷ୍ଟି ହୋଇଥିବା ଅର୍ଥ ସଙ୍କଟ ଏତେ ପ୍ରଚଣ୍ଡ ହୋଇଯିବ ଯେ ପକେଟରେ ଆଣୁଥିବା ଦ୍ରବ୍ୟଟିକୁ କିଣିବାକୁ ବସ୍ତାରେ ଟଙ୍କା ନେଇ ଯିବାକୁ ପଡ଼ିବ!!

ଏ ତ ଗଲା ଜିଭ କହୁଥିବା କଥା ବା କାନ ଶୁଣୁଥିବା କଥା । ମାତ୍ର ଆଖି ଯେଉଁ ଅପୂର୍ବ ଓ ଅଭିନବ ଦୃଶ୍ୟ ଦେଖୁଛି, ତାହା କାନଶୁଣା କଥାଠାରୁ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ । କରୋନାଠୁ ଦୂରେଇ ରହିବା ପାଇଁ ଏ ଯାଏ ଆବିଷ୍କୃତ ସବୁଠୁ ସଫଳତମ ଉପାୟ 'ଲକ୍‌ଡାଉନ୍' ମଧ୍ୟରେ ବାଧ୍ୟ ବନ୍ଦୀ ଜୀବନ ବିତାଉଥିବା ମଣିଷ ପ୍ରତ୍ୟକ୍ଷ ଭାବେ କିଛି ଦେଖିପାରୁ ନ ଥିଲେ ମଧ୍ୟ ସଞ୍ଜୟ ଆଖିରେ ଧୃତରାଷ୍ଟ୍ର ଦେଖିଲା ପରି ଟିଭି ପରଦାରେ ସବୁ ନୂଆ ନୂଆ ଦୃଶ୍ୟ ଦେଖୁଛି । ଏ କଥା ବି ଦେଖୁଛି ଯେ କରୋନା ଜୀବନର ପରିଭାଷା ବଦଳାଇଦେବା ସହିତ ବଦଳାଇ ଦେଇଛି ଯୁଗ ଯୁଗ ଧରି ମଣିଷ ଓ ମଣିଷ ଭିତରେ ଗଢ଼ିଉଠିଥିବା ବହୁବିଧ ବିଭେଦର ପ୍ରାଚୀର । ଧର୍ମଭେଦ, ଜାତିଭେଦ ଓ ଲିଙ୍ଗଭେଦ ସହ ଧନୀ ଦରିଦ୍ର ମଧ୍ୟରେ ଥିବା ପ୍ରଭେଦ କେମିତି ଏକ ଅଦୃଶ୍ୟ ଶକ୍ତି ଦ୍ୱାରା କବଳିତ ହୋଇ ନିଜର ସତ୍ତା ହରାଇ ବସିଛି । ତେବେ କିଏ ସେଇ ଅଦୃଶ୍ୟ ଶକ୍ତି? ଆଶ୍ଚର୍ଯ୍ୟର ବିଷୟ, ଏ ଶକ୍ତି ମୃତ୍ୟୁର ନୁହେଁ, ଜୀବନର ! ଏ ଶକ୍ତି ଏକ ବିଶ୍ୱ ବିପର୍ଯ୍ୟୟର ବାହକ କୁହାଯାଉଥିବା ସେଇ ଅଦୃଶ୍ୟ ଭୟଙ୍କର ଭୂତାଣୁର ନୁହେଁ କି ହଜାର ହଜାର ମାଇଲ ଚାଲି ଚାଲି ଗାଁମୁହାଁ ହୋଇଥିବା ଭୋକର ନୁହେଁ । ଏହା ହେଉଛି ଭୋକ ଓ ଭୂତାଣୁଠାରୁ ଆହୁରି ଭୟଙ୍କର ଶୋଷର, ଯାହାର ନାଁ ମଦ!

ଲକ୍‌ଡାଉନ୍ ବା ତାଲାବନ୍ଦ କାଳରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ବିକାକିଣା ତାଲାବନ୍ଦରୁ ସ୍ୱାଭାବିକ ଭାବେ ମୁକ୍ତ ଥିଲା । ସେଇ ଅଦୃଶ୍ୟ ଭାଇରସ୍ ରାକ୍ଷସକୁ ଡରି ମଣିଷ ମୁହଁ ଲୁଚାଇ ଘର ଭିତରେ ବନ୍ଦୀ ହୋଇ ରହିପାରିବ ସିନା, ମାତ୍ର ତାହାଠାରୁ ଆହୁରି ଉଦଣ୍ଡ ଭୋକ ରାକ୍ଷସକୁ ଡରି କେଉଁଠି ମୁହଁ ଲୁଚାଇବ! ସୁତରାଂ, ଭୋକ ଖୋଲା ରଖି ଖାଦ୍ୟ ବନ୍ଦ ରହିବା ଅସମ୍ଭବ ବୋଲି ତେଜରାତି, ପନିପରିବା, ଫଳମୂଳ ବା କ୍ଷୀର ଦୋକାନ ଆଦି ଖୋଲା ରଖିଲେ ସରକାର । ଅଥଚ ସେମାନଙ୍କ କଥା ଭୁଲିଗଲେ, ଯେଉଁମାନେ ବିନା ଖାଦ୍ୟରେ ଦିନ ଦିନ ଧରି ରହିପାରିବେ ସିନା, ବିନା ପାନୀୟରେ ଗୋଟିଏ ବି ଦିନ ରହିପାରନ୍ତି ନାହିଁ! କେବଳ ଅତୀତ, ବର୍ତ୍ତମାନ କି ଭବିଷ୍ୟତ ନୁହେଁ କି ଦୁଃଖସୁଖ, ହାନିଲାଭ ନୁହେଁ, ନିଜେ ନିଜକୁ ଭୁଲାଇ ପାରୁଥିବା ଏହି ଦିବ୍ୟ ପାନୀୟଟିର କ୍ରୟ ବିକ୍ରୟ ବନ୍ଦ କରି ସରକାର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ନାଗରିକଙ୍କ ଉପରେ ଯେଉ ଦମନଲୀଳା ଚଳାଇଥିଲେ, ତାହା ମାନବିକ ଅଧିକାରର ଉଲ୍ଲଂଘନ ସଦୃଶ!!

ସରକାର ବାହାଦୁର ଏହି ମାନବୀୟ ସମସ୍ୟାଟିକୁ ହୃଦୟଙ୍ଗମ କରିଥିବା ହେତୁ ଯେତେ ନୁହେଁ, ତାହାଠୁ ଅଧିକ ନିଜ ସମସ୍ୟାର ସମାଧାନ ପାଇଁ ତୃତୀୟ ପର୍ଯ୍ୟାୟର ତାଲାବନ୍ଦ ପରେ ମଦ ଦୋକାନର ତାଲା ଖୋଲିଦେବାକୁ ନିଷ୍ପତ୍ତି ନେଲେ । ମଦ୍ୟପାନକୁ ଏକ ସାମାଜିକ ବ୍ୟଭିଚାର ମନେକରୁଥିବା ସଂସ୍କାରସିଦ୍ଧ ନାଗରିକମାନେ ଏ ପ୍ରକାର ନିଷ୍ପତ୍ତି ବିରୋଧରେ ମତ ପ୍ରକାଶ କରୁଥିଲା ବେଳେ ଏଭଳି ନିଷ୍ପତ୍ତିକୁ ନିଜ ନାଗରିକ ଅଧିକାର ଫେରି ପାଇବାର ଏକ ସ୍ୱର୍ଣ୍ଣିମ ମୁହୂର୍ତ୍ତ ବୋଲି ବିବେଚନା କରିଥିଲେ ସମ୍ଭ୍ରାନ୍ତରୁ ସାଧାରଣ ଯାଏ ସବୁ ସ୍ତରର ମଦ୍ୟପ ନାଗରିକବୃନ୍ଦ । ବିନା ପାଣିରେ ଚାରା ଗଛଟିଏ ଝାଉଁଳି ପଡ଼ିଲା ଭଳି ବିନା ମଦରେ ଝାଉଁଳି ପଡ଼ିଥିବା ମଦ୍ୟପମାନେ ନିଷ୍ପତ୍ତି ଶୁଣୁ ଶୁଣୁ ସତେଜ ହୋଇ ଉଠିଲେ । ନିଜର ଅବଦମିତ ତୃଷା ପୁଣି ଥରେ ମୁଣ୍ଡ ଟେକି ଉଠିଲା ଓ ପୁଣି ଥରେ ଭଲ ସମୟ ଫେରି ଆସିବାର ଉଜ୍ଜ୍ୱଳ ସମ୍ଭାବନାଟିଏ ସୃଷ୍ଟି ହେଲା ନିଜ ଭିତରେ । ଏଣେ କରୋନା ମାଡ଼ରେ ଭାଙ୍ଗିଯାଇଥିବା ରାଜ୍ୟ ଅର୍ଥନୀତିର ଅଣ୍ଟାକୁ ସଳଖ କରି ଛିଡ଼ା ହେବାପାଇଁ ମଦ ଭିତରେ ଏକ ବିଚିତ୍ର ଶକ୍ତିର ସନ୍ଧାନ ପାଇ ସରକାର ମଧ୍ୟ ଖୁସି ହୋଇ ଉଠିଲେ ଓ ମଦ ଉପରେ ଅବକାରୀ ଟିକସର ପରିମାଣ ସତୁରି ପ୍ରତିଶତ ବଢ଼ାଇ ଦେଲେ ।

ବଡ଼ ବିଚିତ୍ର ସେ ସ୍ଥିତି, ବଡ଼ ଅପୂର୍ବ ସେ ଦୃଶ୍ୟ! ନଅଙ୍କ ଦୁର୍ଭିକ୍ଷ ବେଳେ ମୁଠାଏ ଦାନା ପାଇଁ ବିକଳ ହେଉଥିବା କ୍ଷୁଧାତୁର ଲୋକଙ୍କ ଭଳି ମଦ କିଣିବା ପାଇଁ ମଦ ଦୋକାନ ଆଗରେ ଖରାବର୍ଷା ସହି ଲମ୍ୱା ଧାଡ଼ିରେ ଛିଡ଼ା ହେଉଥିବା ମଦୁଆଙ୍କ ଅସମ୍ଭାଳ ଭିଡ଼ ଦେଖି ମାରିବାକୁ ଆସିଥିବା ମୃତ୍ୟୁଦୂତ କରୋନା ବି ଲାଜରେ ମୁହଁ ଲୁଚାଇଥିବ । ଦିଲ୍ଲୀରେ ସ୍ଥିତି ଏମିତି ହେଲା ଯେ ସାମାଜିକ ଦୂରତାର ନିୟମ ବିପନ୍ନ ହେଉଥିବାର ଦେଖି ମଦ କ୍ରେତାଙ୍କ ଉପରେ ପୋଲିସ ଲାଠି ଚଳାଇଲା । ଦୋକାନ ଖୋଲିବାର ଯଥେଷ୍ଟ ପୂର୍ବରୁ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଛିଡ଼ା ହୋଇ ନିଜ ପାଳିକୁ ଅସ୍ଥିର ଭାବେ ଅପେକ୍ଷା କରିଥିଲେ ପ୍ରତ୍ୟେକ କ୍ରେତା । ଯେତେବେଳେ ସେଇ ସମୟ ଆସୁଥିଲା, ନିଜ ପକେଟ୍‌ର ସାମର୍ଥ୍ୟ ଅନୁଯାୟୀ କେଉଁଠି କେବଳ କେଇ ବୋତଲ ତ ଅନ୍ୟ କେଉଁଠି ପେଟି ଭର୍ତ୍ତି ମଦ କିଣି ଗଡ଼ ଜିଣିଲା ଭଳି ଧାଡ଼ିରୁ ବାହାରି ଆସୁଥିଲେ ସମ୍ଭ୍ରାନ୍ତ ମଦ୍ୟପଗଣ । କିଣିବା ପୂର୍ବରୁ କି ଆତୁରତା! ପୁଣି କିଣିବା ପରେ କି ଆଶ୍ୱସ୍ତି!! ସତେ ଯେମିତି, ଆଜି ନ କିଣିଲେ କାଲିକୁ ମଦ ନ ଥିବ ବା ଜୀବନ ବି ନ ଥିବ!!

କେବଳ ଦିଲ୍ଲୀ ନୁହେ, ଦେଶର ପ୍ରାୟ ସବୁ ନଗର, ସହରରେ ମଦ କିଣିବାକୁ ବ୍ୟାକୁଳ ହୋଇପଡୁଥିବା ଲୋକଙ୍କୁ ଦେଖିଲେ କେହି ବି କହିବେନି ଯେ ମୃତ୍ୟୁର ଭୟ ମଣିଷକୁ ଦୁର୍ବଳ କରିଦିଏ ବୋଲି । ବାଙ୍ଗାଲୋରର ଏକ ମଦ ଦୋକାନରୁ ଏକାଥରେ ଚାରି କାର୍ଟୁନ ମଦ ବୋହି ଆଣି ନିଜ କାରରେ ରଖୁଥିବା ଜଣେ ଯୁବକଙ୍କୁ ସାମ୍ବାଦିକ ଜଣେ ପ୍ରଶ୍ନ କରିଥିଲେ, ''ଏକକାଳୀନ ଏତେ ମଦ କିଣୁଛନ୍ତି କାହିଁକି? ତା' ପରେ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଛିଡ଼ା ହୋଇ ଆପଣ ଯେମିତି ବିକଳ ହୋଇ ଥର ଥର କରି ମଦ ଆଣି କାରରେ ଭରୁଛନ୍ତି, ଏ ଦୃଶ୍ୟ ଗଣମାଧ୍ୟମରେ ପ୍ରସାରିତ ହେଲେ ଆପଣଙ୍କୁ ଲାଜ ଲାଗିବ ନାହିଁ?''

ସାମାନ୍ୟ ଶଙ୍କିତ ନ ହୋଇ ଗର୍ବିତ ଠାଣିରେ ଉତ୍ତର ଦେଲେ ଯୁବକ, ''ଲାଜ ଲାଗିବ କାହିଁକି? ବରଂ ଖୁସି ଲାଗିବ ଏଥିପାଇଁ ଯେ କରୋନା ମାଡ଼ରେ ଦେଶର ଅର୍ଥନୀତି ଯେତେବେଳେ ଭୁଶୁଡ଼ି ପଡ଼ିଛି, ସେତେବେଳେ ଶହେ ଟଙ୍କାର ମଦ ପାଇଁ ମୁଁ ଦୁଇଶହ ଟଙ୍କାର ଟିକସ ଦେଇ ଅର୍ଥନୀତିକୁ ସଜାଡ଼ିବାରେ ସାହାଯ୍ୟ କରୁଛି।'' ସାମ୍ବାଦିକଙ୍କ ଆଖି ଖୋଲି ଯାଇଥିବ ଏମନ୍ତ ଉତ୍ତରରେ । ସେ ଜାଣିଥିବେ ଯେ ସେ ଏଯାଏ ଯେଉଁ ଲମ୍ୱା ଧାଡ଼ିର ଚିତ୍ର ଉତ୍ତୋଳନ କରି ଚାଲିଥିଲେ ତାହା ମଦ ବିକଳ ମଦୁଆଙ୍କର ଧାଡ଼ି ନ ଥିଲା, ତାହା ଥିଲା ଦେଶପ୍ରେମୀ ମଦ୍ୟପମାନଙ୍କର ଧାଡ଼ି, ଯେଉଁମାନେ ନିଜ ଅଭ୍ୟାସ ପାଇଁ ନୁହେଁ, ବରଂ ନିଜର ନିଆରା ଦେଶପ୍ରେମ ପାଇଁ ହିଁ ମଦ ପିଉଥିଲେ ।

କେଇଦିନ ତଳେ ସାମାଜିକ ଗଣମାଧ୍ୟମରେ ଏକ କାର୍ଟୁନଟିଏ ଘୂରି ବୁଲୁଥିଲା, ଯାହାର ଅନ୍ତର୍ନିହିତ ବାର୍ତ୍ତାଟି ଥିଲା ଅତ୍ୟନ୍ତ ମାର୍ମିକ । କାର୍ଟୁନଟିରେ ଏକ ମଦ ଦୋକାନ ଆଗରେ ଲମ୍ୱାଧାଡ଼ିଟି ଦେଖି ଜଣେ ଚିନ୍ତିତ ମଦ୍ୟପର ଚିତ୍ର ଅଙ୍କିତ ହୋଇଛି ଓ ତଳେ ଲେଖାଯାଇଛି, ''ପିଇଲେ ଅର୍ଥହାନି, ପ୍ରାଣପୀଡ଼ା ଓ ପରିବାର ବରବାଦ, ମାତ୍ର ନ ପିଇଲେ ଦେଶ ଭାସିଯାଉଛି।'' ପ୍ରକୃତରେ ବଡ଼ ବିଚିତ୍ର ମାନବୀୟ ସଙ୍କଟ ଓ ସାମାଜିକ ଜୀବନର ବିଭ୍ରାଟର ବାର୍ତ୍ତା ବହନ କରୁଥିବା ଏଇ କାର୍ଟୁନଟିରୁ ହିଁ ଜଣାପଡୁଥିଲା ମଦ ଭଳି ଏକ ଅର୍ଥ ଧ୍ୱଂସକାରୀ, ସ୍ୱାସ୍ଥ୍ୟ ସଙ୍କଟକାରୀ ତଥା ପରିବାରର ଶାନ୍ତି ଭଙ୍ଗକାରୀ ବଦଭ୍ୟାସ ଓ ଏଥିସହିତ ପ୍ରତ୍ୟକ୍ଷ ଭାବେ ଜଡ଼ିତ ଦେଶର ଅର୍ଥନୀତିକୁ ସୁଦୃଢ଼ କରିବାର ପରୋକ୍ଷ ଦେଶପ୍ରେମର ବିରୋଧାଭାସ!

ଆମ ରାଜ୍ୟରେ ତ ଏ ପ୍ରକାର ଦେଶପ୍ରେମ ପ୍ରଦର୍ଶନ ପାଇଁ ଆହୁରି ଅଭିନବ ବ୍ୟବସ୍ଥା । ଘରେ ବସି ଅନ୍‌ଲାଇନ୍‌ରେ ମଦ ମଗାଇ ପାରିବାର ନିର୍ଦ୍ଦେଶ ଜାରି ହେଲା ପରେ ମଦଦୋକାନ ଆଗରେ ଲମ୍ୱାଧାଡ଼ି ବା ଆବଶ୍ୟକସ୍ଥଳେ ପୋଲିସ ଲାଠି ଚାଳନାର ଆବଶ୍ୟକତା ପଡୁନାହିଁ ସିନା, ପରିବାର ଭିତରେ ସୃଷ୍ଟି ହେଉଛି ସ୍ୱାମୀସ୍ତ୍ରୀ, ପିତାପୁତ୍ର ଭିତରେ ଶାନ୍ତି ଭଙ୍ଗକାରୀ ଘରୋଇ ବିଶୃଙ୍ଖଳା । ପୁଣି ସାଇବର ଠକାମିର ଶିକାର ହୋଇ କେଉଁଠି ନଅଶହ ଟଙ୍କାର ମଦ ପାଇଁ ଅଶୀହଜାର ଟଙ୍କା ବ୍ୟାଙ୍କ ଆକାଉଣ୍ଟରୁ ଉଭାନ ହୋ

ସଂକ୍ଷେପରେ

ନାବାଳିକା ବିବାହ ବନ୍ଦ

ନୟାଗଡ଼ ଅଫିସ,୬।୬: ନୟାଗଡ଼ ଜିଲା ଖଣ୍ଡପଡ଼ା ଗଡ ଭିତରସାହିରେ ଶନିବାର ଏକ ନାବାଳିକା ବିବାହ ବନ୍ଦ କରିବାରେ ପ୍ରଶାସନ ସଫଳ ହୋଇଛି। ୧୭ ବର୍ଷୀୟା ନାବାଳିକା ଖୋର୍ଦ୍ଧା ବାସେଲି ସାହିର ରାଜନ ବେହେରା ନାମକ ୨୬ ବର୍ଷର ଯୁବକଙ୍କୁ ରବିବାର ଖୋର୍ଦ୍ଧାରେ ବିବାହ କରିଥାନ୍ତେ। ତେବେ ୧୦୯୮ ନମ୍ବରକୁ କଲ ଆସିବା ପରେ ଚାଇଲ୍ଡ ଲାଇନ୍, ପୋଲିସ ଓ ସମନ୍ୱିତ ବିଭାଗ କର୍ମଚାରୀ ମିଳିତ ଭାବେ ବିବାହ ବନ୍ଦ କରିଥିଲେ। ଏ ସମ୍ପର୍କରେ ସ୍ୱେଚ୍ଛାସେବୀ ଚନ୍ଦ୍ର ଶେଖର ବେହେରା ସୂଚନା ଦେଇଛନ୍ତି। ପ୍ରକାଶ ଯେ, ବାସେଲି ସାହିର ରାଜନ ବେହେରାଙ୍କ ପରିବାର ଖଣ୍ଡପଡାକୁ ଝିଅ ଦେଖିବାକୁ ଆସିଥିଲେ। ହେଲେ ବଡ ଭଉଣୀ ୨ଜଣ ଥିବା ସତ୍ତ୍ୱେ ସାନ ଭଉଣୀଙ୍କୁ ବିବାହ କରିବାକୁ ପ୍ରସ୍ତାବ ରଖିଥିଲେ। ଗରିବ ଯୋଗୁ ପରିବାର ଲୋକେ ଏଥିରେ ରାଜି ହୋଇଥିଲେ। ହେଲେ ସାନ ଝିଅ ବିବାହକୁ ବିରୋଧ କରୁଥିଲେ।

ସଙ୍ଗରୋଧ କେନ୍ଦ୍ରରେ ବଜ୍ରପାତ: ୩ ଆହତ

ଆସିକା,୬।୬(ଡି.ଏନ୍.ଏ.): ଗଞ୍ଜାମ ଜିଲା ଆସିକା ବ୍ଲକ୍ ବେଣାପାଟସ୍ଥିତ ଏକ ସଙ୍ଗରୋଧ କେନ୍ଦ୍ରରେ ଶନିବାର ଅପରାହ୍ନ ପ୍ରାୟ ସାଢେ ୩ଟାରେ ବଜ୍ରପାତ ଘଟି ଜଣେ ନାବାଳକ ଓ ୨ ମହିଳା ଆହତ ହୋଇଛନ୍ତି। ସେମାନେ ହେଲେ ରୁଦ୍ରମାଧବ ବିଷୋୟୀ (୫), ସନ୍ତୋଷିନୀ ପରିଡା (୨୨) ଓ ମନ୍ଦାକିନୀ ଖଣ୍ଡୁଆଳ (୨୪)। ଚିକିତ୍ସା ଲାଗି ସେମାନଙ୍କୁ ଆସିକା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ରୁଦ୍ର ଓ ମନ୍ଦାକିନୀ ସୁସ୍ଥ ହୋଇ କେନ୍ଦ୍ରକୁ ଫେରିଥିଲେ। ସନ୍ତୋଷିନୀଙ୍କୁ ଅଧିକ ଚିକିତ୍ସା ପାଇଁ ହିଞ୍ଜିଳିକାଟୁସ୍ଥିତ କୋଭିଡ୍ କେୟାର୍ ସେଣ୍ଟରକୁ ପଠାଯାଇଥିବା ଡାକ୍ତର ଦୀପକ ସାମନ୍ତରା ସୂଚନା ଦେଇଛନ୍ତି। ଆସିକା ବିଡିଓ ରୋଶନ୍ ଶତପଥୀ, ଏବିଡିଓ ପ୍ରଦୀପ କୁମାର ପଣ୍ଡା ପ୍ରମୁଖ ସନ୍ଧ୍ୟାରେ ସମ୍ପୃକ୍ତ ସଙ୍ଗରୋଧ କେନ୍ଦ୍ର ପରିଦର୍ଶନ କରି ଫେରିଛନ୍ତି।

ବଦାନ୍ୟତା ଦେଖାଇଲେ ଆମ୍ବୁଲାନ୍ସ କର୍ମଚାରୀ

ଭୁବନେଶ୍ୱର,୬।୬(ବ୍ୟୁରୋ): ଲକ୍‌ଡାଉନ ସମୟରେ ବହୁ ସାଧାରଣ ଲୋକ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ଜଣେ ଅସହାୟ ବୃଦ୍ଧାଙ୍କ ପାଇଁ ଦେବଦୂତ ପାଲଟିଛନ୍ତି ବାଲେଶ୍ୱର ଜିଲାର ଜଣେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ। ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲା ବଡ଼ ଡାକ୍ତରଖାନାରେ ରୋଗୀଙ୍କୁ ଛାଡ଼ିବା ସମୟରେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ ଜୀବନ କୁମାର ବେହେରା ଡାକ୍ତରଖାନା ବାରଣ୍ଡାରେ ଜଣେ ଅସହାୟ ବୃଦ୍ଧା କାନ୍ଦୁଥିବା ଦେଖିଥିଲେ। ସେ ଉକ୍ତ ବୃଦ୍ଧାଙ୍କ ପାଖକୁ ଯାଇ ଘଟଣା ସମ୍ପର୍କରେ ପଚାରିବାରୁ ସେ ତାଙ୍କ ନାତିକୁ ଜଳେଶ୍ୱର ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିବା କହିଥିଲେ। ତେବେ ଡାକ୍ତର ତାଙ୍କୁ ବାଲେଶ୍ୱର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରିବା ପାଇଁ ପରାମର୍ଶ ଦେଇଥିଲେ। ଦୀର୍ଘ ୭ ଦିନ ଚିକିତ୍ସା ପରେ ତାଙ୍କ ନାତି ଆରୋଗ୍ୟ ଲାଭ କରିଥିଲେ ମଧ୍ୟ ପାଖରେ ପଇସା ନ ଥିବାରୁ ସେ ଘରକୁ ଯିବାକୁ ଅସମର୍ଥ ହୋଇଥିଲେ। ଏଭଳିସ୍ଥଳେ ଆମ୍ବୁଲାନ୍ସ କର୍ମଚାରୀ ଜଣକ ନିଜର ମାନବିକତା ଦେଖାଇ ଅସହାୟ ବୃଦ୍ଧାଙ୍କ ଘରକୁ ଯିବା ପାଇଁ ଗାଡ଼ିର ବ୍ୟବସ୍ଥା କରାଇଥିଲେ। ଏହାସହିତ ଜୀବନ ଉକ୍ତ ଗାଡ଼ିର ଭଡ଼ା ପ୍ରଦାନ କରିବା ସହିତ କିଛି ଶୁଖିଲା ଖାଦ୍ୟ ମଧ୍ୟ ଦେଇଥିଲେ।

ଓଡ଼ିଶା ପାଇଁ ଜୁନ୍ ମାସ ନିର୍ଣ୍ଣାୟକ

ଭୁବନେଶ୍ୱର, ୬।୬(ବ୍ୟୁରୋ)

- ପ୍ରବାସୀ, ମୌସୁମୀକୁ ନେଇ ପରାମର୍ଶ ଦେଲେ ବାଗଚୀ
- ଘାଟି ଡେଇଁଗଲେ ବିପଦ କମିଯିବ
- କରୋନାକୁ ଜଙ୍ଗଲି ବାଘ ସହ ତୁଳନା କଲେ

କରୋନା ମୁକାବିଲା କ୍ଷେତ୍ରରେ ଓଡ଼ିଶା ପାଇଁ ଜୁନ୍ ହେଉଛି ନିର୍ଣ୍ଣାୟକ ମାସ। ଏହା ପଛରେ ଦୁଇଟି କାରଣ ରହିଥିବା ରାଜ୍ୟ ସରକାରଙ୍କ କୋଭିଡ୍-୧୯ ମୁଖ୍ୟ ମୁଖପାତ୍ର ସୁବ୍ରତୋ ବାଗ୍‌ଚୀ କହିଛନ୍ତି। ପ୍ରଥମ କାରଣ ହେଉଛି ପ୍ରବାସୀ ଓଡ଼ିଆ। ଗତ କିଛି ସପ୍ତାହରେ ରାଜ୍ୟକୁ ୫ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରବାସୀ ଫେରିଛନ୍ତି। ଏମାନଙ୍କ ଉପରେ କରୋନାର ପ୍ରଭାବ ପଡ଼ିଛି କି ନାହିଁ ତାହା ଆଉ ୧୫ ଦିନ ମଧ୍ୟରେ ଜଣାପଡ଼ିବ। ସେହି ଘାଟି ଡେଇଁଗଲେ ସମସ୍ତଙ୍କ ଉପରେ ବିପଦ ଅପେକ୍ଷାକୃତ ଭାବେ କମିଯିବ। ଦ୍ୱିତୀୟଟି ହେଲା ମୌସୁମୀ। ଅଳ୍ପଦିନ ମଧ୍ୟରେ ମୌସୁମୀ ଓଡ଼ିଶା ଛୁଇଁବ। ଲଗାତାର ବର୍ଷା ହେବା ଦ୍ୱାରା ସମସ୍ତଙ୍କ ପାଇଁ ଥଣ୍ଡା, ଜ୍ୱରର ସମ୍ଭାବନା ରହିବ। ବାଦଲ ବର୍ଷାରେ ପାଣି କାଦୁଅରେ ବୁଲିଲେ, ମାସ୍କ ହେଉ ଅବା ସାମାଜିକ ଦୂରତ୍ୱ, ସବୁ ସାବଧାନତା ପାଣିରେ ଧୋଇହୋଇଯିବ। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜୁନ୍ ମାସରେ ଅଧିକ ସତର୍କତା ଅବଲମ୍ବନ କରିବାକୁ କହିଥିବା ବାଗ୍‌ଚୀ ସୂଚନା ଦେଇଛନ୍ତି।

କରୋନା ମୁକାବିଲାର ପ୍ରଥମ ପର୍ଯ୍ୟାୟରେ ବିଦେଶରୁ ଫେରିଥିବା କେତେଜଣ ବ୍ୟକ୍ତି ପଜିଟିଭ୍ ଚିହ୍ନଟ ହୋଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଦିଲ୍ଲୀ ନିଜାମୁଦ୍ଦିନ ଫେରନ୍ତା ଏବଂ ସେମାନଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତି ସଂକ୍ରମିତ ହୋଇଥିଲେ। ତୃତୀୟ ପର୍ଯ୍ୟାୟରେ ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଓଡ଼ିଆ ଶ୍ରମିକମାନେ ଭାରତର ଅଧିକ ସଂକ୍ରମଣ ହୋଇଥିବା ରାଜ୍ୟମାନଙ୍କରୁ ଫେରିଥିଲେ। ଏମାନଙ୍କୁ ୬୭୯୮ ପଞ୍ଚାୟତରେ ୧୬୭୬୦ଟି ଅସ୍ଥାୟୀ କ୍ୱାରାଣ୍ଟାଇନ୍ ସେଣ୍ଟର କରାଯାଇ ରଖାଯାଇଥିଲା। ଗତ ୩ ମାସ ମଧ୍ୟରେ ଓଡ଼ିଶାରେ ୯୫% ସଂକ୍ରମିତ ବ୍ୟକ୍ତିଙ୍କୁ ସଙ୍ଗରୋଧରେ ହିଁ ପରୀକ୍ଷା କରାଯାଇ ଚିହ୍ନଟ କରାଯାଇଛି। ଏବେ ଜୁନ୍ ମାସ ଚତୁର୍ଥ ପର୍ଯ୍ୟାୟର ସମୟ। ଏହା ହିଁ ଓଡ଼ିଶାର ଭାଗ୍ୟ ନିର୍ଦ୍ଧାରଣ କରିବ। ଏହି ପର୍ଯ୍ୟାୟଟି ସବୁଠାରୁ ସମ୍ବେଦନଶୀଳ। ଏହି ସମ୍ବେଦନଶୀଳତାର ମୂଳରେ ରହିଛି ଏକ ବିରାଟ ଦ୍ୱନ୍ଦ୍ୱ। ସେଇଟି ହେଲା ଜୀବନ ରହିବ ନା ଜୀବିକା ରହିବ? ଜୀବନକୁ ରକ୍ଷା କରିବାକୁ ହେଲେ ଜୀବିକାକୁ ବଞ୍ଚାଇବାକୁ ପଡ଼ିବ। ଅଥଚ ଜୀବିକାକୁ ସାଧାରଣ ପରିସ୍ଥିତିକୁ ନେଇ ଆସିଲେ ବ୍ୟକ୍ତି ଓ ଗୋଷ୍ଠୀସ୍ତରରେ ଅନୁଶାସନ କୋହଳ ହେବାର ଭୟ ରହିଛି। ଏଭଳି ପରିସ୍ଥିତିରେ କରୋନା ଭୂତାଣୁ ଜଙ୍ଗଲର ମଣିଷଖିଆ ବାଘ ପରି ସନ୍ତର୍ପଣରେ ଆସି ତାର ଶିକାରକୁ ବିସ୍ଫୋରଣର ବଳ ଦେଇ କାବୁ କରିପାରେ। ଏଣୁ ସମସ୍ତଙ୍କୁ ଜୀବନ-ଜୀବିକାର ଦ୍ୱନ୍ଦ୍ୱକୁ ବାସ୍ତବିକତାର ସହ ଗ୍ରହଣ କରିବାକୁ ପଡ଼ିବ। ନିଜକୁ, ନିଜ ପରିବାରକୁ ଓ ନିଜ ସମାଜକୁ ଆସନ୍ନ ବିପଦରୁ ନିରାପଦ ସ୍ଥାନକୁ ନେବାକୁ ହେବ ବୋଲି ବାଗ୍‌ଚୀ କହିଛନ୍ତି।

ଅନ୍ୟପକ୍ଷରେ ବିଶ୍ୱର ସର୍ବାଧିକ ଆକ୍ରାନ୍ତ ଦେଶ ତାଲିକାରେ ଭାରତ ୬ଷ୍ଠ ସ୍ଥାନରେ ପହଞ୍ଚିଲାଣି। ବନ୍ଧ ଭାଙ୍ଗି ବଢ଼ି ପାଣି ମାଡ଼ି ଆସିବା ଭଳି ଅବସ୍ଥାରେ ଭାରତରେ ରହିଛି। ପ୍ରବୀଣମାନଙ୍କ ମତରେ ଜୁନ୍ ମଝିରୁ ଜୁଲାଇ ମଝି ସମୟ ପର୍ଯ୍ୟନ୍ତ କରୋନା ସଂକ୍ରମଣ ଏଠାରେ ବିସ୍ଫୋରଣର ଆକାର ଗ୍ରହଣ କରିବାର ସମ୍ଭାବନା ଅଧିକ। ଭାରତର ୧୦୦ ଜିଲାରେ ୧୦୦% କରୋନା ପ୍ରକୋପ ବଢୁଥିବା ଦେଖାଯାଉଛି। ପରିବର୍ତ୍ତିତ ପରିସ୍ଥିତିରେ ଓଡ଼ିଶାରେ ଭାରତ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜୀବନ ଏବଂ ଜୀବିକାକୁ ସମନ୍ୱିତ କରିବା ପାଇଁ ବିମାନ, ବସ, ରେଳ ଚଳାଚଳ ଆରମ୍ଭ ହୋଇଛି। ଅର୍ଥନୀତିକୁ ସଜାଡ଼ିବାକୁ ଯାଇ ଚାଷ, କଳକାରଖାନାକୁ ପୂର୍ବପରି କରିବାକୁ ହେଲେ ସଚେତନ ରହିବାକୁ ପଡ଼ିବ ବୋଲି ବାଗ୍‌ଚୀ କହିଛନ୍ତି।

ଶନିବାର ପୁରୀ ସହରରେ ଶଟ୍‌ଡାଉନ୍ ଉଠିଯିବା ପରେ ବଡ଼ଦାଣ୍ଡରେ ଲୋକଙ୍କ ଭିଡ଼।

ସୋମବାରଠୁ ଗଡ଼ିବ ଓଏସ୍‌ଆର୍‌ଟିସି ବସ୍

ଭୁବନେଶ୍ୱର, ୬।୬(ବ୍ୟୁରୋ)

- ବିନା ମାସ୍କରେ ଯାତ୍ରା କରିପାରିବେ ନାହିଁ
- ଠିଆହୋଇ ଯାତ୍ରା କରିବା ମନା
- ପ୍ରଥମ ପର୍ଯ୍ୟାୟରେ ୬୬ ରୁଟ୍‌ରେ ଆରମ୍ଭ ହେବ

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆର୍‌ଟିସି) ପକ୍ଷରୁ ସୋମବାରଠୁ ବସ୍ ସେବା ଆରମ୍ଭ ହେବ। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୬୬ରୁଟ୍‌ରେ ବସ୍ ସେବା ଆରମ୍ଭ କରାଯିବ। ମୋଟ ୯୬ ବସ୍‌କୁ ନେଇ ଓଏସ୍‌ଆରଟିସି ନିତିଦିନିଆ ଜନସାଧାରଣଙ୍କୁ ଏହି ସେବା ଯୋଗାଇବ। ଏହି ସେବା ୨୨ସହରର ସାଧାରଣ ଜନତାଙ୍କୁ ରାଜଧାନୀ ସହ ଯୋଡ଼ିବ। ସମୟାନୁକ୍ରମେ ଅଧିକରୁ ଅଧିକ ରୁଟ୍‌ରେ ଓଏସ୍‌ଆରଟିସିର ବସ୍ ଚଳାଚଳ କରିବ ବୋଲି ଓଏସ୍‌ଆରଟିସି ମୁଖ୍ୟପରିଚାଳନା ନିର୍ଦ୍ଦେଶକ ଅରୁଣ ବୋଥ୍ରା କହିଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ଓଏସ୍‌ଆରଟିସି ଅତିଥି ଶ୍ରମିକଙ୍କ ନେବାଆଣିବା କାର୍ଯ୍ୟରେ ନିୟୋଜିତ ଥିଲା। ବିଭିନ୍ନ ଜିଲା ଅଧିକାରୀଙ୍କ ଅନୁରୋଧ ଅନୁଯାୟୀ ଓଏସ୍‌ଆର୍‌ଟିସି ପକ୍ଷରୁ ବସ୍ ଯୋଗାଇ ଦିଆଯାଇଥିଲା। ସମୁଦାୟ ୪୪୦ବସ୍‌ରୁ ୭୦% ବସ୍ ଅତିଥି ଶ୍ରମିକଙ୍କ ସେବାରେ ନିୟୋଜିତ ଥିଲା। ବର୍ତ୍ତମାନ ସେହି କାମ ପ୍ରାୟତଃ ସରିଆସିଛି ଏବଂ ସେହି ମଧ୍ୟରେ ସର୍ବସାଧାରଣଙ୍କ ପକ୍ଷରୁ ବସ ସେବା ଆରମ୍ଭ କରିବା ଅନୁରୋଧକୁ ରଖିବାପାଇଁ ବାକିଥିବା ବସ୍‌କୁ ସୋମବାରଠାରୁ ସାଧାରଣ ସେବାରେ ଆରମ୍ଭ କରାଯାଉଛି ବୋଲି ବୋଥ୍ରା କହିଛନ୍ତି।

ବସ୍‌ରେ ଯାତ୍ରା କରିବାକୁ ହେଲେ ସମସ୍ତ ଯାତ୍ରୀ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରାଯାଇଛି। ବିନା ମାସ୍କରେ ଯାତ୍ରା କରିବାକୁ ଦିଆଯିବ ନାହିଁ, ଏପରିକି ମାସ୍କ ନଥିଲେ ବସ୍‌ରେ ଚଢ଼ିବା ପାଇଁ ମଧ୍ୟ ସୁଯୋଗ ମିଳିବ ନାହିଁ। ସେଭଳି କୌଣସି ଯାତ୍ରୀ ଯାତ୍ରା ସମୟରେ ଠିଆହୋଇ ଯାଇପାରିବେ ନାହିଁ। ଜନସାଧାରଣ ଓ ବସ୍ କର୍ମଚାରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ଓଏସ୍‌ଆରଟିସି ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଜରୁରିକାଳୀନ ଆବଶ୍ୟକତା ନ ପଡ଼ିଲେ ବସ୍‌ରେ ଯାତ୍ରା କରନ୍ତୁ ନାହିଁ ଓ ବସ୍‌ଷ୍ଟାଣ୍ଡରେ ବସ୍‌ରେ ଚଢ଼ିବା ସମୟରେ ସାମାଜିକ ଦୂରତା ରକ୍ଷା କରିବାକୁ ବୋଥ୍ରା ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ବସ୍‌ଗୁଡ଼ିକର ବିଶୋଧନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି।

କ୍ୱାରାଣ୍ଟାଇନ ସେଣ୍ଟରରେ ୫ ବର୍ଷ ବାଳିକା ମୃତ

ଖଡିଆଳ,୬।୬(ଡି.ଏନ.ଏ.)

- ଶୁକ୍ରବାର ତେଲଙ୍ଗାନାରୁ ପରିବାର ସହ ଫେରିଥିଲେ
- ୨ ଦିନ ପୂର୍ବରୁ ଜ୍ୱର, ଝାଡ଼ା ରୋଗରେ ପୀଡିତ ଥିଲେ

ନୂଆପଡା ଜିଲା ଖଡିଆଳ ଥାନା ଅନ୍ତର୍ଗତ ଖୁଦପେଜ ଗ୍ରାମପଞ୍ଚାୟତର ଚଲାନପଡା କ୍ୱାରାଣ୍ଟାଇନ ସେଣ୍ଟରରେ ଶନିବାର ଜଣେ ୫ବର୍ଷ ବୟସ୍କ ବାଳିକାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖଡିଆଳ ଥାନା ଅନ୍ତର୍ଗତ ଖୋଲପଥର ଗାଁର ଡାକ୍ତର ଖାଲସାଙ୍କ ଝିଅ ବର୍ଷା। ଶୁକ୍ରବାର ଡାକ୍ତରଙ୍କ ପରିବାର ଲୋକେ ତେଲଙ୍ଗାନାରୁ ଟ୍ରେନରେ ଆସି ନୂଆପଡା ରେଳ ଷ୍ଟେଶନରେ ଓହ୍ଲାଇଥିଲେ। ଏହାପରେ ସେମାନଙ୍କ ସହ ୫୦ ପ୍ରବାସୀ ଶ୍ରମିକଙ୍କୁ ନୂଆପଡା ଜିଲା ପ୍ରଶାସନ ପକ୍ଷରୁ ବସ୍ ଯୋଗେ ଖଡିଆଳକୁ ପଠାଇ ଦିଆଯାଇଥିଲା। ସେମାନେ ଖଡିଆଳରେ ପହଞ୍ଚିବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତଙ୍କୁ ଖୁଦପେଜ ଗ୍ରାମପଞ୍ଚାୟତର ଚଲାନପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଥିଲା। ସେଠାରେ ଶନିବାର ସକାଳେ ବର୍ଷାଙ୍କ ମୃତ୍ୟୁ ଘଟିଛି। ମୃତ୍ୟୁର କାରଣ ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଗତ ୩ ରୁ ୪ ଦିନହେଲା ବର୍ଷାକୁ ଜ୍ୱର ହେବା ସହ ଝାଡ଼ା ହେଉଥିଲା। ଗତକାଲି ରାତିରେ ଖଡିଆଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀ ଡାକ୍ତରଙ୍କ ପରାମର୍ଶ କ୍ରମେ ବର୍ଷାକୁ ଔଷଧ ଖାଇବାକୁ ଦେଇଥିଲେ। ହେଲେ ଭୋରରୁ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିଥିଲା। ଏହାର କିଛି ସମୟ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଖଡିଆଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉତ୍ତମ କୁମାର ବାଗ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ପୋଲିସ କ୍ୱାରାଣ୍ଟାଇନ ସେଣ୍ଟରରେ ପହଞ୍ଚି ତଦନ୍ତ ଜାରି ରଖିଛି। ବର୍ଷା ସମେତ ତାଙ୍କ ପରିବାରର ସଦସ୍ୟଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି।

ଜମି ବିବାଦରୁ ଡବଲ ମର୍ଡର

ବଲାଙ୍ଗୀର ଅଫିସ/କଣ୍ଟାବାଞ୍ଜି/ବଙ୍ଗୋମୁଣ୍ଡା, ୬।୬(ଡି.ଏନ.ଏ.)

- ଦାଦା, ଖୁଡ଼ୀଙ୍କୁ ହତ୍ୟା କରି କୂଅରେ ଫିଙ୍ଗିଦେଲେ
- ଅଭିଯୁକ୍ତ ପୁତୁରା ଗିରଫ

ଜମି ବିବାଦକୁ କେନ୍ଦ୍ର କରି ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଥାନା ବିରିପାଲି ପଞ୍ଚାୟତ କୁଟୁରାବେଡା ଗାଁରେ ଶନିବାର ଡବଲ୍ ମର୍ଡର ଘଟିଛି। ପୁତୁରା ନିଜ ଦାଦା ଖୁଡ଼ିଙ୍କୁ ହତ୍ୟା କରି ଉଭୟଙ୍କ ମୃତଦେହକୁ କୂଅରେ ପିଙ୍ଗିଦେବା ଘଟଣା ଏଠାରେ ଆଲୋଡନ ସୃଷ୍ଟି କରିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅଭିଯୁକ୍ତ ପୁତୁରାଙ୍କୁ ପୋଲିସ ଗିରଫ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, କୁଟୁରାବେଡା ଗ୍ରାମର ତ୍ରିଲୋଚନ ନାଗ (୫୪) ଓ ତାଙ୍କ ପୁତୁରା କୁଶ ନାଗ (୨୫)ଙ୍କ ମଧ୍ୟରେ ଘର ସମ୍ମୁଖ ଚଲାରାସ୍ତା ଜମିକୁ ନେଇ ବହୁ ଦିନରୁ ବିବାଦ ଲାଗି ରହିଥିଲା। ଶୁକ୍ରବାର ରାତିରେ ଏହି ବିବାଦ ଉଗ୍ରରୂପ ଧାରଣ କରିଥିଲା। କୁଶ ଏକ ବିନ୍ଧନ୍ (ମାରଣାସ୍ତ୍ର)ରେ ତ୍ରିଲୋଚନ ଓ ଖୁଡି ସୀମା(୪୫)ଙ୍କୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ଉଭୟଙ୍କ ମୃତ୍ୟୁ ଘଟିଥିଲା। ପରେ କୁଶ ଉଭୟଙ୍କ ମୃତଦେହକୁ ନିଜ ଜମିରେ ଥିବା କୂଅରେ ପିଙ୍ଗି ଦେଇଥିଲେ। ଶନିବାର ସକାଳୁ ଏହି ଘଟଣା ଜଣାପଡିଥିଲା। ଖବର ପାଇ କଣ୍ଟାବାଞ୍ଜି ଏସ୍‌ଡିପିଓ ସରୋଜ ମହାପାତ୍ର ଓ ବଙ୍ଗୋମୁଣ୍ଡା ଥାନା ଆଇଆଇସି ପଞ୍ଚାନନ ନାଏକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀମାନେ କୂଅରୁ ଉଭୟଙ୍କ ମୃତଦେହ ଉଦ୍ଧାର କରିଥିଲେ। ପରେ ଦୁଇ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଣ୍ଟାବାଞ୍ଜି ମେଡିକାଲକୁ ପଠାଯାଇଛି। ଏହି ଦୁଃଖଦ ଘଟଣା ପରେ ମୃତ ଦମ୍ପତିଙ୍କ ୫ ପିଲା ବେସାହାରା ହୋଇପଡିଛନ୍ତି। ମୃତ ତ୍ରିଲୋଚନ ଓ ସୀମାଙ୍କ ୫ ସନ୍ତାନ ମଧ୍ୟରୁ ୧ ମାତ୍ର ଝିଅକୁ ବିବାହ କରିସାରିଛନ୍ତି। ଅନ୍ୟ ୪ ପିଲା ନାବାଳକ ଅଛନ୍ତି। ଏ ନେଇ ବଙ୍ଗୋମୁଣ୍ଡା ଥାନାରେ ଏକ ମାମଲା (ନଂ.୬୩/୨୦) ରୁଜୁ ହୋଇଛି।

ଇବ୍ ନଦୀରେ ଗାଧୋଇବାବେଳେ ବୁଡ଼ିଗଲେ ନାବାଳିକା

ସୁନ୍ଦରଗଡ, ୬।୬ (ଡି.ଏନ୍.ଏ.)

ସୁନ୍ଦରଗଡ ଇବ୍ ନଦୀରେ ଗାଧୋଇବାକୁ ଯାଇ ଶନିବାର ଜଣେ ନାବାଳିକାଙ୍କ ପାଣିରେ ବୁଡି ମୃତ୍ୟୁ ଘଟିଛି। ମୃତା ନାବାଳିକାଙ୍କ ନାମ ମାରିୟାମ କିଣ୍ଡୋ (୧୫)। ସେ ସ୍ଥାନୀୟ ମହେଶଡିହି ନୟାପଡାର ସମୀର କିଣ୍ଡୋଙ୍କ ଝିଅ। ରାଣୀବଗିଚା ସତନାଦରହ ଘାଟରେ ଗାଧୋଇବା ବେଳେ ଗୋଡଖସି ଯିବାରୁ ସେ ବୁଡି ଯାଇଥିଲେ। ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟାଉନ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

ପ୍ଲାଷ୍ଟିକ୍ ବ୍ୟବହାର କମାଇଛି ଭାରତୀୟ ରେଳପଥ

ଭୁବନେଶ୍ୱର,୬।୬(ବ୍ୟୁରୋ)

'ସ୍ୱଚ୍ଛ ଭାରତ, ସ୍ୱଚ୍ଛ ରେଳ' ଅଭିଯାନ

- ୨ ଲକ୍ଷ ୪୫ ହଜାରରୁ ଊର୍ଦ୍ଧ୍ୱ ଜୈବ ଶୌଚାଳୟ ସଂଯୋଗ
- ୨୦୦ ରେଳ ଷ୍ଟେଶନକୁ ଆଇଏସଓ-୧୪୦୦୧ ମାନ୍ୟତା

ଯାତ୍ରୀମାନଙ୍କୁ ସ୍ୱଚ୍ଛ ବାତାବରଣ ଓ ସୁଗମ ଯାତ୍ରା ସୁବିଧା ଦେବାଲାଗି ଭାରତୀୟ ରେଳ ପକ୍ଷରୁ 'ସ୍ୱଚ୍ଛ ଭାରତ, ସ୍ୱଚ୍ଛ ରେଳ' ଅଭିଯାନରେ ବିଭିନ୍ନ ପଦକ୍ଷେପ ନିଆଯାଇଛି। ବିଶେଷକରି ଷ୍ଟେଶନ ଏବଂ ଟ୍ରେନ୍‌ଗୁଡ଼ିକରେ ପ୍ଲାଷ୍ଟିକ୍ ବ୍ୟବହାର କମାଇବାକୁ ଗୁରୁତ୍ୱ ଦିଆଯାଇଛି। ରେଳ ମନ୍ତ୍ରଣାଳୟର ସୂଚନା ମୁତାବକ, ୨୦୧୯-୨୦ରେ ୧୪,୯୧୬ଟି ରେଳ ଡବାରେ ୪୯,୪୮୭ ଜୈବ ଶୌଚାଳୟ ସଂଯୁକ୍ତ କରାଯାଇଛି। ଶତ ପ୍ରତିଶତ ଶୌଚାଳୟ ସୁବିଧା ସହିତ ମୋଟ ୬୮,୮୦୦ କୋଚ୍‌ରେ ୨ ଲକ୍ଷ ୪୫ ହଜାରରୁ ଅଧିକ ଜୈବ ଶୌଚାଳୟ ଲଗାଯାଇଛି। ମହାତ୍ମା ଗାନ୍ଧୀଙ୍କ ୧୫

ସଂକ୍ଷେପରେ

କଟକ ସଦରରୁ ୩ ପଜିଟିଭ୍ ଚିହ୍ନଟ

କଟକ ସଦର,୬।୬(ଡି.ଏନ୍.ଏ.): କଟକ ସଦର ବ୍ଲକ ଅଞ୍ଚଳରୁ ୩ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଶନିବାର ସମସ୍ତ ପଜିଟିଭ୍‌ଙ୍କୁ ଚିକିତ୍ସା ଲାଗି କଟକ କୋଭିଡ୍ ହସ୍ପିଟାଲକୁ ପଠାଯାଇଛି। ସୂଚନା ଅନୁଯାୟୀ, ୨ଜଣ ମୁମ୍ବାଇରୁ ଫେରି ବରାଳ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅନ୍ୟ ଜଣେ ଚେନ୍ନାଇରୁ ଫେରି ଥୋରିଆପଡ଼ା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଥିଲେ। ଅଗ୍ନିଶମ ବିଭାଗ ପକ୍ଷରୁ ଉଭୟ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସାନିଟାଇଜ୍ କରାଯାଇଛି। ଏହି ବ୍ଲକ ଅଞ୍ଚଳରେ ମୋଟ୍ ୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି।

ଚୌଦ୍ୱାରରେ ପୁଣି ଜଣେ ପଜିଟିଭ

ଚୌଦ୍ୱାର,୬।୬(ଡି.ଏନ୍.ଏ.): ଚୌଦ୍ୱାର ପୌରପାଳିକାରେ ୨ୟ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଯାହାକୁ ନେଇ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ଗତ ୨୯ ତାରିଖରେ ଚୌଦ୍ୱାରରେ ପ୍ରଥମ କରୋନା ପଜିଟିଭ ଚିହ୍ନଟ ହୋଇଥିବାବେଳେ ଶନିବାର ହୋମ କ୍ୱାରାଣ୍ଟାଇନରେ ରହୁଥିବା ଜଣଙ୍କର ନମୁନା ପଜିଟିଭ ଆସିଥିବା ପୋରନିର୍ବାହୀ ଅଧିକାରୀ ପବିତ୍ର ବେହେରା ସୂଚନା ଦେଇଛନ୍ତି। ଉକ୍ତ ବ୍ୟକ୍ତି କିଛିଦିନ ପୂର୍ବେ ଦିଲ୍ଲୀରୁ ଫେରି ପ୍ରଥମ ୫ ଦିନ ଚୌଦ୍ୱାର କଲେଜସ୍ଥିତ ଛାତ୍ରୀନିବାସରେ ହୋଇଥିବା ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ। ପରେ ନିଜ ଘରେ ହୋମ କ୍ୱାରାଣ୍ଟାଇନରେ ରହୁଥିଲେ। ଗୁରୁବାର ୩୮ଜଣଙ୍କ ସ୍ୱାବ ପରୀକ୍ଷା ପାଇଁ ଯାଇଥିଲା। ମାତ୍ର ଏହାର ନମୁନା ପଜିଟିଭ ଆସିବା ପରେ ତାଙ୍କୁ କଟକ କୋଭିଡ ହସ୍ପିଟାଲକୁ ପଠାଯିବା ସହ ପ୍ରଶାସନିକ ତନାଘନା ଆରମ୍ଭ ହୋଇଛି। ଚିହ୍ନଟ ହୋଇଥିବା ବ୍ୟକ୍ତିଙ୍କ ସଂସ୍ପର୍ଶରେ ୮ଜଣ ଆସିଥିବାର ନିର୍ବାହୀ ଅଧିକାରୀ ବେହେରା କହିଛନ୍ତି।

ଯୁବକଙ୍କ ମୃତଦେହ ଉଦ୍ଧାର

ଖୋର୍ଦ୍ଧା ଅଫିସ,୬।୬ : ଖୋର୍ଦ୍ଧାରୋଡ ଓ ଅରୁଗୁଲ ଷ୍ଟେଶନ ମଝି ରେଲଧାରଣା ପାର୍ଶ୍ୱରୁ ଜିଆରପି ପୋଲିସ ଶନିବାର ଜଣେ ଯୁବକଙ୍କ ମୃତହେହ ଉଦ୍ଧାର କରିଛି। ତେବେ ଯୁବକଙ୍କ ପରିଚୟ ମିଳିପାରିନାହିଁ। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ମେଡିକାଲକୁ ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୮/୨୦) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଅପରାହ୍ନରେ ଜଣେ ଯୁବକଙ୍କ ମୃତଦେହ ରେଲଧାରଣା ପାର୍ଶ୍ୱରେ ପଡିଥିବା ଖବରପାଇ ଜିଆରପି ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଛି।

କାରାଗାରରେ ବ୍ରାଉନସୁଗାର କାରବାର

ଖୋର୍ଦ୍ଧା ଅଫିସ,୬।୬

ଖୋର୍ଦ୍ଧା ଉପକାରାଗାର ପାଲଟିଛି ବ୍ରାଉନସୁଗାରର ପେଣ୍ଠସ୍ଥଳୀ। ଜେଲ୍ ପରିସରରେ ଖୁଲମଖୁଲା ଚାଲିଛି ଏହି ନିଶା କାରବାର। କେଉଁଠି କି କେତେ ଯିବ, କିଏ କେତେ ପରିମାଣ ନେବ, ତାହାର ଡିଲ୍ ଚାଲିଛି। ଜେଲ ପରିସରରେ ବ୍ରାଉନସୁଗାର କାରବାର ଏବଂ ଜଣେ କଏଦୀଙ୍କ କଥପୋକଥନ ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଭାଇରାଲ ଭିଡିଓରେ ଜଣେ କଏଦୀ ହାଜତ ଭିତରେ ବସି ମୋବାଇଲ ଫୋନରେ କହୁଥିବା ଶୁଣାଯାଉଛି ଯେ, ଜେଲ୍ ଅଧୀକ୍ଷକ ଭଲ ଲୋକ। ତମେ ଜେଲ ଗେଟ ପାଖରେ ପହଞ୍ଚାଇ ଦିଅ। ଆପେ ଆମ ପାଖରେ ପହଞ୍ଚିଯିବ। ତପନ ବାବୁଙ୍କୁ କହିବ ମାଲ ଭଲ ଅଛି। ତାଙ୍କୁ ୩ହଜାର ଟଙ୍କା ଦେଇଦେବ। ଆଉ ୧୦ଗ୍ରାମ ଜେଲକୁ ପଠାଇ ଦେବେ। ଅନ୍ୟପଟେ ଜେଲ ହାଜତରେ ଦୁଇଜଣ ବସି ଏକ ଖବରକାଗଜ ଉପରେ ବ୍ରାଉନସୁଗାର ପୁଡ଼ିଆ ପ୍ରସ୍ତୁତ କରୁଥିବା ଦେଖିବାକୁ ମିଳିଛି। ଏ ନେଇ ଜେଲ ଅଧୀକ୍ଷକ କୃଷ୍ଣଚନ୍ଦ୍ର ରାଉତ କହିଛନ୍ତି, ଏହି ଭାଇରାଲ ଭିଡିଓ ସମ୍ପର୍କରେ ଗଣମାଧ୍ୟମରୁ ଜାଣିବାକୁ ପାଇଛି। ଏହି ଭିଡିଓ ଏବଂ ହାଜତରେ ରହିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରାଯିବା ପରେ ଥାନାରେ ଅଭିଯୋଗ କରିବେ ବୋଲି ସେ କହିଛନ୍ତି। ଅନ୍ୟପଟେ ଶନିବାର ଜେଲ୍ ପରିସରରେ ପୋଲିସ ଏବଂ ପ୍ରଶାସନ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଛି। ଉପଜିଲାପାଳ ଶାନ୍ତନୁ ମହାନ୍ତି, ଖୋର୍ଦ୍ଧା ଏସ୍‌ଡିପିଓ ସୁଶୀଲ ମିଶ୍ର, ଆଦର୍ଶ ଥାନା ଅଧିକାରୀ ଉମାଶଙ୍କର ସିଂଙ୍କ ସମେତ ୨ ପ୍ଲାଟୁନ ଫୋର୍ସ ସାମିଲ ହୋଇଥିଲେ। ଚଢ଼ାଉ ବେଳେ ବିପୁଳ ପରିମାଣର ମାଦକଦ୍ରବ୍ୟ ଜବତ ହୋଇଥିଲା।

ଜେଲ ଭିତରେ ବ୍ରାଉନସୁଗାର ପୁଡ଼ିଆ ପ୍ରସ୍ତୁତ କରାଯାଉଛି।

ମୋବାଇଲ ଫୋନ୍‌ରେ କଥା ହେଉଥିବା ଜଣେ କଏଦୀ।

- ପଦାକୁ ଆସିଲା ଖୋର୍ଦ୍ଧା ଉପକାରାଗାର ଗୁମର
- ନିଶା କାରବାରର ଭିଡିଓ ଭାଇରାଲ
- ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ଆରକ୍ଷୀ ଅଧୀକ୍ଷକ

ସୂଚନାଥାଉ କି, ଗତ କିଛିବର୍ଷ ହେବ ଖୋର୍ଦ୍ଧା ଓ ଏହାର ଉପକଣ୍ଠ ବ୍ରାଉନସୁଗାର ବ୍ୟବସାୟୀଙ୍କ ଚରାଭୂଇଁ ପାଲଟିଛି । ୨୦୧୯ ମେ' ୨୦ରୁ ଡିସେମ୍ବର ଶେଷ ସୁଦ୍ଧା ୧୮୬ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଥିବା ବେଳେ ୧୦ଜଣ ଗିରଫ ହୋଇଛନ୍ତି। ୨୦୨୦ ମେ' ୨୭ରେ କଟକ ଅବକାରୀ ଗୋଇନ୍ଦା ବିଭାଗ ଖୋର୍ଦ୍ଧା ଜଟଣୀ ବାଇପାସ୍ ରୋଡ୍‌ରୁ ୧୦୫ଗ୍ରାମ ବ୍ରାଉନସୁଗାର ଜବତ କରିଥିଲା। ଏଥିରେ ଏସ.କେ.ସରିଫଙ୍କୁ ଗିରଫ କରିଥିବା ବେଳେ ତାଙ୍କ ଠାରୁ ଏକ ବନ୍ଧୁକ ଜବତ ହୋଇଥିଲା ବୋଲି ଅବାକରୀ ଇନ୍ସପେକ୍ଟର ରଞ୍ଜନ କୁମାର ନାୟକ କହିଛନ୍ତି। ୨୦୧୮ ଜୁଲାଇ ୯ରେ ବ୍ରାଉନସୁଗାର କାରବାରର ମାଷ୍ଟର ମାଇଣ୍ଡ ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ଶୁଭ୍ରାଂଶୁ ରଞ୍ଜନ ପରିଡା ଓରଫ ଛୋଟା କୋର୍ଟରେ ଆତ୍ମସମର୍ପଣ କରି ଜେଲରେ ବିଚାରାଧୀନ କଏଦୀ ଭାବେ ରହିଛନ୍ତି।

ଏମାନେ କ'ଣ କୁହନ୍ତି

ଗଣମାଧ୍ୟମରୁ ଏହି ଘଟଣା ସମ୍ପର୍କରେ ଖବର ପାଇଛି। ଏ ସମ୍ପର୍କରେ ଜିଲାପାଳଙ୍କ ସହ ଆଲୋଚନା କରିଛି। ପୂର୍ବରୁ ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ଅଭିଯୁକ୍ତ ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ଜେଲ୍‌ରେ ଅଛନ୍ତି। ସମ୍ପୃକ୍ତ ଅଭିଯୁକ୍ତ ଏହି କାରବାରରେ ଲିପ୍ତ ରହିଥିବା ସନ୍ଦେହ କରାଯାଉଛି। ଘଟଣାର ତଦନ୍ତ କରାଯିବ। ପ୍ରମାଣିତ ହେଲେ ଦୃଢ଼ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ।

-ଅଜୟ ପ୍ରତାପ ସ୍ୱାଇଁ, ଜିଲା ଆରକ୍ଷୀ ଅଧୀକ୍ଷକ

ଘଟଣାର ତଦନ୍ତ କରାଯାଉଛି। ଏହି ଭିଡିଓ ଯଦି ଏବେକାର ହୋଇଥାଏ, ତା'ହେଲେ ସାଂଘାତିକ। ଏଭଳି କାର୍ଯ୍ୟକୁ ପ୍ରଶ୍ରୟ ଦେଉଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

-ସନ୍ତୋଷ ଉପାଧ୍ୟାୟ, ଜେଲ୍ ଡିଜି

ଜେଲ ଭିତରକୁ କୌଣସି ବସ୍ତୁ ଯିବା ପୂର୍ବରୁ ପ୍ରଥମେ ଯାଞ୍ଚ କରାଯାଇଥାଏ। ଏହା ପରେ ୩ଟି ଫାଟକ ଦେଇ ଭିତରକୁ ଯିବାକୁ ପଡିଥାଏ। ଜ୍ଞାତସାରରେ ମଧ୍ୟ କୌଣସି ସାମଗ୍ରୀ ଯାଇପାରିବ ନାହିଁ। ଏହା ନିହାତି ଜାଣିଶୁଣି ଜେଲ ପରିସରକୁ ଯିବାକୁ ଅନୁମତି ଦିଆଯାଇଛି। ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ଉଚିତ। ପୂର୍ବରୁ ମଧ୍ୟ ବରଗଡ, ଢେଙ୍କାନାଳ, ଚୌଦ୍ୱାର ଜେଲରେ ଏଭଳି ଘଟଣା ଘଟିଛି।

ଶକ୍ତିଶଙ୍କର ମିଶ୍ର, ଆଇନ୍‌ଜୀବୀ

ପୁରୀରେ ଶହେ ଛୁଇଁଲା କରୋନା ପଜିଟିଭ

ସୁସ୍ଥ ହେଲେଣି ୮୪, ଚିକିତ୍ସାଧୀନ ୧୬

ପୁରୀ ଅଫିସ,୬।୬

କରୋନା ସଂକ୍ରମିତଙ୍କ କ୍ଷେତ୍ରରେ ପୁରୀ ଜିଲା ଶହେ ଛୁଇଁଛି। ପୂର୍ବରୁ ଜିଲାର ୯୯ଜଣ ଏହି ମହାମାରୀ ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବାବେଳେ ଶନିବାର ଆଉ ଜଣେ ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାର ପଜିଟିଭଙ୍କ ସଂଖ୍ୟା ୧୦୦ରେ ପହଞ୍ଚିଛି। ଜିଲାର ପ୍ରଥମ ଆକ୍ରାନ୍ତ ଚିହ୍ନଟ ହେବାର ୬୩ଦିନରେ ଶହେ ଛୁଇଁଛି ପୁରୀ। ଏମାନଙ୍କ ମଧ୍ୟରୁ ୮୪ଜଣ ସୁସ୍ଥ ହୋଇଥିବାବେଳେ ୧୬ ଜଣ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ପୂର୍ବରୁ ୮୧ଜଣ ଆରୋଗ୍ୟ ଲାଭ କରିଥିବାବେଳେ ଶନିବାର ଜିଲାର ୩ଜଣ ସୁସ୍ଥ ହୋଇଛନ୍ତି । ପୂର୍ବରୁ ରାଜ୍ୟର ୮ଟି ଜିଲାର ପଜିଟିଭ ସଂଖ୍ୟା ଶହେ ପାର୍ କରିଥିବା ବେଳେ ଏବେ ନବମ ଜିଲା ଭାବେ ପୁରୀ ଶହେ ଛୁଇଁଛି। ତେବେ ଆରୋଗ୍ୟ କ୍ଷେତ୍ରରେ ସବୁଠୁ ଅଧିକ ସଂକ୍ରମିତ ୯ଟି ଜିଲା ମଧ୍ୟରେ ପୁରୀର ହାର ଭଲ ରହିଛି। ଅର୍ଥାତ୍ ୧୦୦ ସଂକ୍ରମିତଙ୍କ ମଧ୍ୟରୁ ମାତ୍ର ୧୬ଜଣ ଏବେ ଚିକିତ୍ସିତ ହେଉଛନ୍ତି।

ନିରାଶ୍ରୟଙ୍କ ସଂଖ୍ୟା ବଢ଼ାଉଛି ଚିନ୍ତା

କଟକ ଅଫିସ,୬।୬

ଏସ୍‌ସିବି ମେଡିକାଲ

- ସଂଖ୍ୟା ୨୦୦ ଟପିଲାଣି
- ସୁସ୍ଥ ନ ହେଲେ ବିକଳ୍ପ ଆଶ୍ରୟସ୍ଥଳୀ ପାଲଟୁଛି ହସ୍ପିଟାଲ

ସରକାରୀ ଚିକିତ୍ସାଳୟରେ ନିରାଶ୍ରୟ ଲୋକଙ୍କ ସଂଖ୍ୟା ଏବେ ଚିନ୍ତା ବଢ଼ାଇଛି। କଟକର ଏସ୍‌ସିବି, ଶିଶୁଭବନ ଓ ସିଟି ହସ୍ପିଟାଲରେ ଏହି ସ୍ଥିତି ଗମ୍ଭୀର। କେବଳ ଏସ୍‌ସିବିରେ ଏବେ ଏମାନଙ୍କ ସଂଖ୍ୟା ୨୦୦ ଟପିଲାଣି। ଅସ୍ଥିଶଲ୍ୟ ବିଭାଗରେ ୨୨ ଓ ସ୍ପାଇନାଲ ଇଞ୍ଜୁରି ବିଭାଗରେ ୧୫ରୁ ଅଧିକ ନିରାଶ୍ରୟ ଦେଢ଼ବର୍ଷରୁ ଅଧିକ ଦିନ ହେଲା ରହିଲେଣି। ସେହିପରି ସ୍ତ୍ରୀ ଓ ପ୍ରସୂତି, ଶିଶୁରୋଗ, ମାନସିକ ରୋଗ, ସ୍ନାୟୁ ଶଲ୍ୟ ବିଭାଗରେ ମଧ୍ୟ ଏମାନଙ୍କ ସଂଖ୍ୟା ଉଦ୍‌ବେଗଜନକ। ସୁସ୍ଥ ହେବାରେ ବିଳମ୍ବ ହେଲେ କିମ୍ବା ଭଲ ହେବାର ଆଶା କ୍ଷୀଣ ହେଲେ ତାଙ୍କୁ ହସ୍ପିଟାଲରେ ଛାଡ଼ିଦେଇ ପରିବାର ଓ ସମ୍ପର୍କୀୟମାନେ ପଳାଉଛନ୍ତି। ସେମାନେ ଭାବୁଛନ୍ତି ଯେ ହସ୍ପିଟାଲରେ ରହିବା ଓ ଖାଇବା ମାଗଣାରେ ମିଳୁଛି। ତେଣୁ ଛାଡ଼ିଦେଇ ଗଲେ କିଛି ଅସୁବିଧା ହେବ ନାହିଁ। ରୋଗୀଣା ଲୋକ ଘର ପାଇଁ ବୋଝ ଭାବି ତାଙ୍କୁ ଉଭୟ ଥିଲାବାଲା ଓ ନ ଥିଲାବାଲା ଲୋକେ ଡାକ୍ତରଖାନାରେ ଛାଡ଼ି ପଳାଉଛନ୍ତି। ଏହିପରି ଏବେ ହସ୍ପିଟାଲରେ ସବୁ ବୟସ ଓ ସବୁ ଲିଙ୍ଗର ନିରାଶ୍ରୟଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। କିନ୍ତୁ ସରକାରୀ ନିୟମ ଅନୁସାରେ କୌଣସି ରୋଗୀକୁ ୪୫ ଦିନରୁ ଅଧିକ ସମୟ ହସ୍ପିଟାଲରେ ରଖାଯାଇ ପାରିବ ନାହିଁ।

କେତେକ ଡାକ୍ତର କହିଛନ୍ତି, ସେମାନେ ୱାର୍ଡ ରାଉଣ୍ଡରେ ଯିବାବେଳେ ଯଦି କେଉଁ ରୋଗୀଙ୍କ ସମ୍ପର୍କୀୟଙ୍କ କିଛିଦିନ ଧରି ଦେଖା ନ ମିଳେ, ତେବେ ଚିନ୍ତା ବଢ଼ିଯାଏ। ରୋଗୀଙ୍କ ଦୁର୍ଦ୍ଦିନରେ ସେମାନଙ୍କୁ ନା ସେଠାରୁ ଘଉଡ଼ାଇ ହେଉଛି ନା ରଖି ହେଉଛି। ବାଧ୍ୟହୋଇ ସେମାନେ ଅଧୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏନେଇ ଏସ୍‌ସିବି ଅଧୀକ୍ଷକ କହିଛନ୍ତି, ହସ୍ପିଟାଲରେ ନିରାଶ୍ରୟ ରୋଗୀଙ୍କ ସଂଖ୍ୟା ଚିନ୍ତା ବଢ଼ାଇଲାଣି। ଏନେଇ ଜିଲାପାଳ ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଅବଗତ କରାଯାଇଛି। ଜିଲାପାଳ ଏନେଇ ଏକ ବୈଠକ ଡାକିବେ ଓ ତାହାର ନିଷ୍ପତ୍ତି ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

୨୭ ଶ୍ରମିକଙ୍କୁ ନେଇ ଭୟରେ ବାରଙ୍ଗବାସୀ

ବାରଙ୍ଗ/ନରାଜ,୬।୬(ଡି.ଏନ୍.ଏ.)

ବାହାର ରାଜ୍ୟରୁ ଶୁକ୍ରବାର ୨୭ଜଣ ଶ୍ରମିକ ଏକ ଠିକା କାର୍ଯ୍ୟରେ ବାରଙ୍ଗ ବ୍ଲକକୁ ଆସିଥିଲେ। ହେଲେ ଶ୍ରମିକମାନେ ଖୋଲାଖୋଲି ଭାବେ ବାହାରେ ବୁଲିବା ଦେଖି ଗୋଷ୍ଠୀ ସଂକ୍ରମଣକୁ ନେଇ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ଏ ନେଇ ଶନିବାର ବାରଙ୍ଗ ଆଞ୍ଚଳିକ ଶାନ୍ତି କମିଟିର କର୍ମକର୍ତ୍ତାମାନେ ଶ୍ରମିକମାନଙ୍କୁ ଭେଟିବା ସହ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ସୂଚନାଯୋଗ୍ୟ, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡରୁ ୨୭ଜଣ ଶ୍ରମିକ ଏକ ବସ ଯୋଗେ ଶୁକ୍ରବାର ଏହି ବ୍ଲକ ଅନ୍ତର୍ଗତ ବେଲଗଛିଆ ପଞ୍ଚାୟତର ନରଣପୁର ଗ୍ରାମ ପାଖରେ ନିର୍ମାଣାଧୀନ ଥିବା ଏକ ଆପାର୍ଟମେଣ୍ଟର କାମ କରିବାକୁ ଆସିଥିଲେ। ଏହି ଶ୍ରମିକମାନେ ଆଖପାଖ ଅଞ୍ଚଳରେ ନିର୍ଦ୍ୱନ୍ଦ୍ୱରେ ବୁଲାବୁଲି କରିବା ସହ ନିକଟସ୍ଥ କୁଆଖାଇକୁ ଶୌଚ ପାଇଁ ଯାଇଥିବାରୁ ସାଧାରଣଲୋକଙ୍କ ନଜରକୁ ଆସିଥିଲେ। ଫଳରେ ଶ୍ରମିକମାନେ ସ୍ଥାନୀୟ ଅଞ୍ଚଳର ହୋଇ ନ ଥିବାବେଳେ ଏକାଠି ହୋଇ ବୁଲିବା ଦେଖି ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଅନ୍ୟପକ୍ଷେ ଶ୍ରମିକମାନଙ୍କ ଆସିବା ନେଇ ବ୍ଲକ ଅଧିକାରୀଙ୍କ ପାଖରେ କୌଣସି ଖବର ନ ଥିଲା। ଖବରପାଇ ଶନିବାର ଶାନ୍ତି କମିଟି ସମ୍ପାଦକ ସୁରେଶ ମହାନ୍ତିଙ୍କ ନେତୃତ୍ୱରେ ଏକ ଦଳ ଶ୍ରମିକମାନଙ୍କ ପାଖକୁ ଯାଇ କଥା ହେବା ସହ ବିଡିଓଙ୍କୁ ଜଣାଇଥିଲେ। ପରେ ବେଲଗଛିଆ ପଞ୍ଚାୟତର ସମିତିସଭ୍ୟ ଭୂପତି ଭୂଷଣ ପାଣି ଶ୍ରମିକମାନଙ୍କ କଥା ବିଡିଓଙ୍କୁ ଜଣାଇଛନ୍ତି। ବିଡିଓ ପ୍ରଭାକର ପଣ୍ଡା କୁହନ୍ତି, ନ ଜଣାଇ ଶ୍ରମିକମାନେ ଆସିଛନ୍ତି। ଏବେ ସେମାନଙ୍କୁ ସ୍ଥାନୀୟ ସଙ୍ଗରୋଧ କେନ୍ଦ୍ରରେ ରଖାଯିବାର ବ୍ୟବସ୍ଥା କରାଯାଇଛି।

ପୁରୀ ସହରରେ ଲାଗୁ ହେଲାନି ଶଟ୍‌ଡାଉନ

ପୁରୀ ଅଫିସ,୬।୬

ବିଳମ୍ବ ସୂଚନାକୁ ନେଇ ଅସନ୍ତୋଷ

କରୋନା ସଂକ୍ରମଣକୁ ରୋକିବା ଲାଗି ରାଜ୍ୟ ସରକାର ଆସନ୍ତା ୩୦ତାରିଖ ପର୍ଯ୍ୟନ୍ତ ୧୧ଜିଲାରେ ପ୍ରତି ଶନିବାର ଏବଂ ରବିବାରକୁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଏହି ତାଲିକାରେ ପୁରୀ ଜିଲା ମଧ୍ୟ ରହିଛି। କିନ୍ତୁ ଶନିବାର ପୁରୀ ସହରରେ ଶଟ୍‌ଡାଉନ ଲାଗୁ କରାଯାଇ ନାହିଁ। କେବଳ ଏହି ଗୋଟିଏ ଦିନ ପାଇଁ ଜିଲା ପ୍ରଶାସନ ଏଭଳି ନିଷ୍ପତ୍ତି ନେଇଥିବା ସୂଚନା ଦେଇଛି।

ଶୁକ୍ରବାର ସ୍ନାନଯାତ୍ରା ପାଇଁ ବଡ଼ଦାଣ୍ଡର ମାର୍କେଟ ଛକଠାରୁ କାକୁଡ଼ିଖାଇଛକ ଏବଂ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଅଞ୍ଚଳରେ ୧୪୪ଧାରା ଜାରି କରାଯାଇଥିଲା। ୪ତାରିଖ ରାତି ୧୦ଟାରୁ ଜାରି ୧୪୪ ଧାରା ଶନିବାର ଭୋର ପର୍ଯ୍ୟନ୍ତ ବଳବତ୍ତର ରହିଥିଲା। ଏହି ଅଞ୍ଚଳରୁ ସହରବାସୀ ଘରୁ ବାହାରକୁ ବାହାରି ପାରି ନ ଥିଲେ। ତେଣୁ ଏଥିପାଇଁ ଶନିବାର ପୁରୀ ଟାଉନ୍‌ରେ ଶଟ୍‌ଡାଉନ ଲାଗୁ ହୋଇ ନାହିଁ। କିନ୍ତୁ ଗ୍ରାମାଞ୍ଚଳରେ ଶଟ୍‌ଡାଉନ ଶନିବାର ଏବଂ ରବିବାର ସରକାରଙ୍କ ଆଦେଶ ପ୍ରକାରେ ଲାଗୁ ରହିଛି। ପୁରୀ ପୌରାଞ୍ଚଳ ମଧ୍ୟରେ ଥିବା ସମସ୍ତ ଥାନାଧିକାରୀଙ୍କୁ ସହରରେ ଶଟ୍‌ଡାଉନ ନିୟମ ଲାଗୁ ନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କେବଳ ଶନିବାର ଅର୍ଥାତ୍ ଜୁନ୍ ୬ ତାରିଖ ପାଇଁ ଏହି ନିର୍ଦ୍ଦେଶ ରହିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

ତେବେ ପ୍ରଶାସନ ଏଭଳି ନିଷ୍ପତ୍ତିକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଯଦି ପ୍ରଶାସନ ଏଭଳି ନିଷ୍ପତ୍ତି ନେବାର ଥିଲା ତେବେ ଶୁକ୍ରବାର ସହରବାସୀଙ୍କୁ ଏନେଇ ଅବଗତ କରାଇବା କଥା। କିନ୍ତୁ ସେମିତି କିଛି କରାଯାଇ ନ ଥିଲା। ସକାଳ ପ୍ରାୟ ୮ଟା ପରେ ପ୍ରଶାସନ ଏଭଳି ନିଷ୍ପତ୍ତି ନେବା ସହ ସହରରେ ପ୍ରଚାର ଗାଡ଼ି ବୁଲାଇଥିଲା। ଏହାକୁ ନେଇ ଲୋକେ ବିଭିନ୍ନ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଆଗୁଆ ସୂଚନା ଦେଇଥିଲେ ବିଶେଷକରି ଦୋକାନୀମାନେ ସେମାନଙ୍କ ବ୍ୟବସାୟ ପ୍ରତିଷ୍ଠାନ ଖୋଲିପାରିଥାନ୍ତେ ବୋଲି କହିଛନ୍ତି। ପୂର୍ବାହ୍ନ ୧୦ଟା ପରେ ସହରରେ କାଁ ଭାଁ ଦୋକାନ ଖୋଲୁଥିବା ଦେଖିବାକୁ ମିଳିଥିଲା।

ଉଠିଲା ଦ୍ୱିତୀୟ ଭୂଇଁ

ପୁରୀ ଅଫିସ,୬।୬

ଜୁନ୍ ୨୩ରେ ରଥଯାତ୍ରା। ଏଥିପାଇଁ ରଥଖଳାରେ ଚାଲିଛି ତିନିରଥ ନିର୍ମାଣ। ତିନିରଥର ମୁଖ୍ୟ ମହାରଣା ସେବକଙ୍କ ତତ୍ତ୍ୱାବଧାନରେ କାମ ଜାରି ରହିଛି। ଶନିବାର ରଥଖଳାରେ ତୃତୀୟ ଭୂଇଁ କାମ ଶେଷ ହୋଇଛି। ଏତଦ୍‌ବ୍ୟତୀତ ତିନିରଥରେ ନଡ଼ିଆ ଗର (ଖଦିଓରା) ରଥଦଣ୍ଡା ସହ ୧୪ ନାହାକା ପାଇଁ ଫିଟିଙ୍ଗ କରାଯାଇଛି। ଦ୍ୱିତୀୟ ଭୂଇଁ ରଥ ଉପରକୁ ଉଠିଛି। ରୂପକାର ସେବକମାନେ ନାଟଗୋଡ଼ରେ ରାହୁ ରୂପ ଖୋଦେଇ କରୁଛନ୍ତି। ଏଥିସହ ଚାର ପରିଛା ଦେହରେ ଡାଲିଲତା ଖୋଦେଇ ଜାରି ରଖିଛନ୍ତି। ଦୋଳବେଦି ପରିସର ଅସ୍ଥାୟୀ ଶାଳରେ ଓଝା ସେବକମାନେ ଜୋକିଆ କଣ୍ଟା ତିଆରି କରୁଛନ୍ତି। ସକାଳେ ରଥଖଳାରେ କାମ ଆରମ୍ଭ ପୂର୍ବରୁ ରଥ ନିର୍ମାଣ ସମ୍ପୃକ୍ତ ସେବକମାନଙ୍କର ଥର୍ମାଲ ସ୍କ୍ରିନିଂ କରାଯାଇଥିଲା। ସମସ୍ତ ସେବକ ସୁସ୍ଥ ଥିବା ଜଣାପଡିଛି।

ଜନଶୂନ୍ୟ ଅଲାରନାଥ ପୀଠ

ବିନା ଭକ୍ତରେ ହେଲା ଅନବସର ନୀତି

ବ୍ରହ୍ମଗିରି,୬।୬(ଡି.ଏନ.ଏ)

କରୋନା କଟକଣା ଲାଗି ଶନିବାର ଜନଶୂନ୍ୟ ହୋଇପଡ଼ିଛି ବ୍ରହ୍ମଗିରିର ଅଲାରନାଥ ପୀଠ। ଦେଖାଯାଉନି ଆଉ ଭକ୍ତଙ୍କ ଗହଳି। ଯେଉଁଠି କାଳିଆ ସାଆନ୍ତ ଭାଇ ଭଉଣୀଙ୍କ ସହ ୧୦୮ ଗର

ସଂକ୍ଷେପରେ

ଜିଓରେ ୯୦୯୩.୬୦ କୋଟି ଟଙ୍କା ନିବେଶ କରିବ ମୁବାଦଲା

ମୁମ୍ବାଇ,୬।୬: ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଡିଜିଟାଲ ସେବା ପ୍ଲାଟ୍‌ଫର୍ମ ଜିଓରେ ଆବୁଧାବି ସ୍ଥିତ ପୁଞ୍ଜି ନିବେଶକାରୀ ସଂସ୍ଥା ମୁବାଦଲା ଇନଭେଷ୍ଟମେଣ୍ଟ କମ୍ପାନୀ ୯୦୯୩.୬୦ କୋଟି ଟଙ୍କା ପୁଞ୍ଜି ନିବେଶ କରିବ ବୋଲି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଏ ନେଇ ଶୁକ୍ରବାର ଘୋଷଣା କରିଛି। ବର୍ତ୍ତମାନ ଜିଓ ପ୍ଲାଟ୍‌ଫର୍ମସ୍‌ର ମୋଟ ଇକ୍ୱିଟି ମୂଲ୍ୟ ୪.୯୧ଲକ୍ଷ କୋଟି ଟଙ୍କା ଥିବା ବେଳେ ଏହାର ଏଣ୍ଟରପ୍ରାଇଜ ମୂଲ୍ୟ ୫.୧୬ଲକ୍ଷ କୋଟି ଟଙ୍କା ରହିଛି। ମୁବାଦଲାର ଏହି ନିବେଶ ଜିଓ ପ୍ଲାଟଫର୍ମରେ ୧.୮୫% ଅଂଶଧନରେ ରୂପାନ୍ତରିତ ହେବ । ଏହି ନିବେଶ ସହ ଗତ ୬ ସପ୍ତାହ ମଧ୍ୟରେ ଫେସ୍‌ବୁକ,ସିଲଭରଲେକ,ଭିଷ୍ଟା ଇକ୍ୱିଟି ପାର୍ଟନର୍ସ, ଜେନେରାଲ ଆଣ୍ଟାଲାଟିକ, କେକେଆର୍ ଭଳି କମ୍ପାନୀଠାରୁ ଜିଓ ୮୭,୬୫୫.୩୫ କୋଟି ଟଙ୍କାର ପୁଞ୍ଜି ହାସଲ କରିଛି । ସେହିପରି ସିଲଭର ଲେକ୍ ଏବଂ ଏହାର ସହନିବେଶକ ଜିଓରେ ଅତିରିକ୍ତ ୪୫୪୬.୮୦ କୋଟି ଟଙ୍କା ନିବେଶ କରିବେ ବୋଲି ଜଣାପଡିଛି।

ଏନ୍‌ଟିପିସି କଣିହାଁରେ ବିଶ୍ୱ ପରିବେଶ ଦିବସ ପାଳନ

ଭୁବନେଶ୍ୱର,୬।୬: ଏନ୍‌ଟିପିସି ତାଳଚେର କଣିହାଁଠାରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ପରିବେଶ ସୁରକ୍ଷା ଏବଂ ସଚେତନତାକୁ ଉତ୍ସାହିତ କରିବା ଲାଗି କମ୍ପାନୀ ପକ୍ଷରୁ ଏଭଳି ଏକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ଅବସରରେ କମ୍ପାନୀର ସିଜିଏମ୍ ସୁଦୀପ ନାଗ ପରିବେଶ ରକ୍ଷା ଦିଗରେ ନିରନ୍ତର ଉଦ୍ୟମ ଏବଂ ବ୍ୟକ୍ତି ଏଥିରେ ସାମିଲ ହେବାକୁ ଆହ୍ୱାନ ଜଣାଇଛନ୍ତି। ଅଣ ପାରମ୍ପରିକ ଶକ୍ତି ବ୍ୟବହାର କ୍ଷେତ୍ରରେ ଏନ୍‌ଟିପିସି ଗ୍ରହଣ କରୁଥିବା ପଦକ୍ଷେପ ଉପରେ ଏଥିରେ ସେ ସୂଚନା ଦେଇଛନ୍ତି। କର୍ମଚାରୀମାନେ ପରିବେଶ ସୁରକ୍ଷା ଲାଗି ଶପଥ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଜିଏମ୍ ଏନ୍.ଏସ୍.ରାଓ, ଜିଏସ୍ କେ.କେ. ଦାସ, ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, କର୍ମଚାରୀ ମାନେ ଉପସ୍ଥିତ ଥିଲେ।

୮.୫ ଟ୍ରିଲିୟନ ଡଲାର କ୍ଷତି ସହିବ ବିଶ୍ୱ

କରୋନା ପ୍ରଭାବ

ନୂଆଦିଲ୍ଲୀ,୬।୬

ନୂଆଦିଲ୍ଲୀ,୬।୬: କରୋନା ମହାମାରୀ ଲାଗି ସାରା ବିଶ୍ୱର ଅର୍ଥ ବ୍ୟବସ୍ଥା ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଛି। ଆଗାମୀ ୨ ବର୍ଷରେ ବିଶ୍ୱ ଅର୍ଥ ବ୍ୟବସ୍ଥା ପ୍ରାୟ ୮.୫ ଟ୍ରିଲିୟନ ଡଲାର କ୍ଷତି ସହିବ ବୋଲି ଜାତିସଂଘର ଅର୍ଥନୈତିକ ଏବଂ ସାମାଜିକ ବ୍ୟାପାର ବିଭାଗ ରିପୋର୍ଟ ପ୍ରକାଶ କରିଛି। କୋଭିଡ୍-୧୯ ଯୋଗୁ ୩୪ ନିୟୁତ ଲୋକ ଉତ୍କଟ ଦାରିଦ୍ର୍ୟକୁ ଠେଲି ହୋଇଯିବେ। ବର୍ତ୍ତମାନ କରୋନାରେ ୬.୬ ନିୟୁତ ଲୋକ ଆକ୍ରାନ୍ତ ହୋଇଛନ୍ତି। ୩.୯ ଲକ୍ଷ ଲୋକଙ୍କ ଜୀବନ ଏହାଦ୍ୱାରା ଚାଲିଯାଇଛି। ସମସ୍ୟାରୁ ବାହାରକୁ ବାହାରିବା ଲାଗି ଅର୍ଥ ବ୍ୟବସ୍ଥାଗୁଡିକ ଉଦ୍ୟମ ଜାରି ରଖିଛନ୍ତି। କେଉଁ କ୍ଷେତ୍ରକୁ କ୍ଷତି କ'ଣ ରହିଛି ସେ ଉପରେ ନଜର ପକାଇଲେ...

ତୈଳ କ୍ଷେତ୍ର

କରୋନା ଯୋଗୁ ବିଶ୍ୱର ଦୁଇ ତୃତୀୟାଂଶ ସ୍ଥାନ ତାଲାବନ୍ଦ ହୋଇଗଲା। ସବୁ କାମ ଠପ୍ ହୋଇଯିବା ଯୋଗୁ ତେଲ ଚାହିଦା ଉପରେ ଏହାର ପ୍ରଭାବ ପଡିଛି। ଅଶୋଧିତ ତେଲ ଉତ୍ପାଦନ ଦୈନିକ ଉତ୍ପାଦନ ୩୦ ନିୟୁତ ବ୍ୟାରେଲ ହ୍ରାସ ଘଟିଛି। ଏପ୍ରିଲ ୨୦୨୦ରେ ଆମେରିକାର ଅଶୋଧିତ ତେଲ ଦର ଐତିହାସିକ ନିମ୍ନ ସ୍ତରକୁ ଖସିଛି। ଏହି ସମୟରେ ବ୍ୟାରେଲ ପିଛା ଦର ରଣାତ୍ମକ ୩୭ ଡଲାରକୁ ଖସିଥିଲା। ଲକ୍‌ଡାଉନ ଉଠିବା ପରେ ଏହି ସ୍ଥିତିରେ ଉନ୍ନତି ପରିଲକ୍ଷିତ ହୋଇଛି। ମାତ୍ର ବର୍ତ୍ତମାନ ସୁଦ୍ଧା ଚାହିଦା ପୂର୍ବ ସ୍ଥିତିକୁ ଫେରିନାହିଁ। ଚଳିତ ବର୍ଷ ଶେଷ ସୁଦ୍ଧା ତେଲ ଦର ବ୍ୟାରେଲ ପିଛା ୪୦ ଡଲାର ଛୁଇଁପାରେ। ଲକ୍‌ଡାଉନ ନ ବଢିଲେ ସ୍ଥିତିରେ ଉନ୍ନତି ଆସିବ।

ଅଟୋମୋବାଇଲ

କରୋନା ମହାମାରୀ ବିଶ୍ୱର ଅଟୋମୋବାଇଲ ବଜାରକୁ ପୂରା କ୍ଷତିଗ୍ରସ୍ତ କରିଛି। ପୂର୍ବରୁ ଏଭଳି କେବେ ଦେଖାଯାଇ ନ ଥିଲା। ୨୦୨୦ରେ ସାରା ବିଶ୍ୱର ଅଟୋମୋବାଇଲ ବଜାରର ବିକ୍ରି ୨୦% ଖସିବ। ଭାରତରେ ମଧ୍ୟ କମ୍ପାନୀଗୁଡିକ ଗତ ୨ ମାସ ହେବ ପୂରା କ୍ଷତି ସହି ଆସୁଛନ୍ତି। ମାନୁଫାକଚରିଂ ୟୁନିଟକୁ ପୂରା କ୍ଷମତାରେ ଚଳାଇବା ଲାଗି ସମୟ ଲାଗିବ।

ବିମାନ ଚଳାଚଳ

କରୋନା ନ ବ୍ୟାପିବା ଲାଗି ବିମାନ ଚଳାଚଳ ଉପରେ କଟକଣା ଲଗାଯାଇଥିଲା। ଏପ୍ରିଲ ମାସରେ ପାସେଞ୍ଜର ଟ୍ରାଫିକ ୯୪% ଖସିଛି। ବିଭିନ୍ନ ରିହାତି ପ୍ୟାକେଜ ଦେବା ଲାଗି ସାରା ବିଶ୍ୱରେ ବିମାନ କମ୍ପାନୀଗୁଡିକ ଦାବି ଉଠାଉଛନ୍ତି। ପ୍ରମୁଖ ବିମାନ ପ୍ରସ୍ତୁତକାରୀ କମ୍ପାନୀ ବୋଇଂ, ଏୟାରବସ୍ ଭଳି କମ୍ପାନୀଗୁଡିକର ଚାପ ଏବେ ବଢ଼ିଯାଇଛି। ଯଦି କୌଣସି ସରକାରୀ ସହାୟତା ନ ମିଳେ ତେବେ ସମସ୍ୟା ବଢ଼ିଯିବ ବୋଲି କମ୍ପାନୀଗୁଡିକ କହିଛନ୍ତି। ବିଭିନ୍ନ ଦେଶରେ ଘରୋଇ ଉଡାଣକୁ ବର୍ତ୍ତମାନ ଅନୁମତି ମିଳିଛି। ଜୁନ୍ ମଧ୍ୟଭାଗ କିମ୍ବା ଆଗକୁ ଆଉ କିଛିଦିନ ପରେ ଅନ୍ତର୍ଜାତୀୟ ଉଡ଼ାଣକୁ ଅନୁମତି ମିଳିପାରେ। ମାତ୍ର ଲୋକଙ୍କ ମନରେ ଭୟ ରହିଥିବାରୁ ଏହି କ୍ଷେତ୍ରରେ ଚାପରେ ରହିବ ବୋଲି ଜଣାପଡିଛି।

ପର୍ଯ୍ୟଟନ

ଚଳିତ ବର୍ଷ ଅନ୍ତର୍ଜାତୀୟ ପର୍ଯ୍ୟଟନ କାର୍ଯ୍ୟକଳାପ ୬୦ରୁ ୮୦% ହ୍ରାସ ହେବ। ଏହି କ୍ଷେତ୍ରକୁ ୧ ଲକ୍ଷ କୋଟି ଡଲାର କ୍ଷତି ସହିବାକୁ ପଡିବ ବୋଲି ଆକଳନ କରାଯାଇଛି। ପର୍ଯ୍ୟଟନ ଶିଳ୍ପ ଉପରେ ନିର୍ଭର କରୁଥିବା ଦେଶଗୁଡିକ ଏହାଦ୍ୱାରା ଗଭୀର କ୍ଷତି ସହିଛନ୍ତି। ଏହି ସ୍ଥିତି ଶୀଘ୍ର ଠିକ୍ ହେବ ବୋଲି କହିହେବ ନାହିଁ। ଏହି କ୍ଷେତ୍ରରେ ୧୦୦ ନିୟୁତ ନିଯୁକ୍ତି ଉପରେ ବର୍ତ୍ତମାନ କଳାବାଦଲ ରହିଛି।

ବିଳାସପୂର୍ଣ୍ଣ ସାମଗ୍ରୀ

ଗତ ୨ମାସରେ ବିଳାସପୂର୍ଣ୍ଣ ସାମଗ୍ରୀ ବିକ୍ରି ୮୦% ଖସିଛି। ଇ-କମର୍ସ ପ୍ଲାଟ୍‌ଫର୍ମଗୁଡିକ ଅତ୍ୟାବଶ୍ୟକ ସାମଗ୍ରୀକୁ ଛାଡ଼ିଦେଲେ ଅନ୍ୟ ସାମଗ୍ରୀ ପହଞ୍ଚାଇବାକୁ ସକ୍ଷମ ହୋଇ ନ ଥିବାରୁ ବିଭିନ୍ନ ସମସ୍ୟା ଉପୁଜିଛି। ବିଶ୍ୱର ୪୦% ଲକ୍‌ଜରି ଗୁଡ୍‌ସ ପ୍ରାୟ ଇଟାଲୀରେ ପ୍ରସ୍ତୁତ ହୋଇଥାଏ। ବର୍ତ୍ତମାନ ଏହି ଦେଶର କରୋନା ଦ୍ୱାରା କ୍ଷତିଗ୍ରସ୍ତ ହୋଇଛି। ଫ୍ୟାଶନ ବ୍ରାଣ୍ଡଗୁଡିକ ସେମାନଙ୍କ ମାନୁଫାକଚରିଂ କାର୍ଯ୍ୟକଳାପ ଠିକ୍ କରିପାରି ନାହାନ୍ତି। ବିଭିନ୍ନ ଦେଶରେ ଆର୍ଥିକ କାର୍ଯ୍ୟକଳାପ ଟ୍ରାକ୍‌କୁ ଫେରୁଥିବା ବେଳେ ସ୍ଥିତି କେବେ ସମ୍ପୂର୍ଣ୍ଣ ସୁଧୁରିବ ସେ ନେଇ କହିହେବ ନାହିଁ ବୋଲି ବିଶେଷଜ୍ଞ କହିଛନ୍ତି।

୧୩ ହଜାର ମୋବାଇଲ ପାଇଁ ସମାନ ଆଇଏମ୍‌ଇଆଇ ନମ୍ବର

ନୂଆଦିଲ୍ଲୀ,୬।୬

ଦେଶରେ ସାଇବର ଠକେଇ ଘଟଣା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଏହାକୁ ନେଇ ଚିନ୍ତା ପ୍ରକଟ ହେଉଛି। ଏହି ସମୟରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି । ଦେଶ ମଧ୍ୟରେ ସମାନ ଆଇଏମ୍‌ଇଆଇ ନମ୍ବରରେ ୧୩ ହଜାରରୁ ଊର୍ଦ୍ଧ୍ୱ ମୋବାଇଲ ଫୋନ ଚାଲୁଥିବା ଉତ୍ତର ପ୍ରଦେଶ ପୋଲିସର ଏକ ତଦନ୍ତରୁ ଜାଣିପାରିଛି। ମୋବାଇଲ ଚୋରି ଘଟଣାକୁ ନେଇ ଉତ୍ତର ପ୍ରଦେଶର ମିରଟ ପୋଲିସ ଏକ ମୋବାଇଲ ଉତ୍ପାଦନକାରୀ କମ୍ପାନୀ ଓ ତା'ର ସର୍ଭିସ ସେଣ୍ଟର ନାଁରେ ମାମଲା ରୁଜୁ କରିଥିଲା। ଏହି ଘଟଣାଟିକୁ ପୋଲିସ ଯେତେ ହାଲୁକା ଭାବୁଥିଲା ତାହା ସେତେ ସହଜ ନଥିଲା। ଉକ୍ତ ମୋବାଇଲ ଫୋନକୁ ସାଇବର କ୍ରାଇମ ସେଲ୍ ପକ୍ଷରୁ ପରୀକ୍ଷା ସ୍ୱରୂପ ଉକ୍ତ ମୋବାଇଲର ଆଇଏମ୍‌ଇଆଇ ନମ୍ବରକୁ ଟ୍ରାକ କରିଥିଲା। ପ୍ରାଥମିକ ପର୍ଯ୍ୟାୟରେ ପୋଲିସ ସେପରି କିଛି ତଥ୍ୟ ହାସଲ କରିପାରିନଥିଲା। ସେହିପରି ସମାନ ସମସ୍ୟା ଥିବା ବିଭାଗୀୟ କର୍ମଚାରୀଙ୍କ ଏକ ନିର୍ଦ୍ଦିଷ୍ଟ ନମ୍ବରକୁ ଟ୍ରାକିଂରେ ପକାଇଲା ବେଳେ ପୋଲିସ ଚକିତ ହୋଇଯାଇଥିଲା। ଉକ୍ତ ମୋବାଇଲ ଟ୍ରାକିଂରୁ ଜଣାପଡିଲା ଯେ, ଦେଶର ବିଭିନ୍ନ ପ୍ରାନ୍ତର ୧୩ ଶହରୁ ଊର୍ଦ୍ଧ୍ୱ ମୋବାଇଲ ଫୋନ ସମାନ ଆଇଏମ୍‌ଇଆଇ ନମ୍ବରରେ ସେବା ଯୋଗାଉଥିବା ବିଷୟରେ ମିରଟ ସିଟି ଏସ୍‌ପି ଅଖିଳେଶ ଏନ. ସିଂ ସ୍ପଷ୍ଟ କରିଛନ୍ତି। ବିଭିନ୍ନ ମୋବାଇଲ ଉତ୍ପାଦନକାରୀ କମ୍ପାନୀଙ୍କ ଖାମଖିଆଲ କାର୍ଯ୍ୟ ପାଇଁ ଏଭଳି ତ୍ରୁଟି ଦେଖାଯାଇଛି। ଯାହା ଫଳରେ ବିଭିନ୍ନ ଅପରାଧୀମାନେ ଏହାର ଫାଇଦା ଉଠାଉଛନ୍ତି। ଏହି ସବୁ କାରଣରୁ ଅପରାଧୀଙ୍କ ପାଖରେ ପୋଲିସ ପହଞ୍ଚିପାରୁନାହିଁ। ଚୋର ହୋଇଥିବା ମୋବାଇଲ ଫୋନ ଓ ଠକେଇରେ ସମ୍ପୃକ୍ତ ମୋବାଇଲ କମ୍ପାନୀ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସରକାରଙ୍କୁ ଅବଗତ କରାଯାଇଥିବା ସୂଚନା ମିଳିଛି।

୨୨% ଗାର୍ମେଣ୍ଟ ୟୁନିଟ୍ ଖୋଲିଛି

ନୂଆଦିଲ୍ଲୀ,୬।୬

କରୋନା ସଂକ୍ରମଣ ଜନିତ ସମସ୍ୟାରୁ ଦେଶବାସୀଙ୍କୁ ସୁରକ୍ଷା ଦେବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ଲକ୍‌ଡାଉନ ଜାରି କରିବା ସହ ପର୍ଯ୍ୟାୟକ୍ରମେ ଏହାକୁ ବୃଦ୍ଧି କରିଥିଲେ। ଏହି କଟକଣା କାରଣରୁ ଦେଶରେ ସବୁ କିଛି ବନ୍ଦ ରହିଥିଲା। ସରକାରଙ୍କ କଟକଣା ସହ କୋଭିଡ୍-୧୯ ଗାଇଡ୍‌ଲାଇନ ଅନୁସାରେ ଗାର୍ମେଣ୍ଟ ୟୁନିଟ ଗୁଡିକ ଖୋଲିଛି। ମେ'ଶେଷ ସୁଦ୍ଧା ଦେଶର ପୋଷାକ ଶିଳ୍ପ ୨୨% ୟୁନିଟ ଉତ୍ପାଦନ ଆରମ୍ଭ କରିଛନ୍ତି। ପ୍ରତି ୟୁନିଟ ପ୍ରାୟତଃ ୨୫% କ୍ଷମତା ସହ କାର୍ଯ୍ୟ କରୁଛି। ବିଭିନ୍ନ ୟୁନିଟ କୋଭିଡ୍-୧୯ ସାମଗ୍ରୀ ଯଥା ମାସ୍କ,ଗ୍ଲୋବ୍ସ,ପିପିଇ କିଟ୍ ଆଦି ଉତ୍ପାଦନ କରୁଥିବା ଗାର୍ମେଣ୍ଟ କମ୍ପାନୀ କହିଛନ୍ତି। ସରକାରଙ୍କ କରୋନା କଟକଣା କୋହଳ ପରେ ଉତ୍ପାଦନ କ୍ଷେତ୍ର ଖୋଲିବା ଆରମ୍ଭ କରିଛନ୍ତି। ଫଳରେ ପୋଷାକ ଶିଳ୍ପ ପ୍ରତି ଦେଖାଦେଇ ଥିବା ଦୁଶ୍ଚିନ୍ତା ଧୀରେ ଧୀରେ ଅନ୍ତ ହେଉଛି। ଏହା ସହ ଅର୍ଥନୀତି'ର ଅଭିବୃଦ୍ଧି ମଧ୍ୟ ଧିରେ ଧିରେ ବୃଦ୍ଧି ପାଉଛି ବୋଲି କ୍ଲୁଥ୍ରେଜ୍ ମାନୁଫ୍ୟାକ୍‌ଚରିଂ ଆସୋସିଏଶନ ଅଫ ଇଣ୍ଡିଆ ମତ ପ୍ରକାଶ କରିଛି ।

ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟର ସଫଳତା

କଥନକୁଲାଥର,୬।୬

ଏସ୍‌ଆର୍‌ଏମ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ନେଚର ଇଣ୍ଡେକ୍ସ ୨୦୨୦ରେ ଦେଶର ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ ୨୧ ର୍ୟାଙ୍କ ହାସଲ କରିଛି। ୪ଟି ବିଷୟରେ ବିଶ୍ୱବିଦ୍ୟାଳୟ ଭଲ ସ୍ଥିତିରେ ରହିଛି। ରସାୟନ ବିଜ୍ଞାନ ବିଷୟରେ ୧୯ତମ ର୍ୟାଙ୍କ ଏବଂ ଫିଜିକାଲ ସାଇନ୍ସରେ ଏହା ୨୮ତମ ସ୍ଥାନରେ ରହିଛି। ନେଚର ଏବଂ ସାଇନ୍ସ ଜେନେରାଲ ଗ୍ରୁପ୍ ମଧ୍ୟରେ ବିଶ୍ୱବିଦ୍ୟାଳୟକୁ ୫ମ ସ୍ଥାନ ମିଳିଛି। ନେଚର ପକ୍ଷରୁ ପ୍ରକାଶିତ ଏଭଳି ସୂଚୀରେ ସଂସ୍ଥାଗତ ଏବଂ ରାଷ୍ଟ୍ରୀୟ ସ୍ତରରେ ପ୍ରକାଶିତ ଗବେଷଣା ନିବନ୍ଧ ଉପରେ ବିସ୍ତୃତ ବିବରଣୀ ଜଣାପଡ଼ିଥାଏ। ବିଶ୍ୱସ୍ତରରେ ରିସର୍ଚ୍ଚର ଗୁଣବତ୍ତା ସମ୍ପର୍କରେ ଜାଣିବାରେ ଏହା ସହାୟକ ହୋଇଥାଏ।

ହଜାରେ କର୍ମଚାରୀଙ୍କୁ ଛଟେଇ କରିଛି ବେଣ୍ଟଲି

ଲଣ୍ଡନ,୬।୬

ବିଶ୍ୱରେ କାୟା ମେଲାଇଥିବା କରୋନା ସଂକ୍ରମଣର ବିଭିନ୍ନ ସମସ୍ୟା କାରଣରୁ ଇଂଲଣ୍ଡର ବିଳାସପୂର୍ଣ୍ଣ କାର ନିର୍ମାତା କମ୍ପାନୀ ବେଣ୍ଟଲି ତା'ର ହଜାରେରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ଛଟେଇ କରିଛି। ଶୁକ୍ରବାର ଏ ସମ୍ପର୍କରେ ଏକ ରିପୋର୍ଟ ବିବିସିରେ ପ୍ରକାଶ ପାଇଛି । ଏହି ଛଟେଇ ଫକ୍ସୱାଗନ୍ସ ବ୍ରାଣ୍ଡର ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସେହିଭଳି ଅନ୍ୟ କର୍ମଚାରୀମାନଙ୍କୁ ମଧ୍ୟ ସ୍ୱେଚ୍ଛାକୃତ ଅବସର ପାଇଁ ମଧ୍ୟ କୁହାଯାଇଥିବା ସୂଚନା ମିଳିଛି । ୧୯୧୯ରେ ୟୁ.କେ'ର ପ୍ରତିଷ୍ଠିତ ଏହି ବିଳାସପୂର୍ଣ୍ଣ କାର ନିର୍ମାତା ବେଣ୍ଟଲିର ନର୍ଥନ ଇଙ୍ଗ୍ଲିସ୍ କ୍ରିଉ ଫ୍ୟାକ୍ଟ୍ରିରୁ ବିଭିନ୍ନ ମଡେଲର ବିଳାସପୂର୍ଣ୍ଣ କାର ଉତ୍ପାଦନ କରିଥାଏ । କୋଭିଡ୍-୧୯ କାରଣରୁ ଲଣ୍ଡନରେ ଜାରି ରହିଥିବା ରହିଥିବା ଶଟ୍‌ଡାଉନ ପାଇଁ କମ୍ପାନୀ ବିଭିନ୍ନ ସମସ୍ୟା ଓ ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଛି। ଫଳରେ କମ୍ପାନୀ ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିବା ଖବର ମିଳିଛି । ସେହିଭଳି ଅନ୍ୟତମ ବିଳାସପୂର୍ଣ୍ଣ ସ୍ପୋର୍ଟକାର ଅଷ୍ଟନ୍ ମାର୍ଟିନୀ ୫ଶହରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ଛଟେଇ ପାଇଁ ଚିନ୍ତା କରୁଥିବା ଏହି ରିପୋର୍ଟରେ ପ୍ରକାଶ ପାଇଛି।

ମିଠା ଦୋକାନ କର୍ମଚାରୀଙ୍କୁ କରୋନା

ଭୁବନେଶ୍ୱରରୁ ୫ ନୂଆ ଆକ୍ରାନ୍ତ ଚିହ୍ନଟ

- ସିଲ୍ ହେଲା ନାକା ଗେଟ୍ ବେଙ୍ଗଲି ଗାଙ୍ଗୁରାମ୍ ସୁଇଟ୍ସ
- ୪ କର୍ମଚାରୀଙ୍କୁ ହୋମ୍ କ୍ୱାରାଣ୍ଟାଇନ୍ ପଠାଇଲା ଯାଞ୍ଚ ଦଳ
- ଗଜପତି ନଗରରୁ ଜଣେ ସ୍ଥାନୀୟ ସଂକ୍ରମିତ

ଭୁବନେଶ୍ୱର, ୬।୬(ବ୍ୟୁରୋ)

ରାଜଧାନୀରେ ପୁଣି ଦେଖାଦେଲାଣି କରୋନା ଆତଙ୍କ। ଲଗାତର କିଛିଦିନ ହେବ ସହରରୁ କୋଭିଡ୍-୧୯ ପଜିଟିଭ୍ ବାହାରିବା ପରେ ଚିନ୍ତା ବଢ଼ିଛି। ବିଶେଷକରି ସାଲିଆସାହି ବସ୍ତିରୁ ଜଣେ ପ୍ରସୂତୀଙ୍କଠାରେ କରୋନା ଭୂତାଣୁ ବାହାରିଥିବାବେଳେ ଶନିବାର ଘାଟିକିଆ ଅଞ୍ଚଳରୁ ଚିହ୍ନଟ ଆକ୍ରାନ୍ତଙ୍କୁ ନେଇ ଭାଳେଣି ପଡିଛି। ଏହି ନୂଆ ଆକ୍ରାନ୍ତ ଜଣକ ପଶ୍ଚିମବଙ୍ଗର ଦୀଘା ଅଞ୍ଚଳର ଓ ସେ ନାକା ଗେଟ୍‌ସ୍ଥିତ ଏକ ମିଠା ଓ ଜଳଖିଆ ଦୋକାନର କର୍ମଚାରୀ ବୋଲି ଜଣାପଡିଛି। ଏହା ଜଣାପଡିବା ପରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ମିଳିତ ଟିମ୍ ଉକ୍ତ ଦୋକାନକୁ ସିଲ୍ କରିବା ସହ ମାଲିକ ଓ ଅନ୍ୟ ୪ କର୍ମଚାରୀଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଆକ୍ରାନ୍ତଙ୍କୁ ସମ୍ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ଗତ କିଛିଦିନ ତଳେ ବ୍ୟକ୍ତିଜଣକ କୋଲକାତାରୁ ଆସି ନାକାଗେଟ୍‌ସ୍ଥିତ ବେଙ୍ଗଲି ଗାଙ୍ଗୁରାମ ସୁଇଟ୍ସ ଆଣ୍ଡ ଟିଫିନ୍ ଦୋକାନରେ କାର୍ଯ୍ୟ କରୁଥିଲେ। ଗସ୍ତ ବିବରଣୀ ଥିବାରୁ ତାଙ୍କ ନମୁନା ପରୀକ୍ଷଣ କରାଯିବା ସହ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ କୁହାଯାଇଥିଲା। ଏବେ ରିପୋର୍ଟ ପଜିଟିଭ୍ ଆସିଛି। ତେବେ ପରବର୍ତ୍ତୀ ନିର୍ଦ୍ଦେଶ ନ ମିଳିବା ଯାଏ ଉକ୍ତ ଦୋକାନ ଖୋଲାଯିବ ନାହିଁ ବୋଲି ବିଏମ୍‌ସି ନିର୍ଦ୍ଦେଶ ଦେଇଛି। ତେବେ ଲକ୍‌ଡାଉନ୍ କୋହଳ ହେବା ପରେ ସେହି ଗାଙ୍ଗୁରାମରେ ପ୍ରତିଦିନ ବହୁ ଲୋକ ଜଳଖିଆ ପାର୍ସଲ ନେଇଥାନ୍ତି। ବିଶେଷକରି ଅଧିକାଂଶ ସ୍ଥାନୀୟ ଘାଟିକିଆ ଅଞ୍ଚଳର ହୋଇଥିବାରୁ ସେମାନଙ୍କ ମନରେ ଆତଙ୍କ ଖେଳିଯାଇଛି।

ସୂଚନାଯୋଗ୍ୟ, ଗତ ୨୪ ଘଣ୍ଟାରେ ରାଜ୍ୟରୁ ରେକର୍ଡ ସଂଖ୍ୟକ ପଜିଟିଭ୍ କେସ୍ ଆସିଛି। ଗୋଟିଏ ଦିନରେ ୧୭୩ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ କେବଳ ବିଏମ୍‌ସି ଅଞ୍ଚଳରୁ ୫ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ହୋମ୍‌କ୍ୱାରାଣ୍ଟାଇନ୍‌ରେ ଥିବା ୪ଜଣଙ୍କ ମଧ୍ୟରୁ ଜଣେ ହେଉଛନ୍ତି ଉକ୍ତ ଗାଙ୍ଗୁରାମର କର୍ମଚାରୀ। ଅନ୍ୟଜଣେ ହେଉଛନ୍ତି ଗଜପତି ନଗରର ସ୍ଥାନୀୟ ସଂକ୍ରମିତ ବୋଲି ବିଏମ୍‌ସି ପକ୍ଷରୁ ଟୁଇଟ୍ ଯୋଗେ ସୂଚନା ଦିଆଯାଇଛି। ତେବେ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହି ପଜିଟିଭ୍ ଚିହ୍ନଟ ହୋଇଥିବା ଅନ୍ୟ ଆକ୍ରାନ୍ତଙ୍କ ମଧ୍ୟରେ ଡୁମ୍‌ଡୁମାରୁ ଜଣେ ରହିଛନ୍ତି। ତାଙ୍କର ଗସ୍ତ ବିବରଣୀ ପଶ୍ଚିମବଙ୍ଗ ରହିଛି। ସେହିପରି ପୁରୁଣା ଭୁବନେଶ୍ୱରରୁ ଚିହ୍ନଟ ଆକ୍ରାନ୍ତଙ୍କ ଗସ୍ତ ବିବରଣୀ ଗୁଜରାଟ ଓ ପୋଖରୀପୁଟ୍‌ରୁ ଚିହ୍ନଟ ଆକ୍ରାନ୍ତଙ୍କ ପରିବାର ସଦସ୍ୟଙ୍କ ଦିଲ୍ଲୀ ଗସ୍ତ ରହିଛି। ଚିହ୍ନଟ ଆକ୍ରାନ୍ତଙ୍କ ସଂସ୍ପର୍ଶରେ କେଉଁମାନେ ଆସିଛନ୍ତି ସେନେଇ ବର୍ତ୍ତମାନ ବିଏମ୍‌ସି ପକ୍ଷରୁ ତଥ୍ୟ ସଂଗ୍ରହ କରାଯାଉଛି। ସାରା ସହରରେ ଏବେ ବିଏମ୍‌ସି ଆକ୍ଟିଭ୍ ସର୍ଭିଲିଆନ୍ସ ଜାରି ରଖିଛି ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ଏମାନଙ୍କୁ ମିଶାଇ ବର୍ତ୍ତମାନ ବିଏମ୍‌ସି ଅଞ୍ଚଳରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୮୬ ପହଞ୍ଚିଥିବାବେଳେ ୩୨ଜଣ ସକ୍ରିୟ ଆକ୍

ଟିକ୍‌ଟକ୍ ଷ୍ଟାର୍ ଅମ୍ରୁତ୍ ଅମୃତାଙ୍କର ଏକ ଭିଡ଼ିଆଲ୍ ଦେଖି ଏବେ ଲୋକେ ବଲିଉଡ୍ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟଙ୍କୁ ମନେ ପକାଉଛନ୍ତି। ଏହି ଭିଡ଼ିଆଲରେ ଟିକ୍ ଟକ୍ ଷ୍ଟାର୍ ଅମୃତା ଐଶ୍ୱର୍ଯ୍ୟାଙ୍କ ଭଳି ନକଲ କରି ଅଭିନୟ କରିଛନ୍ତି ଏବଂ ତାଙ୍କ ଭଳି ଲୁକ୍ ଦେବାକୁ ବି ଚେଷ୍ଟା କରିଛନ୍ତି। ଏକ ତାମିଲ୍ ଫିଲ୍ମର ଡାଏଲଗ୍‌ରେ ସେ ଏହି ଅଭିନୟ କରି ନିଜ ଟିକ୍‌ଟକ୍ ପେଜ୍‌ରେ ଶେୟାର କରିଥିଲେ। ମାତ୍ର ଖୁବଶୀଘ୍ର ଏହା ଅନ୍ୟ ସୋସିଆଲ୍ ମିଡିଆରେ ବି ଶେୟାର କରାଯାଇଥିଲା ଏବଂ ଏହାର କ୍ୟାପସନ୍ ରହିଥିଲା ଜେରକ୍ସ।

ସାଧାରଣ ଝିଅରୁ ବଲିଉଡ୍ ହିଟ୍ ଗାୟିକା

ନେହା କକ୍କର

ମୁମ୍ବାଇ: ବଲିଉଡ୍‌ର ପ୍ରସିଦ୍ଧ ଗାୟିକା ନେହା କକ୍କରଙ୍କ ଜନ୍ମ ଜୁନ୍ ୬ରେ। ନେହାଙ୍କୁ କେବଳ ଗୀତ ପାଇଁ ନୁହେଁ, ହସ ପାଇଁ ମଧ୍ୟ ସେ ଦର୍ଶକଙ୍କ ହୃଦୟ ଜିତିଥାନ୍ତି। ନେହା ଏକ ରିଆଲିଟି ଶୋ' 'ସା ରେ ଗା ମା ପା ଲିଟିଲ୍ ଚାମ୍ପସ' ସିଜନ୍ –୬ରେ ବିଚାରପତି ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ। ଏଭଳି ପରିସ୍ଥିତିରେ ନେହା ଭାବପ୍ରବଣ ହୋଇ କହିଥିଲେ, ଆଜି ଯେତେବେଳେ ମୁଁ ପିଲାମାନଙ୍କୁ ରିଆଲିଟି ଶୋ'ରେ ଦେଖେ ମୋର ସଂଘର୍ଷ କଥା ମନେପଡ଼େ। ପୂର୍ବରୁ ବାପା ଆମକୁ ଭଲ ମଣିଷ କରିବା ପାଇଁ କଠିନ ପରିଶ୍ରମ କରୁଥିଲେ। ମୁଁ ଆଜି ବି ଭୁଲି ପାରିବି ନାହିଁ ଯେତେବେଳେ ମୋ' ବାପା ସୋନୁ ଦିଦି (ନେହାଙ୍କ ଭଉଣୀ ସୋନୁ କକ୍କର) ବିଦ୍ୟାଳୟ ବାହାରେ ସିଙ୍ଗଡ଼ା ବିକ୍ରି କରୁଥିଲେ। କଲେଜର ପିଲାମାନେ ମୋ' ଭଉଣୀ ଉପରେ ଆକ୍ରମଣ କରୁଥିଲେ। ୪ ବର୍ଷ ବୟସରୁ ଗୀତ ଗାଇବା ଆରମ୍ଭ କରିଥିଲେ। କିଛି ଲୋକ ଆମର ପ୍ରୟାସକୁ କେବେ ପ୍ରଶଂସା କରନ୍ତି ନାହିଁ। ପରେ ନେହା ଏକ ସଙ୍ଗୀତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେବେଠାରୁ ଆଉ ସେ ପଛକୁ ଫେରିନାହାନ୍ତି। ଖାଲି ଏତିକି ନୁହେଁ, ନେହାଙ୍କୁ ଦର୍ଶକ 'ଇଣ୍ଡିଆନ ଆଇଡଲ –୨'ରେ ବେଶୀ ପସନ୍ଦ କରିଥିଲେ। ଏଥିସହିତ ବଲିଉଡ୍‌ରେ ନେହାଙ୍କ ପ୍ରଥମ ହିଟ୍ ଗୀତ 'ସେକେଣ୍ଡ୍ ହ୍ୟାଣ୍ଡ୍ ଜୱାନୀ' ଭାବରେ ଗ୍ରହଣ କରାଯାଉଥିଲା। କିନ୍ତୁ ନେହା ଫିଲ୍ମ 'ସନି–ସନି'ରୁ ସୁନାମ ଅର୍ଜନ କରିଥିଲେ।

'ମିନାନଗଡ଼ି' ହେବ ପ୍ରଥମ କାର୍ବନ ନ୍ୟୁଟ୍ରଲ ପଞ୍ଚାୟତ

କୋଚି: କେରଳ ରାଜ୍ୟ ୱାୟନାଡ ଜିଲାର ମିନାନଗଡ଼ି ଦେଶର ପ୍ରଥମ କାର୍ବନ ନ୍ୟୁଟ୍ରଲ ପଞ୍ଚାୟତ ହେବାକୁ ଯାଉଛି। ଏଠାକାର ଲୋକେ ଇକୋଫ୍ରେଣ୍ଡଲୀ କାର୍ବନ ପରିଚାଳନା ପ୍ରଣାଳୀ ଆପଣାଇଛନ୍ତି। ପଞ୍ଚାୟତରେ ଗତ ୪ ବର୍ଷରେ ୧୦ ଲକ୍ଷ ଚାରା ଲଗାଯାଇଛି। ପଞ୍ଚାୟତର ୫୦% ଅଞ୍ଚଳରେ ନୂତନ ଜଙ୍ଗଲ ସୃଷ୍ଟି ହୋଇଛି ଏବଂ ଟାଙ୍ଗରା ଭୂଇଁ ଧୀରେ ଧୀରେ ସବୁଜ ବଳୟରେ ବଦଳୁଛି।

ପଞ୍ଚାୟତର ଅଧ୍ୟକ୍ଷ ବୀନା ବିଜୟନ୍ କୁହନ୍ତି, ଏଥିଲାଗି ନିର୍ଦ୍ଦିଷ୍ଟ ଭାବେ କୌଣସି ଯୋଜନା ନ ଥିଲା। ସମୟର ଆହ୍ୱାନକୁ ସ୍ୱୀକାର କରି ଏହି ମଡେଲ ବିକଶିତ କରାଯାଇଛି। ୪ଜଣିଆ ବିଶେଷଜ୍ଞ ଦଳ ପଞ୍ଚାୟତର ବାୟୁମଣ୍ଡଳରେ କାର୍ବନ ମାତ୍ରା କମ୍ କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ପାଖାପାଖି ୮୫% କାମ ସମ୍ପୂର୍ଣ୍ଣ ହୋଇଛି। ଜୁଲାଇ ସୁଦ୍ଧା ଲକ୍ଷ୍ୟ ପୂରଣ ହୋଇଯିବ ବୋଲି ସେ ସୂଚନା ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, କରୋନା ଲକ୍‌ଡାଉନ୍‌ର ସକାରାତ୍ମକ ପ୍ରଭାବ ପଞ୍ଚାୟତର ପରିବେଶ ଉପରେ ପଡ଼ିଛି। ଏବେ ପ୍ରତ୍ୟେକଙ୍କ ବାଡ଼ିବଗିଚାରେ ଅନେକ ଫଳ ଗଛ ଲାଗିଛି। କିଚେନ ଗାର୍ଡେନରୁ ସବୁଜ ପରିବା ଉତ୍ପାଦନ ହେଉଛି। ପଞ୍ଚାୟତର ସବୁଜବନାନୀ ନଷ୍ଟ ହୋଇଯିବାପରେ ପକ୍ଷୀଟିଏ ଦେଖିବା ମୁସ୍କିଲ ହୋଇଯାଇଥିଲା। ଜଙ୍ଗଲ ବଢୁଥିବାରୁ ଏବେ ବିଭିନ୍ନ ପ୍ରଜାତିର ପକ୍ଷୀ ଫେରିଲେଣି। ପରିବେଶ ସୁରକ୍ଷା ନେଇ ସମସ୍ତେ ନିଜ ନିଜର ଦାୟିତ୍ୱ ନିର୍ବାହ କରୁଛନ୍ତି। ଏଠାକାର ଏକ ସ୍କୁଲର ୪ ଏକର ଜମିରେ ୪୫ରୁ ଊର୍ଦ୍ଧ୍ୱ କିସମର ବାଉଁଶ ଗଛ ଲାଗିଛି।

ଚାରି ବର୍ଷରେ ୧୦ ଲକ୍ଷ ଗଛ

୪ବର୍ଷ ତଳେ ପଞ୍ଚାୟତବାସୀ ବଦଳୁଥିବା ଜଳବାୟୁକୁ ନେଇ ଚିନ୍ତାପ୍ରକଟ କରିଥିଲେ। ଏହାପରେ ରାଜ୍ୟ ସରକାରଙ୍କ ସହଯୋଗରେ କାମ ଆରମ୍ଭ ହୋଇଥିଲା। ଏଥିଲାଗି ସ୍ୱାମୀନାଥନ୍ ଫାଉଣ୍ଡେଶନ, କନ୍ନୁର ୟୁନିଭର୍ସିଟି ଏବଂ ନେଦରଲାଣ୍ଡ ୟୁନିଭର୍ସିଟିର ବିଶେଷଜ୍ଞଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ଏହାପରେ ଗଛ ଗଣନା, ମୃତ୍ତିକା ପରୀକ୍ଷା, କାର୍ବନସ୍ତର ଯାଞ୍ଚ, ପ୍ରତି ପରିବାରର ଇନ୍ଧନ ଖର୍ଚ୍ଚ, ବାହାରୁଥିବା ବର୍ଜ୍ୟ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇଥିଲା। ପଞ୍ଚାୟତର ୩୪ ଏକର ଜମିରେ ସାଢେ ୭ ଲକ୍ଷ ଚାରା ରୋପଣ କରାଗଲା। ଲୋକଙ୍କୁ ପ୍ରୋତ୍ସାହିତ କରାଇବାକୁ ୮୫ ଲକ୍ଷ ଟଙ୍କାର ଯୋଜନା ପ୍ରସ୍ତୁତ କରାଯାଇଛି। ଏହାକୁ ଦେଖି ଲୋକଙ୍କ ମଧ୍ୟରେ ଚାରା ରୋପଣ କରିବାକୁ ଆଗ୍ରହ ସୃଷ୍ଟି ହୋଇଛି। ସେମାନେ ନିଜ ବାଡ଼ିବଗିଚାରେ ସାଢେ ୩ ଲକ୍ଷ ଗଛ ଲଗାଇଛନ୍ତି। ଘରୁ ବାହାରୁଥିବା ବର୍ଜ୍ୟରୁ ଜୈବଖତ ପ୍ରସ୍ତୁତ କରାଯାଇ କିଚେନ ଗାର୍ଡେନରେ ବ୍ୟବହାର କରାଯାଉଛି। ପରବର୍ତ୍ତୀ ପିଢ଼ି ଏପରି ମହତ୍ ଯୋଜନାରେ ଯେପରି ସାମିଲ ହେବେ ସେଥିଲାଗି ସେମାନଙ୍କୁ ମାନସିକସ୍ତରରେ ପ୍ରସ୍ତୁତ କରାଯାଉଛି। ସେମାନଙ୍କୁ ବାଇକ୍ ବଦଳରେ ସାଇକେଲ ଚଳାଇବାକୁ ଉତ୍ସାହିତ କରାଯାଉଛି। ୪୫୦ ଛାତ୍ରଙ୍କୁ ନିଃଶୁଳ୍କ ସାଇକେଲ ବଣ୍ଟନ କରାଯାଇଛି।

କଇଁଛ ସ୍ୱେଟର

ନୂଆଦିଲ୍ଲୀ: କଇଁଛ ପିନ୍ଧିଛି ସ୍ୱେଟର। ତା' ପୁଣି ଏକ ସୁନ୍ଦର ଡିଜାଇନ୍‌ରେ ତିଆରି ହୋଇଛି। ଏମିତି ଏକ ଭିନ୍ନ ଢଙ୍ଗରେ କଇଁଛ ସ୍ୱେଟର ପିନ୍ଧିଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି।

କଇଁଛ ସ୍ୱେଟର ପିନ୍ଧିଥିବାର ଏହି ଭିଡିଓକୁ ପ୍ରଥମେ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଶେୟାର କରିଥିଲେ ମେଲିଶା କ୍ୱାର୍ଟାରୋନ୍। ଏହି ଭିଡ଼ିଆଲଟି ପ୍ରଥମେ ୨୦୧୫ ସୋସିଆଲ ମିଡିଆରେ ଦେଖିବାକୁ ମିଳିଥିଲା। କିନ୍ତୁ ଏବେ ପୁଣି ଥରେ ଏହି ଭିଡ଼ିଆଲଟି ସୋସିଆଲ ମିଡିଆରେ ଆସିବା ପରେ ଭାଇରାଲ୍ ହେବାରେ ଲାଗିଛି। ଭିଡିଓରେ କଇଁଛଟି ଏକ ସୁନ୍ଦର ସବୁଜ ରଙ୍ଗର ସ୍ୱେଟର ପିନ୍ଧିଛି। ଏଥିରେ ଧଳାରଙ୍ଗର କୋନ୍ ଭଳି ଡିଜାଇନ୍ ବି ହୋଇଛି। ଏମିତି ଏକ ଆଉଟ୍‌ଫିଟ୍‌ରେ କଇଁଛଟି ଏକ ଭିନ୍ନ ରୂପ ପାଇଛି। ଉଲ୍‌ରେ ତିଆରି ହୋଇଥିବା ଏହି ସ୍ୱେଟରଟି ହୁଏତ କଇଁଛକୁ ଗରମ ଅନୁଭବ ଦେଇପାରେ, କିନ୍ତୁ ଲୋକଙ୍କ ମନରେ ଏହା ଏକ ଭିନ୍ନ ଧାରଣା ସୃଷ୍ଟି କରିଛି। ମାତ୍ର ଦିନକ ତଳେ ପୋଷ୍ଟ ହୋଇଥିବା ଏହି ଭିଡ଼ିଆଲକୁ ଖୁବ୍ ଶୀଘ୍ର ୭୦ହଜାରରୁ ଅଧିକ ଦର୍ଶକ ଦେଖିବା ସହିତ ସୁନ୍ଦର କମେଣ୍ଟ ସବୁ ଦେଇଛନ୍ତି। କଇଁଛ କେବେ ସ୍ୱେଟର ପିନ୍ଧିପାରେ ଏକଥାକୁ ଅନେକ ବିଶ୍ୱାସ କରିପାରୁ ନ ଥିଲେ ବି ଏହା ଏକ ସୁନ୍ଦର ପ୍ରୟାସ ଏବଂ ପ୍ରଶଂସାଯୋଗ୍ୟ ବୋଲି ଅନେକ ମତ ଦେଇଛନ୍ତି।



ରେଷ୍ଟୁରାଣ୍ଟରେ ରୋବୋ ୱେଟର

ମାଣ୍ଟ୍ରିଚ୍: ଲକ୍‌ଡାଉନ୍ ସମୟରେ ଏବେ ବିଭିନ୍ନ ସଂସ୍ଥାରେ ଦରମା କାଟ କିମ୍ବା କର୍ମଚାରୀ ଛଟେଇ ଭଳି ଖବର ଶୁଣିବାକୁ ମିଳୁଛି। କିନ୍ତୁ ଦକ୍ଷିଣ ଡଚ୍‌ର ମାଣ୍ଟ୍ରିଚ୍ ସହରର ଦାଦାବେନ୍ ରେଷ୍ଟୁରାଣ୍ଟ ଏବେ ନବ ନିଯୁକ୍ତି କରି ବେଶ୍ ଚର୍ଚ୍ଚାକୁ ଆସିଛି। କାହିଁକିନା ଏହି ରେଷ୍ଟୁରାଣ୍ଟରେ ନୂଆକରି ନିଯୁକ୍ତ ହୋଇଛନ୍ତି ତିନୋଟି ରୋବୋ। ଏହି ତିନି ରୋବୋଙ୍କ ନାଁ ହେଉଛି ଆମି, ଆକେର୍ ଏବଂ ଜେମ୍ସ।

ରେଷ୍ଟୁରାଣ୍ଟରେ ଏହି ତିନୋଟି ରୋବୋ ୱେଟର୍‌ଭାବେ ନିଯୁକ୍ତ ହୋଇଛନ୍ତି। ଏମାନେ ଗ୍ରାହକମାନଙ୍କୁ ଖାଦ୍ୟ ପରଷିବା ସହ ସେମାନଙ୍କୁ ଡ୍ରିଙ୍କ୍ସ ମଧ୍ୟ ଦେଉଛନ୍ତି। ତିନୋଟିଯାକ ରୋବୋ ରେଷ୍ଟୁରାଣ୍ଟରେ ସବୁଆଡ଼େ ବୁଲି ଗ୍ରାହକମାନଙ୍କ ଆବଶ୍ୟକତା ପଚାରି ବୁଝିଥାନ୍ତି। ଏହି ରୋବୋ ମଣିଷ ଭଳି ଆକୃତିର, ଯେଉଁଥିରେ ସର୍ଭିଙ୍ଗ୍ ଟ୍ରେ ଧରିବା ପାଇଁ ହାତ ବି ରହିଛି। ଏହା ସହିତ ରୋବୋ ମୁହଁରେ ମଝିରେ ମଝିରେ ସ୍ମିତହାସ୍ୟ ବି ଦେଖିବାକୁ ମିଳୁଛି। ଏମାନେ ମଣିଷଙ୍କ ଭଳି ଗ୍ରାହକମାନଙ୍କୁ ସୁନ୍ଦରଭାବରେ ଖାଦ୍ୟ ପାନୀୟ ଯୋଗାଇ ଦେବା ସମୟରେ ଅଭିବାଦନ ବି କରୁଛନ୍ତି।

ବିଭିନ୍ନ ରେଷ୍ଟୁରାଣ୍ଟରେ ରୋବୋ କାମକରିବା ଆରମ୍ଭ କରିଥିଲେ ବି ଏବେ କରୋନା ଭାଇରସ୍ ସଂକ୍ରମଣ ରୋକିବା ପାଇଁ ରୋବୋର ବ୍ୟବହାର ବୃଦ୍ଧି ପାଇବାରେ ଲାଗିଛି। ଦାଦାବେନ୍ ରେଷ୍ଟୁରାଣ୍ଟରେ ମଧ୍ୟ କରୋନା ଭାଇରସ୍ ନେଇ ସଚେତନ ରହିବା ଉଦ୍ଦେଶ୍ୟରେ ଏଭଳି ରୋବୋ ନିଯୁକ୍ତ କରାଯାଇଛି। ରେଷ୍ଟୁରାଣ୍ଟର ଅନ୍ୟ ସମସ୍ତ କର୍ମଚାରୀ ରହିଥିଲେ ବି ରୋବୋ ନିଯୁକ୍ତ କରି ଗ୍ରାହକମାନଙ୍କ ସେବା କରାଯାଉଛି। ରେଷ୍ଟୁରାଣ୍ଟରେ ରୋବୋର କାର୍ଯ୍ୟ ପରିସରକୁ ଆହୁରି ବୃଦ୍ଧି କରିବା ନିମନ୍ତେ ଯୋଜନା କରାଯାଉଛି ବୋଲି ଏହାର ମାଲିକ ଜଣାଇଛନ୍ତି। ତେବେ ରୋବୋ ନିଯୁକ୍ତି ପରେ ଏହି ରେଷ୍ଟୁରାଣ୍ଟକୁ ଲୋକଙ୍କ ଆସିବା ବଢ଼ିଥିବାବେଳେ ସୋସିଆଲ୍ ମିଡିଆରେ ବି ଏହାକୁ ନେଇ ଚର୍ଚ୍ଚା ହେଉଛି।

ଏଟିଏମ୍‌ରୁ ବାହାରୁଛି ସୁନା

ଆବୁଧାବି: ଆଜିକାଲି ସମୟରେ ବ୍ୟାଙ୍କରେ ଲମ୍ବା ଲାଇନ୍ ଲଗାଇ ଗ୍ରାହକମାନେ ଆଉ ଟଙ୍କା ଉଠାଉ ନାହାନ୍ତି। ଏଥିପାଇଁ ଏଟିଏମ୍ ସହଜ ଏବଂ ସୁଲଭ ମାଧ୍ୟମ ପାଲଟିଛି। ବିଶ୍ୱର ଯେଉଁ ସ୍ଥାନକୁ ଗଲେ ମଧ୍ୟ ଏଟିଏମ୍‌ରୁ ଟଙ୍କା ଉଠାଇ ପାରିବେ। କିନ୍ତୁ ଜାଣନ୍ତି କି, ଏମିତି କିଛି ଏଟିଏମ୍ ଅଛି ଯେଉଁଠି ଟଙ୍କା ବଦଳରେ ସୁନା ବାହାରିଥାଏ। ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ। ଏମିତି ଏଟିଏମ୍ ରହିଛି ଆବୁଧାବିର ଏମିରେଟ୍ସ ପ୍ୟାଲେସ୍ ହୋଟେଲ ଲବିରେ। ଏହି ଏଟିଏମ୍‌ରୁ ୩୨୦ ପ୍ରକାର ସୁନା ବାହାର କରାଯାଇପାରିବ। ବିଶ୍ୱର ଅଧିକାଂଶ ଲୋକ ସୁନା ବ୍ୟାଙ୍କ ଲକ୍‌ରରେ ରଖିଥାନ୍ତି। ମାତ୍ର ଆବୁଧାବିରେ ଲୋକେ ନିର୍ଦ୍ୱନ୍ଦ୍ୱ ତଥା ସୁରକ୍ଷିତ ଭାବେ ନିଜର ସୁନା ବ୍ୟାଙ୍କରେ ଜମା କରି ଏହି ଏଟିଏମ୍‌ରୁ ଯେତେବେଳେ ଚାହିଁଥାନ୍ତି ବାହାର କରିଥାନ୍ତି। ଏଠାରେ ଏଟିଏମ୍ ମେଶିନ୍ ଭିତରେ କାର୍ଡ ଭର୍ତ୍ତି କରି ସୁନା ବାହାର କରିବା ପାଇଁ ପ୍ରୟୋଗ କରାଯାଇଥାଏ। ଏହା ପରେ ଗ୍ରାହକ ନିଜର ସୁନା ବାହାର କରିଥାନ୍ତି। କିନ୍ତୁ ଏ ଦିଗରେ ଗୋଟିଏ କଥା ଧ୍ୟାନ ଦେବାକୁ ପଡ଼ିବ ଯେ, ଏଠାରେ ନିଜର ଗୋଟିଏ ଆକାଉଣ୍ଟ ଥିବା ଜରୁରୀ। ଆବୁଧାବିର କୌଣସି ଲୋକ ସୁନା ଘରେ ନ ରଖି ଏହି ଏଟିଏମ୍‌ରେ ରଖିଥାନ୍ତି।

'ଆଭାସ୍ କିଚେନ୍'

ନୂଆଦିଲ୍ଲୀ: ଛୋଟବେଳେ ପିଲାମାନେ ମିଛିମିଛିକା ରୋଷେଇ ଘର ତିଆରି କରି ସେଇ ମିଛରେ ମିଛରେ କେତେକ'ଣ ରୋଷେଇ ବି କରି ଦିଅନ୍ତି। ଅବଶ୍ୟ ଆଜିକାଲି ପିଲାମାନଙ୍କର ଆଉ ଏପରି ଖେଳିବାର ଅଭ୍ୟାସ ନାହିଁ। କିନ୍ତୁ ଇଣ୍ଟରନେଟ୍‌ରେ ଏଭଳି ଏକ ଭିଡ଼ିଆଲ୍ ଏବେ ପୁଣି ଥରେ ଏହି କଥାକୁ ମନେପକାଇ ଦେଇଛି। ଭାଇରାଲ୍ ହୋଇଥିବା ଏହି ଭିଡ଼ିଆଲ୍‌ରେ ମାତ୍ର ୧୮ ମାସର ଜଣେ ଛୋଟ ଝିଅ ସୁନ୍ଦରଭାବେ ଏକ ରୋଷେଇ ଘର ସଜାଡ଼ି ତା ବାପାଙ୍କ ଖାଇବା ପାଇଁ ରୋଷେଇ କରୁଛି। ତା' ପୁଣି ପୂରା ରେଷ୍ଟୁରାଣ୍ଟ ଭଳି ଅର୍ଡର ରଖି ଗ୍ରାହକଙ୍କୁ ପରଷା ଯାଉଛି। ଇନ୍‌ଷ୍ଟାଗ୍ରାମରେ ନିଜ ଝିଅର ଏଭଳି ଏକ ଭିଡ଼ିଆଲକୁ ଶେୟାର କରିଛନ୍ତି କ୍ରିସ୍ କେୟିଲ୍ ନାମକ ଜଣେ ବ୍ୟକ୍ତି। ତାଙ୍କ ଝିଅର ନାଁ ହେଉଛି ଆଭା। ସେଥିପାଇଁ ସେ ଏହି ଭିଡ଼ିଆଲର ନାଁ ରଖିଛନ୍ତି 'ଆଭାସ୍ କିଚେନ୍'। ଛୋଟ ଝିଅଟି ତା ରେଷ୍ଟୁରାଣ୍ଟକୁ ବେଶ୍ ସୁନ୍ଦରଭାବରେ ସଜାଇଛି। ଏମିତିକି ନୂଆ ରେଷ୍ଟୁରାଣ୍ଟ ତିଆରି କରିବା ଶୈଳୀରେ ବେଲୁନ ବାନ୍ଧିବାଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଟେଡ଼ିଙ୍କୁ ମଧ୍ୟ ରଖିଛି। ତେବେ ରେଷ୍ଟୁରାଣ୍ଟରେ ଏକମାତ୍ର ଗ୍ରାହକ ହେଉଛନ୍ତି ତା' ବାପା। ତେଣୁ ସେ ତାଙ୍କଠାରୁ ଅର୍ଡର ନେଇ ରୋଷେଇ କରୁଛି। ଲକ୍‌ଡାଉନ୍ ସମୟରେ ପରିବାରରେ ଏତେ ସୁନ୍ଦରଭାବରେ ମୁହୂର୍ତ୍ତ କଟାଉଥିବାରୁ ଏହି ଭିଡ଼ିଆଲଟି ବେଶ୍ ଆକୃଷ୍ଟ ହୋଇପାରିଛି।

ଆଗ୍ନେୟଗିର ମୁହଁରେ ଗଣେଶ ମନ୍ଦିର

ଜାକର୍ତ୍ତା: ଜୀବନ୍ତ ଆଗ୍ନେୟଗିରି ପାଇଁ ପ୍ରଳୟଙ୍କରୀ ବିଭୀଷିକା ଦେଖିଛି ଇଣ୍ଡୋନେସିଆ। ଦେଶରେ ଥିବା ୧୩୦ ସକ୍ରିୟ ଆଗ୍ନେୟଗିରିରେ ଅହରହ ବିସ୍ଫୋରଣ ହେଉଛି। ତେବେ ନିଜର ପରିବର୍ତ୍ତନଶୀଳ ପ୍ରକୃତି ଲାଗି 'ମାଉଣ୍ଟ ବ୍ରୋମୋ' ଆଗ୍ନେୟଗିରି ପର୍ଯ୍ୟଟକଙ୍କ ଲାଗି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ପୃଥିବୀର ସକ୍ରିୟ ଥିବା ଆଗ୍ନେୟଗିରି ମଧ୍ୟରେ ଏହା ଗୋଟିଏ। ଯେ କୌଣସି ମୁହୂର୍ତ୍ତରେ ଏହାର ଆଭ୍ୟନ୍ତରରେ ବିସ୍ଫୋରଣ ଘଟିବା ଆଶଙ୍କା ଥାଏ। ତେଣୁ ଏହାର ପାର୍ଶ୍ୱବର୍ତ୍ତୀ ଅଧିକାଂଶ ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଏହି ଆଗ୍ନେୟଗିରିର ମୁହାଣରେ ରହିଛି ଲାଭାରେ ନିର୍ମିତ ପ୍ରାଚୀନ ଗଣେଶ ମୂର୍ତ୍ତି। ଏହାକୁ ଦେଖିବାକୁ ଦେଶ ବିଦେଶରୁ ପର୍ଯ୍ୟଟକମାନଙ୍କ ସମାଗମ ହୋଇଥାଏ। ତେବେ ଏପରି ବିପଜ୍ଜନକ ସ୍ଥାନରେ କାହିଁକି ମନ୍ଦିର ନିର୍ମାଣ କରାଗଲା ତାହାର କାରଣ ଜଣାପଡ଼ିନାହିଁ। ତେବେ ଆଗ୍ନେୟଗିରିର ବିସ୍ଫୋରଣର ଭୟଙ୍କର ପ୍ରକୋପରୁ ରକ୍ଷା ଲାଗି ଏହି ମନ୍ଦିରର ପରିକଳ୍ପନା କରାଯାଇଥିବା ଜନଶ୍ରୁତିରୁ ଶୁଣିବାକୁ ମିଳେ।

ସ୍ଥାନୀୟ ଭାଷାରେ 'ମାଉଣ୍ଟ ବ୍ରୋମୋ'ର ଅର୍ଥ ବ୍ରହ୍ମାଙ୍କ ସହ ଜଡ଼ିତ। ହେଲେ ଏହି ସ୍ଥାନ ଗଣେଶ ମନ୍ଦିର ଲାଗି ପ୍ରସିଦ୍ଧ। ସ୍ଥାନୀୟ ଲୋକଙ୍କ କହିବା କଥା, ଏହି ମନ୍ଦିରର ମୂର୍ତ୍ତି ପ୍ରାୟ ୭୦୦ ବର୍ଷ ପୁରୁଣା। ଏହାକୁ ସେମାନଙ୍କ ପୂର୍ବଜ ସ୍ଥାପନ କରିଥିଲେ। ଅଞ୍ଚଳରେ ରହୁଥିବା ଜନଜାତିର ଲୋକେ ପିଢ଼ି ପିଢ଼ି ଧରି ମନ୍ଦିରରେ ପୂଜା କରି ଆସୁଛନ୍ତି। ଏହି ଗଣେଶ ମନ୍ଦିର 'ପୁରା ଲୁହୁର ପୋଟେନ୍' ନାମରେ ଜଣାଶୁଣା। ଏହି ମନ୍ଦିରର ବିଶେଷତ୍ୱ ହେଉଛି ଏଠାରେ ଗଜାନନଙ୍କ ଏକାଧିକ ପ୍ରତିମା ପୂଜିତ ଏବଂ ସମସ୍ତ ମୂର୍ତ୍ତି ଅଗ୍ନେୟଗିରିର ଲାଭାରୁ ସୃଷ୍ଟି।

'ମାଉଣ୍ଟ ବ୍ରୋମୋ'ର ଆଖପାଖ ଅଞ୍ଚଳରେ ୩୦ରୁ ଊର୍ଦ୍ଧ୍ୱ ଗ୍ରାମର ଲକ୍ଷାଧିକ ଲୋକ ବାସ କରନ୍ତି। ସେମାନେ ନିଜକୁ ହିନ୍ଦୁ ଧର୍ମାବଲମ୍ବୀ ବୋଲି ବିବେଚନା କରନ୍ତି। ମନ୍ଦିରରେ ମଧ୍ୟ ହିନ୍ଦୁ ରୀତିନୀତି ଅନୁଯାୟୀ ପୂଜା ପାଠ ହୋଇଥାଏ। ସେହିପରି ଅନ୍ୟ କେତେଜଣ ବୁଦ୍ଧ ଧର୍ମରେ ବିଶ୍ୱାସ ରଖନ୍ତି। ଏମାନେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ସମେତ ବୁଦ୍ଧଙ୍କୁ ମଧ୍ୟ ପୂଜା କରିଥାନ୍ତି। ଗଣେଶ ଚତୁର୍ଥୀ ଆସିଲେ 'ମାଉଣ୍ଟ ବ୍ରୋମୋ' ମୁଖରିତ ହୋଇଉଠେ। ୧୪ଦିନ ଧରି ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନାର ଆୟୋଜନ କରାଯାଏ। ତ୍ରୟୋଦଶ ଏବଂ ଚତୁର୍ଦ୍ଦଶ ଶତାବ୍ଦୀରୁ ଏଠାରେ ଗଣେଶଙ୍କୁ ପୂଜା କରାଯାଉଛି। ଏହି ଅବସରରେ ପାହାଡ଼ ଉଦ୍ଦେଶ୍ୟରେ ବଳି ପ୍ରଦାନ କରାଯାଇଥାଏ। ଏଥିସହ ଆଗ୍ନେୟଗିର ଗହ୍ୱରରେ ଫୁଲ, ଫଳ ସମେତ ଅନ୍ୟ ସାମଗ୍ରୀ ଅର୍ପଣ କରାଯାଇଥାଏ। ପ୍ରଭୁ ଗଣେଶଙ୍କ ପୂଜା ବନ୍ଦ ହେଲେ କିମ୍ବା ଆଗ୍ନେୟଗିରିକୁ ସାମଗ୍ରୀ ଅର୍ପଣ ନ କଲେ ଭୟଙ୍କର ବିସ୍ଫୋରଣ ହେବା ସହ ସମଗ୍ର ଜନଜାତି ନିଶ୍ଚିହ୍ନ ହୋଇଯିବ ବୋଲି ଲୋକମାନେ ଏବେ ବି ବିଶ୍ୱାସ କରନ୍ତି।

୭୦୦ ବର୍ଷ ଧରି ଚାଲିଛି ପୂଜା

ଆଶା ଓ ଆଶଙ୍କାରେ...

ଗୋଟିଏ ଭୂତାଣୁ ନିକଟରେ ଆଜି ସମଗ୍ର ବିଶ୍ୱ ଅସହାୟ। ଯାହାର ପ୍ରଭାବରୁ ପ୍ରଥମ ଥର ଲାଗି ବିନା ଭକ୍ତସମାଗମ ଏବଂ ସୀମିତ ସେବକଙ୍କୁ ନେଇ ଅନୁଷ୍ଠିତ ହୋଇଛି ଶ୍ରୀଜିଉମାନଙ୍କ ସ୍ନାନଯାତ୍ରା। ଆଉ ରଥଯାତ୍ରା ହେବା ନେଇ ଏବେ ବି ସନ୍ଦିହାନ। ତେବେ ଏଭଳି ପରିସ୍ଥିତିରେ ଆଶା ଓ ଆଶଙ୍କାରେ ଭକ୍ତର ମନ...

ନଇ କୂଳରେ ରହି ଶୋଷରେ ମରିବାର କଷ୍ଟ

ଆଜି ଗୋଟିଏ ଭୂତାଣୁ ଲାଗି ଭୟ ଆଉ ଭୋକର ଭୂଗୋଳ ଭିତରେ ସମଗ୍ର ବିଶ୍ୱବାସୀ ଭୀତତ୍ରସ୍ତ। ଏହାର ପ୍ରଭାବରୁ ପ୍ରଥମ ଥର ଲାଗି ବିନା ଭକ୍ତସମାଗମ ଏବଂ ସୀମିତ ସେବକଙ୍କୁ ନେଇ ଅନୁଷ୍ଠିତ ହୋଇଛି ଶ୍ରୀଜିଉମାନଙ୍କ ସ୍ନାନଯାତ୍ରା। ଆଉ ରଥଯାତ୍ରା ହେବା ନେଇ ଏବେ ବି ସନ୍ଦିହାନ। ଯେହେତୁ ସେବକ କୂଳରେ ଜନ୍ମ ତେଣୁ ଏବର୍ଷ ବି ସେବା ବାହାନାରେ ରଥଯାତ୍ରାରେ ମହାପ୍ରଭୁଙ୍କ ଦର୍ଶନକୁ ନେଇ ଉତ୍କଣ୍ଠା ଭରି ରହିଥିଲା।

ହେଲେ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସୀମିତ ସେବକଙ୍କ ଦ୍ୱାରା ରଥଯାତ୍ରା ସଂପାଦନ କରିବାକୁ ନେଇ ହୋଇଥିବା ପ୍ରଶାସନିକ ନିଷ୍ପତ୍ତି ମୋତେ ଚିନ୍ତାରେ ପକାଇ ଦେଇଛି। ଯଦି ଯାତ୍ରା ନ ହୁଏ ତେବେ ତାହା ଅତ୍ୟନ୍ତ ଦୁଃଖଦାୟକ। ହେଲେ ଯଦି ହୁଏ କିନ୍ତୁ ସୀମିତ ସେବକ ନ୍ୟାୟରେ ମୋ ପାଳି ନ ପଡେ ତେବେ ସେବା ସହ ଦୀର୍ଘବର୍ଷ ହେବ ପହଣ୍ଡି ସମୟରେ ବଡଦାଣ୍ଡରେ କରୁଥିବା ଓଡିଶୀ ନୃତ୍ୟରୁ ବି ବଞ୍ଚିତ ହେବି। ଏ ପରିସ୍ଥିତିରେ ନଇ କୂଳରେ ରହି ଶୋଷରେ ମରିବାର କଷ୍ଟ ପରି ଅନୁଭବ ହେବ। କାରଣ ରତ୍ନସିଂହାସନରେ ଯେତେ ଦେଖିଲେ ବି ରଥରେ ପ୍ରଭୁଙ୍କ ଦର୍ଶନ ବେଶ୍ ଗୁରୁତ୍ୱପୂର୍ଣ୍ଣ। ହେଲେ ୧୪୪ ଧାରା ଲାଗୁ ହୋଇଥିବାରୁ ବଡଦାଣ୍ଡକୁ ଯାଇ ରଥାରୂଢ ଦିଅଁକୁ ଦେଖିବା ବି ଅସମ୍ଭବ। ଏବେ ଯାହା ବି ହେବ ସବୁ କିଛି ପ୍ରଭୁଙ୍କ ଇଚ୍ଛା।

– ଡ. ଶ୍ରୀନିବାସ ଘଟୁଆରୀ, ପୁରୀ

ରଥ ଆଗରେ ସଂକୀର୍ତ୍ତନ କରିବାର ଅନୁଭୂତି ନିଆରା

ବଡ ଦାଣ୍ଡରେ ରଥାରୂଢ ତିନି ଠାକୁର। ବିଶାଳ ଜନସମୁଦ୍ର । ଚାରିଆଡେ ଘଣ୍ଟ, ଘଣ୍ଟି, ଝାଞ୍ଜ, ଶଙ୍ଖ, ମୃଦଙ୍ଗ ଧ୍ୱନୀ ସାଙ୍ଗକୁ ହରିଭଜନରେ ପ୍ରକମ୍ପିତ ଚତୁର୍ଦିଗ। ଏଭଳି ଏକ ଅପୂର୍ବ ଅବସରରେ ଯୋଗ ଦେବା ଅତ୍ୟନ୍ତ ସୌଭାଗ୍ୟର ବିଷୟ। ପ୍ରତିବର୍ଷ ମହାପ୍ରଭୁଙ୍କ ରଥଯାତ୍ରାରେ ଯୋଗ ଦେବା ଲାଗି କେନ୍ଦୁଝରରୁ ସଂକୀର୍ତ୍ତନ ମଣ୍ଡଳୀଙ୍କ ସହ ଯାଏ। ଠାକୁରଙ୍କ ଆଗରେ ସଂକୀର୍ତ୍ତନ କଲା ବେଳେ ବିଭୋର ହୋଇ ଉଠେ ମନ ଆଉ ଆପେ ଆପେ ଆନନ୍ଦାଶ୍ରୁ ବୋହିଆସେ। ହେଲେ ଏଥର କରୋନା ମହାମାରୀ ସଂକ୍ରମଣକୁ ଦୃଷ୍ଟିରେ ରଖି ଲକ୍ଷାଧିକ ଭକ୍ତ ଏକାଠି ନ ହେବା ଲାଗି ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଛି। ତେଣୁ ରଥଯାତ୍ରା ହେଲେ ବି ବଡଦାଣ୍ଡରେ ସଂକୀର୍ତ୍ତନ କରିବାର ସୁଯୋଗ ମିଳିବ ନାହିଁ। ପ୍ରଭୁ ଏ ସଂସାରକୁ ରକ୍ଷା କରନ୍ତୁ ଆଉ ଶୀଘ୍ର ତାଙ୍କ ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତୁ ବୋଲି ମୋର ମାଗୁଣି।

– ଅଜୟ ବାରିକ, କେନ୍ଦୁଝର

ପ୍ରଭୁଙ୍କ ମୂର୍ତ୍ତିକୁ ଜାବୁଡି ଧରି କେତେ କାନ୍ଦିଛି

ଭାବର ଠାକୁର ଶ୍ରୀଜଗନ୍ନାଥ। ତାଙ୍କ କଳା ଶ୍ରୀମୁଖକୁ ଥରେ ଚାହିଁଦେଲେ ମନ ଲାଖିଯାଏ। ଗତ କିଛିବର୍ଷ ହେବ ମହାପ୍ରଭୁଙ୍କ ସ୍ନାନଯାତ୍ରା, ଘୋଷଯାତ୍ରା ଓ ବାହୁଡାରେ ଓଡିଶୀ ନୃତ୍ୟ ପରିବେଷଣ କରିଆସୁଛି। କିନ୍ତୁ ଚଳିତବର୍ଷ କରୋନା ଭୂତାଣୁ ମୋ ପ୍ରଭୁଙ୍କଠାରୁ ମୋତେ ଦୂରେଇ ଦେଇଛି। ଅଢେଇ ମାସ ପରେ ମହାପ୍ରଭୁଙ୍କୁ ସ୍ନାନବେଦିରେ ଦର୍ଶନ କରିବି, ତାଙ୍କ ନାମ ସ୍ମରଣ କରି ବଡଦାଣ୍ଡରେ ନୃତ୍ୟ ପରିବେଷଣ କରିବି ବୋଲି ଭାବିଥିଲି। ହେଲେ ଭଗବାନଙ୍କ ନିକଟକୁ ଯାଇ ନ ପାରିବାରୁ ଘର ଭିତରେ କବାଟ କିଳି ପ୍ରଭୁଙ୍କ ମୂର୍ତ୍ତିକୁ ଜାବୁଡି ଧରି କେତେ କାନ୍ଦିଛି, କେବଳ ଏ ମନ ଜାଣିଛି । ସେପଟେ ସ୍ନାନ ମଣ୍ଡପରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଚାଲିଥିବା ବେଳେ ଶେଷରେ ଅବୁଝା ମନକୁ ବୁଝାଇବା ଲାଗି ଘର ଭିତରେ ପ୍ରଭୁଙ୍କ ଆଗରେ ମନ ଭରି ନାଚିଛି। ସେ ସମୟରେ ସତେ ଯେପରି ମହାପ୍ରଭୁ ମୋ ନୃତ୍ୟକୁ ଉପଭୋଗ କରୁଛନ୍ତି ଆଉ ମୁରୁକି ହସୁଛନ୍ତି ବୋଲି ଯେଉଁ ଅନୁଭବ ତାହା ଅବର୍ଣ୍ଣନୀୟ। ଆଗକୁ ରଥଯାତ୍ରାରେ କାଳିଆ ସହ ଭେଟ ହେବ କି ନାହିଁ ତାକୁ ନେଇ ଅପେକ୍ଷା।

– ଯଶବନ୍ତ ଜେନା, ଓଡ଼ିଶୀ ନୃତ୍ୟଶିଳ୍ପୀ

ଭକ୍ତ ଭଗବାନଙ୍କ ମିଳନ ଅପେକ୍ଷାରେ

ପିଲାଦିନୁ ପରିବାର ସହ ରଥଯାତ୍ରା ଦେଖିବାକୁ ପୁରୀ ଯାଉଛି। ଧୀରେ ଧୀରେ ବଡ଼ ହେବା ପରେ ଶ୍ରୀଗୁଣ୍ଡିଚା ଯାତ୍ରାରେ ରଥ ଟାଣିବାଠାରୁ ମହାପ୍ରଭୁଙ୍କ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ପୁରୀରେ ରହୁଛି। ଠାକୁର ରଥରେ ଥିବାବେଳେ ହେଉ କିମ୍ବା ମାଉସୀମା ମନ୍ଦିରରେ ଥିବା ବେଳେ ପ୍ରତିଦିନ ଦର୍ଶନ କରିବାର ଅପୂର୍ବ ଆନନ୍ଦ ଭାଷାରେ ବର୍ଣ୍ଣନା କରିବା କଷ୍ଟ। ବର୍ଷକୁ ଥରେ ପ୍ରଭୁଙ୍କ ଏଇ ଅପୂର୍ବ ଦର୍ଶନ ଲାଗି ଚାତକ ପରି ଚାହିଁ ରହିଥାଏ। ହେଲେ ଚଳିତବର୍ଷ ବିଶ୍ୱବ୍ୟାପୀ କରୋନା ମହାମାରୀ ଭକ୍ତ ଆଉ ଭଗବାନଙ୍କ ମଝିରେ ପାଚେରି ହୋଇ ଠିଆ ହୋଇଛି। ସବୁ ଆଶା ଯେମିତି ପାଣି ଫୋଟକା ପରି ମିଳେଇ ଯାଉଛି। ପ୍ରଥମ ଥର ଲାଗି ରଥରେ ଦିଅଁଙ୍କ ଦର୍ଶନରୁ ବଞ୍ଚିତ ହେବାର ଦୁଃଖ ଅତିଶୟ ମନେହେଉଛି। ଆର ବର୍ଷକୁ ସବୁ କିଛି ଠିକ୍ ହୋଇଯିବ ଏବଂ ପୁଣି ଭକ୍ତ ଆଉ ଭଗବାନଙ୍କ ମିଳନ ହେବ ସେଇ ଆଶାରେ ଚାହିଁ ରହିଛି।

– ମହେନ୍ଦ୍ର ପ୍ରସାଦ ସାହୁ, କେନ୍ଦୁଝର

ପ୍ରଭୁଙ୍କ ଆଗରେ ନାଚିବାରୁ ବଞ୍ଚିତ କରିଛି କରୋନା

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଗରେ ନାଚିବା ଏକ ନିଆରା ଅନୁଭବ। ନାଚି ନାଚି ତାଙ୍କ ପାଦପଦ୍ମରେ ବିଲୀନ ହୋଇ ଯିବାକୁ ଏ ମନ ସବୁବେଳେ ବ୍ୟାକୁଳ ରହିଥାଏ । ଚକା ନୟନ ଦର୍ଶନ ଆଗରେ ସବୁ ଫିକା। ଗତ କିଛିବର୍ଷ ହେବ ମହାପ୍ରଭୁଙ୍କ ସ୍ନାନଯାତ୍ରାରେ ଓଡିଶୀ ନୃତ୍ୟ ପରିବେଷଣ କରି ଆସୁଛି। ସେଥିରେ ଯେଉଁ ଆନନ୍ଦ ଉଲ୍ଲାସ ରହିଥାଏ, ତାହା ଆଉ କେଉଁଠି ମିଳି ନ ଥାଏ। ହେଲେ ଏଥର କରୋନା ଭୂତାଣୁ ମୋତେ ପାଦରେ ଘୁଙ୍ଗୁର ବାନ୍ଧି ମହାପ୍ରଭୁଙ୍କ ଆଗରେ ନାଚିବାରୁ ବଞ୍ଚିତ କରିଛି । ଘରେ ଟିଭି ପରଦାରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଚାଲିଥିବା ବେଳେ ପାଦରେ ଘୁଙ୍ଗୁର ବାନ୍ଧି ପ୍ରଭୁଙ୍କୁ ଅନ୍ତର ଦୁଃଖ ଜଣାଇଛି। କେବେ ପୁଣି ରଥ ଆଗରେ ନାଚିବାର ସୁଯୋଗ ପାଇବି ଚାହିଁ ରହିଛି।

– ସପନ ତରାଇ, ପୁରୀ

ଏ ସପ୍ତାହର ପ୍ରଶ୍ନ

୧– ନାସା ମାର୍ସ ହେଲିକପ୍ଟରର ନୂଆ ଅଫିସିଆଲ୍ ନାମ..... ?
୨– ..... ରାଜ୍ୟ ପକ୍ଷରୁ ହୋପ୍(ହେଲ୍ପ ଆଉଟ୍ ପିପୁଲ୍ ଏଭ୍ରିହ୍ୱେର) ନାମକ ପୋର୍ଟାଲ ଆରମ୍ଭ କରାଯାଇଛି ?
୩– 'ପିଏମ୍ଏୱାଇ'ର ଫୁଲ୍‌ଫର୍ମ..... ?
୪– ..... ରାଜ୍ୟରେ ମାତ୍ର ଜଣେ ଲୋକ ସଭା ସଦସ୍ୟ ଅଛନ୍ତି ?
୫– 'ଆଡ୍‌ଭେଞ୍ଚର ଅଫ୍ ଏ ଡେୟାରଡେଭିଲ୍ ଡେମୋକ୍ରାଟ୍' ପୁସ୍ତକ.....ଙ୍କ ଜୀବନୀ ଉପରେ ଆଧାରିତ ?

ଗତ ଥରର ଉତ୍ତର

୧ – ତେଲଙ୍ଗାନା
୨ – ଜମ୍ମୁ କଶ୍ମୀରର ଚେନାବ ନଦୀ
୩ – ମେ ୧୬ ତାରିଖ
୪ – କେ. ରାମକ୍ରୀଷ୍ଣ ରାଓ
୫ – ସି କୋଚିନ୍

ଉତ୍ତରଦାତା

ପ୍ରମିଳା ସାହୁ, ପିପିଲି

ଶୁଭାଶିଷ ମହାପାତ୍ର, ଭଦ୍ରକ

ଈପ୍ସିତା ପାତ୍ର, ଭୁବନେଶ୍ୱର

ସୂଚନା: ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

ଟପ୍ ୧୦

ପୃଥିବୀର ହରର୍ ଥିମ୍ ପାର୍କ

୧– ରୁବି ଫଲ୍ସ ହଣ୍ଟେଡ୍ କାଭେର୍ନ..... ଆମେରିକା
୨– ଫାର୍ମାଜେଡନ୍..... ଇଂଲଣ୍ଡ
୩– ଦି ବେଟ୍ସ ମୋଟେଲ୍..... ଆମେରିକା
୪– ପାସେଜ ଡେଲ୍ ଟେରର୍..... ଆମେରିକା
୫– ଦି ଘୌଲଗ୍..... ଆମେରିକା
୬– ଫିଅର ଓଭରଲୋଡ୍ ସ୍ଟ୍ରିମ୍ ପାର୍କ..... ଆମେରିକା
୭– ଫ୍ରାଇଟ୍ ଡୋମ୍..... ଆମେରିକା
୮– ନାଇଟ୍‌ମେୟାର ଇନ୍ ବୁଦାପେଷ୍ଟ..... ହଙ୍ଗେରୀ
୯– ଡେଣ୍ଟ ସ୍କୁଲ୍ ହାଉସ୍..... ଆମେରିକା
୧୦– ଫ୍ରିକ୍‌ଲିଙ୍ଗ୍ ବ୍ରଦର୍ସ ଦି ଭିକ୍ଟିମ୍ ଏକ୍ସପେରିଏନ୍ସ..... ଆମେରିକା

କଢ଼ାନ୍ତୁ ବ୍ୟାଟେରି ବ୍ୟାକ୍‌ଅପ୍

ଯୁବପିଢିଙ୍କ ଲାଗି ସ୍ମାର୍ଟ ଫୋନ ବର୍ତ୍ତମାନ ଏକ ଆବଶ୍ୟକ ସାମଗ୍ରୀ ପାଲଟିଯାଇଛି। ହେଲେ ଏହାକୁ ବାରମ୍ବାର ଚାର୍ଜ କରିବାକୁ ପଡୁଥିବା ନେଇ ଅନେକଙ୍କର ଅଭିଯୋଗ ରହିଥାଏ । ଯଦି ଆପଣ ବି ଏହି ସମସ୍ୟା ଦେଇ ଗତି କରୁଛନ୍ତି ତେବେ ନିଜ ସ୍ମାର୍ଟ ଫୋନ୍‌ର ବ୍ୟାଟେରି ବ୍ୟାକ୍‌ଅପ୍ ବଢାଇବା ଲାଗି ଜାଣି ରଖନ୍ତୁ କେତୋଟି ଟିପ୍ସ.....

- ମୋବାଇଲ ସ୍କ୍ରିନର ବ୍ରାଇଟ୍‌ନେସ୍ ଅଧିକ ରଖିବା ଦ୍ୱାରା ମୋବାଇଲ ବ୍ୟାଟେରି ସର୍ବାଧିକ ଖର୍ଚ୍ଚ ହୋଇଥାଏ । ତେଣୁ ଫୋନ୍‌ର ବ୍ରାଇଟନେସ୍ ସବୁବେଳେ ସାମାନ୍ୟ ରଖନ୍ତୁ।
- ଶୋଇବାକୁ ଗଲାବେଳେ, କୌଣସି ମିଟିଙ୍ଗ୍‌ରେ ଥିଲେ କିମ୍ବା ଫ୍ଲାଇଟ୍ ଥିବା ସମୟରେ ଫୋନ୍ ସ୍ଲିପିଂ ମୋଡ କିମ୍ବା ଇନାକ୍ଟିଭ୍ ବଦଳରେ ସୁଇଚ୍ ଅଫ୍ କରିଦିଅନ୍ତୁ । ଏହାଦ୍ୱାରା ମଧ୍ୟ ବ୍ୟାଟେରିର ଚାର୍ଜ କମ୍ ଖର୍ଚ୍ଚ ହୋଇଥାଏ ।
- ରିଂଟୋନ ଅପେକ୍ଷା ଭାଇବ୍ରେସନରେ ଫୋନ ବ୍ୟାଟେରି ଅଧିକ ସରିଥାଏ । ତେଣୁ ଆବଶ୍ୟକ ନ ଥିଲେ ଫୋନକୁ ଭାଇବ୍ରେସନ ପରିବର୍ତ୍ତେ ସ୍ଲୋ ରିଂ ଟୋନରେ ରଖନ୍ତୁ।
- ଫୋନ ସ୍କ୍ରିନ ଉପରେ ଏକାଧିକ ଆପ୍ଲିକେସନ ରଖିବା ଦ୍ୱାରା ବି ବ୍ୟାଟେରି ଅଧିକ ଖର୍ଚ୍ଚ ହୋଇଥାଏ । ତେଣୁ ଏଥିପ୍ରତି ସଚେତନ ହୁଅନ୍ତୁ।
- ୨ଜି, ୩ଜି, ୱାଇଫାଇ, ଜିପିଏସ୍ ଏବଂ ବ୍ଲୁ ଟୁଥ୍ ଆଦି ବ୍ୟବହାର କରୁ ନ ଥିବା ସମୟରେ ଏହାକୁ ଖୋଲାକରି ରଖିବା ଦ୍ୱାରା ବ୍ୟାଟେରି ଚାର୍ଜ ସରିଥାଏ । ତେଣୁ ଆବଶ୍ୟକ ପରେ ଏ ସବୁ ଆପ୍ଲିକେସନ ବନ୍ଦ କରି ଦିଅନ୍ତୁ।
- ସେହିପରି ମ୍ୟାପ୍ କିମ୍ବା ନାଭିଗେସନ ଆପ୍ଲିକେସନ ବ୍ୟବହାର କରୁ ନ ଥିବା ସମୟରେ ଏହାକୁ ସ୍କ୍ରିନ ଉପରେ ଓପନ କରି ରଖନ୍ତୁ ନାହିଁ।
- ମୋବାଇଲର ବ୍ୟାକ୍ ଲାଇଟ୍ ଟାଇମ୍ ବା ସ୍କ୍ରିନ ଟାଇମ୍ ଯେତେ ସମ୍ଭବ କମ୍ ରଖନ୍ତୁ।
- ସ୍କ୍ରିନ ଉପରେ ଥିବା ନୋଟିଫିକେସନ ଗୁଡିକୁ ମିନିମାଇଜ୍ କରି ରଖନ୍ତୁ।

ଯୁ | ଥି | ଆ | ଲ | ର୍ଟ

ୱାର୍କ ଫ୍ରମ୍ ହୋମ୍ ଓ ସାଇବର ସେଫ୍ଟି

ଘରେ ରହି ଅନ୍‌ଲାଇନ୍‌ରେ ଅଫିସ୍ କାମ କରୁଥିଲେ ସାଇବର ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ସଚେତନ ରହିବା ଆବଶ୍ୟକ। ଜାଣି ରଖନ୍ତୁ ସେ ସମ୍ପର୍କରେ...

କରୋନା ଲାଗି ବର୍ତ୍ତମାନ ଅଧିକାଂଶ ଅଫିସ୍‌ରେ କର୍ମଚାରୀଙ୍କୁ ୱାର୍କ ଫ୍ରମ୍ ହୋମ୍ ବା ଘରେ ଥାଇ ଅଫିସ୍ କାମ କରିବାକୁ କୁହାଯାଇଛି, ଯେଉଁଥିଲାଗି ସେମାନଙ୍କୁ ସର୍ବଦା ଇଣ୍ଟରନେଟ୍‌ର ଆବଶ୍ୟକତା ହେଉଛି। ହେଲେ ଏହାର ଭରପୂର ଫାଇଦା ଉଠାଉଛନ୍ତି ହ୍ୟାକରମାନେ। ତେଣୁ ୱାର୍କ ଫ୍ରମ୍ ହୋମ୍ ସମୟରେ କେଉଁ ସବୁ ଦିଗ ପ୍ରତି ଦୃଷ୍ଟି ଦେଲେ ଆପଣଙ୍କ ଗୁରୁତ୍ୱପୂର୍ଣ୍ଣ ଡାଟା ସୁରକ୍ଷିତ ରହିବ ଜାଣି ରଖନ୍ତୁ.....

➤ ଏ ସମୟରେ ହ୍ୟାକରମାନେ ଆକ୍ଟିଭ ରହୁଥିବାରୁ ସେମାନେ ଯେପରି ଆପଣଙ୍କ ଡାଟା ଚୋରି କିମ୍ବା ଏହାର ଅପବ୍ୟବହାର ନ କରିପାରିବେ ସେଥିଲାଗି ସର୍ବପ୍ରଥମେ ଘରେ ଥିବା ୱାଇ-ଫାଇ ରାଉଟରର ପାସୱାର୍ଡ ବଦଳାଇ ଦିଅନ୍ତୁ।

➤ ଡେଟ୍ ଅଫ୍ ବାର୍ଥ, ନିଜ ନାଁ କିମ୍ବା ଅନ୍ୟ କାହାର ନାଁ, ମୋବାଇଲ୍ ନମ୍ବର ଭଳି ସାଧାରଣ ପାସୱାର୍ଡ ରଖିବାର ଭୁଲ୍ ଆଦୌ କରନ୍ତୁ ନାହିଁ। ଏହା ବଦଳରେ ନମ୍ବର, ଲେଟର ଏବଂ ସ୍ପେଶାଲ୍ କ୍ୟାରେକ୍ଟର ବ୍ୟବହାର କରି ଏଭଳି ପାସ୍‌ୱାର୍ଡ ରଖନ୍ତୁ ଯାହାକୁ ସହଜରେ ହ୍ୟାକ୍ କରିହେବ ନାହିଁ। ଟୁ-ଫ୍ୟାକ୍ଟର ଅଥେଣ୍ଟିକେଶନ୍ ବ୍ୟବହାର କରନ୍ତୁ।

➤ ୱାର୍କ ଫ୍ରମ୍ ହୋମ୍ ଲାଗି ଅଫିସ୍‌ରୁ ଆଣିଥିବା କମ୍ପ୍ୟୁଟର କିମ୍ବା ଅନ୍ୟ କୌଣସି ଡିଭାଇସ୍‌କୁ ଯେପରି କେବଳ ଆପଣଙ୍କ ବ୍ୟତୀତ ଅନ୍ୟ କେହି ବ୍ୟବହାର ନ କରନ୍ତି ସେଥିପ୍ରତି ବିଶେଷ ଦୃଷ୍ଟି ଦିଅନ୍ତୁ।

➤ ମନେରଖନ୍ତୁ ଉକ୍ତ କମ୍ପ୍ୟୁଟର ଅବା ଲାପଟପ୍‌ରେ କେବଳ ଅଫିସ୍‌ରେ ବ୍ୟବହାର ହେଉଥିବା ସଫ୍ଟୱେର୍ ହିଁ ବ୍ୟବହାର କରନ୍ତୁ।

➤ ଘରେ ଅନ୍ୟାନ୍ୟ କାମ ରହିଯାଉଥିବାରୁ କେବେ କେବେ ଅଫିସ୍ କାମ ସାରିବା ପରେ କମ୍ପ୍ୟୁଟର ବନ୍ଦ କରିବାକୁ ଅନେକେ ଭୁଲିଯାଆନ୍ତି। ହେଲେ ଏହା ମଧ୍ୟ ବିପଦପୂର୍ଣ୍ଣ। ତେଣୁ ସୁରକ୍ଷା ଦୃଷ୍ଟିରୁ କମ୍ପ୍ୟୁଟରକୁ ଏଭଳି ସେଟ୍ କରନ୍ତୁ ଯେପରି କିଛି ସମୟ କାମ ବନ୍ଦ ହେଲେ ତାହା ଅଟୋମେଟିକ୍ ଅଫ୍ ହେବା ସହ ପୁନର୍ବାର ଓପନ୍ କରିବା ବେଳେ ପାସୱାର୍ଡ ଆବଶ୍ୟକ ହେବ।

➤ କୌଣସି ଅଫିସିଆଲ୍ ସାଇଟ୍ କିମ୍ବା ଇମେଲ୍ ଆକାଉଣ୍ଟରେ କାମ କରୁଥିଲେ ରିମେମ୍ବର ପାସ୍‌ୱାର୍ଡ ଅପ୍ସନ ଅଫ୍ କରିବାକୁ ଭୁଲନ୍ତୁ ନାହିଁ। ନଚେତ୍ ଏହା ସାହାଯ୍ୟରେ ବି ଡାଟା ଲିକ୍ ହେବା କିମ୍ବା ଚୋରି ହେବାର ଆଶଙ୍କା ରହିଛି।

ସଂକ୍ଷେପରେ

ଉତ୍କଳ ବିଶ୍ୱବିଦ୍ୟାଳୟର ୩ ବିଭାଗ ସାନିଟାଇଜ୍ ହେଲା

ଭୁବନେଶ୍ୱର,୬।୬(ବ୍ୟୁରୋ): ଉତ୍କଳ ବିଶ୍ୱବିଦ୍ୟାଳୟର ଜଣେ କର୍ମଚାରୀ କରୋନା ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଛନ୍ତି। ଏ ସମ୍ପର୍କରେ କର୍ତ୍ତୃପକ୍ଷ ଜାଣିବା ପରେ ପଦକ୍ଷେପ ସ୍ୱରୂପ ବିଶ୍ୱବିଦ୍ୟାଳୟର ଫିଲୋସଫି, ଇଂଲିଶ ଓ ଇକୋନୋମିକ୍ସ ବିଭାଗ ଏବଂ ଅନ୍ୟକେତେକ ସ୍ଥାନକୁ ସାନିଟାଇଜ୍ କରାଯାଇଛି। ଶନିବାର ଭୁବନେଶ୍ୱରରୁ ଚିହ୍ନଟ ହୋଇଥିବା ୫ଜଣ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ଜଣେ ସ୍ଥାନୀୟ ଆକ୍ରାନ୍ତ ଗଜପତି ନଗରରେ ରୁହନ୍ତି। ବିଶ୍ୱବିଦ୍ୟାଳୟ କର୍ମଚାରୀ ଜଣକ ତାଙ୍କ ପରିବାର ସଦସ୍ୟ ହୋଇଥିବାବେଳେ ସେ ଇତିମଧ୍ୟରେ କ୍ୟାମ୍ପସ ପରିସର ଉପରୋକ୍ତ ବିଭାଗଗୁଡ଼ିକୁ ଯାଇଥିବା କୁହାଯାଉଛି।

ସନ୍‌ରାଇଜ ଯୁବ ସଙ୍ଗଠନର ନିଆରା ସମାଜସେବା

ଭୁବନେଶ୍ୱର,୬।୬: କରୋନା ମୁକାବିଲା ପାଇଁ ଲକ୍‌ଡାଉନ ଜାରି ରହିଥିବାବେଳେ ସନ୍‌ରାଇଜ ଯୁବ ସଂଗଠନ ତରଫରୁ ଗତ ୨ମାସରୁ ଊର୍ଦ୍ଧ୍ୱ ସମୟ ଧରି ଅସହାୟଙ୍କୁ ସାହାଯ୍ୟ କରାଯାଉଛି। ପ୍ରବାସୀଙ୍କୁ ରାସ୍ତାରେ ଶୁଖିଲା ଖାଦ୍ୟ ବଣ୍ଟନ, ରାଶନ କାର୍ଡ ନ ଥିବା ଲୋକଙ୍କୁ ରାଶନ, ବିସ୍କୁଟ, ପାଉଁରୁଟି, ଚୁଡ଼ା, ମାସ୍କ, ସାନିଟାଇଜର ବଣ୍ଟନ କରାଯାଇଛି। ବୁଲାକୁକୁର, ଖଣ୍ଡ, ମାଙ୍କଡ଼ଙ୍କୁ ୬୦ଦିନ ହେଲା ଖାଦ୍ୟ ଦିଆଯାଉଛି। ପ୍ରଥମ ପର୍ଯ୍ୟାୟ ଲକ୍‌ଡାଉନରେ ରନ୍ଧାଖାଦ୍ୟ ଦିଆଯାଇଛି। ସଂଗଠନ ତରଫରୁ ମୁଖ୍ୟ ଉପଦେଷ୍ଟା ସରୋଜ କୁମାର ପାତ୍ର, ଚେୟାରମ୍ୟାନ ବିଶ୍ୱଜିତ ମହାନ୍ତି, ଶାଶ୍ୱତୀ ମିଶ୍ର, ରାଜା ବିଶ୍ୱାଳ, ପପୁ, ଟିଣ୍ଟୁ, ସାଣ୍ଡି, ବବୁଲ, ଅରୁଣ, ବନ୍ଦେ, ମୁନା, ସୁମିନା, ନବଘନ, ଅଶୋକ, ବୁବୁ, କେଶବ, ଟିକୁ ପରିଚାଳନା କରୁଛନ୍ତି।

କୀଟନାଶକ ପିଇ ଛାତ୍ର ମୃତ

ପୁରୁଣା ଭୁବନେଶ୍ୱର,୬।୬(ଡି.ଏନ୍.ଏ.): ଉତ୍ତରା ଫାଣ୍ଡି ଅଞ୍ଚଳରେ କୀଟନାଶକ ପିଇଥିବା ଜଣେ କଲେଜ ଛାତ୍ରଙ୍କ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ମୃତ୍ୟୁ ଘଟିଛି। ତେବେ ଛାତ୍ରଙ୍କ ପରିଚୟ ମିଳିପାରି ନାହିଁ। ସୂଚନା ଅନୁଯାୟୀ, ଛାତ୍ରଜଣଙ୍କ କୌଣସି କାରଣରୁ ଗତ ୧୦ଦିନ ପୂର୍ବେ କୀଟନାଶକ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଶନିବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ବ୍ୟବଚ୍ଛେଦ ପରେ ତାଙ୍କ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ଫେରାର ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୬।୬(ବ୍ୟୁରୋ): ଖାରବେଳନଗର ଥାନା ଅଞ୍ଚଳରେ ଜଣେ ଫେରାର ଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ମା' ଭଗବତୀ ବସ୍ତି ଅଞ୍ଚଳରେ ରହୁଥିବା ଦୀପୁ ଦାସ । ଖାରବେଳନଗର ଅଞ୍ଚଳରେ ରହୁଥିବା ପରମାନନ୍ଦ ବେହେରା ଗତ ଅକ୍ଟୋବର ୩୦ରେ ମା' ମଙ୍ଗଳା ବସ୍ତିସ୍ଥିତ ଏକ ପାର୍ଲରକୁ ଯାଇଥିଲେ। ଦୀପୁ ସେଠାରେ ନିଶାସକ୍ତ ଅବସ୍ଥାରେ ଥିବାବେଳେ କୌଣସି କାରଣକୁ ନେଇ ପରମାନନ୍ଦଙ୍କ ସହ ବଚସା ହୋଇଥିଲା। ଦୀପୁ ଉତ୍କ୍ଷିପ୍ତ ହୋଇ ପରମାନନ୍ଦଙ୍କୁ ଆକ୍ରମଣ କରିଥିଲେ। ପରମାନନ୍ଦ ଅଭିଯୋଗ କରିବା ପରେ ପୋଲିସ ନଂ. ୨୮୭/୧୯ରେ ମାମଲା ରୁଜୁ କରି ଶୁକ୍ରବାର ମାଷ୍ଟର କ୍ୟାଣ୍ଟିନରୁ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

ସବୁବେଳେ ଗହଳି ରହୁଥିବା ଭୁବନେଶ୍ୱର ରାଜମହଲ ଛକ ଶନିବାର ଜନଶୂନ୍ୟ ।

ଶଟ୍‌ଡାଉନ୍‌ରେ ସହର

ଭୁବନେଶ୍ୱର ବିମାନବନ୍ଦର ।

ଭୁବନେଶ୍ୱର ରେଲଷ୍ଟେଶନ ।

କଟକ ବାଦାମବାଡ଼ିକୁ ଯାଇଥିବା ରାସ୍ତା ।

ୟୁନିଟ୍-୧ ଅସ୍ଥାୟୀ ପରିବା ହାଟ ।

'ରେଭେନ୍‌ଶାରେ ବାତିଲ ହେବନି ପରୀକ୍ଷା' ଖବର ସମ୍ପର୍କିତ ସ୍ପଷ୍ଟୀକରଣ

RAVENSHAW UNIVERSITY
Established by the Odisha State Legislature Act 8 of 2005 | 'A' Grade, NAAC Accredited

Prof. Ishan Patro
PhD, FCMP, FZS, FNASc
Vice-Chancellor

6th June 2020

Dear Students, Parents and Guardians,

It is for the information of all concerned that the Odia daily *Dharitri* has published false news about the conduct of UG and PG semester examinations in Ravenshaw University. Please note the following:

1) As per the directive of the Department of Higher Education, Govt. of Odisha, there will be no semester exams for UG 2nd and 4th semesters and PG 2nd semester (2nd and 4th for 3yr Degrees like MCA).
2) It has been provisionally decided to conduct UG 6th semester and PG 4th semester (6th semester for MCA) exams during 6-24th July 2020. The Time-Table will be notified soon. The dates may change depending on the COVID situation at the end of June.
3) All final year students shall be allowed to take examinations. The students who have not paid the examination fees and other dues will get an opportunity to do so before the examinations.
4) Students will be allowed in the hostel just before the examination and can stay only till the examinations are over.

Students are advised to check the University website regularly for reliable updates on exams and other matters related to the University. Please do not fall prey to any fake news circulated on media.

Please feel free to contact your Head of the Department in case of any difficulty.

Please stay home, stay safe and stay healthy. Always wash your hands regularly and wear a mask. Unless essentially required, please do not step out.

Best wishes,

Ishan Patro
Vice Chancellor

'ରେଭେନ୍‌ଶାରେ ବାତିଲ୍ ହେବନି ପରୀକ୍ଷା' ସମ୍ପର୍କିତ ଏକ ଖବର ଧରିତ୍ରୀରେ ୬ ଜୁନ୍ ଶନିବାର ଇ-ପେପରର ପୃଷ୍ଠା ୧୨ରେ ପ୍ରକାଶ ପାଇଥିଲା। ଏଥିରେ ପରୀକ୍ଷା ବାତିଲ ସମ୍ପର୍କରେ ଯେଉଁ ତଥ୍ୟ ପ୍ରଦାନ କରାଯାଇଛି, ସେଥିରେ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ତ୍ରିଲୋଚନ ମିଶ୍ରଙ୍କ ମତାମତ ରହିଛି। ହେଲେ ଏହି ଖବର ପ୍ରକାଶକୁ ନେଇ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଇଶାନ କୁମାର ପାତ୍ର ଖଣ୍ଡନ କରିବା ସହ ଏକ ସ୍ପଷ୍ଟୀକରଣ ଦେଇଛନ୍ତି। ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁଯାୟୀ, ସ୍ନାତକର ୬ଷ୍ଠ ସେମିଷ୍ଟର ଏବଂ ସ୍ନାତକୋତ୍ତରର ୪ର୍ଥ ସେମିଷ୍ଟର ପରୀକ୍ଷା ଆସନ୍ତା ଜୁଲାଇ ୬ରୁ ୨୪ତାରିଖ ମଧ୍ୟରେ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏ ନେଇ ପରୀକ୍ଷାସୂଚୀ ଖୁବଶୀଘ୍ର ଘୋଷଣା ହେବ ବୋଲି କୁଳପତି ପାତ୍ର ଏକ ପତ୍ର ମାଧ୍ୟମରେ ଛାତ୍ରୀଛାତ୍ର, ମାତାପିତା ଓ ଅଭିଭାବକଙ୍କୁ ଜଣାଇଛନ୍ତି। କରୋନାଜନିତ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ଦେଖି ଉପରୋକ୍ତ ତାରିଖରେ ପରିବର୍ତ୍ତନ ସମ୍ଭାବନା ମଧ୍ୟ ରହିଛି। ସ୍ନାତକ ୨ୟ ଓ ୪ର୍ଥ ସେମିଷ୍ଟର ଏବଂ ସ୍ନାତକୋତ୍ତର ୨ୟ ସେମିଷ୍ଟର ପରୀକ୍ଷା ବାତିଲ୍ ହେବ ନାହିଁ ବୋଲି ଯେଉଁ ଖବର ପ୍ରକାଶ ପାଇଛି, ତାହା ମିଥ୍ୟା ବୋଲି କୁଳପତି ଉକ୍ତ ପତ୍ରରେ ଦର୍ଶାଇଛନ୍ତି।

ଖବରଦାତାଙ୍କ କହିବାନୁଯାୟୀ, ପରୀକ୍ଷା ନିୟନ୍ତ୍ରକ ମିଶ୍ରଙ୍କ ମତ ନେବାବେଳେ ସେ ବୁଝିବାରେ ତ୍ରୁଟି କରିଥାଇପାରନ୍ତି। ଏହି ତ୍ରୁଟିପୂର୍ଣ୍ଣ ଖବର ପାଇଁ ଦୁଃଖ ପ୍ରକାଶ କରିବା ସହ ଛାତ୍ରୀଛାତ୍ର, ଅଭିଭାବକ ଏବଂ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପାଖରେ କ୍ଷମା ପ୍ରାର୍ଥନା କରୁଛୁ।

ସମ୍ପାଦକ

ସିଆର୍‌ସିସି ପକ୍ଷ ରଖିବାକୁ ଲୋକାୟୁକ୍ତଙ୍କ ନିର୍ଦ୍ଦେଶ

ନିଶ୍ଚିନ୍ତକୋଇଲି,୬।୬(ସ୍ୱ.ପ୍ର.)

ମଧ୍ୟାହ୍ନଭୋଜନ ଦୁର୍ନୀତି ମାମଲା

କଟକ ଜିଲା ନିଶ୍ଚିନ୍ତକୋଇଲି ଶିକ୍ଷା ମଣ୍ଡଳ ଅଧୀନରେ ଥିବା ଖଣ୍ଡାୟତ ପଟକିରା ଉଚ୍ଚ ବିଦ୍ୟାଳୟ ମଧ୍ୟାହ୍ନ ଭୋଜନ ଦୁର୍ନୀତିର ତଦନ୍ତ ଶେଷ ହୋଇଥିଲେ ମଧ୍ୟ ପ୍ରଶାସନିକସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଏନେଇ ସିଆରସିସି ଗତିକୃଷ୍ଣ ରାଉତ ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ। ଲୋକାୟୁକ୍ତ ଏହି ଅଭିଯୋଗକୁ ଗ୍ରହଣ କରି ମାମଲା (ନଂ.ଏଲ୍.ଓ୍ୱାୟୀ.୪୭୪/୨୦) ରୁଜୁ କରି ୨୯ ଜୁନ୍‌ରେ ନିଜ ପକ୍ଷ ରଖିବାକୁ ସିଆରସିସି ରାଉତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ସିଆରସିସିଙ୍କୁ ପତ୍ର ନଂ.୪୬୮୪-୨୮/୫/୨୦ ଯୋଗେ ନିର୍ଦ୍ଦେଶ ଦିଆଯାଇଛି। ଖଣ୍ଡାୟତ ପଟକିରା ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ଦୁର୍ନୀତି ହୋଇଥିବା ନେଇ ସିଆରସିସି ରାଉତ ଜାଣିବା ପରେ ନୋଡାଲ ଅଫିସରଙ୍କୁ ଅବଗତ କରାଇଥିଲେ। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ରାଉତ ରାଜ୍ୟ ମଧ୍ୟାହ୍ନ ଭୋଜନ ନୋଡାଲ ଅଫିସର ଗଙ୍ଗାଧର ସାହୁଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ଡିଇଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ତଦନ୍ତ ରିପୋର୍ଟ ଦେବା ପାଇଁ ଡିଇଓ ପରେ ବିଇଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ବିଇଓଙ୍କ ନିର୍ଦ୍ଦେଶ କ୍ରମେ ୨ ଜଣ ଏବିଇଓ ଏହାର ତଦନ୍ତ କରି ଗତ ୩ ମାର୍ଚ୍ଚରେ ରିପୋର୍ଟ ପ୍ରଦାନ କରିଥିଲେ। ଏହି ରିପୋର୍ଟ ବିଇଓ ମାର୍ଚ୍ଚ ୭ରେ ଡିଇଓଙ୍କୁ ପ୍ରଦାନ କରିଥିଲେ। ରିପୋର୍ଟ ମିଳିବାର ଦୀର୍ଘ ୩ ମାସ ବିତିଯାଇଥିଲେ ମଧ୍ୟ ଡିଇଓ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଶେଷରେ ସିଆରସିସି ରାଉତ ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ।

ଦୋକାନ ତାଲା ଭାଙ୍ଗି ଚୋରି, ୨ ଗିରଫ

ଭୁବନେଶ୍ୱର,୬।୬(ବ୍ୟୁରୋ)

ଖଣ୍ଡଗିରି ଥାନା ଅଞ୍ଚଳରେ ଥିବା ଏକ ଓମଫେଡ ଦୋକାନର ତାଲା ଭାଙ୍ଗି ଚୋରି କରିବା ଅଭିଯୋଗରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଡୁମଡୁମା ରଘୁନାଥପୁର ଅଞ୍ଚଳର ଶଙ୍କର ଡାକୁଆ ଓ ରବି ରେଡ୍ଡି। ଏହି ଥାନା ଅନ୍ତର୍ଗତ ଏମ୍ସ ରୋଡ୍‌ରେ ଶାନ୍ତିଲତା ଦାସଙ୍କର ଏକ ଓମଫେଡ୍ ଦୋକାନ ରହିଛି। ଗତ ୩୦ତାରିଖ ବିଳମ୍ବିତ ରାତିରେ ୨ ଅଭିଯୁକ୍ତ ଦୋକାନ ତାଲା ଭାଙ୍ଗି ବିସ୍କୁଟ ପେଟି ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଥିଲେ। ସକାଳୁ ଶାନ୍ତିଲତା ଦୋକାନ ଖୋଲିବାକୁ ଆସିବାବେଳେ ତାଲା ଭଙ୍ଗାଯାଇ ସାମଗ୍ରୀ ନ ଥିବା ଦେଖି ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ.୨୯୫/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ଶୁକ୍ରବାର ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଚୋରି ସମାଗ୍ରୀ ଜବତ କରିଥିଲା।

ଅଣସର ଘରେ ମହାପ୍ରଭୁଙ୍କ ଉପଚାର ବିଧି

ପୁରୀ ଅଫିସ,୬।୬

ସ୍ନାନବେଦିରେ ପ୍ରତ୍ୟକ୍ଷ ସ୍ନାନପରେ ଜ୍ୱରରେ ପଡ଼ିଛନ୍ତି ମହାପ୍ରଭୁ। ଅଣସର ଘରେ ଚାଲିଛି ଗୁପ୍ତ ସେବା। ଶ୍ରୀଅଙ୍ଗ ସେବକ ଦଇତାପତିମାନେ ଚତୁର୍ଦ୍ଧାବିଗ୍ରହଙ୍କ ସେବାରେ ଲାଗିଛନ୍ତି। ମହାପ୍ରଭୁଙ୍କ ଏହି ୧୫ଦିନ ଉପଚାର ବିଧି ସମ୍ପର୍କରେ ଦଇତାପତି ସେବକ ରାମଚନ୍ଦ୍ର ଦାସମହାପାତ୍ର କହିଛନ୍ତି, ଆଷାଢ଼ କୃଷ୍ଣ ତୃତୀୟାରେ ଠାକୁରଙ୍କ ଓଦା ବସ୍ତ୍ର ଖୋଲାଯାଏ। ଚତୁର୍ଥୀରେ ବର୍ଷସାରା ଲାଗିଥିବା ଚନ୍ଦନ ଏବଂ ବସ୍ତ୍ର ଫିଟା (ଶ୍ରୀଅଙ୍ଗ ଫିଟା) ନୀତି ସମ୍ପନ୍ନ ହୁଏ। ପଞ୍ଚମୀରେ ଓଡ଼ିଆ ମଠ ଏବଂ ମନ୍ଦିର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଥିବା ଫୁଲୁରୀ ତେଲ ଠାକୁରଙ୍କୁ ଲାଗି କରାଯାଏ। ଷଷ୍ଠୀରୁ ନବମୀ ପର୍ଯ୍ୟନ୍ତ ଠାକୁରଙ୍କୁ ଔଷଧ ଲାଗି କରାଯାଇଥାଏ। ଝୁଣା ଓ ରାଶି ତେଲରେ ଏହା ପ୍ରସ୍ତୁତ ହୁଏ। ଦଶମ ଦିନରେ ଶ୍ରୀବିଗ୍ରହଙ୍କ ଚକା ବିଜେ ନୀତି ଅନୁଷ୍ଠିତ ହୋଇଥାଏ। ତିନୋଟି ମୁଗୁନି ପଥରରେ ଚକା ଅଣସର ପିଣ୍ଡିରେ ରଖାଯାଇ ଠାକୁରଙ୍କୁ ଏହା ଉପରକୁ ଦଇତାପତି ସେବକମାନେ ବିଜେ କରାଇଥାନ୍ତି। ଚକା ବିଜେ ପରେ କସ୍ତୁରୀ ଓ କୁଙ୍କୁମର ଏକ ସ୍ୱତନ୍ତ୍ର ଲେପ ଦିଆଯାଏ। ଏହିଦିନ ଚତୁର୍ଦ୍ଧାବିଗ୍ରହ ସାମାନ୍ୟ ଆରୋଗ୍ୟ ଅନୁଭବ କରନ୍ତି। ଏକାଦଶୀ ତିଥିରେ ଖଳି ପ୍ରସାଦ ଲାଗି ହୋଇଥାଏ। ଅଣସର ଘରେ ପ୍ରବେଶ କରିବାଠାରୁ ଏକାଦଶୀ ପର୍ଯ୍ୟନ୍ତ ଶୁକ୍ଳବସ୍ତ୍ର, ଧଳାଫୁଲ ଏବଂ ବିନା ତୁଳସୀରେ ଠାକୁରଙ୍କ ବେଶ ହୋଇଥାଏ ଏବଂ ଭୋଗ ଲାଗି ହୁଏ। ଏକାଦଶୀରେ ଦାରୁଦିଅଁଙ୍କ ଶ୍ରୀଅଙ୍ଗରେ ଚନ୍ଦନ ଲାଗି କରାଯାଏ। ରାଜବୈଦ୍ୟଙ୍କ ଘରୁ ଦଶମୀ ଦିନ ଆସିଥିବା ଦଶମୂଳ ମୋଦକ ପତିମହାପାତ୍ର ଲାଗି କରିଥାନ୍ତି। ଏହିଦିନ ଗୀତିଗୋବିନ୍ଦ ଖଣ୍ଡୁଆ, ତୁଳସୀ ଏବଂ ବିଭିନ୍ନ ରଙ୍ଗର ପୁଷ୍ପ ମଧ୍ୟ ପରିଧାନ କରନ୍ତି। ଦଶମୂଳ ସେବନ କରିବା ପରେ ଆରୋଗ୍ୟ ଲାଭ କରନ୍ତି ମହାପ୍ରଭୁ। ଦ୍ୱାଦଶୀରେ ରାଜପ୍ରାସାଦ ବିଜେ ଏବଂ ଠାକୁରଙ୍କ ସପ୍ତାବରଣ କାର୍ଯ୍ୟ ଆରମ୍ଭ କରାଯାଏ। ତ୍ରୟୋଦଶୀ ଦିନ ଘଣାଲାଗି ନୀତି ଅନୁଷ୍ଠିତ ହୁଏ। ଏହି ଘଣାଲାଗିରେ ଶ୍ରୀବିଗ୍ରହଙ୍କଠାରେ ପାଟଡୋରି ଖଡି ପ୍ରସାଦ ଓ ଖଳି ପ୍ରସାଦ ଲାଗି କରାଯାଏ। ପରେ ମହାପ୍ରଭୁଙ୍କ ବନକଲାଗି ନୀତି ଅନୁଷ୍ଠିତ ହୋଇଥାଏ। ଚତୁର୍ଦ୍ଦଶୀ ଦିନ ତାଦିଅଁଙ୍କୁ ବଡ଼ସିଂହାର ଭୋଗ ହେବାପରେ ଅଣସର ଘରେ ପଣା ଓ ଚକଟା ଭୋଗ ହୋଇଥାଏ। ଏହାପରେ ଅଣସରେ ଘରେ ରହିଥିବା ପ୍ରସାଦ ଏବଂ ଫୁଲ ବାହାର କରାଯିବା ପରେ ଦତ୍ତ ମହାପାତ୍ର ବନକଲାଗି କରିଥାନ୍ତି। ଏଥର ଚତୁର୍ଦ୍ଦଶୀରେ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ ରହିଛି। ଏହାକୁ ଅତ୍ୟନ୍ତ ପବିତ୍ର ଦିନ ଭାବେ ବିବେଚନା କରାଯାଏ। ଏହି ଦୁର୍ଲଭ ଦର୍ଶନ ଲାଗି ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ। କିନ୍ତୁ ଏଥର ମହାମାରୀ କରୋନା ପାଇଁ ସବୁଥିରେ ଘଟିଛି ବ୍ୟତିକ୍ରମ। ଅଢେଇ ମାସ ହେବ ଶ୍ରୀମନ୍ଦିରକୁ ଯାଉ ନାହାନ୍ତି ଭକ୍ତ। ବିନା ଭକ୍ତରେ ବି ହୋଇଛି ସ୍ନାନଯାତ୍ରା। ଆସନ୍ତା ଜୁନ୍ ୩୦ ପର୍ଯ୍ୟନ୍ତ ଧର୍ମାୟତ୍ତଳୀକୁ ପ୍ରବେଶ ଉପରେ କଟକଣା ଥିବାରୁ ନବଯୌବନ ଦର୍ଶନରୁ ମଧ୍ୟ ଭକ୍ତ ବଞ୍ଚିତ ହେବା ଏକପ୍ରକାର ନିଶ୍ଚିତ ବୋଲି କୁହାଯାଉଛି।

ବିକ୍ରି ହେଉଛି ଏକ୍ସପାଏରି ଖାଦ୍ୟ ପ୍ୟାକେଟ୍

କଟକ ଅଫିସ,୬।୬

ଲକ୍‌ଡାଉନ୍ ଯୋଗୁ ବଢ଼ିଛି ଷ୍ଟକ୍

ଦୀର୍ଘ ଦୁଇ ମାସରୁ ଅଧିକ ସମୟ ଧରି ଲକ୍‌ଡାଉନ୍ ଜାରି ରହିଥିବା ବେଳେ ଏଥିରେ ବ୍ୟବସାୟ କ୍ଷେତ୍ର ଭୀଷଣ କ୍ଷତି ସହୁଛି। ଛୋଟ ବଡ଼ ଦୋକାନରେ ସାମଗ୍ରୀ ଷ୍ଟକ୍ ବଢ଼ିଯାଇଛି। କ୍ଷତିରୁ ବର୍ତ୍ତିବା ପାଇଁ ଏବେ ବ୍ୟବସାୟୀମାନେ ପୁରୁଣା ଷ୍ଟକ୍‌କୁ ଖାଲି କରିବାରେ ଲାଗିଛନ୍ତି। ଏହି କାରଣରୁ ଏକ୍ସପାଏରୀ ଯାଇଥିବା ଖାଦ୍ୟ ପ୍ୟାକେଟ୍ ବଜାରରେ ବିପୁଳ ପରିମାଣରେ ବିକ୍ରି ହେଉଛି। କଟକ ମହାନଗର ନିଗମ (ସିଏମ୍‌ସି) ଏହାକୁ ଯାଞ୍ଚ କରିବା ବଦଳରେ ନିରବ ରହି ଲୋକଙ୍କ ସ୍ୱାସ୍ଥ୍ୟ ସହ ଖେଳୁଥିବା ଅଭିଯୋଗ ହୋଇଛି।

ଥରେ ଏକ୍ସପାଇରୀ ଡେଟ୍ ସରିଗଲେ ଖାଦ୍ୟ ସାମଗ୍ରୀ ଆଉ ବିକିହେବ ନାହିଁ। ଫୁଡ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡ ଆକ୍ଟ-୨୦୦୬ରେ ଏନେଇ ଦଣ୍ଡବିଧାନ ବ୍ୟବସ୍ଥା ରହିଛି। ଦୁଇ ମାସର ଲକ୍‌ଡାଉନ୍ ପରେ କଟକଣା ସାମାନ୍ୟ କୋହଳ ହେବା ଯୋଗୁ ଦୋକାନ ଯେତେବେଳେ ଖୋଲିଲା, ସମସ୍ତଙ୍କ ପାଖରେ ବିପୁଳ ପରିମାଣର ଖାଦ୍ୟ ସାମଗ୍ରୀ ଗଚ୍ଛିତ ରହିଥିଲା। ଲକ୍‌ଡାଉନ୍ ଅବଧି ଭିତରେ ଖାଦ୍ୟ ସାମଗ୍ରୀର ବୈଧ ତାରିଖ ମଧ୍ୟ ଶେଷ ହୋଇସାରିଥିଲା। ଏବେ ସମସ୍ୟା ହେଲା, ଅନେକ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତକାରୀ କମ୍ପାନୀ ଏକ୍ସପାଇରୀ ହୋଇଥିବା ଏହି ଖାଦ୍ୟ ସାମଗ୍ରୀଗୁଡ଼ିକୁ ଫେରାଇ ନେବାକୁ ରାଜି ନୁହନ୍ତି। ସେମାନଙ୍କୁ ମଧ୍ୟ କ୍ଷତି ଚିନ୍ତା ଘାରିଛି। ଅପରପକ୍ଷେ ଲକ୍‌ଡାଉନ୍ ଯୋଗୁ ଫ୍ୟାକ୍ଟ୍ରି ବନ୍ଦ ଥିବା ଯୋଗୁ ନୂତନ ଖାଦ୍ୟ ସାମଗ୍ରୀ ମଧ୍ୟ ପ୍ରସ୍ତୁତ ହୋଇପାରୁ ନାହିଁ। ପ୍ରସ୍ତୁତକାରୀ ଓ ଡିଷ୍ଟ୍ରିବ୍ୟୁଟର ମନା କରିଦେବା ପରେ ଏବେ କେତେକ ଅସାଧୁ ବ୍ୟବସାୟୀ ପୁରୁଣା ଓ ଏକ୍ସପାଇରୀ ସରିଥିବା ସାମଗ୍ରୀ ବିକିବାରେ ଲାଗିଛନ୍ତି। ଏଥିରେ ବିସ୍କୁଟ୍, କେକ୍, ମୃଦୁପାନୀୟ, ଜୁସ୍ ପ୍ୟାକେଟ୍, ନୁଡଲ୍ସ, ସ୍ନାକ୍ସ ଭଳି ଖାଦ୍ୟ ସାମଗ୍ରୀ ରହିଛି।

ଅବ୍ୟବସ୍ଥା ଧରିବାକୁ ହେବ ଚଢ଼ାଉ

ଏ ନେଇ ସିଏମ୍‌ସି ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରତୀକ୍ଷା ଦାସ ମହାପାତ୍ର କହିଛନ୍ତି, ସିଏମ୍‌ସି ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଆଗାମୀ ଦିନରେ ଏକ୍ସପାଏରୀ ଫୁଡ୍ ପ୍ୟାକେଟ ଧରିବା ପାଇଁ ମଧ୍ୟ ଚଢ଼ାଉ କରାଯିବ।

ସବ୍ୟସାଚୀଙ୍କ ସହଯୋଗରେ ଘରକୁ ଫେରିଲେ ଯୁବତୀ

ଭୁବନେଶ୍ୱର,୬।୬ (ବ୍ୟୁରୋ)

ଦୁଇଦିନିଆ ଶଟ୍‌ଡାଉନ୍‌ର ପ୍ରଥମ ଦିନ ଶନିବାର ରାଜଧାନୀର ବିଭିନ୍ନ ସ୍ଥାନରେ ପ୍ରବାସୀମାନେ ଅଟକି ରହିଥିବା ଦେଖିବାକୁ ମିଳିଥିଲା। ତେବେ ଜଣେ ଯୁବତୀଙ୍କର ଟ୍ରେନ୍‌ରେ ମୋବାଇଲ୍ ଫୋନ୍ ଓ ପର୍ସ ଚୋରି ହୋଇଯିବାରୁ ହଟହଟା ହେଉଥିଲେ ସୁନ୍ଦରଗଡ଼ର ଜଣେ ଯୁବତୀ। ଶେଷରେ ଅଭିନେତା ସବ୍ୟସାଚୀଙ୍କ ସହଯୋଗକ୍ରମେ ବସ୍‌ଯୋଗେ ଘରକୁ ଫେରିଥିବା ଜଣାପଡିଛି।

ସୂଚନାନୁସାରେ, ଯୁବତୀ ଜଣକ ମୁମ୍ବାଇରୁ ଟ୍ରେନ୍‌ରେ ଭୁବନେଶ୍ୱର ଆସୁଥିବାବେଳେ ବା

ବାଘଛାଲ ଜବତ, ୨ ଅଟକ

ନୟାଗଡ଼ ଅଫିସ/ଦଶପଲ୍ଲା, (ଡି,ଏନ୍.ଏ.): ଏସ୍‌ଟିଏଫ୍‌ର ଏକ ଟିମ୍ ଶୁକ୍ରବାର ରାତିରେ ନୟାଗଡ଼ ଜିଲାର ଦଶପଲ୍ଲା ଥାନା ପୋଲିସ ସହଯୋଗରେ ସାକେଶି ଅଞ୍ଚଳରୁ ବାଘଛାଲ ଜବତ କରିଛି। ଟିମ୍ ସଦସ୍ୟ ଏହି ଘଟଣାରେ ସାକେଶି ଗାଁର ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଦେଢ଼ଶର ଗାଁର ସହଯୋଗୀଙ୍କୁ ଉଠାଇ ନେଇ ତଦନ୍ତକୁ ତ୍ୱରାନ୍ୱିତ କରିଛନ୍ତି । ପ୍ରାପ୍ତ ସୂଚନା ଅନୁସାରେ ସାକେଶି ଗାଁର ବ୍ୟକ୍ତି ଜଣକ ବନ୍ଦୁକାପ୍ତା ଓ ଗଞ୍ଜେଇ ଚାଲାଣ କରୁଥିବା ଅଭିଯୋଗ ଥିଲା। ଏହାସହ ସେ କିଛିଦିନ ହେବ ବାଘଛାଲ ବ୍ୟବସାୟ କରୁଥିବା ଜଣାପଡିଥିଲା। ଶୁକ୍ରବାର ବାଘଛାଲ ବିକ୍ରି ପାଇଁ ମସୁଧା ଚାଲିଥିବା ସୂଚନା ପାଇ ଏହି ଟିମ୍ ଚଢ଼ାଉ କରିଥିଲା।

ସଂକ୍ଷେପରେ

ଯାଜପୁର: ସଂକ୍ରମିତଙ୍କ ସଂଖ୍ୟା ୩୦୦ ଟପିଲା
ଗୋଟିଏ ଦିନରେ ୧୯ ପଜିଟିଭ

ଯାଜପୁର ଅଫିସ, ୬।୬: ଯାଜପୁର ଜିଲାରେ ଶନିବାର ନୂତନ ଭାବେ ୧୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ କରୋନା ସଂକ୍ରମିତ ସଂଖ୍ୟା ୩୧୨ରେ ପହଞ୍ଚିଛି। ଏଥିରେ ଯାଜପୁର ବ୍ଲକର ୯ ଜଣ, ଦଶରଥପୁର ବ୍ଲକର ୪ ଜଣ, ବଡ଼ଚଣା ବ୍ଲକର ୪ ଜଣ, ରସୁଲପୁର ବ୍ଲକର ୨ ଜଣ ରହିଛନ୍ତି। ସଂକ୍ରମିତମାନଙ୍କ ମଧ୍ୟରୁ ୧୨ ଜଣ ସୁରଟ ଫେରନ୍ତା, ୨ ଜଣ ଲେଖାଏ ତାମିଲନାଡୁ ଓ କୋଲକୋତା ଫେରନ୍ତା, ଜଣେ ଲେଖାଏ ମଧ୍ୟପ୍ରଦେଶ, ହରିୟାଣା ଓ ମହାରାଷ୍ଟ୍ର ଫେରନ୍ତା ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି।

ନୟାଗଡ଼ରେ ୭ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ

ନୟାଗଡ଼ ଅଫିସ/ଓଡଗାଁ/ଭାପୁର, ୬।୬(ସ୍ୱ.ପ୍ର./ଡି.ଏନ୍.ଏ.): ନୟାଗଡ଼ ଜିଲାରେ ଶନିବାର ୭ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଓଡଗାଁ ବ୍ଲକ ଗିରିଡିପଲ୍ଲି ପଞ୍ଚାୟତ ଝାଡସାହି କ୍ୱାରାଣ୍ଟାଇନ୍ ସେଣ୍ଟରରୁ ୩୦ ଓ ୩୫ ବର୍ଷର ୨ଜଣ, ରଙ୍ଗଣୀପାଟଣା ପଞ୍ଚାୟତ ଗୋଡିପଲ୍ଲୀ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ୨୧, ୨୪ ଓ ୧୮ ବର୍ଷର ୩ଜଣ ଓ ସୁନାମୁହିଁ କେନ୍ଦ୍ରରୁ ଜଣେ ୨୫ ବର୍ଷୀୟ ଯୁବକ ଚିହ୍ନଟ ହୋଇଛନ୍ତି। ଏହି ୬ ଜଣ ସୁରଟ ଫେରନ୍ତା। ସେହିପରି ନୟାଗଡ ବ୍ଲକ ପଣ୍ଡୁସର ସେଣ୍ଟରରୁ ବାଲିକୁଦିଆ ଅଞ୍ଚଳର ଜଣେ ୨୮ ବର୍ଷର ଯୁବକ ଚିହ୍ନଟ ହୋଇଛନ୍ତି। ଏ ନେଇ ସିଡିଏମଓ ସୁଧାଂଶୁ ଶେଖର ଷଡ଼ଙ୍ଗୀ କୁହନ୍ତି, ଜିଲାର ୭ ଆକ୍ରାନ୍ତଙ୍କୁ କୋଭିଡ୍ ହସ୍ପିଟାଲ ଭୁବନେଶ୍ୱରକୁ ପଠାଯାଇଛି । ପୂର୍ବରୁ ୭୯ ଜଣ ଆକ୍ରାନ୍ତ ଥିବାବେଳେ ଏବେ ଜିଲାରେ ଏହି ସଂଖ୍ୟା ୮୬ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୫୦ ଜଣ ସୁସ୍ଥ ହୋଇଥିବାବେଳେ ୩୬ଜଣ ଭୁବନେଶ୍ୱର କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

ସୁସ୍ଥ ହେଲେ ଜିଲାର ୩୩ କରୋନା ଆକ୍ରାନ୍ତ

କେନ୍ଦ୍ରାପଡ଼ା ଅଫିସ, ୬।୬: କେନ୍ଦ୍ରାପଡ଼ା ଜିଲାରେ ଶନିବାର ଏକକାଳୀନ ୩୩ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଫଳରେ ସୁସ୍ଥ ସଂଖ୍ୟା ୧୩୨ରେ ପହଞ୍ଚିଛି । ଗୁରୁବାର ଏମାନଙ୍କ ସଂଖ୍ୟା ୯୫ ଥିବାବେଳେ ଶୁକ୍ରବାର ୪ ଜଣ ସୁସ୍ଥ ହୋଇଥିବା ଜିଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି। ସେ କହିଛନ୍ତି, ଜିଲାରେ ଅଦ୍ୟାବଧି ମୋଟ ୧୬୩ ଜଣ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଏଥିମଧ୍ୟରୁ ୧୩୨ ଜଣ ସୁସ୍ଥ ହୋଇଥିବାରୁ ମାତ୍ର ୩୧ ଜଣ ଚିକିତ୍ସାଧୀନ ଅଛନ୍ତି।

ଅଣସରରେ ତିନି ଠାକୁର

ଖଣ୍ଡପଡ଼ା,୬।୬(ସ୍ୱ.ପ୍ର.): ପବିତ୍ର ଜ୍ୟେଷ୍ଠ ପୂର୍ଣ୍ଣିମା ଅବସରରେ କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ପାର୍ଶ୍ୱ ଠାକୁର ଭାବେ ବିରାଜିତ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ଦେବସ୍ନାନ ଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଗଜାନନ ବେଶ ହୋଇଥିବା ଶ୍ରୀ ଜୀଉମାନେ ଅଧିକ ସ୍ନାନ ଯୋଗୁ ଅସୁସ୍ଥ ହୋଇପଡିବାରୁ ରାତିରେ ସ୍ନାନବେଦିରୁ ପହଣ୍ଡି କରାଯାଇ ଅଣସର ଘରକୁ ଅଣାଯାଇଥିଲା। ଦୀର୍ଘ ୧୪ଦିନ ପର୍ଯ୍ୟନ୍ତ ଶ୍ରୀଜୀଉମାନେ ଅଣସର ଘରେ ରହିବେ। ଆସନ୍ତା ୨୧ ତାରିଖରେ ଠାକୁରଙ୍କ ନବଯୌବନ ଦର୍ଶନ ମିଳିବ।

ଖବରଦାତାଙ୍କ ପିତୃ ବିୟୋଗ

କୁଜଙ୍ଗ,୬।୬(ଡି.ଏନ.ଏ.): କୁଜଙ୍ଗ ବ୍ଲକ ଅଧୀନ ବଳରାମପୁର ଗ୍ରାମର ଖବରଦାତା ଗିରିଜା ପ୍ରସାଦ ମହାନ୍ତିଙ୍କ ପିତା ଗଜେନ୍ଦ୍ର ନାଥଙ୍କ ୮୧ ବର୍ଷ ବୟସରେ ପରଲୋକ ହୋଇଛି। ସେ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁଅ ବିରଜା ପ୍ରସାଦ, ବୋହୂ ପଲ୍ଲିଶ୍ରୀ ଦାସ, ସସ୍ମିତା ପଟ୍ଟନାୟକ, ଝିଅ ସୁଚିତ୍ରା, ସୁଜାତା, ଜ୍ୱାଇଁ ପ୍ରସନ୍ନ ଦାସ, ପ୍ରିୟବ୍ରତ ମହାନ୍ତିଙ୍କ ସମେତ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ପୂର୍ବତନ ଏମ୍‌ପି କୁଳମଣି ସାମଲ, ସୁରେଶ ଅଗ୍ରୱାଲା, ସଞ୍ଜୀବ ପଟ୍ଟନାୟକ, ସୁଧାଂଶୁ ଶତପଥୀ, କୁଜଙ୍ଗ ଅଧକ୍ଷ ସ୍ମୃତିରଞ୍ଜନ ବେହେରା, ସରପଞ୍ଚ ଭାରତ ଭୂଷଣ ନାୟକଙ୍କ ସମେତ କୁଜଙ୍ଗ ଅଞ୍ଚଳର ବହୁ ବୁଦ୍ଧିଜୀବୀ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

ବିଦ୍ୟୁତ୍ କରେଣ୍ଟ ଦେଇ ମାଛଧରା

ନୟାଗଡ଼ ଅଫିସ/ଓଡଗାଁ,୬।୬(ସ୍ୱ.ପ୍ର.)

ମାଛ ମାରିବାକୁ ନୂଆ କୌଶଳ ଆପଣେଇଛନ୍ତି କେତେଜଣ ଯୁବକ। ଜାଲ ବଦଳରେ ବିଦ୍ୟୁତ୍ କରେଣ୍ଟ ଦେଇ ବିନା ପରିଶ୍ରମ ଓ କମ୍ ଖର୍ଚ୍ଚରେ ମାଛ ମାରୁଛନ୍ତି। ଏଭଳି ଦୃଶ୍ୟ ନୟାଗଡ ଜିଲା ଓଡଗାଁ ବ୍ଲକ ଶରଧାପୁର ପଞ୍ଚାୟତ ଆମ୍ବରାପୁର କୁସୁମୀ ନଦୀରେ ଦେଖିବାକୁ ମିଳିଛି। ବେଆଇନ ଭାବେ ହୁକ ପକାଇ ସମ୍ପୃକ୍ତ ଯୁବକମାନେ ଏହି ବିପଜ୍ଜନକ କାର୍ଯ୍ୟ କରୁଥିଲେ ମଧ୍ୟ ଏଥିରେ ଲଗାମ ଲାଗିପାରୁ ନାହିଁ।

ପ୍ରାପ୍ତ ସୂଚନା ଅନୁସାରେ ୧୦ରୁ ୧୨ ଫୁଟର ଏକ ଶୁଖିଲା ବାଉଁଶ ଅଗରେ ଏକ ଲୁହାରଡ୍ ବନ୍ଧାଯାଉଛି। ୧୧ କେଭି ଓ ଏଲ୍‌ଟି ଲାଇନ୍‌ରେ ହୁକ ପକାଇ ଏହି ଲୁହା ରଡ୍‌ରେ ଏକ ଫେଜର ବିଦ୍ୟୁତ୍ ସଂଯୋଗ କରାଯାଉଛି। ଜଣେ ବ୍ୟକ୍ତି ପାଣି ଭିତରେ ୫ରୁ ୬ଫୁଟ ବ୍ୟବଧାନରେ ଠିଆ ହୋଇ ବାଉଁଶ ଯୋଗେ ଲୁହାରଡ୍‌କୁ ପାଣି ଭିତରେ ପକାଉଛି। କିଛି ସମୟ ପରେ ମାଛ ଚେତାଶୂନ୍ୟ ହୋଇ ପାଣିରେ ଭାସୁଛନ୍ତି। ସେହି ସମୟରେ ବାଉଁଶ ଟେକିନେବା ପରେ ୫ରୁ ୬ଫୁଟ ଦୂରରେ ଥିବା ଅନ୍ୟ ସହଯୋଗୀମାନେ ମାଛ ଗୋଟାଉଛନ୍ତି। କିଛି ସମୟ ବ୍ୟବଧାନରେ ପୁଣି ସମାନ ତରିକାରେ ମାଛ ମରାଯାଉଛି। ଖବର ପାଇ ଓଡଗାଁ ବିଦ୍ୟୁତ୍ ବିଭାଗ ଜେଇ ଓ ଓଡଗାଁ ପୋଲିସ ଆମ୍ବରାପୁର ନଦୀ ଅଞ୍ଚଳରେ ଚଢ଼ାଉ କରିଥିଲେ। ତେବେ ଏମାନେ ପହଞ୍ଚିବା ବେଳକୁ ମାଛଧରାଳିମାନେ ଫେରାର ହୋଇଯାଇଥିଲେ।

ନଦୀରେ କରେଣ୍ଟ ଲଗାଇ ଜଣେ ବ୍ୟକ୍ତି ମାଛ ଧରୁଛନ୍ତି।

- ବିପଜ୍ଜନକ କାର୍ଯ୍ୟରେ ନାହିଁ ଲଗାମ
- କମ୍ ଖର୍ଚ୍ଚରେ ମିଳୁଛି ବେଶି ଲାଭ

କରେଣ୍ଟ ଲଗାଇ ମାଛ ମାରିବାକୁ ନଦୀ କୂଳିଆ ଅଞ୍ଚଳର କେତେଜଣ ଲୋକ ପେଷା ଭାବେ ଆପଣେଇ ନେଇଛନ୍ତି। ଏଭଳି ବିପଜ୍ଜନକ କାର୍ଯ୍ୟ ଜିଲାର ବିଭିନ୍ନ ନଦୀରେ ଚାଲିଥିଲେ ମଧ୍ୟ ପ୍ରଶାସନ ପାଖରେ ଖବର ନାହିଁ। ଏ ନେଇ ଜଣେ ମାଛ ଧରାଳୀ ନିଜ ନାଁ ଗୋପନ ରଖି କହିଛନ୍ତି, ନୟାଗଡ ପଣ୍ଡୁସରର କିଛି ଲୋକ ନଦୀରୁ ବିଦ୍ୟୁତ୍ କରେଣ୍ଟରେ ମାଛ ଧରୁଥିବା ଦେଖିବାକୁ ମିଳିଥିଲା। ସେହିପରି ଗୋଡିପଡା ଭାଲିଆଡିହି ଓ ପଞ୍ଚୁପୁର କେତେକ ଲୋକ ମଧ୍ୟ ମାଛ ଧରୁଥିଲେ। ବିଦ୍ୟୁତ୍ କରେଣ୍ଟ ଲଗାଇ କୁଇଣ୍ଟାଲ କୁଇଣ୍ଟାଲ ମାଛ ଧରାଯାଇ ପାରୁଛି। ଗାତ ଭିତରେ ଥିବା ମାଛ ଧରାଯାଉଛି। ପାଣିରେ ବିଦ୍ୟୁତ୍ କରେଣ୍ଟ ଲଗାଇଲେ ଗାତ ବାହାରକୁ ମାଛ ଚାଲି ଆସୁଛନ୍ତି। ପରେ ମାଛ ଗୋଟା ଯାଇଥାଏ। ତେବେ କରେଣ୍ଟ ସାହାଯ୍ୟରେ ମାଛ ମରାରେ ବିପଦ ନାହିଁ। ଯେଉଁ ଲୋକମାନେ ମାଛ ଧରୁଛନ୍ତି ସେମାନେ ଏ ନେଇ ତାଲିମ ପାଇଛନ୍ତି। ଶୁଖିଲା ବାଉଁଶରେ ଲୁହା ରଡ୍ ପକାଇବା ସ୍ଥାନଠାରୁ ୫ରୁ ୬ ଫୁଟ ଦୂରରେ ରହିଲେ କରେଣ୍ଟ ମାରିବ ନାହିଁ। ଯେଉଁ କରେଣ୍ଟ ମାରିବ ତାହା କେବଳ ଜଳଚର ଜୀବଙ୍କୁ କିଛି ସମୟ ପାଇଁ ବେହୋସ କରିଦିଏ। ଅନ୍ୟଜଣେ ମାଛଧରାଳି କହିଥିଲେ ଆମେ ମାଛ ଧରିବା ପାଇଁ କେତେକ ଲୋକଙ୍କୁ ଦେଶୀମାଛ ଭେଟି ଦେଉଛୁ। କେତେଜଣ ସରକାରୀ ବାବୁ ମଧ୍ୟ ନେଉଛନ୍ତି। ଏଣୁ ଚଢ଼ାଉ ପୂର୍ବରୁ ଆମକୁ ସୂଚନା ମିଳିଯାଏ। ସ୍ଥାନୀୟ ଲୋକେ ବିରୋଧ କରନ୍ତି ନାହିଁ। ଯଦି କେଉଁଠି ବିରୋଧ ହୁଏ ତେବେ ଆମେ କିଛି ମାଛ ଦେଇ ସେମାନଙ୍କୁ ଚୁପ୍ କରିଦେଉ। ଆମକୁ ବିନା ମୂଲ୍ୟରେ ଦେଶୀମାଛ ମିଳେ। ପୁଣି ଦେଶୀମାଛର ଚାହିଦା ଥିବାରୁ ଭଲ ଲାଭ ମିଳେ। ଏଣୁ ଅନେକେ ଏହାକୁ ରୋଜଗାରର ମାଧ୍ୟମ କରିସାରିଥିବା ସେ କହିଥିଲେ।

ଯୁବତୀଙ୍କ ଫଟୋ ଭାଇରାଲ କରି ଯୁବକ ଗିରଫ

ରସୁଲପୁର,୬।୬(ଡି.ଏନ.ଏ.)

ଯୁବତୀଙ୍କ ଆପତ୍ତିଜନକ ଫଟୋ ସୋସିଆଲ୍ ମିଡିଆରେ ଭାଇରାଲ କରିବା ଜଣେ ଯୁବକଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଏନେଇ ଯୁବତୀ କୁଆଖିଆ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସମ୍ପୃକ୍ତ ଯୁବକ ହେଲେ ଧର୍ମଶାଳା ଥାନା ଅଧୀନ କୁମାରୀ ପଞ୍ଚାୟତର ବିଶ୍ୱଜିତ୍ ଦାସ(୨୦)। ସୂଚନା ଅନୁସାରେ, ବିଶ୍ୱଜିତଙ୍କ ରସୁଲପୁର ବ୍ଲକ ଅଞ୍ଚଳର ଜଣେ ଯୁବତୀଙ୍କ ସହ ଦୀର୍ଘଦିନ ହେବ ପ୍ରେମସମ୍ପର୍କ ରହିଆସିଥିଲା। ଫଳରେ ଶୁକ୍ରବାର ବିଶ୍ୱଜିତ୍ ସମ୍ପୃକ୍ତ ଯୁବତୀଙ୍କୁ ନେଇ ଫେରାର ହୋଇଯିବାକୁ କହିଥିଲେ। ମାତ୍ର ଉକ୍ତ ପ୍ରସ୍ତାବରେ ଯୁବତୀ ରାଜି ହୋଇ ନ ଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ବିଶ୍ୱଜିତ ଯୁବତୀଙ୍କ ସହ ମିଳାମିଶା ବେଳର ରଖିଥିବା କେତେକ ଆପତ୍ତିଜନକ ଫଟୋକୁ ସୋସିଆଲ୍ ମିଡିଆରେ ଶେୟାର କରିଥିଲେ। ଏହାକୁ ନେଇ ଯୁବତୀ ଶୁକ୍ରବାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣା ସମ୍ପର୍କରେ ପୋଲିସ ଏକ ମାମଲା (ନଂ-୧୬୭/୨୦)ରୁଜୁ କରିଛି।

ବାଲିକୁଦିଆ କଣ୍ଟେନ୍‌ମେଣ୍ଟ ଜୋନ୍

ନୟାଗଡ଼ ଅଫିସ,୬।୬

ଶଟ୍‌ଡାଉନ ଯୋଗୁ ଶନିବାର ଜିଲାର ୮ ବ୍ଲକ ସମେତ ୫ଟି ସହର ଖାଁ ଖାଁ ଲାଗିଥିଲା। ଦୋକାନ ବଜାର ବନ୍ଦ ରହିଥିବାବେଳେ ଲୋକ ଘରୁ ବାହାରି ନ ଥିଲେ। ଏଭଳିସ୍ଥଳେ ନୟାଗଡ ବ୍ଲକ ବାଲିକୁଦିଆରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଶନିବାର ସକାଳ ୭ଟାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହାକୁ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା କରାଗଲା ବୋଲି ଜିଲାପାଳ ପୋମା ଟୁଡୁ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଜିଲାପାଳଙ୍କ ସୂଚନା ଅନୁସାରେ ଜିଲାରୁ ୭ ଓ ଅନ୍ୟ ଜଣେ ବାହାର ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସମ୍ପୃକ୍ତ ବ୍ୟକ୍ତିଙ୍କ ଘର ନୟାଗଡ ଜିଲା ଫତେଗଡ ଅଞ୍ଚଳ ହୋଇଥିବାବେଳେ ସେ ଗଞ୍ଜାମ ଜିଲାର ଖଲ୍ଲିକୋଟ ଅଞ୍ଚଳରେ ଶିକ୍ଷକତା କରୁଥିଲେ ଓ ଖଲ୍ଲିକୋଟ କ୍ୱାରାଣ୍ଟାଇନ୍ ସେଣ୍ଟର ଦାୟିତ୍ୱରେ ଥିଲେ।

ଗଞ୍ଜାମ ଜିଲାରେ ତାଙ୍କର ସ୍ୱାବ୍ ଟେଷ୍ଟ ହୋଇଥିଲା। ରିପୋର୍ଟ ପଜିଟିଭ୍ ଆସିବା ପରେ ତାଙ୍କୁ ଭୁବନେଶ୍ୱର କୋଭିଡ୍ ହସ୍ପିଟାଲକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷେ ବାଲିକୁଦିଆ ଅଞ୍ଚଳର କରୋନା ଆକ୍ରାନ୍ତ ନୟାଗଡର ୟାମାହା ଶୋରୁମରେ ସିକ୍ୟୁରିଟ୍ ଗାର୍ଡ ଭାବେ କାର୍ଯ୍ୟ କରୁଥିଲେ। ଗତ ୪ ତାରିଖରେ ଅସୁସ୍ଥ ହେବାରୁ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିଲେ। ତେବେ ତାଙ୍କର ପଜିଟିଭ୍ ଆସିଛି। ତାଙ୍କର କଣ୍ଟାକ୍ଟ ଟ୍ରେସିଂ ଚାଲୁ ରହିଛି। ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିମାନଙ୍କୁ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ପଠାଇ ଦିଆଯାଇଛି।

ଜିଲାରୁ ୪ଜଣ ବ୍ୟକ୍ତି ବିଭିନ୍ନ ଗାଁରୁ ବାହାରିଥିବାରୁ ଜିଲାବାସୀ କରୋନା କଟକଣାକୁ ଅଣଦେଖା ନ କରନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷେ ଜିଲାକୁ ଶୁକ୍ରବାର ସୁଦ୍ଧା ୮୬୦୧ ପ୍ରବାସୀ ଆସିଥିଲେ। ଏମାନଙ୍କ ମଧ୍ୟରୁ ୮୩୦୧ ଗ୍ରାମାଞ୍ଚଳ ଓ ୩୦୦ ସହରାଞ୍ଚଳର ଥିଲେ। ସେହିପରି ୩୭୭୯ ଜଣ ଘରକୁ ଫେରିଥିବାବେଳେ ଜିଲାର ୨୪୮ କ୍ୱାରାଣ୍ଟାଇନ୍ ସେଣ୍ଟରରେ ୪୮୨୨ ପ୍ରବାସୀ ରହିଥିବା ପ୍ରକାଶ କରିଛନ୍ତି।

ପ୍ରବାସୀଙ୍କ ଗଣ୍ଡଗୋଳ

ଏରସମା,୬।୬(ସ୍ୱ.ପ୍ର.)

ଏରସମା ବ୍ଲକ ଗଡ଼ହରିଶପୁର ପଞ୍ଚାୟତସ୍ଥିତ ଶ୍ରୀଜଗନ୍ନାଥ ବିଦ୍ୟାପୀଠ ସଙ୍ଗରୋଧ କେନ୍ଦ୍ରରେ ଶନିବାର ଗଣ୍ଡଗୋଳ ଘଟିଛି। ଜଣେ ପ୍ରବାସୀଙ୍କ ପେଟ ଯନ୍ତ୍ରଣାକୁ କେନ୍ଦ୍ରକରି ଏହି ଗଣ୍ଡଗୋଳ ଘଟିଛି। ସୂଚନା ଅନୁସାରେ, ଏହି କେନ୍ଦ୍ରରେ ଗୋଡା ପଞ୍ଚାୟତସ୍ଥିତ କୁଅଁରବେଦୀ ଗ୍ରାମର ୩ ଭାଇ ରହୁଛନ୍ତି। ଜଣଙ୍କ ପେଟ ଯନ୍ତ୍ରଣା ହେବାରୁ ସରପଞ୍ଚ ଭୀମସେନ ରାଉତଙ୍କୁ ଜଣାଇଥିଲେ। ସରପଞ୍ଚ କେନ୍ଦ୍ର ଦାୟିତ୍ୱରେ ଥିବା ଆଶାକର୍ମୀଙ୍କ ଦ୍ୱାରା ତାଙ୍କ ଚିକିତ୍ସା କରିବା ସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଜଣାଇଥିଲେ। ଏହିସମୟରେ ପ୍ରବାସୀଙ୍କ ୨ ସମ୍ପର୍କୀୟ ପହଞ୍ଚି ସରପଞ୍ଚଙ୍କୁ ଔଷଧ ଦେଇଥିଲେ। ସମ୍ପର୍କୀୟଙ୍କୁ ଦେଖି ପ୍ରବାସୀ ୩ ଭାଇ ଘରକୁ ଯିବାକୁ ଗଣ୍ଡଗୋଳ କରିଥିଲେ। ଏନେଇ ସରପଞ୍ଚ ଏରସମା ଥାନାରେ ଜଣାଇଥିଲେ। ଏସ୍‌ଆଇ ଦୀନେଶ ପଟ୍ଟା ପହଞ୍ଚି ଗଣ୍ଡଗୋଳ କରୁଥିବା ପ୍ରବାସୀଙ୍କ ଜଣେ ସମ୍ପର୍କୀୟଙ୍କୁ ନେଇ ଥାନାରେ ଅଟକ ରଖିଛନ୍ତି।

ଜେସିବି ଜାଳିଦେଲେ ଦୁର୍ବୃତ୍ତ

ବାଲିଆ/ବିରିଡି,୬।୬(ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲା ବିରିଡି ଥାନା ଅନ୍ତର୍ଗତ ଉକୁନ୍ଦରା ପଞ୍ଚାୟତରେ ପୋଖରୀ ଖୋଳା କାର୍ଯ୍ୟରେ ଲାଗିଥିବା ହିଟାଚି ମେଶିନ୍‌କୁ ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ପୋଡ଼ିଦେଇଛନ୍ତି। ଏନେଇ ସରପଞ୍ଚ ଚନ୍ଦ୍ରଶେଖର ଦାସ ଥାନାରେ ଅଭିଯୋଗ କରିଛନ୍ତି। ଏହାପରେ ବିରିଡି ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ କରିଛନ୍ତି। ପୋଡ଼ିଯାଇଥିବା ହିଟାଚିର ମୂଲ୍ୟ ପ୍ରାୟ ୩୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ସରପଞ୍ଚ ଦାସଙ୍କ ଅଭିଯୋଗ ଅନୁଯାୟୀ, ମହାଭୋଇ ପୋଖରୀରୁ ମାଟି ଖୋଳା ପାଇଁ ରାଜ୍ୟ ସରକାରଙ୍କ ଚିଠି (ନଂ.୨୬୬୫ତା ୦୬/୦୨/୨୦୧୯) ଅନୁଯାୟୀ, ଚତୁର୍ଥ ଅର୍ଥ କମିଶନ ଅନୁଦାନରେ ୭ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହାପରେ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି। ତାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ଚାଲିଥିବାରୁ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଦୁର୍ବୃତ୍ତମାନେ ହିଟାଚିରେ ନିଆଁ ଲଗାଇଦେଇଛନ୍ତି। ଖବରପାଇ ବିରିଡି ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ ମଧ୍ୟ ସେତେବେଳକୁ ମେଶିନ୍‌ଟି ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା।

ସଙ୍ଗରୋଧ କେନ୍ଦ୍ରରେ ଅବ୍ୟବସ୍ଥା ଅଭିଯୋଗ

ରଘୁନାଥପୁର, ୬।୬(ଡି.ଏନ.ଏ.)

ରଘୁନାଥପୁର ବ୍ଲକ୍ ଅଧୀନ ଜଗନ୍ନାଥପୁର ପଞ୍ଚାୟତର ସ୍ୱପ୍ନେଶ୍ୱର ବିଦ୍ୟାମନ୍ଦିରରେ ହୋଇଥିବା ଅସ୍ଥାୟୀ ସଙ୍ଗରୋଧ କେନ୍ଦ୍ରରେ ନାନା ଅବ୍ୟବସ୍ଥା ହୋଇଥିବା ନେଇ ଅଭିଯୋଗ ହୋଇଛି। ପଞ୍ଚାୟତର ୧ନଂ ୱାର୍ଡ ସଭ୍ୟ ମନୋରଞ୍ଜନ ଖଟୁଆ ଏ ନେଇ ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ଖଟୁଆ ଦର୍ଶାଇଛନ୍ତିଯେ, ସଙ୍ଗରୋଧ କେନ୍ଦ୍ରଗୁଡ଼ିକ ପରିଷ୍କାର ରଖାଯାଉନାହିଁ। ବାରମ୍ବାର ବିଦ୍ୟୁତ୍ କାଟ୍ ଯୋଗୁ ପ୍ରବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଇନଭର୍ଟର କିମ୍ବା ଜେନେରେଟରର ବ୍ୟବସ୍ଥା ନାହିଁ। ଅନ୍ତେବାସୀଙ୍କୁ ଠିକ୍ ସମୟରେ ଖାଦ୍ୟ ଯୋଗାଇ ଦିଅଯାଉନାହିଁ। ଖାଦ୍ୟର ମାନ ଠିକ୍ ରହୁନାହିଁ। ନୂଆ ଆସୁଥିବା ପ୍ରବାସୀଙ୍କୁ ଅଦ୍ୟାବଧି ସାନିଟାଇଜର ଓ ମାସ୍କ ମଧ୍ୟ ଯୋଗାଇ ଦିଆଯାଇ ନ ଥିବା ସାମାଜିକ କର୍ମୀ ଦୁର୍ଯ୍ୟୋଧନ ଖୁଣ୍ଟିଆ ଅଭିଯୋଗ କରିଛନ୍ତି

ସଂକ୍ଷେପରେ

ଭୁଜାଲିରେ ଆକ୍ରମଣ କରି ୮ଲକ୍ଷ ଲୁଟ୍

କେନ୍ଦୁଝର, ୬।୬(ସ୍ୱ.ପ୍ର.): କେନ୍ଦୁଝର ସଦର ଥାନା ଅନ୍ତର୍ଗତ ଠାକୁରଡ଼ିହି ନିକଟରେ ୪୯ ନମ୍ବର ଜାତୀୟ ରାଜପଥରେ ଶନିବାର ଜଣେ ଟ୍ରାନ୍ସପୋର୍ଟ କର୍ମଚାରୀଙ୍କୁ ଶନିବାର ୩ଜଣ ଦୁର୍ବୃତ୍ତ ଭୁଜାଲିରେ ହାଣି ୮ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି। ଉକ୍ତ କର୍ମଚାରୀଙ୍କ ନାମ ବବଲୁ ବୋଲି ଜଣାପଡିଛି। ସୂଚନା ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୧ଟାରେ ସେ କେନ୍ଦୁଝର ଆଇଡିବିଆଇ ବ୍ୟାଙ୍କରୁ ଟଙ୍କା ଉଠାଇ ଶୁଆକାଟିସ୍ଥିତ ଅଫିସକୁ ଚାଲାଣ ଟଙ୍କା ବାଣ୍ଟିବାକୁ ଯାଉଥିବା ବେଳେ ୩ ଜଣ ଡକାୟତ ଏକ ବାଇକରେ ତାଙ୍କୁ ପିଛା କରି ଅଟକାଇଥିଲେ। ପରେ ଭୁଜାଲିରେ ଆକ୍ରମଣ କରିବା ସହ ଫାଙ୍କା ଗୁଳିଚାଳନା କରି ଟଙ୍କା ଲୁଟି ନେଇଥିଲେ। ଖବର ପାଇ ସଦର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ ହେଁ ଲୁଟେରାଙ୍କ ଟେର ପାଇପାରିନାହାନ୍ତି।

ଫେକ୍ ଆଇଡିରେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ମନ୍ତବ୍ୟ ଦେଇ ଅଡୁଆରେ ଯୁବକ

ଭଦ୍ରକ ଅଫିସ/ ଆରଡି, ୬।୬(ଡି.ଏନ.ଏ.): ଭଦ୍ରକ ଜିଲା ଚାନ୍ଦବାଲି ଅଞ୍ଚଳର ଜଣେ ଯୁବକ ଫେକ୍ ଆଇଡି ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ବିଭିନ୍ନ ମନ୍ତବ୍ୟ ପୋଷ୍ଟ କରି ଏବେ ଅଡୁଆରେ ପଡ଼ିଛି। ସେହି ଯୁବକଙ୍କ ବିରୋଧରେ ଧାମନଗର ବିଧାୟକ ବିଷ୍ଣୁ ସେଠୀ ଓ ଭାଜପାର କେତେକ ଦଳୀୟ କର୍ମୀ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ଯୁବକ ଜଣକ ଫେସବୁକରେ କୁମାର ରନଭିର ନାମରେ ଏକ ଫେକ୍ ଆଇଡି ଖୋଲି ବିଭିନ୍ନ ସମୟରେ ମୋଦିଙ୍କ ବିରୋଧୀ ମନ୍ତବ୍ୟ ପୋଷ୍ଟ କରୁଥିଲେ। ନିକଟରେ ସେ ମୋଦିଙ୍କ ବିଷୟରେ ଏକ ବିବାଦୀୟ ମନ୍ତବ୍ୟ ସହ ଏକ ଫଟୋ ଫେସ୍‌ବୁକରେ ଅପଲୋଡ଼ କରିଥିଲେ। ଏହାକୁ ନେଇ ଶୁକ୍ରବାର ସମ୍ପୃକ୍ତ ଯୁବକଙ୍କ ବିରୋଧରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ଆରକ୍ଷୀ ଅଧୀକ୍ଷକ ରାଜେଶ ପଣ୍ଡିତ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ପରିତ୍ୟକ୍ତ ସ୍ଥାନରୁ ପୁଣି ଶିଶୁପୁତ୍ର ଉଦ୍ଧାର

କେନ୍ଦୁଝର, ୬।୬(ସ୍ୱ.ପ୍ର.)-କେନ୍ଦୁଝର ସଦର ବ୍ଲକ ପୋଟଳ ଗ୍ରାମ ନିକଟ ଏକ ଯୁକାଲିପଟାଶ ଜଙ୍ଗଲର ପରିତ୍ୟକ୍ତ ସ୍ଥାନରୁ ଶନିବାର ଏକ ନବଜାତ ଶିଶୁପୁତ୍ର ଉଦ୍ଧାର ହୋଇଛି। ଶିଶୁପୁତ୍ରକୁ ସ୍ଥାନୀୟ ଲୋକେ ଉଦ୍ଧାର କରି କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାର ଭର୍ତ୍ତି କରିଛନ୍ତି। ଶିଶୁଟିର ଅବସ୍ଥା ସ୍ଥିର ଥିବା ମେଡିକାଲ ସୂତ୍ରରୁ ପ୍ରକାଶ। ଉଲ୍ଲେଖଯୋଗ୍ୟ, ଦୁଇ ଦିନ ତଳେ କେନ୍ଦୁଝର ସହର ସିଲୁଆ ଗ୍ରାମ ନିକଟରୁ ଏକ ନବଜାତ ଶିଶୁ ପୁତ୍ରକୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶିଶୁ ଅଧିକାର କର୍ମୀ ଦାବି କରୁଛନ୍ତି।

ସଙ୍ଗରୋଧ କେନ୍ଦ୍ରରେ ଯୋଗଶିକ୍ଷା

ଖଇରା, ୬।୬(ଡି.ଏନ.ଏ.): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଖଇରା ହାଇସ୍କୁଲ ସଙ୍ଗରୋଧ କେନ୍ଦ୍ରରେ ଗୁରୁବାର ସରପଞ୍ଚ ସୁଦର୍ଶନ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରବାସୀଙ୍କୁ ଯୋଗ ଶିକ୍ଷା ଦିଆଯାଇଛି। ଜିଲା ଯୋଗ ପ୍ରଚାରକ ମୁକ୍ତିକାନ୍ତ ପାଣିଗ୍ରାହୀ ଦେହରେ ପ୍ରତିରୋଧକ ଶକ୍ତି ବଢାଇବାକୁ ହେଲେ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଯୋଗ ଅନିବାର୍ଯ୍ୟ ବୋଲି କହିଥିଲେ। ୩୦ଜଣ ପ୍ରବାସୀଙ୍କୁ ବିଭିନ୍ନ ଯୋଗ ସମ୍ବନ୍ଧରେ ପ୍ରାଥମିକ ଶିକ୍ଷା ଦିଆଯାଇଥିଲା। ଶଶାଙ୍କ ମହାପାତ୍ରଙ୍କ ସମେତ ବିଦ୍ୟାଳୟର ଶିକ୍ଷକଗଣ ସହଯୋଗ କରିଥିଲେ।

ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ପରଲୋକ

ବନ୍ତ, ୬।୬(ଡି.ଏନ.ଏ.): ଭଦ୍ରକ ଜିଲା ବନ୍ତ ବ୍ଲକ ଗଣିଜାଙ୍ଗର ଗାନ୍ଧୀ ଭାବେ ପରିଚିତ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ସ୍ୱାଧୀନତା ସଂଗ୍ରାମୀ ନାରାୟଣ ଚନ୍ଦ୍ର ପତି(୯୪)ଙ୍କର ଶନିବାର ପରଲୋକ ହୋଇଛି। କିଛି ଦିନ ହେବ ସେ ବୟସାଧିକ କାରଣରୁ ଅସୁସ୍ଥ ଥାଇ ଚିକିତ୍ସାଧୀନ ଥିଲେ। ସାମାଜିକ ଦୂରତା ମଧ୍ୟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସେ ଜଣେ ବିଶିଷ୍ଟ ସମାଜସେବୀ, ଶିକ୍ଷାବିତ୍, ପ୍ରାକ୍ତନ ସରପଞ୍ଚ, ପ୍ରାକ୍ତନ ଅଧ୍ୟକ୍ଷ, ଏନ୍.ସି.ପି ଏଡୁକେଶନାଲ ଚାରିଟେବୁଲ୍ ଟ୍ରଷ୍ଟର ପ୍ରତିଷ୍ଠାତା ଥିଲେ।

ମାଟି ତଳେ ଶତାଧିକ ଆଧାରକାର୍ଡ

ବାଲେଶ୍ୱର ଅଫିସ, ୬।୬

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ବଡ଼ାସ ପଞ୍ଚାୟତର ଯୋଗାଇ ପୋଷ୍ଟ ଅଫିସ୍‌ର ପିଅନଙ୍କ ଘର ପୋଖରୀ ଆଡ଼ିରେ ପୋତା ହୋଇଥିବା ଶହ ଶହ ଆଧାରକାର୍ଡ଼ ଶନିବାର ଉଦ୍ଧାର କରାଯାଇଛି। ଏହାକୁ ନେଇ ଉକ୍ତ ଗ୍ରାମରେ ଉତ୍ତେଜନା ସୃଷ୍ଟି ହୋଇଛି। ଆଧାରକାର୍ଡ଼କୁ ନବାଣ୍ଟି ପୋଖରିଆଡ଼ିରେ ପୋତିଦିଆଯିବା ଭୁଲ୍ ବୋଲି ପିଅନ ବାଞ୍ଛାନିଧି ପରିଡ଼ା ସ୍ୱୀକାର କରିଛନ୍ତି।

ଶନିବାର ମୋ ପୋଖରୀ ଯୋଜନାରେ ଉକ୍ତ ପୋଖରୀକୁ ଜେସିବି ଯୋଗେ ମାଟି ଖୋଳାଯାଉଥିବା ବେଳେ ଉକ୍ତ ଆଡ଼ିରୁ ଶତାଧିକ ଆଧାରକାର୍ଡ଼ ସହ ବହୁ ମୂଲ୍ୟବାନ କାଗଜପତ୍ର ଦେଖିବାକୁ ମିଳିଥିଲା। ପରେ ସ୍ଥାନୀୟ ଲୋକେ ସେଠାରେ ଏକାଠି ହୋଇଥିଲେ। ଉକ୍ତ ଗ୍ରାମର ବହୁ ଲୋକ ତଥା ପାଠ ପଢୁଥିବା ଛୋଟବଡ଼ ପିଲାଙ୍କର ଆଧାରକାର୍ଡ଼ ଚିହ୍ନଟ କରିଥିଲେ। ଆଧାରକାର୍ଡ଼ଗୁଡ଼ିକ ପୋଷ୍ଟ ଅଫିସ୍‌କୁ ଆସିବା ପରେ ପିଅନ ଏହାକୁ ବାଣ୍ଟିବାକୁ ନ ଯାଇ ମାଟି ତଳେ ପୋତିଦେଇଥିଲେ। ଫଳରେ ଉକ୍ତ ଅଞ୍ଚଳର ଲୋକମାନଙ୍କର ବ୍ୟାଙ୍କ ଟ୍ରାଞ୍ଜାକଶନ, କେୱାଇସି ହୋଇପାରୁ ନ ଥିବା, ପିଲାମାନଙ୍କର ଆଧାରକାର୍ଡ଼ ସ୍କୁଲରେ ଆବଶ୍ୟକତା ଥିବା ବେଳେ ଦେଇପାରୁ ନ ଥିବା, ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଆଧାରକାର୍ଡ଼ ଏକ ମୁଖ୍ୟ ଡକ୍ୟୁମେଣ୍ଟ ହୋଇଥିବା କାରଣରୁ ବିଭିନ୍ନ କାର୍ଯ୍ୟରେ ଅସୁବିଧାର ସମ୍ମୁଖୀନ ହେଉଥିବା ଗ୍ରାମବାସୀ ଦୁର୍ଜୟ ମାଝୀଙ୍କ ସହ ଅନେକେ ଅଭିଯୋଗ କରିଛନ୍ତି। ଏହାର ବିଧିବଦ୍ଧ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହୋଇଛି।

ମାଟି ତଳେ ପୋତାଯାଇଥିବା ଆଧାରକାର୍ଡ଼ ବାହାର କରାଯାଉଛି।

ଜଗନ୍ନାଥ ମନ୍ଦିରରେ ବିଜେ ହେଲେ ପଟିଦିଅଁ

ପୂଜକମାନେ ଆଜ୍ଞାମାଳ ନେଉଛନ୍ତି।

ବାଲେଶ୍ୱର ଅଫିସ, ୬।୬

ଜଗନ୍ନାଥ ସଂସ୍କୃତିର ଅନନ୍ୟ ପରମ୍ପରା ପଟିଦିଅଁ ଅଙ୍କନ ଉତ୍ସବ ବାଲେଶ୍ୱର ଜିଲା ମଙ୍ଗଳପୁର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇ ସ୍ନାନପୂର୍ଣ୍ଣିମା ଶେଷ ହୋଇଛି। ବାଲେଶ୍ୱରୀ କଳାକେନ୍ଦ୍ର ଓ ନୋସି ଇଣ୍ଟ୍ରାର ମିଳିତ ଆନୁକୂଲ୍ୟରେ ୬ଷ୍ଠ ପଟିଦିଅଁ ଅଙ୍କନ ଉତ୍ସବ ମଙ୍ଗଳପୁର ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ଆବାହକ ଶିଳ୍ପୀ କେଶୁ ଦାସ ପୌରୋହିତ୍ୟରେ ନୀଳଗିରି, ଶାସଙ୍ଗ, ବାଣ୍ଡିଆ, ଜୟଦେବକସବା, ଦୁବଲାଗଡ଼ି ଓ ମଙ୍ଗଳପୁର ଜଗନ୍ନାଥ ମନ୍ଦିରରେ ଅନନ୍ତ ବାସୁଦେବ, ଭୁବନେଶ୍ୱରୀ ଓ ଅନନ୍ତ ନାରାୟଣଙ୍କ ପଟିଦିଅଁ କରାଯାଇଥିଲା। ମଙ୍ଗଳପୁର ଜଗନ୍ନାଥ ମନ୍ଦିରରେ ଚିତ୍ରକର ପ୍ରୀତମ ନାୟକ, ଅରୁଣ ବାରିକ, ପ୍ରବୀର ପାତ୍ର, ଗୋପାଳ ପରିଡ଼ା, ହିମାଂଶୁ ବଇଠା, ଆଦିତ୍ୟ ଉପାଧ୍ୟାୟ, ଦୀନକୃଷ୍ଣ ଦାସ, ଅଙ୍କିତ ଦାସ ପ୍ରମୁଖ ଯୋଗଦେଇ ଚିତ୍ର ଅଙ୍କନ କରିଥିଲେ। ଲକ୍‌ଡାଉନ୍‌ରେ ସରକାରୀ ନିୟମକୁ ପାଳନ କରାଯାଇ କାର୍ଯ୍ୟକ୍ରମ କରାଯାଇଥିଲା। ୬ଟି ମନ୍ଦିରରୁ ପୂଜକମାନେ ଆଜ୍ଞାମାଳ ନେଇ ମଙ୍ଗଳପୁର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚି ତିନି ପଟିଦିଅଁଙ୍କୁ ନିଜ ନିଜ ମନ୍ଦିରକୁ ବିଜେ କରାଇଥିଲେ। ମନ୍ଦିର ପୂଜକ ସହ ପ୍ରବୀର କମିଳା, ମନୋରଞ୍ଜନ ସାହୁ, ଅଭିମନ୍ୟୁ ସାହୁ, ଜିତାମିତ୍ର ଦାସ, ସମରେନ୍ଦ୍ର ମହାପାତ୍ର, କନକଲତା ଦାସ, ପୂଜା ରାଉଳ, ନିରଞ୍ଜନ ସାହୁ, ସଞ୍ଜୁଲତା ସାହୁ, ରାଜଶ୍ରୀ ସାହୁ ଓ ସଞ୍ଜୁକ୍ତା ଭୁକ୍ତା ପ୍ରମୁଖ ଯୋଗଦେଇଥିଲେ।

ପୋଡ଼ିଯାଇ ଯୁବକଙ୍କ ମୃତ୍ୟୁ

ଔପଦା, ୬।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ଔପଦା ଥାନା ଅଧୀନ ସଦର ତଳକିଆ ପଞ୍ଚାୟତର ବିରିହା ଗ୍ରାମର ମଙ୍ଗୁଲୁ ଚରଣ ଦଳେଇ (୪୦)ଙ୍କ ଶୁକ୍ରବାର ମଧ୍ୟରାତ୍ରିରେ ପୋଡ଼ି ଯାଇ ମୃତ୍ୟୁବରଣ କରିଛନ୍ତି। ସେ ୬ ବର୍ଷ ହେଲା ମୁମ୍ବାଇରେ ରହିଆସୁଥିଲେ। ଲକ୍‌ଡାଉନ୍ ପରେ ସେ ମୁମ୍ବାଇରୁ ଫେରି କ୍ୱାରାଣ୍ଟାଇନ କେନ୍ଦ୍ରରେ ଥିଲେ ଓ ପରେ ନିଜ ଘରକୁ ଫେରିଥିଲେ। ଗତ ରାତିରେ ମଙ୍ଗୁଲୁ ନିଆଁରେ ପୋଡିଯାଉଥିବା ବେଳେ କବାଟ ଭାଙ୍ଗି ତାଙ୍କୁ ଉଦ୍ଧାର କରାଯାଇଥିବା ତାଙ୍କ ପରିବାର ଲୋକେ କହିଛନ୍ତି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୪/୨୦) ରୁଜୁ ହୋଇଛି। ଏହାର ତଦନ୍ତ ଚାଲୁ ରହିଛି। ମେଡିକାଲ ରିପୋର୍ଟ ଆସିବା ପରେ ତଥ୍ୟ ଜଣାପଡିବ ବୋଲି ଔପଦା ଥାନାଧିକାରିଣୀ ସୁଜାତା ଖମାରୀ କହିଛନ୍ତି।

ଭଦ୍ରକ ବନ୍ତ ଛକ ଶୂନଶାନ।

ଶଟ୍‌ଡାଉନ ପ୍ରଭାବ, ରାସ୍ତାଘାଟ ଖାଁ ଖାଁ

ଭଦ୍ରକ ଅଫିସ, ୬।୬

କରୋନା ମହାମାରୀକୁ ପ୍ରତିହତ କରିବା ପାଇଁ ସାରା ରାଜ୍ୟରେ ଶଟ୍‌ଡାଉନ ଘୋଷଣା କରାଯାଇଛି। ଭଦ୍ରକ ଜିଲାରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଜୁନ୍ ମାସ ପ୍ରତ୍ୟେକ ସପ୍ତାହର ଶନିବାର ଓ ରବିବାର ଦୁଇଦିନ ଶଟ୍‌ଡାଉନ ଘୋଷଣା କରାଯାଇଛି। ଏହାର ପ୍ରଭାବରେ ସହର ସମ୍ପୂର୍ଣ୍ଣ ଜନଶୂନ୍ୟ ହୋଇପଡ଼ିଥିଲା। ଜିଲାରେ ପୋଲିସ ପକ୍ଷରୁ ବିଭିନ୍ନ ଛକରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଜିଲାରେ ୧୫ ଫ୍ଲାଗୁନ ପୋଲିସ ଫୋର୍ସ ମୁତୟନ ହୋଇଥିବା ବେଳେ, ସହରରେ ପିସିଆର୍ ଭ୍ୟାନକୁ ନିୟୋଜିତ କରାଯାଇଛି। ଅନ୍ୟପଟେ ଜିଲାର ସୀମାନ୍ତ ଅଞ୍ଚଳକୁ ପୋଲିସ ପକ୍ଷରୁ ଦୁଇଦିନିଆ ନାକାବନ୍ଦୀ କରାଯାଇଛି। ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ମୁଖ୍ୟତଃ ଗାଁଗୁଡିକରେ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ଚାଲିଛି। ଏପର୍ଯ୍ୟନ୍ତ ଜିଲାରେ ମୋଟ ୧୩୭ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ସେଥିମଧ୍ୟରୁ ୧୦୬ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ବିଶେଷ କରି ବିଭିନ୍ନ ରାଜ୍ୟରୁ ଫେରିଥିବା ପ୍ରବାସୀମାନଙ୍କ କ୍ଷେତ୍ରରେ କରୋନା ଭୂତାଣୁ ଲକ୍ଷଣ ଚିହ୍ନଟ ହୋଇଛି।

ସଂକ୍ରମିତଙ୍କୁ ଡାକ୍ତରଖାନା ଛାଡ଼ିଲେନି ଅନ୍ତେବାସୀ

ଭଣ୍ଡାରିପୋଖରୀ, ୬।୬(ଡ଼ି.ଏନ.ଏ.)

- କ୍ୱାରାଣ୍ଟାଇନ ସେଣ୍ଟର ଅନ୍ତେବାସୀଙ୍କ ସ୍ୱାବ ଟେଷ୍ଟ ଦାବି
- ପୋଲିସ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ନିର୍ଗୁଣ୍ଡି ପଞ୍ଚାୟତ ମହୁରା କ୍ୱାରାଣ୍ଟାଇନ ସେଣ୍ଟରରେ ରହୁଥିବା ୩୭ଜଣ ପ୍ରବାସୀଙ୍କ ମଧ୍ୟରୁ ଜଣେ କରୋନାରେ ସଂକ୍ରମିତ ହୋଇଥିବା ଶନିବାର ଚିହ୍ନଟ ହେବା ପରେ ଅନ୍ୟ ଅନ୍ତେବାସୀମାନେ ଭୟଭୀତ ହୋଇପଡିଛନ୍ତି। ଏଠାରେ ରହୁଥିବା ସମସ୍ତଙ୍କ ସ୍ୱାବ ଟେଷ୍ଟ ଲାଗି ଅନ୍ତେବାସୀମାନେ ଅଡି ବସିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆମ୍ବୁଲାନ୍ସ ସଂକ୍ରମିତଙ୍କୁ ନେବା ପାଇଁ କ୍ୱାରାଣ୍ଟାଇନ ସେଣ୍ଟରକୁ ଆସିଥିଲେ ମଧ୍ୟ ପ୍ରବାସୀମାନେ ତାଙ୍କୁ ଛାଡି ନ ଥିଲେ। ଫଳରେ ଆମ୍ବୁଲାନ୍ସ ଦୁଇଘଣ୍ଟା ଧରି ଅଟକି ରହିଥିଲା। ଧାମନଗର ଆଇଆଇସି ରତିକାନ୍ତ ଗିରି, ସରପଞ୍ଚ ପ୍ରତିନିଧି ବାବାଜୀ ଚରଣ ଜେନା ପହଞ୍ଚି ଭଣ୍ଡାରିପୋଖରୀ ବିଡ଼ିଓ ବିଜୟ ସାହୁଙ୍କ ସହ କଥା ହୋଇଥିଲେ। ଜିଲାପାଳଙ୍କ ସହ ଆଲୋଚନା ପରେ ବ୍ୟବସ୍ଥା କରାଯିବ କହିବା ପରେ ଅନ୍ତେବାସୀମାନେ ସଂକ୍ରମିତଙ୍କୁ ଛାଡିଥିଲେ। ଆମ୍ବୁଲାନ୍ସରେ ଭଦ୍ରକ କୋଭିଡ ହସ୍ପିଟାଲ ନିଆଯାଇଥିଲା।

ପାଟଣା ସବ୍‌ଷ୍ଟେଶନ ବୁଲି ଦେଖିଲେ ବିଧାୟକ

ପାଟଣା,୬।୬(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟସ୍ଥିତ ସବଷ୍ଟେଶନକୁ ଘଟଗାଁ ବ୍ଲକ ଟିକିରା ଗ୍ରୀଡରୁ ବିଦ୍ୟୁତ ସଂଯୋଗରେ ବିଳମ୍ବ ହେଉଥିବାରୁ ଏନେଇ ପାଟଣା ଅଞ୍ଚଳରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏଣେ ସାମାନ୍ୟ ବର୍ଷା ପବନରେ ଅଞ୍ଚଳରେ ୨୪ରୁ ୪୮ ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ ସରବରାହ ବ୍ୟାଘାତ ହେଉଛି। ଏହି ପରୀପ୍ରେକ୍ଷୀରେ ଶନିବାର ପାଟଣା ବ୍ଲକ ଏରଣ୍ଡେଇ ପଞ୍ଚାୟତ ମୃଷାଖରୀ ସ୍ଥିତ ସବଷ୍ଟେଶନ କାର୍ଯ୍ୟାଳୟରେ ପାଟଣା ବିଧାୟକ ଜଗନ୍ନାଥ ନାଏକଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହେବା ସହ ବିଧାୟକ ଅଧିକାରୀମାନଙ୍କୁ ଧରି ବିଦ୍ୟୁତ ଖୁଣ୍ଟ ପୋତିବାରେ ଅସୁବିଧା ହେଉଥିବା ଭାଲୁଘର ଓ କାପାସପଡା ଅଞ୍ଚଳ ବୁଲି ଦେଖିଥିଲେ। ଏହି କାର୍ଯ୍ୟକ୍ରମରେ ପାଟଣା ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାଏକ, କେନ୍ଦୁଝର ବିଦ୍ୟୁତ ଅଧୀକ୍ଷଣ ଯନ୍ତ୍ରୀ ନାରାୟଣ ଦାଶ, ନିର୍ବାହୀ ଯନ୍ତ୍ରୀ ବିରଞ୍ଚି ନାରାୟଣ ସାହୁ, ସହକାରୀ ଯନ୍ତ୍ରୀ କାର୍ତ୍ତିକ ଚନ୍ଦ୍ର ସାହୁ, ଯନ୍ତ୍ରୀ ପଦ୍ମକେଶରୀ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଜୁନ ୩୦ ତାରିଖ ସୁଦ୍ଧା ବିଦ୍ୟୁତ ଖୁଣ୍ଟ ପୋତା ସରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ସବ୍‌ଷ୍ଟେଶନରେ ପାଟଣା ବିଧାୟକ ଜଗନ୍ନାଥ ନାଏକଙ୍କ ସହ ଅନ୍ୟ ଅଧିକାରୀମାନେ।

ପୋଲିସ ମାମଲା ପ୍ରତିବାଦରେ ଡିଏସ୍‌ପିଙ୍କୁ ଅଭିଯୋଗ

ଆନନ୍ଦପୁର/କେନ୍ଦୁଝର/ହାଟଡିହୀ, ୬।୬(ସ୍ୱ.ପ୍ର./ଡ଼ି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅଧୀନ ବାଙ୍ଗୋର ପଞ୍ଚାୟତ ମହିଳା ସରପଞ୍ଚ ଓ ସମିତିସଭ୍ୟଙ୍କୁ ପୋଲିସ ମାତ ଘଟଣାରେ ଏଯାଏ ବିବାଦ ଥମିନି। ଧନୁର୍ଜୟପୁର ପଞ୍ଚାୟତ ମହିଳା ସରପଞ୍ଚ ଅନ୍ନପୂର୍ଣ୍ଣା ରାଉତ ପୋଲିସ ବିରୋଧରେ ଆଉ ଏକ ଅଭିଯୋଗ ଆଣି ତଦନ୍ତ ଦାବି କରିଛନ୍ତି। ସେ ନିଜର ଅଭିଯୋଗପତ୍ର ଶୁକ୍ରବାର ଆନନ୍ଦପୁର ଡ଼ିଏସ୍‌ପି ବିଦ୍ୟୁତ ପଣ୍ଡାଙ୍କୁ ପ୍ରଦାନ କରିଛନ୍ତି। ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ, ପୋଲିସ ମେ' ୨ ତାରିଖରେ କୌଣସି କାରଣ ନ ଥାଇ ୨ଜଣଙ୍କୁ ଘରୁ ଉଠାଇ ଆଣିଥିଲା। ଏହାର ପ୍ରତିବାଦ କରି ସ୍ଥାନୀୟ ଲୋକେ ମେ' ୩ ତାରିଖରେ ବଉଳା ଫାଣ୍ଡିକୁ ଘେରାଉ କରିଥିଲେ। ପରେ ସୋସୋ ଥାନାରେ ପୋଲିସ ବିଭିନ୍ନ ସଙ୍ଗୀନ ଦଫା ଲଗାଇ ୪୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ନାମରେ ମାମଲା (ନଂ. ୩୫/୨୦) ରୁଜୁ କରିଥିଲା। ଏପରି ଅଭିଯୋଗ ମିଥ୍ୟା ବୋଲି ତାଙ୍କ ପାଖରେ ପ୍ରମାଣ ଥିବା ମହିଳା ସରପଞ୍ଚ ରାଉତ କହିଛନ୍ତି। ଡ଼ିଏସ୍‌ପି ପଣ୍ଡା ସମସ୍ତ ଘଟଣାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

ସୋର ଉତ୍ତରେଶ୍ୱରସ୍ଥିତ ଏଲ୍‌ଏନ୍ ଆର୍ଟସ ପକ୍ଷରୁ କରାଯାଇଥିବା କଳାକୃତି।

ସଚେତନତା ଲାଗି କଳାକୃତି

ସୋର, ୬।୬(ଡି.ଏନ.ଏ.)

ସୋର ଉତ୍ତରେଶ୍ୱରସ୍ଥିତ ଏଲ୍‌ଏନ୍ ଆର୍ଟସ ପକ୍ଷରୁ କରୋନା ସଚେତନତା ଓ ପରବର୍ତ୍ତୀ ବିଶ୍ୱର କାୟାକଳ୍ପ ନେଇ ଏକ ସୃଜନାତ୍ମକ କଳା ଭାସ୍କର୍ଯ୍ୟ ପ୍ରଦର୍ଶନୀ ଓଡିଶା ଲଳିତକଳା ଏକାଡେମୀ ପରାମର୍ଶରେ ଆୟୋଜିତ ହୋଇଯାଇଛି। ଏହି ପଥର ମୂର୍ତ୍ତି ଖୋଦେଇ ଓ ଚିତ୍ରକଳା ଅନୁଷ୍ଠାନର ମୁଖ୍ୟ ବିଶିଷ୍ଟ ପଥରଶିଳ୍ପୀ ବ୍ରଜକିଶୋର ଜେନାଙ୍କ ତତ୍ତ୍ୱାବଧାନରେ ଭିନ୍ନ ଭିନ୍ନ ମଡେଲ ପ୍ରସ୍ତୁତ କରାଯାଇ ବିଶ୍ୱରେ କରୋନା ସଂକ୍ରମଣର ସାମାଜିକ, ମାନସିକ, ଆର୍ଥିକ ଓ ପରିବେଶଜନିତ ପ୍ରଭାବ ସହ ଏହି ମହାମାରୀର କାରଣ ଓ ନିରାକରଣ ନେଇ ସମାଜକୁ ସଚେତନତାର ବାର୍ତ୍ତା ଦିଆଯାଇଛି। ସାମାଜିକ ଦୂରତା ରକ୍ଷା କରି ଏହି ପ୍ରଦର୍ଶନୀ ଦେଖିବାକୁ ଆସୁଥିବା ଲୋକେ ବେଶ୍ ପ୍ରଭାବିତ ହୋଇଛନ୍ତି। ଶିଳ୍ପୀ ଖଗପତି ସାମଲ, ସନ୍ତୋଷ କୁମାର ଦାସ, ମନୋରଞ୍ଜନ ଜେନା, ଆଦିତ୍ୟ କୁମାର ଜେନା, ଲକ୍ଷ୍ମୀକାନ୍ତ ଦାସ, ବୃନ୍ଦାବନ ସେଠୀ

ସଂକ୍ଷେପରେ

ବଜ୍ରପାତରେ ଛେଳି ଚରାଳିଙ୍କ ମୃତ୍ୟୁ

ଭଞ୍ଜନଗର,୬।୬(ଡି.ଏନ୍.ଏ.)-ଭଞ୍ଜନଗର ବ୍ଲକ ଅନ୍ତର୍ଗତ ବଦାଙ୍ଗି ନିକଟରେ ଶନିବାର ଅପରାହ୍ନ ପ୍ରାୟ ୫ଟାରେ ବଜ୍ରପାତରେ ଜଣେ ଛେଳି ଚରାଳିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବଦାଙ୍ଗି ଗ୍ରାମର ଶରତ ନାଇକ। ପୋଲିସ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଛି। ଶରତ ଗ୍ରାମଠାରୁ କିଛି ଦୂରକୁ ଛେଳି ଚରାଇବାକୁ ଯାଇଥିଲେ। ହଠାତ୍ ବର୍ଷା ଆସି ବଜ୍ରପାତ ହେବାରୁ ଘଟଣାସ୍ଥଳରେ ଟଳି ପଡ଼ିଥିଲେ ।

କଳିଙ୍ଗା ଘାଟିରେ ବସ୍-ଟ୍ରକ ଧକ୍କା

ଭଞ୍ଜନଗର,୬।୬(ଡି.ଏନ୍.ଏ.)-ଗଞ୍ଜାମ-କନ୍ଧମାଳ ଜିଲା ସୀମାବର୍ତ୍ତୀ କଳିଙ୍ଗା ଘାଟିରେ ଶୁକ୍ରବାର ରାତିରେ ଏକ ବସ୍ ଓ ଟ୍ରକ୍ ମଧ୍ୟରେ ଧକ୍କା ହୋଇଥିଲା । ଫଳରେ ଟ୍ରକଟି ଓଲଟି ପଡ଼ିଥିଲା । ଏହି ଦୁର୍ଘଟଣାରେ ଟ୍ରକ ଓ ବସ୍‌ର ୫ଜଣ ଯାତ୍ରୀ ଆହତ ହୋଇଥିଲେ। ଆହତମାନଙ୍କୁ ଭଞ୍ଜନଗର ପୋଲିସ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରିଛି ।

ଗଞ୍ଜେଇ ସହ ଅଟୋ ଜବତ, ଜଣେ ଗିରଫ

ବଲିଗୁଡା,୬।୬(ଡି.ଏନ୍.ଏ.): ବାଲିଗୁଡା ପୋଲିସ ଅଟୋରେ ଗଞ୍ଜେଇ ଚାଲାଣ ବେଳେ ଚଢାଉ କରି ୮୨ କେଜି ଗଞ୍ଜେଇ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। ସେ ହେଲେ ଫିରିଙ୍ଗିଆ ପଞ୍ଚାୟତ ବାଲିଗେଟା ଗ୍ରାମର ବିନାୟକ କହଁର। ସିନ୍ଧ୍ରିଗାଁ ପଞ୍ଚାୟତର ଜିଡିଙ୍ଗପଡାଠାରୁ ସାତିଙ୍ଗିଆ ଗଞ୍ଜେଇ ଚାଲଣ ହେଉଥିବା ଖବର ପାଇ ବାଲିଗୁଡା ପୋଲିସ ଜିରିଙ୍ଗପଡା ଘାଟିଠାରେ ଜଗିଥିଲା। ଅଟୋ (ନଂ.ଓଡି୧୨ଏ-୧୪୧୩)କୁ ଅଟକାଇ ଯାଞ୍ଚବେଳେ ଗଞ୍ଜେଇ ମିଳିଥିଲା। ଅଟୋ ସହ ଗଞ୍ଜେଇ ଜବତ କରି ଥାନାକୁ ନେବା ସହ ଚାଳକ ବିନାୟକଙ୍କୁ ଗିରଫ କରିଥିଲା। ନଂ. ୧୧୦/୨୦ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଅଙ୍ଗନୱାଡ଼ି କର୍ମୀଙ୍କୁ ସହାୟତା

ହିଞ୍ଜିଳିକାଟୁ,୫।୬(ଡି.ଏନ୍.ଏ): ହିଞ୍ଜିଳିକାଟୁ ବ୍ଲକ ଖଣ୍ଡରା ନଂ.୧ ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀ ରମା ସାହୁ କ୍ୟାନସରରେ ପୀଡ଼ିତ ଥାଇ ମଧ୍ୟ କରୋନା ମହାମାରୀ ସମୟରେ ନିଜ କର୍ତ୍ତବ୍ୟ କରି ଚାଲିଛନ୍ତି। ମହାମାରୀ ସମ୍ପର୍କରେ ସେ ଲୋକଙ୍କୁ ସଚେତନ କରି ଅସୁଥିବା ବେଳେ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଶିଶୁ ଓ ପ୍ରସୂତିଙ୍କୁ ଖାଦ୍ୟ ବଣ୍ଟନ କରିଥିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ପ୍ରଂଶସା କରାଯାଇଥିଲା। ତାଙ୍କ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ରମାଙ୍କ ଚିକିତ୍ସା ପାଇଁ ମ୍ୟାନକାଇଣ୍ଡ ଔଷଧ କମ୍ପାନୀ ଏକ ଲକ୍ଷ ଟଙ୍କା ସହାୟତା ଦେଇଛି। ଶନିବାର କମ୍ପାନୀର କିଛି ଅଧିକାରୀ ରମାଙ୍କ ଘରକୁ ଆସି ଏହି ଟଙ୍କାର ଚେକ୍ ଦେଇଛନ୍ତି।

କାଠ ବୋଝେଇ ଟ୍ରାକ୍ଟର ଜବତ

ପୋଲସରା,୬।୬(ଡି.ଏନ୍.ଏ.): ପୋଲସରା ବନାଞ୍ଚଳରେ ଚଢାଉ କରାଯାଇ ୩୦ ଘନଫୁଟ ଶାଗୁଆନ କାଠ ସହ ଟ୍ରାକ୍ଟର ଜବତ କରାଯାଇଛି। ବାଲିପଦର ଓ ହାତୀଓଟ ମୁଖ୍ୟରାସ୍ତା ମନ୍ଦାର ଗ୍ରାମ ନିକଟରେ ବନବିଭାଗ ପକ୍ଷରୁ ପାଟ୍ରୋଲିଂ ଚାଲିଥିବାବେଳେ ବାଲିପଦର ପଟୁ ଆସୁଥିବା ଏକ ଟ୍ରାକ୍ଟରକୁ ଅଟକାଇ ଯାଞ୍ଚ କରାଯାଇଥିଲା। ସେଥିରୁ ପ୍ରାୟ ୩୦ ଘନଫୁଟ ଶାଗୁଆନ ଓ ଗମ୍ଭାରୀ କାଠ ମିଳିଥିଲା। ଟ୍ରାକ୍ଟର ଚାଳକ ଘଟଣାସ୍ଥଳରୁ ଦୌଡି ପଳାଇଥିଲେ।

ଲାଠି ଧରିଲେ ପ୍ରଶାସନିକ ଅଧିକାରୀ

ଛତ୍ରପୁର(ଡି.ଏନ୍.ଏ.)/ ବ୍ରହ୍ମପୁର ଅଫିସ ୬।୬

କରୋନା ମୁକାବିଲା ପାଇଁ ସରକାର ଜୁନ୍ ୩୦ ପର୍ଯ୍ୟନ୍ତ ୧୧ ଜିଲାରେ ପ୍ରତ୍ୟେକ ସପ୍ତାହର ଶନିବାର ଓ ରବିବାର ସମ୍ପୂର୍ଣ୍ଣ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ସେଥିରେ ଗଞ୍ଜାମ ଜିଲା ରହିଛି। ତେବେ ଜିଲାରେ ଶୁକ୍ରବାର ସନ୍ଧ୍ୟା

କୋଭିଡ୍ ନିୟମ ଉଲ୍ଲଂଘନ: ୩ ଗିରଫ

୭ରୁ ସୋମବାର ସକାଳ ୭ ପର୍ଯ୍ୟନ୍ତ ଶଟ୍‌ଡାଉନ୍ ଜାରି ରହିବ ବୋଲି ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ରରେ ଘୋଷଣା କରଯାଇଥିଲା। ଶୁକ୍ରବାର ସନ୍ଧ୍ୟା ପୂର୍ବରୁ ଛତ୍ରପୁର ସହରରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଲାଠି ଧରି ଦୋକାନ ବନ୍ଦ କରୁଥିବା ଓ ରାସ୍ତାରେ ଲୋକଙ୍କୁ ତାଗିଦ୍ କରୁଥିବା ଦେଖିବାକୁ ମିଳିଥିଲା। ଶନିବାର ମଧ୍ୟ ଅଧିକାରୀମାନେ ଛତ୍ରପୁର ବଜାର ରାସ୍ତାରେ ବୁଲିଥିଲେ। ସହର ଶୁନଶାନ ହୋଇଯାଇଛି। ଔଷଧ ଦୋକାନ ଖୋଲା ରହିଛି। ଗଞ୍ଜାମ ପୋଲିସ ଜିଲାର ବିଭିନ୍ନ ଥାନା ପକ୍ଷରୁ କୋଭିଡ୍ ଓ ଲକ୍‌ଡାଉନ୍ ନିୟମ କଡାକଡି ପାଇଁ ଧରପଗଡ଼ ଜାରି ରହିଛି। ୨୪ ଘଣ୍ଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଲୋକଙ୍କଠାରୁ ପୋଲିସ ୬୦ ହଜାର ୭୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। କରୋନା ନେଇ ଥିବା ନିୟମ ଉଲ୍ଲଂଘନ ନେଇ ୪ ମାମଲା ରୁଜୁ ହେବା ସହ ୩ ଜଣଙ୍କୁ ଗିରଫ କରାଯାଇଛି। ଏଥିସହ ୧୯୬.୫ ଲିଟର ଦେଶୀ ମଦ ଜବତ ହୋଇଥିବା ଶନିବାର ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରୟ ଟୁଇଟ କରି ସୂଚନା ଦେଇଛନ୍ତି। ସେହିପରି ବ୍ରହ୍ମପୁର ସହରରେ ସକାଳୁ ସମସ୍ତ ମାର୍କେଟ, ଦୋକାନ ଓ ବଜାର ବନ୍ଦ ରହିଥିଲା । ସହରର ସବୁଠାରୁ ଜନଗହଳି ପୂର୍ଣ୍ଣ ବଡବଜାର, ସାନ ବଜାର, ହନୁମାନ ବଜାର, ଗିରିମାର୍କେଟ, ଗିରିଜା ଛକ ଓ ଅର୍ନପୂର୍ଣ୍ଣା ମାର୍କେଟ ସମେତ ସମସ୍ତ ଅଞ୍ଚଳ ଶୁନ୍‌ଶାନ୍ ରହିଥିଲା। ଗେଟବଜାର, ଫାଷ୍ଟଗେଟ ଓ ଅନ୍ଧପସରା ରୋଡ ସମେତ ବିଭିନ୍ନ ଛକରେ ପୋଲିସ ଓ ପ୍ରଶାସନ ପକ୍ଷରୁ ଯାଞ୍ଚ କରାଯାଇଥିଲା ।

ଶୂନ୍‌ଶାନ୍ ବ୍ରହ୍ମପୁର ସହର ରାସ୍ତା

ବ୍ରହ୍ମପୁର ଟାଟାବେଞ୍ଚ ଛକ ଶୂନଶାନ୍ ।

ଗଞ୍ଜାମରେ ଦିନକରେ ୬୪ ପଜିଟିଭ୍

ଛତ୍ରପୁର,୬।୬(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଶନିବାର ଗୋଟିଏ ଦିନରେ ୬୪ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୫୯୭ରେ ପହଞ୍ଚିଛି। ଅନ୍ୟପକ୍ଷରେ ଶନିବାର ୭ ଜଣ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ ୩୯୬ ଜଣ ସୁସ୍ଥ ହୋଇଥିବା ବେଳେ ୧୯୮ ସକ୍ରିୟ ରୋଗୀ ଥିବା ସୂଚନା ମିଳିଛି। ଏଯାବତ ଜିଲାରେ ୩ ଜଣଙ୍କ ମୃତ୍ୟୁ ଘଟିଛି।

ଗଞ୍ଜାମ ଜିଲାକୁ ବହୁ ସଂଖ୍ୟାରେ ପ୍ରବାସୀ ଆସିଛନ୍ତି ।ଏମାନେ କ୍ୱାରାଣ୍ଟାଇନ୍ ସେଣ୍ଟର ଓ ଘରେ ସଙ୍ଗରୋଧରେ ଅଛନ୍ତି। କ୍ୱାରାଣ୍ଟାଇନ୍ ସେଣ୍ଟର ବାହାରେ ମିଳିଥିବା ପଜିଟିଭ ପ୍ରବାସୀମାନଙ୍କ ସଂସ୍ପର୍ଶରେ ଆସିଥିଲେ। ତେଣୁ ଜିଲାରେ ଗୋଷ୍ଠୀ ସଂକ୍ରମଣ ହୋଇନି ବୋଲି ଶନିବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟ କରି ସୂଚନା ଦେଇଛନ୍ତି। କରୋନା ଲକ୍ଷଣକୁ ଲୁଚାଅନି। ହୋମ କ୍ୱାରାଣ୍ଟାଇନ ଓ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହୁଥିବା ଲୋକଙ୍କ ତାଲିକା ସ୍ଥାନୀୟ ସରପଞ୍ଚଙ୍କ ନିକଟରେ ଅଛି। ସରପଞ୍ଚ ଓ ପ୍ରଶାସନିକ ଅଧିକାରୀ ଏହାର ମନିଟରିଂ କରିବା ସହ ସବୁ ସୁବିଧା କରୁଥିବା ଜିଲାପାଳ କହିଛନ୍ତି। ୭୦ ବର୍ଷ ବୟସରେ ବି ଲୋକଙ୍କ ଯତ୍ନ ନେଉଛନ୍ତି। ତେଣୁ ଜିଲାପାଳ ସାଲୁଟ ଜଣାଇବା ସହ ତାଙ୍କ ସହ ଏକ ଫଟୋ ଟୁଇଟ କରିଛନ୍ତି। ଜନଗହଳି ସ୍ଥାନକୁ ନ ଯିବା, ସର୍ବଦା ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ରକ୍ଷା, ବାରମ୍ବାର ସାବୁନରେ ହାତ ଧୋଇବା, ଲକ୍‌ଡାଉନର ନୂଆ ଗାଇଡଲାଇନ ପାଳନ କରିବା, ବରିଷ୍ଠ ନାଗରିକ ଓ ୧୦ ବର୍ଷରୁ କମ୍ ବୟସର ଶିଶୁଙ୍କୁ ଘରେ ରଖି ସେମାନଙ୍କ ଯତ୍ନ ନେବା, ଘରେ ରହି କରୋନା ଚେନ ଭାଙ୍ଗିବାରେ ସାହାଯ୍ୟ କରନ୍ତୁ ବୋଲି ଜିଲାପାଳ କହିଛନ୍ତି ।

କେନ୍ଦୁବାଡି ସରପଞ୍ଚଙ୍କ ସହ ଜିଲାପାଳ ।

- କରୋନାରୁ ସୁସ୍ଥ ହେଲେଣି ୩୯୬ ଜଣ
- ଗୋଷ୍ଠୀ ସଂକ୍ରମଣ ହୋଇନି: ଜିଲାପାଳ
- ସରପଞ୍ଚଙ୍କୁ ପ୍ରଶଂସା

ପୋଲସରା ବ୍ଲକ କେନ୍ଦୁବାଡି ସରପଞ୍ଚ ବିଜୟ କୁମାର ସ୍ୱାଇଁ ଭଲ କାମ କରୁଛନ୍ତି। କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହୁଥିବା

ଘରୁ ଗହଣା ଲୁଟିନେଲେ ଦୁର୍ବୃତ୍ତ

ଚିକିଟି,୬।୬(ଡି.ଏନ.ଏ.)

କେ.ନୂଆଗାଁ ଥାନା ଚିକିଟି ଫାଣ୍ଡି ଅଞ୍ଚଳରେ ଗତ କିଛିଦିନ ହେଲା ସିରିଜ୍ ଚୋରି ଘଟଣା ବୃଦ୍ଧି ପାଉଛି। ଗତ ୧ ତାରିଖ ରାତିରେ ଫାଣ୍ଡି ଅନ୍ତର୍ଗତ ପାଣ୍ଡିରେ ଗ୍ରାମର ୫ ଜଣଙ୍କ ଘରୁ ଦୁର୍ବୃତ୍ତ ସୁନାରୁପା ଅଳଙ୍କାର ଓ ଟଙ୍କା ଲୁଟି ନେଇଥିଲେ। ୪ ଦିନ ପରେ ବି ପୋଲିସ କୌଣସି ସୁରାକ୍ ପାଇ ନ ଥିବା ବେଳେ ଶୁକ୍ରବାର ରାତିରେ ରାମଚନ୍ଦ୍ରପୁର ପଞ୍ଚାୟତର ତେନ୍ତୁଳିଆ ଗ୍ରାମରୁ ଚୋରି ହୋଇଛି। ସ୍ତ୍ରୀଙ୍କ ଅସୁସ୍ଥତା କାରଣରୁ ତେନ୍ତୁଳିଆ ଗ୍ରାମର ନିରଞ୍ଜନ ପାଢ଼ୀ ପ୍ରାୟ ୨ ମାସ ହେଲା ବ୍ରହ୍ମପୁର ବଡ଼ ମେଡିକାଲରେ ରହି ଆସୁଥିବା ବେଳେ ଶୁକ୍ରବାର ରାତିରେ ତାଙ୍କ ଦାଣ୍ଡ କବାଟ ଭାଙ୍ଗି ଦୁର୍ବୃତ୍ତ ଘରେ ପଶି ଲୁଟ କରିଥିଲେ। ଶନିବାର ସକାଳେ ଏ ନେଇ ଗ୍ରାମବାସୀ ନିରଞ୍ଜନଙ୍କୁ ଜଣାଇଥିଲେ। ନିରଞ୍ଜନ ଆସିବାରେ ତାଙ୍କ ଆଲମିରାରୁ ପ୍ରାୟ ୯ ତୋଳାର ସୁନା ଅଳଙ୍କାର ଓ ୬୦ ହଜାର ଟଙ୍କା ଲୁଟ ହୋଇଥିବା ଜାଣି ଚିକିଟି ଫାଣ୍ଡିରେ ଏତଲା ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ କରିଛି। ସେହପରି ଗ୍ରାମର ରାଧା ନାଇକଙ୍କ ଘରୁ ଏକ ମୋବାଇଲ୍ ଫୋନ ମଧ୍ୟ ଚୋରି ହୋଇଛି । ଚିକିଟି ଓ ନୂଆପଡା ଫାଣ୍ଡି ଇଲାକାରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବାରୁ ପୋଲିସ ପାଟ୍ରୋଲିଂ କଡାକଡି କରିବାକୁ ଦାବି ହେଉଛି ।

ନିୟମ ଉଲ୍ଲଂଘନକାରୀ ଦେଲେ ଜରିମାନା

ଆସିକା,୬।୬(ଡି.ଏନ୍.ଏ.): ଶଟ୍‌ଡାଉନ୍ ପରିପ୍ରେକ୍ଷୀରେ ଶନିବାର ଆସିକା ସହରର ବିଭିନ୍ନ ପ୍ରବେଶ ପଥ ବିଜୁ ପଟ୍ଟନାୟକ ଛକ, ପାକଲାପଲ୍ଲୀ ଛକ, କଇଁଫୁଲିଆ ଛକ, ହସ୍ପିଟାଲ ଛକରେ ପୋଲିସ ପକ୍ଷରୁ ବ୍ଲକ୍ କରାଯାଇଛି। ଜରୁରୀ ଆବଶ୍ୟକ ନ ଥାଇ ଘରୁ ବାହାରୁଥିବା ବ୍ୟକ୍ତିଙ୍କ ପ୍ରତି କଡା ନଜର ରଖାଯାଇଥିଲା। କୌଣସି କାରଣ ନ ଥାଇ ବାହାରିଥିବା ବାଇକ ଆରୋହୀଙ୍କଠାରୁ ୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି ।

ସଙ୍ଗରୋଧ କେନ୍ଦ୍ରରେ ଅସୁସ୍ଥ ଯୁବକଙ୍କ ମୃତ୍ୟୁ

ଆସିକା,୬।୬(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଆସିକା ବ୍ଲକ ଅନ୍ତର୍ଗତ କାଳଷଣ୍ଢପୁର ପଞ୍ଚାୟତର ଏକ ସଙ୍ଗରୋଧ କେନ୍ଦ୍ରରେ ପରିବାର ସହ ଆସି ରହିଥିବା ଜଣେ ପ୍ରବାସୀଙ୍କ ଶୁକ୍ରବାର କୋଭିଡ ହସ୍ପିଟାଲରେ ମୃତ୍ୟୁ ଘଟିଛି। ସେ ହେଲେ ଆସିକା ବ୍ଲକ ଅନ୍ତର୍ଗତ ଦେବଭୂମି ଗ୍ରାମର ବାବୁଲା ମୁନି (୪୫) । ସେ କରୋନାରେ ଆକ୍ରାନ୍ତ ହୋଇ ନ ଥିବାରୁ ଶୁକ୍ରବାର ରାତିରେ ମୃତଦେହ ଗାଁକୁ ଆସିବା ପରେ ସତ୍କାର

କୋଭିଡ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ

କରାଯାଇଛି।

ଗତ ରବିବାର ବାବୁଲା ସଙ୍ଗରୋଧ କେନ୍ଦ୍ରରେ ଅସୁସ୍ଥ ହୋଇ ପଡିଥିଲେ। ତାଙ୍କୁ ତୁରନ୍ତ ହିଞ୍ଜିଳିକାଟୁସ୍ଥିତ କୋଭିଡ କେୟାର ସେଣ୍ଟରକୁ ନିଆଯାଇଥିଲା। ସେଠାରୁ ଅଧିକ ଚିକିତ୍ସା ପାଇଁ ଶୀତଳାପଲ୍ଲୀସ୍ଥିତ କୋଭିଡ୍ ହସ୍ପିଟାଲକୁ ପଠାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଥିବା ଆସିକା ବିଡିଓ ରୋଶନ ଶତପଥୀ କହିଛନ୍ତି। ଶନିବାର ବିଡିଓଙ୍କ ସମେତ ଏବିଡିଓ ପ୍ରଦୀପ କୁମାର ପଣ୍ଡା, ସରପଞ୍ଚ ବିଜୟ କୁମାର ଦଳାଇ, ଜିଲାପରିଷଦ ସଭ୍ୟ ଗୌରହରି ବେହେରା ପ୍ରମୁଖ ମୃତକଙ୍କ ପରିବାରକୁ ଭେଟିଥିଲେ। ବାବୁଲାଙ୍କ ପରିବାରକୁ ଜିଲା ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଓ ପଞ୍ଚାୟତ ପକ୍ଷରୁ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି ।

ସ୍ଥିତି ପରଖିଲେ ଜିଲାପାଳ

ପୋଲସରା,୬।୬(ଡି.ଏନ.ଏ.)

ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପୋଲସରା ବ୍ଲକର ବିଭିନ୍ନ ପଞ୍ଚାୟତ ବୁଲି ଶଟ୍‌ଡାଇନ୍ କିଭଳି ପାଳନ ହେଉଛି ତାହା ଅନୁଧ୍ୟାନ କରିଥିଲେ। ସରପଞ୍ଚ, ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନୱାଡି, ଆଶା କର୍ମୀ ପ୍ରମୁଖଙ୍କ ସହ କରୋନା ମୁକାବିଲା କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସାମାଜିକ ଦୂରତା ଓ ମାସ୍କ ପିନ୍ଧିବା ନିୟମ କଡାକଡି କରିବାକୁ କହିଥିଲେ। ରଜପର୍ବ କିଭଳି କୋଭିଡ୍ ଗାଇଡ୍‌ଲାଇନ ଉଲ୍ଲଂଘନ ନ କରି ପାଳନ ହେବ ତାହା ସୂଚାଇଥିଲେ। ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିବା ପ୍ରବାସୀଙ୍କ ପ୍ରତି ଦୃଷ୍ଟି ଦେବାକୁ ଅଙ୍ଗନୱାଡି କର୍ମୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର, ଅତିରିକ୍ତ ତହସିଲଦାର ଶୋଭନ କୁମାର ବେହେରା, ବିଡିଓ ଶମ୍ଭୁନାଥ ନନ୍ଦି, ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ, ସ୍ୱାସ୍ଥ୍ୟ ଅଧିକାରୀ ଗୋପବନ୍ଧୁ ବେହେରା ପ୍ରମୁଖ ଜିଲାପାଳଙ୍କ ଗସ୍ତବେଳେ ଉପସ୍ଥିତ ଥିଲେ।

ବଜ୍ରପାତରେ ୯ ଗୋରୁ ମୃତ

ଦିଗପହଣ୍ଡି,୬।୬(ଡି.ଏନ୍.ଏ.)

ଦିଗପହଣ୍ଡି ବ୍ଲକ ଭ୍ରମରପୁର ପଞ୍ଚାୟତ ଦୋଳବ – ଗୋପୀନାଥପୁର ଗ୍ରାମ ନିକଟ ଚଟିଆନାଳ ପାଖରେ ଶନିବାର ବଜ୍ରପାତରେ ୯ ଗୋରୁଙ୍କ ମୃତ୍ୟୁ ଘଟିଛି। ଅନ୍ୟଏକ ଆହତ ଗୋରୁର ଚିକିତ୍ସା ଚାଲିଥିବାବେଳେ ଏଥିରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଚାଷୀ ପୂର୍ଣ୍ଣ ନାୟକ। ପୂର୍ଣ୍ଣ ଶନିବାର ଗୋରୁ ଚରାଉଥିବା ବେଳେ ବର୍ଷାପବନ ହେବାରୁ ନିକଟସ୍ଥ ବରଗଛ ତଳେ ଗୋରୁଙ୍କୁ ଛାଡ ଅନ୍ୟଏକ ଗଛତଳେ ସେ ଛଡା ହୋଇଥିଲେ। ଗୋରୁଙ୍କ ଉପରେ ବଜ୍ରପାତ ହୋଇଥିଲା। ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ ନିର୍ଦ୍ଦେଶକ୍ରମେ ଭ୍ରମରପୁର ଆର୍‌ଆଇ ସନାତନ ରଣା ପହଞ୍ଚି ତଦନ୍ତ କରି ଫେରିଛନ୍ତି।

ପ୍ରଶାସନ ହସ୍ତକ୍ଷେପ ପରେ ଜଙ୍ଗଲରୁ ଫେରିଲେ ପ୍ରବାସୀ

ଆର.ଉଦୟଗିର,୬।୬(ଡି.ଏନ୍.ଏ.)

ଆର୍.ଉଦୟଗିରି ବ୍ଲକ ଅବାରସିଂ ପଞ୍ଚାୟତରେ ଏକ ଅଭାବନୀୟ ଘଟଣା ଘଟିଛି। ୭ ସୁରଟ ଫେରନ୍ତା ୧୪ ଦିନ ସଙ୍ଗରୋଧରେ ରହିବା ପରେ ମଧ୍ୟ ଗ୍ରାମବାସୀ ଘରକୁ ଛାଡି ନ ଥିଲେ। ଫଳରେ ୬ଦିନ ଜଙ୍ଗଲରେ ରହିବା ପରେ ଶୁକ୍ରବାର ପ୍ରଶାସନ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ପରେ ସେମାନେ ଘରକୁ ଫେରିଛନ୍ତି। ଖାରିପଦା ଗ୍ରାମର ୭ ପ୍ରବାସୀ ବିଭିନ୍ନ ରାଜ୍ୟରୁ ଫେରି କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିଥିଲେ। ୧୪ ଦିନ ରହିବା ପରେ ଏମାନଙ୍କ ସ୍ୱାବ୍ ପରୀକ୍ଷା ହୋଇଥିଲା। ରିପୋର୍ଟ ନେଗେଟିଭ ଆସିବା ପରେ ୭ଦିନ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ କୁହାଯାଇଥିଲା। ମାତ୍ର ଗ୍ରାମବାସୀ ଘରକୁ ଛାଡି ନ ଥିଲେ। ଗାଁରେ ବୈଠକ ବସି ବାହାରେ ରହିବାକୁ ନିଷ୍ପତ୍ତି ହୋଇଥିଲା। ଫଳରେ ସେମାନେ ଜଙ୍ଗଲରେ ଅସ୍ଥାୟୀ କୁଡିଆ କରି ରହିଥିଲେ। ୬ଦିନ ରହିବା ପରେ ଶୁକ୍ରବାର ଅପରାହ୍ନରେ ଆର.ଉଦୟଗିରି ବିଡିଓ ପ୍ରଦୀପ କୁମାର ନାୟକ ଓ ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ ଖାରିପଦାରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ସମ୍ପୃକ୍ତ ୭ଜଣ ଘରକୁ ଫେରିଥିଲେ।

ମାନୁନାହାନ୍ତି ସାମାଜିକ ଦୂରତା, ସବୁଠି ଭିଡ଼

ବ୍ୟାଙ୍କ ସମ୍ମୁଖରେ ଗ୍ରାହକମାନେ ଭିଡ ଜମାଇଛନ୍ତି।

ବାଲିଗୁଡା,୬।୬(ଡି.ଏନ୍.ଏ.)

ରାଜ୍ୟରେ ସବୁ ଜିଲାକୁ କରୋନା ଛୁଇଁଛି। ୧୧ ଜିଲାରେ ଶନି ଓ ରବିବାର ଶଟ୍‌ଡାଉନ୍ ଘୋଷଣା ହୋଇଛି। କନ୍ଧମାଳ ଜିଲା ଏଥିରୁ ବାଦ୍ ପଡିଥିଲେ ମଧ୍ୟ ଆକ୍ରାନ୍ତଙ୍କ ସଂଖ୍ୟା ୨୫ ଛୁଇଁଲାଣି। ମାତ୍ର ସରକାର ଯେତେ ସଚେତନ କଲେ ମଧ୍ୟ ଲୋକେ ମାନୁନାହାନ୍ତି। ବାଲିଗୁଡା ଉପଖଣ୍ଡର ବିଭିନ୍ନ ସ୍ଥାନରେ ଲୋକେ ସାମାଜିକ ଦୂରତା ରକ୍ଷା କରୁ ନ ଥିବାବେଳେ ମାସ୍କ ପିନ୍ଧୁ ନ ଥିବା ଦେଖିବାକୁ ମିଳୁଛି। ପରିବା, ରାଶନ ଓ ଆମିଷ ହାଟରେ ପ୍ରବଳ ଭିଡ ଜମୁଛି। ଏପରିକି ପିଡିଏସ୍ ସାମଗ୍ରୀ ଆଣିବା ବେଳେ ମଧ୍ୟ ସାମାଜିକ ଦୂରତ୍ୱ ମାନୁ ନାହାନ୍ତି। ବାଲିଗୁଡା ଟାଉନ୍‌ର କେତେକ ନିର୍ଦ୍ଦିଷ୍ଟ ବ୍ୟାଙ୍କ ସମ୍ମୁଖରେ ଶନିବାର ପ୍ରବଳ ଭିଡ ଜମିଥିଲା। ସାମାଜିକ ଦୂରତ୍ୱ ନେଇ ବ୍ୟାଙ୍କ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇ ନ ଥିବାବେଳେ ଏଥିପ୍ରତି ପ୍ରଶାସନର ମଧ୍ୟ ଦୃଷ୍ଟି ନାହିଁ। ଆଗାମୀ ଦିନରେ ଏଭଳି ଭିଡ଼ ଲଗିରହିଲେ ପରିସ୍ଥିତି ଅସମ୍ଭାଳ ହେବା ଆଶଙ୍କା ରହିଛି। ଉଭୟ ବ୍ୟାଙ୍କ କର୍ତ୍ତୃପକ୍ଷ ଓ ପୋଲିସ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

୫ ଦିନ ହେଲା ଜଳଯୋଗାଣ ବନ୍ଦ

ଶଙ୍କରାଖୋଲ,୬।

ସଂକ୍ଷେପରେ

ଝାରସୁଗୁଡ଼ା: ଆକ୍ରାନ୍ତଙ୍କ ସଂଖ୍ୟା ୮ରେ ପହଞ୍ଚିଲା

ଝାରସୁଗୁଡ଼ା ଅଫିସ,୬।୬: ଝାରସୁଗୁଡା ଜିଲାରେ ଶନିବାର ଜଣେ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତ ହେଲେ ବ୍ରଜରାଜନଗର ଅଞ୍ଚଳରେ ଜଣେ ୩୩ବର୍ଷୀୟ ଯୁବକ। ସେ ଗତ ୩୧ତାରିଖରେ ଟ୍ରେନ୍ ଯୋଗେ ଚେନ୍ନାଇରୁ ଫେରି ସେହି ଦିନଠାରୁ କ୍ୱାରାଣ୍ଟାଇନରେ ଥିଲେ। ସଂକ୍ରମଣ ଜଣାପଡିବା ପରେ ତାଙ୍କୁ ରାଉରକେଲା କୋଭିଡ୍ ହସ୍ପିଟାଲକୁ ପଠାଯାଇଛି। ଏଥିସହିତ ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯିବା ନେଇ ପ୍ରଶାସନ ପଦକ୍ଷେପ ନେଇଛି। ଏହି ସୂଚନା ଦେଇଛନ୍ତି ଜିଲାପାଳ ସରୋଜ କୁମାର ସାମଲ। ଏହାକୁ ମିଶାଇ ଜିଲାରେ ଶନିବାର ସୁଦ୍ଧା ଆକ୍ରାନ୍ତଙ୍କ ସଂଖ୍ୟା ୮ରେ ପହଞ୍ଚିଛି। ଇତିମଧ୍ୟରେ ୬ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

ନୂଆପଡ଼ାରେ ପୁଣି ୮କରୋନା ପଜିଟିଭ

ନୂଆପଡା ଅଫିସ,୬।୬: ନୂଆପଡା ଜିଲାରେ ପୁଣି ୮ଜଣ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ଏବେସୁଦ୍ଧା ମୋଟ କରୋନା ପଜିଟିଭ ସଂଖ୍ୟା ୬୭ରେ ପହଞ୍ଚିଛି। ତେବେ ଏହି ୮ ଜଣଙ୍କ ମଧ୍ୟରୁ ନୂଆପଡା ବ୍ଲକ ଟାନୱାଟ ଟିଏମ୍‌ସିରୁ ଜଣେ ଏବଂ ସିନାପାଲି ବ୍ଲକରୁ ୭ଜଣ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୪ଜଣ କ୍ୱାରାଣ୍ଟାଇନ ସେଣ୍ଟରରୁ ଥିବାବେଳେ ବାକି ୪ଜଣ ହୋମ୍ କ୍ୱାରାଣ୍ଟାଇନରେ ରହିଥିଲେ। ଏମାନଙ୍କୁ ବଲାଙ୍ଗୀରକୁ କୋଭିଡ୍ ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସମ୍ପୃକ୍ତ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଭାବରେ ଘୋଷଣା କରାଯାଇଛି। ପରବର୍ତ୍ତୀ ସମୟରେ ନିୟମକୁ କଡାକଡି କରାଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ କାଳୀଚରଣ ବେହେରା କହିଛନ୍ତି।

ଟ୍ରକ୍ ଧକ୍କାରେ ବାଇକ ଆରୋହୀ ମୃତ

ଲହୁଣୀପଡା, ୬।୬ (ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା କେବଲାଙ୍ଗ ଥାନା ଅନ୍ତର୍ଗତ ୨୧୫ ନମ୍ବର ଜାତୀୟ ରାଜପଥ ସୁନ୍ଦୁମବୁର ନିକଟରେ ଶୁକ୍ରବାର ରାତିରେ ଟ୍ରକ୍ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରକ୍ସି ଗ୍ରାମର ମଙ୍ଗଳ ମୁଣ୍ଡାରୀ (୩୫)। କେବଲାଙ୍ଗ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଧକ୍କା ଦେଇଥିବା ଟ୍ରକ୍ ସିଜି ୧୩ ଏଏଚ- ୨୧୨୪କୁ ପୋଲିସ ଜବତ କରିଛି। ବାଇକ ନଂ(ଓଡି ୧୪ କ୍ୟୁ-୪୬୨୪)ରେ ମଙ୍ଗଳ କେବଲାଙ୍ଗ ପଟୁ ନିଜ ଗ୍ରାମ ରକ୍ସିକୁ ଯାଉଥିବା ବେଳେ ଉକ୍ତ ଚଉଦ ଚକିଆ ଟ୍ରକ୍ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା । ଏଥିରେ ସେ ବାଇକରୁ ଛିଟିକି ପଡି ଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା ।

ବଡ଼ଗାଁ ସମିତି ସଭ୍ୟ ସମେତ ୨ ଗିରଫ

ବଡଗାଁ,୬।୬(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ବଡଗାଁ ଥାନା ଅନ୍ତର୍ଗତ ଧୁମାଗଡା ଗ୍ରାମରେ ଚାଲିଥିବା ଜୁଆଆଡ୍ଡା ଉପରେ ପୋଲିସ ଚଢ଼ାଉ କରି ବଡଗାଁ ସମିତି ସଭ୍ୟ ପଞ୍ଚାନନ ନାଏକଙ୍କ ସହିତ ଭୋଇପାଲି ଗ୍ରାମର ପ୍ରଶାନ୍ତ କୁମାର ନାଏକଙ୍କୁ ଗିରଫ କରିଛି । ସ୍ଥାନୀୟ ଅଞ୍ଚଳରେ ଦୀର୍ଘଦିନରୁ ଜୁଆଆଡ୍ଡା ଚାଲିଥିବା ଥାନାରେ ଅଭିଯୋଗ ହୋଇ ଆସୁଥିଲା । ଡିଏସ୍‌ପି ସତ୍ୟବ୍ରତ ଦାସଙ୍କ ନିର୍ଦ୍ଦେଶରେ ପୋଲିସ ଶୁକ୍ରବାର ଚଢ଼ାଉ କରିଥିଲା । ଘଟଣାସ୍ଥଳରୁ ପୋଲିସ ୩ଟି ବାଇକ ଜବତ କରିଛି। ଅନ୍ୟକେତେଜଣ ଜୁଆଡ଼ି ଫେରାର ହୋଇଯାଇଥିବା ପୋଲିସ କହିଛି ।

ଝାରସୁଗୁଡ଼ାରେ ହେବ ଟ୍ରକ୍ ଟର୍ମିନାଲ

ଝାରସୁଗୁଡ଼ା ଅଫିସ,୬।୬: ଝାରସୁଗୁଡା ଦେଇ ଯାଇଥିବା ଜାତୀୟ ରାଜପଥ -୪୯ରେ ବହୁ ସମୟରେ ସଡ଼କ ଦୁର୍ଘଟଣା ଘଟୁଛି। ରାସ୍ତା କଡ଼ରେ ପାର୍କିଂ ହୋଇରହୁଥିବା ଟ୍ରକ୍‌ଗୁଡ଼ିକ ପାଇଁ ବିଶେଷ ଭାବେ ଏହି ଦୁର୍ଘଟଣା ହେଉଛି। ତେବେ ଏହାକୁ ଏଡ଼ାଇବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ରାସ୍ତାକଡ଼ରେ ଠିଆ ହୋଇ ରହୁଥିବା ଟ୍ରକ୍ ପାଇଁ ଏକ ଟର୍ମିନାଲ ନିର୍ମାଣ କରାଯିବା ନେଇ ଯୋଜନା କରାଯାଇଛି। ଜିଲାପାଳ ସରୋଜ କୁମାର ସାମଲ ଏ ନେଇ ଟୁଇଟ ଯୋଗେ ସୂଚନା ଦେଇଛନ୍ତି। ଏହି ପଦକ୍ଷେପକୁ ଜିଲାର ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

---

୭୨ କୃଷି ଅଧିକାରୀ ପଦବୀ ଖାଲି

ପଙ୍ଗପାଳ ମୁକାବିଲା ଚିନ୍ତା

ସୋନପୁର,୬।୬(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ।

- ସିଡିଏଓ, ବୀରମହାରାଜପୁର ଏଡିଓ ଦାୟିତ୍ୱରେ ସୋନପୁର ଏଡିଓ
- ସୋନପୁର, ବୀରମହାରାଜପୁର ବିଏଓ ପଦ ଖାଲି
- ଜିଲାରେ ନାହାନ୍ତି ରୋଗପୋକ ନିୟନ୍ତ୍ରଣ ବିଶେଷଜ୍ଞ

ପଙ୍ଗପାଳ ଏବେ ଛତିଶଗଡ଼ରେ ଅଛନ୍ତି। ପବନ ବହିଲେ ସେମାନେ ପଶ୍ଚିମ ଓଡ଼ିଶାରେ ପ୍ରବେଶ କରିବା ଆଶଙ୍କା ରହିଛି। ପଙ୍ଗପାଳ ଦାଉରୁ ଫଳ ଓ ପନିପରିବା ଚାଷକୁ ରକ୍ଷା କରିବା ଏବଂ ଏହାର ସମ୍ଭାବ୍ୟ ମୁକାବିଲା ପାଇଁ କୃଷି ବିଭାଗ ପ୍ରସ୍ତୁତ ହେଉଛି। ତେବେ ସୁବର୍ଣ୍ଣପୁର ଜିଲାରେ କୃଷି ଅଧିକାରୀ, ବିଶେଷଜ୍ଞ ଓ କର୍ମଚାରୀ ପଦ ଖାଲି ପଡିବା ବିଷମ ପରିସ୍ଥିତି ସୃଷ୍ଟି କରିଛି। ଏହି କୃଷିପ୍ରଧାନ ଜିଲାରେ କୃଷି ବିଭାଗର ମୁଖ୍ୟ ପଦବୀ ଜିଲା ମୁଖ୍ୟ କୃଷି ଅଧିକାରୀ(ସିଡିଏଓ) ପଦବୀ ଖାଲି ଅଛି । ସେହିପରି ଗୁରୁତ୍ୱପୂର୍ଣ୍ଣ ବୀରମହାରାଜପୁର କୃଷି ଜିଲା ଅଧିକାରୀ(ଏଡିଓ), ସୋନପୁର ଓ ବୀରମହାରାଜପୁର ବ୍ଲକ କୃଷି ଅଧିକାରୀ(ବିଏଓ) ପଦବୀ ପୂରଣ ହେଉନି। ସୋନପୁର ଏଡିଓ ପ୍ରଶାନ୍ତ କୁମାର ଶତପଥୀ ସୁବର୍ଣ୍ଣପୁର ସିଡିଏଓ ଓ ବୀରମହାରାଜପୁର ଏଡିଓ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ଜିଲାରେ ମୋଟ ୧୮୫ଟି ମଞ୍ଜୁରୀପ୍ରାପ୍ତ ଅଧିକାରୀ, କର୍ମଚାରୀଙ୍କ ମଧ୍ୟରୁ ୭୨ କୃଷି ଅଧିକାରୀ ଓ ୨୩କର୍ମଚାରୀ ପଦବୀ ଖାଲି ପଡିଛି। ଏଥିପାଇଁ ଗ୍ରାମାଞ୍ଚଳରେ ଚାଷୀ ରୋଗପୋକ ଓ ଚାଷ ସମ୍ପର୍କିତ ଉପଯୁକ୍ତ ପରାମର୍ଶ ନପାଇ କ୍ଷତି ସହୁଛନ୍ତି। ଏଭଳି ସ୍ଥିତିରେ ସମ୍ଭାବ୍ୟ ପଙ୍ଗପାଳ ପରିଚାଳନା ଜିଲାରେ କିଭଳି ହେବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟ ସରକାର ଖାଲିଥିବା ପଦବୀଗୁଡିକୁ ପୂରଣ ଦିଗରେ ତତ୍‌ପରତା ପ୍ରକାଶ କରିବାକୁ କୃଷକ ସଂଗଠନଗୁଡିକ ପକ୍ଷରୁ ଦାବି ହେଉଛି।

ଜିଲା ଗଠନର ଦୀର୍ଘବର୍ଷ ପରେ ୨୦୧୦ରେ ଜିଲା କୃଷି ଉପନିର୍ଦ୍ଦେଶକ(ଡିଡିଏ)ଙ୍କ କାର୍ଯ୍ୟଳୟ ଖୋଲିଲା। ପୂର୍ବରୁ ଏହି କାର୍ଯ୍ୟାଳୟ ବଲାଙ୍ଗୀରରେ ଥିଲା। ନୂଆ କାର୍ଯ୍ୟାଳୟ ଖୋଲିବା ପରେ ଚାଷୀଙ୍କ ମନରେ ନୂତନ ଆଶା ସଞ୍ଚାର ହୋଇଥିଲା। ହେଲେ କୃଷି ଉପନିର୍ଦ୍ଦେଶକଙ୍କୁ ନିଯୁକ୍ତି ଦେଇ ସରକାର ସବୁ ଯେମିତି ଭୁଲିଗଲେ। ପିଅନ, କର୍ମଚାରୀଙ୍କୁ ନିଯୁକ୍ତି ଦିଆଗଲାନି। ଗତବର୍ଷ କେବଳ ମଞ୍ଜୁରୀପ୍ରାପ୍ତ କିରାଣି ପଦବୀଗୁଡିକରେ ନିଯୁକ୍ତି ଦିଆହୋଇଛି। ଇତିମଧ୍ୟରେ ୧୦ ବର୍ଷ ବିତିବାକୁ ବସିଛି। ବଲାଙ୍ଗୀର, ପାଟଣାଗଡ, ସୋନପୁର ଓ ବୀରମହାରାଜପୁର ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରୁ କର୍ମଚାରୀ ଓ ଅଧିକାରୀଙ୍କୁ ଡେପୁଟେଶନରେ ଆଣି ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ଅଫିସର କାର୍ଯ୍ୟ ସମ୍ପାଦିତ ହେଉଛି। ଜିଲାର ୭ଟି ସହକାରୀ କୃଷି ଅଧିକାରୀ, ୫କୃଷି ଓଭରସିଅର, ଜଣେ ପ୍ଲାଣ୍ଟ ପ୍ରୋଟେକ୍ସନ ଅଫିସର, ସହକାରୀ ବାୟୋକେମିଷ୍ଟ ଓ ୩୬ ଜଣ ଗ୍ରାମ୍ୟ କୃଷି କର୍ମଚାରୀ ପଦବୀ ପୂରଣ ହେଉନି। କୃଷି ଓ ରୋଗପୋକ ବିଶେଷଜ୍ଞ ଜିଲାରେ ଜଣେ ବି ନାହାନ୍ତି। ଚାଷୀଙ୍କୁ ଏ ସମ୍ପର୍କରେ ଉଚିତ୍ ପରାମର୍ଶ ମିଳୁନି । ତେଣୁ ପଙ୍ଗପାଳ ଦଳଗତ ଭାବେ ଜିଲାକୁ ଉଡି ଆସିଲେ ରାସାୟନିକ, ଜୈବିକ ଓ ଯାନ୍ତ୍ରିକ ପଦ୍ଧତିରେ କୀଟଙ୍କୁ ନିୟନ୍ତ୍ରଣ ପାଇଁ ଚାଷୀଙ୍କୁ ପରାମର୍ଶ ସକାଶେ କର୍ମଚାରୀ ଓ ଅଧିକାରୀଙ୍କ ଅଭାବ ଅନୁଭୂତ ହେବ ବୋଲି ଆଲୋଚନା ହେଉଛି । କାରଣ ଚକଡା ଭଳି କୌଣସି ରୋଗ ପୋକ କ୍ଷେତରେ ଲାଗିଲେ ସ୍ଥାନୀୟ ଚାଷୀ ଦୋକାନିଙ୍କ ପରାମର୍ଶରେ ହିଁ ରାସାୟନିକ ବିଷ ପ୍ରୟୋଗ କରୁଛନ୍ତି । ଚାଷୀଙ୍କୁ ନୂତନ ଜ୍ଞାନ କୌଶଳ ମିଳୁନି । ରେକର୍ଡ ସଂଖ୍ୟକ ଧାନ ଉତ୍ପାଦନ କରୁଥିବା ଏହି ଜିଲାର ଦୁଇ ଜଣ ମହିଳା ଚାଷୀ ରାଷ୍ଟ୍ରପତିଙ୍କ ଠାରୁ ସମ୍ମାନ ଜନକ କୃଷି କର୍ମଣ ପୁରସ୍କାର ପାଇଛନ୍ତି। ଗତ ୨୦୧୮-୧୯ ରବିରେ ଏହି ଜିଲା ବରଗଡ ପରେ ରାଜ୍ୟର ଦ୍ୱିତୀୟ ସର୍ବାଧିକ ଧାନ ଉତ୍ପାଦନ କରିଥିଲା। ଚାଲୁ ରହିଥିବା ଜଳସେଚନ ପ୍ରକଳ୍ପ କାର୍ଯ୍ୟଗୁଡିକ ସମ୍ପୂର୍ଣ୍ଣ ହେଲେ କୃଷି କ୍ଷେତ୍ରରେ ଏହି ଜିଲା ଆହୁରି ସୁନାମ ଆଣିବ। କିନ୍ତୁ ଜିଲାର ଚାଷୀଙ୍କୁ ଅଣଦେଖା କରା ଯାଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଶାନ୍ତ କୁମାର ଶତପଥୀ କୁହନ୍ତି, ସ୍ୱଳ୍ପ ସଂଖ୍ୟକ କର୍ମଚାରୀଙ୍କୁ ନେଇ ସରକାରଙ୍କ ଯୋଜନାକୁ ଚାଷୀଙ୍କ ନିକଟରେ ପହଞ୍ଚାଇବାକୁ ଉଦ୍ୟମ ହେଉଛି। ପଙ୍ଗପାଳ ଜିଲାକୁ ଆସିଲେ ଅଗ୍ନିଶମ ବିଭାଗ ଗାଡିରେ ଔଷଧ ସିଞ୍ଚନ କରାଯିବ। ଚାଷୀମାନେ ଭୟଭୀତ ହେବାରେ କୌଣସି କାରଣ ନାହିଁ। କୃଷି ବିଭାଗ ଏଥିପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ସେ କହିଛନ୍ତି।

ଖାଲି ପଡ଼ିଥିଲା, ସଜେଇ ହେଉଛି

ଦେବଝରନ ଡ୍ୟାମ ପାର୍ଶ୍ୱର କ୍ଷୁଦ୍ର ଜଳସେଚନ ବିଭାଗ ପଡ଼ିଆରେ ପାର୍କ ନିର୍ମାଣ ଲାଗି କାମ ଚାଲିଛି।

ସମ୍ବଲପୁର,୬।୬(ବ୍ୟୁରୋ)

ଦେବଝରନ ଡ୍ୟାମ୍ ପାର୍ଶ୍ୱ କ୍ଷୁଦ୍ର ଜଳସେଚନ ବିଭାର ୩ ଏକର ପଡ଼ିଆର ରୂପ ବଦଳିବ

ସମ୍ବଲପୁର ସହରରୁ ପ୍ରାୟ ୪୦ କି.ମି. ଦୂର ଯୁଯୁମୁରା ବ୍ଲକରେ ଥିବା ଦେବଝରନ ପର୍ଯ୍ୟଟନସ୍ଥଳର ବିକାଶ ପାଇଁ ବନ ବିଭାଗ କାମ କରୁଛି। ତେବେ ଡ୍ୟାମ୍ ପାର୍ଶ୍ୱରେ ଏବେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ମଧ୍ୟ ଏକ ପାର୍କ ନିର୍ମାଣ କରାଯାଉଛି। ଦେବଝରନକୁ ଆସୁଥିବା ପର୍ଯ୍ୟଟକଙ୍କୁ ଏହା ଅଧିକ ଆକୃଷ୍ଟ କରିବ ବୋଲି ଲକ୍ଷ୍ୟ ରହିଛି । ବିଭାଗୀୟ ଏସ୍‌ଡିଓ କିଶୋର ପଣ୍ଡା କହିଛନ୍ତି ଯେ, ବିଭାଗ ଅଧୀନରେ ଡ୍ୟାମ୍ ପରିଚାଳିତ ହେଉଛି। ଡ୍ୟାମ ତଳପାର୍ଶ୍ୱରେ ବିଭାଗର ପ୍ରାୟ ୩ ଏକର ଖାଲି ପଡ଼ିଆ ଜମି ପଡ଼ି ରହିଥିଲା। ଦେବଝରନକୁ ରାଜ୍ୟ ସରକାର ଇକୋ ଟୁରିଜିମ ଭାବେ ଘୋଷଣା କରିଛନ୍ତି। ବନ ବିଭାଗ ପକ୍ଷରୁ ଉନ୍ନୟନ ମୂଳକ କାମ ଆରମ୍ଭ ହୋଇଛି। ହେଲେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ କ୍ଷୁଦ୍ର ଜଳସେଚନ ବିଭାଗର ଏହି ଖାଲି ପଡିଆର ସୌନ୍ଦର୍ଯ୍ୟକରଣ କରିବାକୁ ସ୍ଥାନୀୟ ଲୋକଙ୍କ ଦାବି ରହୁଥିଲା। ତେଣୁ ସେଠାରେ ଏକ ପାର୍କ ତିଆରି କରିବା ପାଇଁ ବିଭାଗ ପ୍ରକ୍ରିୟା ଆରମ୍ଭ କରିଥିଲା। ଲକଡାଉନ ଯୋଗୁ କାମ ଧିମେଇ ଯାଇଛି । ଚଳିତ ପର୍ଯ୍ୟଟନ ଋତୁ ସମୟ ପୂର୍ବରୁ କାମ ଶେଷ କରାଯିବକୁ ଲକ୍ଷ୍ୟ ରହିଛି। ଏଥିପାଇଁ ୨୦୧୭-୧୮ରେ କ୍ଷୁଦ୍ର ଜଳ ସେଚନ ବିଭାଗ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ସୌନ୍ଦର୍ଯ୍ୟକରଣ କାମ ଲାଗି ପ୍ରାୟ ୪୨ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରହିଛି।

ଶଟ୍‌ଡାଉନ୍: ବଲାଙ୍ଗୀର ରାସ୍ତାଘାଟ ଶୂନ୍‌ଶାନ୍

ବଲାଙ୍ଗୀର ଅଫିସ, ୬।୬

ବଲାଙ୍ଗୀର ସହର ଶଟ୍‌ଡାଉନ୍ ଯୋଗୁ ଶୂନଶାନ ହୋଇଯାଇଛି ।

କରୋନା ସଂକ୍ରମଣ ରୋକିବା ଲାଗି ସରକାର ରାଜ୍ୟର ୧୧ଟି ଜିଲାରେ ଜୁନ୍ ମାସର ପ୍ରତ୍ୟେକ ଶନିବାର ଓ ରବିବାରକୁ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ଏହି କ୍ରମରେ ଜୁନ୍‌ମାସର ପ୍ରଥମ ଶନିବାର ଆଜି ବଲାଙ୍ଗୀର ଜିଲାକୁ ସମ୍ପୂର୍ଣ୍ଣ ଶଟ୍‌ଡାଉନ୍ ଘୋଷଣା କରାଯାଇଛି। ଅତ୍ୟାବଶ୍ୟକ ସେବାକୁ ବାଦ୍ ଦେଇ ଅନ୍ୟ ସମସ୍ତ କ୍ଷେତ୍ରରେ କଟକଣା ଲଗାଯାଇଛି। ବଲାଙ୍ଗୀର ଜିଲା ସଦର ମହକୁମା ସହ ଟିଟିଲାଗଡ଼ ମ୍ୟୁନିସିପାଲିଟି, ପାଟଣାଗଡ଼, କଣ୍ଟାବାଞ୍ଜି ଓ ଟୁଷୁରା ସହରାଞ୍ଚଳ ଓ ସମସ୍ତ ଗ୍ରାମାଞ୍ଚଳରେ ଶଟ୍‌ଡାଉନ୍ ପ୍ରଭାବ ଅନୁଭୂତ ହୋଇଥିଲା। ସକାଳ ୭ଟାରୁ ସମ୍ପୂର୍ଣ୍ଣ ରାସ୍ତାଘାଟ ଶୂନଶାନ ହୋଇଯାଇଥିଲା। ସମସ୍ତ ଦୋକାନ ବଜାର, ଅଫିସ, ବ୍ୟାଙ୍କ, ସ୍କୁଲ କଲେଜ, ସମସ୍ତ ପ୍ରକାର ଅନୁଷ୍ଠାନ ବନ୍ଦ ରହିଥିଲା। ହସ୍ପିଟାଲ, କ୍ଲିନିକ୍, ନର୍ସିଂହୋମ୍, ଔଷଧ ଦୋକାନ, ଆମ୍ବୁଲାନ୍ସ ସେବା ସ୍ୱାଭାବିକ ଥିଲା। ଜିଲାପାଳ ଅରିନ୍ଦମ ଡାକୁଆ ଓ ଏସ୍‌ପି ସନ୍ଦୀପ ମାଡକରଙ୍କ ନେତୃତ୍ୱରେ ଶଟ୍‌ଡାଉନ୍‌କୁ ଜିଲାରେ କଡାକଡି ଭାବେ ପାଳନ କରାଯାଇଛି। ସହରରେ ଥାନାଧିକାରୀ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନେତୃତ୍ୱରେ ପୋଲିସ ଟିମ୍ କଡ଼ା ନିରୀକ୍ଷଣ କରିଛନ୍ତି। ଯେଉଁ ଲୋକେ କୌଣସି କାମରେ ବାହାରିଥିଲେ ସେମାନଙ୍କୁ ପୋଲିସ ବିଭିନ୍ନ ଛକରେ ଯାଞ୍ଚ କରିବା ସହ ପଚରାଉଚରା କରୁଥିବା ଦେଖାଯାଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନ ସମସ୍ତ ଜରୁରିକାଳୀନ କାର୍ଯ୍ୟରେ ନିୟୋଜିତ ଥିବା ଅଧିକାରୀ ଓ କର୍ମଚାରୀଙ୍କୁ କଟକଣାରୁ ବାଦ୍ ଦିଆଯାଇଥିଲା। ବଲାଙ୍ଗୀର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ମାଟ୍ରିକ୍ ଖାତା ମୂଲ୍ୟାୟନ କରାଯାଉଛି। ଶଟ୍‌ଡାଉନ୍ ଯୋଗୁ ପରୀକ୍ଷା ମୂଲ୍ୟାୟନ ପ୍ରକ୍ରିୟା ବନ୍ଦ ରହିଥିବା ନେଇ ଖବର ନ ପାଇ କେତେଜଣ ଶିକ୍ଷକ ମୂଲ୍ୟାୟନ କେନ୍ଦ୍ରକୁ ଆସି ଫେରିଥିବା ଜଣାପଡିଛି।

ପୁଣି ୧୧ ରୋଗୀ ଚିହ୍ନଟ

ବଲାଙ୍ଗୀର ଅଫିସ/ଲୋଇସିଂହା (ଡି.ଏନ.ଏ.), ୬।୬

ବଲାଙ୍ଗୀର ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୧୬କୁ ବୃଦ୍ଧି ପାଇଛି। ଶୁକ୍ରବାର ସୁଦ୍ଧା ଜିଲାରେ ଆଉ ନୂଆ ୧୧ କରୋନା ସଂକ୍ରମିତ ଚିହ୍ନଟ ପରେ ଏହି ସଂଖ୍ୟା ୧୧୬ରେ ପହଞ୍ଚିଛି। ସଂକ୍ରମିତ ୧୧୬ ମଧ୍ୟରୁ ୭୮ଜଣ ସକ୍ରିୟ ରହିଥିବାବେଳେ ୩୮ସୁସ୍ଥ ହୋଇଥିବା ଜଣାପଡିଛି। ନୂଆ ଚିହ୍ନଟ ୧୧ ଜଣଙ୍କ ମଧ୍ୟରୁ ୭ ଜଣ ଆଗଲପୁର ବ୍ଲକର, ଦୁଇଜଣ ବଙ୍ଗୋମୁଣ୍ଡା ବ୍ଲକର ଓ ଅନ୍ୟ ଦୁଇଜଣଙ୍କ ମଧ୍ୟରୁ ଜଣେ ଲେଖାଏ ଟିଟିଲାଗଡ ଓ ମୁରିବାହାଲର। ଆଗଲପୁର ବ୍ଲକ୍‌ର ତେନ୍ତୁଳିଖୁଣ୍ଟି ପଞ୍ଚାୟତର ୪ ଜଣ, ସାଲେଡୁଙ୍ଗୁରିର ୨ ଜଣ ଏବଂ କୁଦୋପାଲି ପଞ୍ଚାୟତର ଜଣେ ସଂକ୍ରମିତ ଚିହ୍ନଟ କରାଯାଇଛି। ଏହି ସମସ୍ତ ୭ଜଣ ତାମିଲନାଡୁ ଫେରନ୍ତା । ଏମାନେ ମେ ୧୯ରୁ ୨୬ ପର୍ଯ୍ୟନ୍ତ ଆନୁଷ୍ଠାନିକ କ୍ୱାରାଣ୍ଟାଇନ୍‌ରେ ରହିବା ପରେ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିଥିଲେ। ବଙ୍ଗୋମୁଣ୍ଡା ବ୍ଲକ୍ ବିରିପାଲି ପଞ୍ଚାୟତର ଦୁଇ ସଂକ୍ରମିତ ମୁମ୍ବାଇରୁ ଫେରି କ୍ୱାରାଣ୍ଟାଇନ୍‌ରେ ଥିଲେ। ଟିଟିଲାଗଡ ବ୍ଲକ ପରାସରା ପଞ୍ଚାୟତର ଜଣେ ମୁମ୍ବାଇରୁ ଫେରି କ୍ୱାରାଣ୍ଟାଇନ୍ ସାରି ଗତ ମେ ୨୮ରୁ ହୋମ କ୍ୱାରାଣ୍ଟାଇନ୍‌ରେ ଥିଲେ। ମୁରିବାହାଲ ପଞ୍ଚାୟତ ଅନ୍ତର୍ଗତ ବୁଢ଼ୀପଦର ଗ୍ରାମର ଜଣେ ସଂକ୍ରମିତ ମୁମ୍ବାଇରୁ ଫେରି ଆନୁଷ୍ଠାନିକ କ୍ୱାରାଣ୍ଟାଇନ୍‌ରେ ରହିଥିଲେ।

ବିନା ନୋଟିସରେ ୫୦ ଦୋକାନ ଭଙ୍ଗାଗଲା

ବ୍ରଜରାଜନଗର,୬।୬(ଡି.ଏନ.ଏ.)

ଜାତୀୟ ରାଜପଥ ଏନ୍‌ଏଚ୍-୪୯ର ପାର୍ଶ୍ୱରେ ଥିବା ୫୦ରୁ ଊର୍ଦ୍ଧ୍ୱ ଦୋକାନକୁ ଜିଲା ପ୍ରଶାସନ ପକ୍ଷରୁ ଶନିବାର ଉଚ୍ଛେଦ କରାଯାଇଛି। ପୂର୍ବରୁ କୌଣସି ନୋଟିସ ନ ଦେଇ ଲକ୍‌ଡାଉନ ସମୟରେ ଦୋକାନୀମାନଙ୍କୁ ଉଚ୍ଛେଦ କରାଯାଇଥିବାରୁ ବ୍ୟବସାୟୀମାନେ ଚିନ୍ତାରେ ପଡିଛନ୍ତି । ଏହି ରାସ୍ତାପାର୍ଶ୍ୱରେ ବିଭିନ୍ନ ଗ୍ୟାରେଜଠାରୁ ଆରମ୍ଭ କରି ଗାଡି ସହିତ ଜଡିତ ସମସ୍ତ ପ୍ରକାର ଦୋକାନ ଥିଲା । ଲକ୍‌ଡାଉନ ଯୋଗୁ ପୂର୍ବରୁ ୨ ମାସ ଘରେ ବସିଥିବା ଦୋକାନୀମାନେ ଚଳିତ ମାସ ୧ ତାରିଖରୁ ଦୋକାନ ଖୋଲି ପରିବାର ପ୍ରତିପୋଷଣ କରୁଥିଲେ ।

ଏନେଇ ତହସିଲଦାର ଗୋଲକ ମଙ୍ଗରାଜଙ୍କୁ ପଚାରିବାରୁ ଟ୍ରକ ଡ୍ରାଇଭରମାନଙ୍କ ସୁବିଧା ପାଇଁ ଏହି ଉଚ୍ଛେଦ କରାଯାଇଛି। ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ୪୫୦ ଫୁଟ ଓସାର ଏବଂ ୯୧୦ଫୁଟ୍ ଲମ୍ବ ଜମି ଅଧିଗ୍ରହଣ କରାଯାଇଥିବା ସେ କହିଛନ୍ତି। ଉଚ୍ଛେଦ ସମୟରେ ଉପଜିଲାପାଳ ଶିବ ଟପ୍ପୋ, ତହସିଲଦାର ମଙ୍ଗରାଜ ଦିଲୀପ ପ୍ରଧାନ, ଏସ୍‌ଡିପିଓ ଦିଲୀପ ଦାଶ, ଇଞ୍ଜିନିୟର ଚନ୍ଦନ କୁମାର, ବେଲପାହାଡ, ବ୍ରଜରାଜନଗର, ଓରିଏଣ

ସଂକ୍ଷେପରେ

ଶ୍ରମିକ ସ୍ପେଶାଲ ଟ୍ରେନ୍ ଧକ୍କାରେ ଜଣେ ମୃତ
ରେଲ୍‌ୱେ କର୍ମଚାରୀ ଗୁରୁତର

ରାଉରକେଲା ଅଫିସ,୬।୬: ଶନିବାର ସ୍ଥାନୀୟ ଏସ୍‌ଟିଆଇ ରେଳ ଫାଟକ ନିକଟରେ ଶ୍ରମିକ ସ୍ପେଶାଲ ଟ୍ରେନ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି ଓ ଜଣେ ରେଲୱେ କର୍ମଚାରୀ ଗୁରୁତର ହୋଇଛନ୍ତି । ମୃତକ ହେଲେ ମଧୁସୂଦନପାଲିର ବୀରସା ମୁଣ୍ଡା । ରେଲୱେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ସେହିପରି ସ୍ଥାନୀୟ ରେଲୱେ କଲୋନୀର ହୁସେନ ହସାରି ଏହି ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି । ତାଙ୍କ ୨ ଗୋଡ଼ ଓ ଛାତିରେ ଗୁରୁତର ଆଘାତ ଲାଗିଛି । ରେଲୱେ ପୋଲିସ ତାଙ୍କୁ ଉଦ୍ଧାର କରି ଇସ୍ପାତ୍ ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରିଛି । ତେବେ କେଉଁ କାରଣରୁ ଏପରି ଦୁର୍ଘଟଣା ଘଟିଲା ତାହା ଜଣାପଡିନାହିଁ । ରେଲୱେ ପୋଲିସ ତଦନ୍ତ ଆରମ୍ଭ କରିଛି ।

ପ୍ରେସର କୁକର ଫାଟି ବାଳିକା ଗୁରୁତର

ଦେବଗଡ଼,୬।୬(ଡି.ଏନ.ଏ): ଦେବଗଡ ଥାନା ଅନ୍ତର୍ଗତ ସୁଗୁଡା ଗ୍ରାମର ଜଣେ ୧୦ ବର୍ଷର ବାଳିକା ପ୍ରେସର କୁକର ଫାଟିଯିବାରୁ ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ଲାଗି ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଶନିବାର ଅପରାହ୍ନ ପ୍ରାୟ ୩ଟା ୩୦ରେ ସୁଗୁଡା ଗ୍ରାମର ମଦନ ନାୟକଙ୍କ ଝିଅ ଆରତୀ ନାୟକ(୧୦)ନିଜ ଘରେ ପ୍ରେସର କୁକରରେ ରୋଷେଇ କରୁଥିଲେ। ହେଲେ ହଠାତ ତାହା ଫାଟିଯାଇଥିଲା।

ପାଣି ପମ୍ପ ଉଠାଇ ନେଲେ

ଦେବଗଡ଼,୬।୬(ଡି.ଏନ.ଏ): ଦେବଗଡ ଥାନା ଅନ୍ତର୍ଗତ ବୁଟିଆଡିହୀ ଗ୍ରାମ ଦେଇଯାଇଥିବା ମଡୁଆଳି ନାଳ କଡରୁ ଗତ ୩ ତାରିଖ ରାତିରେ ୨ଟି ୫ ଅଶ୍ୱକ୍ଷମତା ବିଶିଷ୍ଟ ପାଣିପମ୍ପ ଚୋରି ହୋଇଛି। ୪ ତାରିଖରେ ଦେବଗଡ ଥାନାରେ ଏହା ଉପରେ ଅଭିଯୋଗ ହୋଇଛି। ପୋଲିସ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ବୁଟଆଡିହୀ ଗ୍ରାମର ବୈରାଗୀ ମାଝୀ ଓ ଗଙ୍ଗାଧର ସାମାଡ ସରକାରଙ୍କ ଜଳନିଧି ଯୋଜନାରେ ଏଗ୍ରୋ ଇଣ୍ଡଷ୍ଟ୍ରିଜ କର୍ପୋରେସନ ସହାୟତାରେ ଏହି ପାଣିପମ୍ପ ପାଇଥିଲେ। ନିକଟସ୍ଥ ମୁନିଡିହା ଗ୍ରାମଦେଇ ଯାଇଥିବା ମଡୁଆଳି ନାଳରେ ସେମାନେ ଏହାକୁ ଖଞ୍ଜି ଚାଷ ଜମିକୁ ପାଣି ମଡାଉଥିଲେ।

ବୃଦ୍ଧା ମା'ଙ୍କୁ ହତ୍ୟା ଘଟଣା, ଅଭିଯୁକ୍ତ ପୁଅ ଗିରଫ
ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ଜବତ

ଦେଓଗାଁ, ୬।୬(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ଅଧୀନ ନୂଆଁପଡାରେ ବୃଦ୍ଧା ମା ସାବିତ୍ରୀ ରେନ୍ଦିଆ(୬୭)ଙ୍କହତ୍ୟା ଘଟଣାରେ ଅଭିଯୁକ୍ତ ପୁଅ ଫକିର ରେନ୍ଦିଆ (୨୪)ଙ୍କୁ ପୋଲିସ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ହତ୍ୟାରେ ବ୍ୟବହୃତ ଟାଙ୍ଗିଆକୁ ପୋଲିସ ଜବତ କରିଛି । ଏ ନେଇ ଥାନାରେ ଏକ ମାମଲା(ନଂ.୧୩୩/୨୦)ରୁଜୁ ହୋଇଥିବା ତଦନ୍ତକାରୀ ଅଧିକାରୀ ଏସଆଇ ଅଭିମନ୍ୟୁ ରଥ ସୂଚନା ଦେଇଛନ୍ତି । ପୋଲିସର ସୂଚନାନୁସାରେ ନୂଆଁପଡା କଲଙ୍ଗାପଡାର ଫକିର ରେନ୍ଦିଆଙ୍କ ପ୍ରଥମ ସ୍ତ୍ରୀର ମୃତ୍ୟୁ ପରେ ଦ୍ୱିତୀୟ ବିବାହ କରି ଶିବତଲାରେ ରହୁଥିଲେ। ପ୍ରଥମ ସ୍ତ୍ରୀଙ୍କୁ ନିର୍ଯାତନା ଦେଇ ତାଙ୍କ ମା ମାରି ଦେଇଥିବା ଫକୀର ଅଭିଯୋଗ କରି ଆସୁଥିଲେ। ଶୁକ୍ରବାର ମାଙ୍କୁ ହତ୍ୟା କରିବାର ସିଦ୍ଧାନ୍ତ ନେଇ ସେ ନୂଆପଡା ଆସିଥିଲେ। ଘରେ ଏକାକୀ ଥିବାର ସୁଯୋଗରେ ସାବିତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ପରେ ବ୍ୟବହୃତ ଟାଙ୍ଗିଆକୁ ପ୍ରଥମ ସ୍ତ୍ରୀର ମୃତଦେହ ପୋତିଥିବା ସ୍ଥାନରେ ପକାଇ ଦେଇଥିବା ପୋଲିସ ପାଖରେ ଫକିର ସ୍ୱୀକାର କରିଛନ୍ତି।

ଖରିଫ ଚାଷ ପାଇଁ ଜମିକୁ ଓହ୍ଲାଇଲେ ଚାଷୀ

ସମ୍ବଲପୁର, ୬।୬ (ବ୍ୟୁରୋ)

ଯୁଯୁମୁରା ମୁଣ୍ଡେର ଅଞ୍ଚଳର ଏକ କ୍ଷେତରେ ଟ୍ରାକ୍ଟର ହଳ କରୁଛି।

ଅଦିନିଆ ବର୍ଷା ସହ କୁଆପଥର ମାଡରେ ରବି ଧାନ ସହିତ ପନିପରିବା, ଡାଲି, ଫଳ ଜାତୀୟ ଫସଲ ନଷ୍ଟ ହୋଇଥିଲା। ଏଥିଯୋଗୁ ଚାଷୀ ବହୁ କ୍ଷତି ସହିଥିଲେ। କୃଷି ଓ ରାଜସ୍ୱ ବିଭାଗ ପକ୍ଷରୁ କ୍ଷୟକ୍ଷତି ଆକଳନ ହୋଇଛି। ହେଲେ ଆଜି ପର୍ଯ୍ୟନ୍ତ କ୍ଷତିପୂରଣ ମିଳିନାହିଁ। ରଣ ପରିଶୋଧ ଚିନ୍ତାରେ ଚାଷୀ ସରକାରୀ ସହାୟତାକୁ ଅପେକ୍ଷା କରିଛି। ତଥାପି ହାରି ନାହିଁ। ପୁଣି ସେ ତା କାମରେ ଲାଗି ପଡିଛି। ରବି ଫସଲରେ ଭାଙ୍ଗି ପଡିଥିବା ଆର୍ଥିକ ମେରୁଦଣ୍ଡକୁ ସଳଖିବା ପାଇଁ ପୁଣି ଥରେ ସେ ଜମିକୁ ଓହ୍ଲାଇଛି।

ଚଳିତ ବର୍ଷ ଜୁନ ୧୦ରୁ ମୌସୁମୀ ବର୍ଷା ଆରମ୍ଭ ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏଥିପାଇଁ ଚାଷୀ ତା'ର ପ୍ରସ୍ତୁତି ଆରମ୍ଭ କରିଛି। ଚଳିତ ଖରିଫରେ ପାଣିପାଗ, ଦଇବ ସାହା ହେଲେ ଅମଳ ଭଲ ହେବ ବୋଲି ଚାଷୀ ଆଶା ରଖିଛି। ପ୍ରାୟ ଏକମାସ ହେବ ଜିଲାର ବିଭିନ୍ନ ଅଞ୍ଚଳରେ ଅଦିନିଆ ବର୍ଷା ଲାଗିରହିଛି। ଏହା ବୁଣା ଧାନ ପାଇଁ ଚାଷୀଙ୍କୁ ସୁହାଇଛି। ଅଣଜଳସେଚିତ ଅଞ୍ଚଳରେ ଚାଷୀ ଚାଷ କାମ ଆରମ୍ଭ କରିଛି । ଜିଲାର ଯୁଯୁମୁରା, ରେଡାଖୋଲ, ନାକଟିଦେଉଳ, ଜମନକିରା, କୁଚିଣ୍ଡା ଆଦି ବ୍ଲକ ଅଞ୍ଚଳର ଚାଷୀ ବୁଣା ଧାନ କରୁଛନ୍ତି। ଏପଟେ ଜଳସେଚନ ଅଞ୍ଚଳର ଜମିରେ ସୁଖା ଯୋତ କରାଯାଉଛି। ଏ ସମ୍ପର୍କରେ ଜିଲା ମୁଖ୍ୟ କୃଷି ଅଧିକାରୀ ସନ୍ତୋଷ କୁମାର ରାୟ କହିଛନ୍ତି, ମୌସୁମୀ ବର୍ଷା ହେଲେ ଚାଷୀ ବୁଣା ଧାନ କରି ପାରିବେ ନାହିଁ। ତେଣୁ ବୁଣାଧାନ ପାଇଁ ଏହା ଉପଯୁକ୍ତ ସମୟ। ଧାନ ବୁଣିଲା ପରେ ତାପମାତ୍ରା ଓ ବର୍ଷା ଠିକ ରହିଲେ ଭଲ ଗଜା ହୋଇ ପାରିବ। ନିୟମିତ ବର୍ଷା ହେଲେ କ୍ଷେତରେ ହଳ ଓ ଟ୍ରାକ୍ଟରରେ ନଙ୍ଗଳ କରିବା ହୋଇ ପାରିବ ନାହିଁ। ଏବେ ଚାଷୀମାନଙ୍କ ପାଇଁ ଆଉ ଏକ ବଡ ସୁଯୋଗ ରହିଛି। ସେମାନେ ଧଣିଚା ଚାଷ କରି ପାରିବେ। ଧଣିଚା ଚାଷ କଲେ କ୍ଷେତରେ ଉର୍ବରତା ଆସିବ। ଜୈବିକ ପଦ୍ଧତିରେ ତାହା ସାର ପରି କାମ ଦେବ। ଏବେ ଧଣିଚା ବୁଣିଲେ ପ୍ରାୟ ଏକମାସ ଭିତରେ ସେହି ଗଛ ମରିଯିବ। ପୁଣି ଚାଷୀ କ୍ଷେତରେ ଧାନ ଫସଲ କରି

ଧାନଚାଷକୁ ସୁହାଉଛି ଅଦିନିଆ ବର୍ଷା

ପାରିବ। ଗୋଟିଏ ଏକର ପିଛା ୧୦ କେଜି ଧଣିଚା ମଞ୍ଜି ଚାଷୀ ବୁଣି ପାରିବେ। ସେହି ମଞ୍ଜି ଦର କେଜି ପିଛା ୩୫ରୁ ୪୦ ଟଙ୍କା ରହିଛି। ଏଥିରେ ଚାଷୀ ଲାଭବାନ ହୋଇପାରିବ ବୋଲି ସେ କହିଛନ୍ତି।

ଖରିଫ ପାଇଁ ଜିଲାରେ ମୋଟ ୧ ଲକ୍ଷ ୬ ହଜାର ହେକ୍ଟର ଜମିରେ ଧାନ ଚାଷ କରିବାର ଲକ୍ଷ୍ୟ ରହିଛି। ସେଥି ମଧ୍ୟରୁ ୨୦ ହଜାର ହେକ୍ଟର ଜମିରେ ବୁଣା ଧାନ ହୋଇଥାଏ। ଜଳ ସେଚନ ଅଞ୍ଚଳରେ ମଧ୍ୟ ଚାଷୀମାନେ ପୋଖରୀରୁ ପାଣି ନେଇ ପଲ୍ଲା କିଆରି ପ୍ରସ୍ତୁତ କରି ସାରିଛନ୍ତି। ଜୁନ୍ ୧୦ ପରେ କେନାଲରେ ପାଣି ଛଡାଯିବା ପାଇଁ ଆଶା କରାଯାଉଛି । ତେଣୁ ଜଳସେଚନ ଅଞ୍ଚଳରେ ମଧ୍ୟ ଶୀଘ୍ର ଚାଷ କାମ ଆରମ୍ଭ ହୋଇଯିବ। ଚଳିତ ବର୍ଷ ବର୍ଷା ସ୍ୱାଭାବିକ ହେବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି। ତେଣୁ ମରୁଡି, ଗଜା ମରୁଡି ଭଳି ପରିସ୍ଥିତି ଉପୁଜିବ ନାହିଁ ବୋଲି ମୁଖ୍ୟ କୃଷି ଅଧିକାରୀ ରାୟ କହିଛନ୍ତି।

ଅନ୍‌ଲାଇନ୍ ଖାତା ମୂଲ୍ୟାୟନ ପୂର୍ବରୁ ଥର୍ମାଲ ସ୍କ୍ରିନିଂ

ସୁନ୍ଦରଗଡ,୬।୬ (ଡି.ଏନ୍.ଏ)

ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ମୂଲ୍ୟାୟନକେନ୍ଦ୍ରରେ ଶନିବାରଠାରୁ ଯୁକ୍ତ ୨ ଅନ୍‌ଲାଇନ୍ ଖାତା ମୂଲ୍ୟାୟନ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଓଡିଆ, ଇଂଲିଶ ଓ ଗଣିତ ପରୀକ୍ଷା ଖାତା ଅନଲାଇନ ମୂଲ୍ୟାୟନ ଆରମ୍ଭ ହୋଇଥିବା ଅଧ୍ୟକ୍ଷ ଡଃ କିଶୋର କୁମାର ଦାଶ ସୂଚନା ଦେଇଛନ୍ତି। ତେବେ ମୂଲ୍ୟାୟନ କେନ୍ଦ୍ରକୁ ଯିବା ପୂର୍ବରୁ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ଦ୍ୱାରା ପରୀକ୍ଷକମାନଙ୍କ ଥର୍ମାଲ ସ୍କାନିଂ କରାଯାଇଥିଲା। କୋଭିଡ-୧୯ର ସମସ୍ତ ଗାଇଡଲାଇନ ପାଳନ କରାଯାଇ ପରୀକ୍ଷା ଖାତା ମୂଲ୍ୟାୟନ କାର୍ଯ୍ୟ ପରିଚାଳନା କରାଯିବା ସହ ସାମାଜିକ ଦୂରତା ରକ୍ଷା କରି ପରୀକ୍ଷା ଖାତା ଅନଲାଇନ୍ ମୂଲ୍ୟାୟନ କରାଯାଉଛି। ପୂର୍ବରୁ କମ୍ପ୍ୟୁଟର ସହ ମୂଲ୍ୟାୟନ କେନ୍ଦ୍ରକୁ ସଂପୂର୍ଣ୍ଣ ସାନିଟାଇଜଡ କରାଯାଇଛି।

ପାସ୍‌ବୁକ୍, ରସିଦ ପୋଡ଼ିଦେଲେ

ବରଗଡ଼ ଅଫିସ୍,୬।୬

ବରଗଡ଼ ଜିଲା ଅତାବିରା ଥାନା ଗୋଡ଼ଭଗା ଫାଣ୍ଡି ଅନ୍ତର୍ଗତ ଦୁଲମପୁରସ୍ଥିତ ଶାଖା ଡାକଘରେ ଶୁକ୍ରବାର ବିଳମ୍ବିତ ରାତ୍ରିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଡାକଘର କବାଟରେ ଲାଗିଥିବା ତାଲା ଭାଙ୍ଗି କାର୍ଯ୍ୟାଳୟ ମଧ୍ୟରେ ରହିଥିବା ଟେବୁଲକୁ ଉଠାଇ ନେଇଛନ୍ତି। ସେହି ଟେବୁଲ ଡ୍ରୟରରେ ନଗଦ ଟଙ୍କା, ଉପଭୋକ୍ତାଙ୍କ କିଛି ପାସ୍‌ବୁକ୍, ରସିଦ୍ ଆଦି ରହିଥିଲା। ଏ ନେଇ ଶନିବାର ଡାକଘର ଶାଖା ପରିଚାଳକ ରାଧାଚରଣ ସାହୁ ଗୋଡ଼ଭଗା ଫାଣ୍ଡିରେ ଏତଲା ଦେଇଛନ୍ତି। ଏତଲା ପାଇବା ପରେ ପୋଲିସ ଘଟଣାସ୍ଥଳକୁ ପହଞ୍ଚି ତନାଘନା ଚଲାଇଛି। ମାତ୍ର ଖବର ଲେଖାହେବା ସୁଦ୍ଧା(ରାତି ୭ଟା) ପୋଲିସ ଚୋରି ଅଭିଯୁକ୍ତଙ୍କ ଟେର୍ ପାଇ ପାରି ନାହିଁ। ଅନ୍ୟପଟେ ଅଭିଯୁକ୍ତମାନେ ସେହି ଟେବୁଲକୁ ଏକ କେନାଲ କଡ ବିଲ ନିକଟରେ ପକାଇ ଦେଇ ପଳାଇଛନ୍ତି। ସେଥିରେ ରହିଥିବା ଟଙ୍କା ନେଇଯାଇ ପାସ୍‌ବୁକ୍, ରସିଦ୍ ଆଦିକୁ ପୋଡ଼ି ଦେଇଛନ୍ତି। ପୋଲିସ ଏ ନେଇ ଅଧିକ ତଦନ୍ତ ଜାରି ରଖିଛି।

ଡାକଘରୁ ଚୋରି ପରେ ଲୁଟେରା ଟେବୁଲ ସହ ରସିଦ ଓ ପାସ୍‌ବୁକ୍ ପୋଡ଼ି ଦେଇଛନ୍ତି।

ଘରକୁ ଫେରୁଥିବା ପ୍ରବାସୀ ଶ୍ରମିକ ରାସ୍ତାରେ ନିଖୋଜ

ସଇଁତଲା, ୬।୬(ଡି.ଏନ.ଏ.)

ଝିଅଙ୍କ ସହ ଭାନୁମତୀ ସାହୁ। (ଇନ୍‌ସେଟ୍‌ରେ ତୀର୍ଥ)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କରମତଲା ପଞ୍ଚାୟତ ଅନ୍ତର୍ଗତ ଛନଛଡ଼ା ଗ୍ରାମକୁ ପ୍ରବାସୀ ଶ୍ରମିକମାନେ ଫେରୁଥିବାବେଳେ ବାଟରେ ଜଣେ ବ୍ୟକ୍ତି ନିଖୋଜ ହୋଇ ଯାଇଛନ୍ତି। ଏ ନେଇ ତାଙ୍କ ସ୍ତ୍ରୀ ଭାନୁମତୀ ସାହୁ ସଇଁତଳା ଥାନା ଓ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତାଙ୍କ ସ୍ୱାମୀ ତୀର୍ଥ ସାହୁ(୪୭)ଙ୍କୁ ପୋଲିସ ପ୍ରଶାସନ ଉଦ୍ଧାର କରିବାକୁ ସେ ଆକୁଳ ନିବେଦନ କରିଛନ୍ତି।

ଛନଛଡ଼ା ଗ୍ରାମର ତୀର୍ଥ ସାହୁ, ସ୍ତ୍ରୀ ଭାନୁମତୀ (୪୨), ଝିଅ ଗୀତା (୧୬), ରୀତା ସାହୁ (୧୩) ଓ ସଙ୍ଗୀତା ସାହୁ(୧୦)ଙ୍କୁ ନେଇ ଚାରିମାସ ତଳେ ମହାରାଷ୍ଟ୍ରକୁ କାମ କରିବାକୁ ଯାଇଥିଲେ। ମହାରାଷ୍ଟ୍ରର ବଦଲାପୁର ଟିଭି ଟାୱାର ଛକରେ ରହି ସେମାନେ ଦିନ ମଜୁରିଆ ଭାବରେ କାମ କରୁଥିଲେ। ଲକଡ଼ାଉନ ପରେ ସେମାନେ ନିଜ ଗ୍ରାମକୁ ଫେରିବା ପାଇଁ ସରକାରଙ୍କ ଅନଲାଇନ ରେଜିଷ୍ଟ୍ରେଶନରେ ନାମ ପଞ୍ଜୀକରଣ କରିଥିଲେ। ଗତ ମେ ମାସ ୧୫ତାରିଖ ଦିନ ଏକ ବସ୍‌ରେ ସପରିବାର ଗ୍ରାମକୁ ଫେରୁଥିବାବେଳେ ଛତିଶଗଡ଼ ସୀମାବର୍ତ୍ତୀ ଅଞ୍ଚଳରେ ରାତି ପ୍ରାୟ ୧୨ଟାରେ ତୀର୍ଥ ବସରୁ ଓହ୍ଲାଇ ପାଣି ଆଣିବାକୁ ଯାଇଥିଲେ। ଦୀର୍ଘ ସମୟ ଧରି ନ ଫେରିବାରୁ ବସ୍ ତାଙ୍କୁ ସେଠାରେ ଛାଡ଼ି ଚାଲିଆସିଥିଲା। ଭାନୁମତୀ ପିଲାଙ୍କୁ ଧରି ଛନଛଡ଼ା ଗ୍ରାମକୁ ଆସିଥିଲେ। ଏଠାକୁ ଆସିବା ପରେ ତିନିଛୁଆଙ୍କ ସହ ଭାନୁମତୀ ସଙ୍ଗରୋଧ କେନ୍ଦ୍ରରେ ୧୪ଦିନ ରହିଥିଲେ। ସେଠାରୁ ବାହାରିବା ପରେ ସେ ସ୍ୱାମୀଙ୍କ ଉଦ୍ଧାର ପାଇଁ ସଇଁତଲା ଥାନା ପୋଲିସ ଓ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଯାଇ ଲିଖିତ ଅଭିଯୋଗ କରିଥିଲେ। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ପୋଲିସ ପ୍ରଶାସନ ତୀର୍ଥଙ୍କୁ ଉଦ୍ଧାର କରି ପାରିନାହିଁ। ଏଭଳି ସ୍ଥିତିରେ ଭାନୁମତୀ ତିନିପିଲାଙ୍କୁ ଧରି ଭୋକ ଉପାସରେ ରହିଥିବା କହିଛନ୍ତି। ଥାନା ଅଧିକାରୀ ବାରେଣୀ ଦାସଙ୍କୁ ପଚାରିବାରୁ ଏ ସମ୍ପର୍କରେ ଥନାରେ ଏକ ଷ୍ଟେଶନ ଡାଏରୀ କରାଯାଇ ଘଟଣାର ତଦନ୍ତ ଚାଲିଛି ବୋଲି କହିଛନ୍ତି।

ମାଓବାଦୀ ନେତା ଗଣନାଥ ପାତ୍ରଙ୍କ ପରଲୋକ

ରାଉରକେଲା ଅଫିସ,୬।୬

ମାଓବାଦୀ ନେତା ତଥା ଚାଷୀ ମୁଲିଆ ଆଦିବାସୀ ସଂଘର ପରାମର୍ଶଦାତା ଗଣନାଥ ପାତ୍ରଙ୍କ ଶନିବାର ରାଉରକେଲା ସାରନଗରସ୍ଥିତ ଅଭିଳାଷପଲି ବାସଗୃହରେ ପରଲୋକ ହୋଇଯାଇଛି। ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା। ସେ ଗତ ୨ ବର୍ଷ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହୋଇ ଚିକିତ୍ସାଧୀନ ଥିଲେ। ୨୦୧୯ରେ ସେ ଚୌଦ୍ୱାର ଜେଲରୁ ଫେରିବା ପରେ ଘରେ ରହୁଥିଲେ। ତାଙ୍କ ପରଲୋକ ଖବର ପ୍ରଚାର ହେବା ପରେ ବହୁ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କର ଗୋଟିଏ ପୁଅ ଓ ଝିଅ ଅଛନ୍ତି।

ରଣ ଅସୁଲିକୁ ବିରୋଧ: କାର୍ଯ୍ୟାନୁଷ୍ଠାନ ଦାବି କଲେ ବିଧାୟକ

ସମ୍ବଲପୁର,୬।୬ (ବ୍ୟୁରୋ): ମହାମାରୀ କରୋନା କଟକଣା ସମୟରେ କୌଣସି ରଣ ଅସୁଲି କରାଯାଇ ପାରିବ ନାହିଁ। ରଣ ପରିଶୋଧ ପାଇଁ କୌଣସି ଅର୍ଥ ଲଗାଣକାରୀ ସଂସ୍ଥା ଚାପ ପକାଇ ପାରିବେ ନାହିଁ ବୋଲି ସରକାର ଘୋଷଣା କରିଛନ୍ତି। ହେଲେ ଏହି ସମୟରେ ଜିଲାରେ କାମ କରୁଥିବା ମାଇକ୍ରୋ ଫାଇନାନ୍ସ କମ୍ପାନୀଗୁଡିକ ପୂର୍ବ ଭଳି ରଣ ଅସୁଲି କରୁଛନ୍ତି। ଏସ୍‌ଏଚ୍‌ଜି ମହିଳାଙ୍କ ରଣ ପରିଶୋଧ କରିବା କଷ୍ଟକର ହୋଇପଡିଛି। ଏହାକୁ ନେଇ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଜିଲା ପ୍ରଶାସନର ଦୃଷ୍ଟିଆକର୍ଷଣ କରିଛନ୍ତି। ଏଥିରେ ବିଭାଗୀୟ ଅଧିକାରୀମାନେ ହସ୍ତକ୍ଷେପ କରିବାକୁ ସେ ଚିଠି ଲେଖି ଅନୁରୋଧ କରିଛନ୍ତି। ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜଙ୍କୁ ଏହି ଚିଠି ପ୍ରଦାନ କରାଯାଇଛି। ଚିଠିରେ ଉଲ୍ଲେଖ ରହିଛି, ସମସ୍ତ ମାଇକ୍ରୋ ଫାଇନାନ୍ସ କମ୍ପାନୀକୁ ପ୍ରଶାସନ ତାଗିଦ କରୁ, ଆସନ୍ତା ଅଗଷ୍ଟ ୩୦ ପର୍ଯ୍ୟନ୍ତ କୌଣସି ରଣ ପରିଶୋଧ, ଟଙ୍କା ଆଦାୟ କରା ନ ଯାଉ। ରଣ ଅସୁଲ କରୁଥିବା କମ୍ପାନୀ କର୍ମଚାରୀମାନେ ମହିଳାଙ୍କୁ ରଣ ଅସୁଲ ନାଁରେ ଖରାପ ବ୍ୟବହାର କରୁଛନ୍ତି। ଏଥିପ୍ରତି ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ। ବାରମ୍ବାର ଏଭଳି ଅଭିଯୋଗ ହେଉଥିଲେ ମଧ୍ୟ ଜିଲା ପ୍ରଶାସନ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଯଦି ଆଗକୁ ଏଭଳି ଚାଲେ ତା'ହେଲେ ଭାଜପା ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଧମକ ଦିଆଯାଇଛି ।

ବଡ଼କଣ୍ଟା ପୋଖରୀ ପାହାଚ ନିର୍ମାଣରେ ବିଳମ୍ବ

ବିନିକା,୬।୬(ଡି.ଏନ୍.ଏ.)

ଦୁର୍ଦ୍ଦଶା ଭୋଗୁଛନ୍ତି ବାବୁପାଳି ଗ୍ରାମବାସୀ

ବିନିକା ବ୍ଲକ ବାବୁପାଳି ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ବଡ଼କଣ୍ଟା ପୋଖରୀରେ ପାହାଚ ନ ଥିବାରୁ ଗ୍ରାମବାସୀ କାରବାର କରିବା ପାଇଁ ହଇରାଣ ହେଉଛନ୍ତି । ଯଥାଶୀଘ୍ର ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ବଡ଼କଣ୍ଟା ପୋଖରୀର ରକ୍ଷଣାବେକ୍ଷଣ ଓ ଉନ୍ନତୀକରଣ ଦାୟିତ୍ୱ ଗ୍ରାପ ପଞ୍ଚାୟତ କାର୍ଯ୍ୟାଳୟ ହାତରେ ନ୍ୟସ୍ତ ରହିଛି। ଏହି ପୋଖରୀର ଆୟତନ ହେଉଛି ୩୩ ଏକର। ବିନିକା ରାଜସ୍ୱ ବିଭାଗ ଖତିୟାନରେ ସର୍ବପୁରାତନ ପୋଖରୀ ଭାବେ ଏହାର ରେକର୍ଡ ରହିଛି। ଉକ୍ତ ପୋଖରୀ ଉପରେ ଗ୍ରାମର ଅଧିକାଂଶ ଲୋକ ନିର୍ଭର କରନ୍ତି। କାରଣ ବଡକଣ୍ଟା ପୋଖରୀ ବ୍ୟତୀତ ଗାଁ ଲୋକଙ୍କ ପାଖେ ଗାଧୁଆ ପାଧୁଆ , ଲୁଗାପଟା ସଫା କରିବା ପାଇଁ ଆଉ କୌଣସି କୂପ କି ନଦୀ, ନାଳର ସୁବିଧା ନାହିଁ। ବହୁ ଦିନ ହେଲା ଗାଁ ଠାରୁ ୨ କିଲୋମିଟର ଦୂରରେ ଥିବା କେନାଲରେ ପାଣି ମଧ୍ୟ ନାହିଁ। ଏପଟେ ଖରାରେ ବାବୁପାଳି ଗ୍ରାମର ନାଳ ,ନଳିଆ ପ୍ରମୁଖ ଜଳାଶୟଗୁଡିକ ସମ୍ପୂର୍ଣ୍ଣ ଶୁଖିଯାଇଛି। ଏମିତିରେ କହିବାକୁ ଗଲେ ଗାଁ ଲୋକଙ୍କ ପାଇଁ ଏକମାତ୍ର ଭରସା ବଡକଣ୍ଟା ପୋଖରୀ । ମାତ୍ର ପୋଖରୀର ହୁଡ଼ା ରାସ୍ତା ପତ୍ତନ ଠାରୁ ଉଚ୍ଚରେ ହୋଇଥିବା ବେଳେ ପୋଖରୀକୁ ଯିବା ପାଇଁ ପାହାଚ ସୁବିଧା ନ ଥିବାରୁ ଗାଁ ଲୋକେ ଏଠାରେ କାରବାର କରିବା କଷ୍ଟକର ହୋଇଛି। ପୋଖରୀର ଗଭୀରତା ଥିବାରୁ ତଳକୁ ଓହ୍ଲାଇବାରେ ବିପଦ ରହିଛି। ଯଦି ପଞ୍ଚାୟତ କର୍ତ୍ତୃପକ୍ଷ ପୋଖରୀ ପାହାଚ ନିର୍ମାଣ ନେଇ ବିହିତ ପଦକ୍ଷେପ ନ ନିଅନ୍ତି ତା'ହେଲେ ଆଗାମୀ ଦିନରେ ଏନେଇ ଜିଲାପାଳଙ୍କ ଦ୍ୱାରସ୍ଥ ହେବୁ ବୋଲି ଯଶୋଦା ଦ୍ୱୀପ, ହେମଲତା ରାୟ, ରୀନା ମରପାତ୍ରୀ, ଶୁଭମୟୀ ମିର୍ଦ୍ଧା, ଉମା ବରିହା, ହେମ ହଂସ, ପୁଷ୍ପାଞ୍ଜଳି ସା ଓ ମିନତି ସେଠ୍ ପ୍ରମୁଖ ଚେତାବନୀ ଦେଇଛନ୍ତି ।

ରଣ ଅସୁଲି ଜୁଲମ୍

ବରଗଡ଼ ଅଫିସ୍,୬।୬

କରୋନା(କୋଭିଡ୍-୧୯) ଭୂତାଣୁ ସଂକ୍ରମଣ ଯୋଗୁ ଦେଶ

ସଂକ୍ଷେପରେ

ସାପ କାମୁଡ଼ାରେ ଯୁବକ ମୃତ

ପରଜଙ୍ଗ, ୬।୬(ଡି.ଏନ.ଏ.): ଢେଙ୍କାନାଳ ଜିଲା ପରଜଙ୍ଗ ଥାନା କନ୍ତୁର ଗ୍ରାମର ଉମେଶ ସାହୁଙ୍କ ଶୁକ୍ରବାର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ଉମେଶ ଜଣେ ଇଲେକ୍ଟ୍ରିସିଆନ। ସେ କଲଦା ପଞ୍ଚାୟତ ସିଂହଡା ଗ୍ରାମର ଜଣେ ବ୍ୟକ୍ତିଙ୍କ ବିଦ୍ୟୁତ୍ ୱାୟରିଂ କରିବାକୁ ଯାଇଥିଲେ। ଆର୍ଥିଂ ପାଇଁ ଗାତ ଖୋଳୁଥିବାବେଳେ ଏକ ନାଗସାପ ତାଙ୍କୁ କାମୁଡ଼ି ଦେଇଥିଲା। ତେବେ ସେ ଡାକ୍ତରଖାନା ଯିବା ପରିବର୍ତ୍ତେ ଅନ୍ଧବିଶ୍ୱାସକୁ ନେଇ ଗୁଣିଆଙ୍କ ନିକଟରେ ଝଡ଼ାଫୁଙ୍କା କରିଥିଲେ। ଅବସ୍ଥା ଗୁରୁତର ହୋଇଯିବା ପରେ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଉମେଶଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ତହସିଲଦାର ଜୟନ୍ତ କୁମାର ଜୟସିଂ ସୂଚନା ଦେଇଛନ୍ତି।

ମାରପିଟ୍ ଅଭିଯୋଗ, ୩ ଗିରଫ

କଣିହାଁ,୬।୬(ଡି.ଏନ.ଏ.)- ଅନୁଗୋଳ ଜିଲା କଣିହାଁ ବ୍ଲକ ବଡ଼ଗୁଣ୍ଡୁରା ପଞ୍ଚାୟତ ବଇଣ୍ଡା ଗ୍ରାମରେ ମାରପିଟ୍ ଅଭିଯୋଗରେ ଶନିବାର ପୋଲିସ ୩ ଜଣଙ୍କୁ ଗିରଫ ସହ କୋର୍ଟଚାଲାଣ କରିଛି। କଣିହାଁ ଥାନା ଆଇଆଇସି ପ୍ରଭାତ କୁମାର ତ୍ରିପାଠୀ କହିଛନ୍ତି, ବିଭିନ୍ନ କାରଣକୁ ନେଇ ବଇଣ୍ଡା ଗ୍ରାମର ଦୁଇ ପଡ଼ୋଶୀ ପରିବାର ମଧ୍ୟରେ ବିବାଦ ରହିଥିଲା। ଶୁକ୍ରବାର ପ୍ରଥମେ ଉଚ୍ଚବାଚ ଓ ପରେ ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଆର୍ତ୍ତ ବେହେରାଙ୍କ ଅଭିଯୋଗରେ ନଂ. ୧୦୭ ମାମଲାରେ କ୍ଷୀର ବେହେରା ଓ ତାଙ୍କ ପୁଅ ଟୁନା ବେହେରାଙ୍କୁ ଗିରଫ କରାଯାଇଛି। ସେହିପରି କ୍ଷୀରଙ୍କ ଅଭିଯୋଗ ଆଧାରରେ ମାମଲା ନଂ. ୧୦୮ରେ ଆର୍ତ୍ତ ବେହେରାଙ୍କୁ ଗିରଫ କରାଯାଇଥିବା ଆଇଆଇସି ପ୍ରକାଶ କରିଛନ୍ତି।

୪୫ କମ୍ପ୍ୟୁଟରରେ ଯୁକ୍ତ ୨ ଖାତା ମୂଲ୍ୟାୟନ

ଅନୁଗୋଳ ଅଫିସ, ୬।୬: ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶନିବାରଠାରୁ ଯୁକ୍ତ ୨ ଖାତା ଦେଖା ଆରମ୍ଭ ହୋଇଛି। ବିଜ୍ଞାନ ପାଠ୍ୟକ୍ରମର ସାହିତ୍ୟ, ଇଂଲିଶ ଓ ଗଣିତ ବିଷୟବସ୍ତୁର ଖାତା ମୂଲ୍ୟାୟନ ପ୍ରଥମ ପର୍ଯ୍ୟାୟରେ କରାଯାଉଛି। ମୋଟ୍ ୪୫ଟି କମ୍ପ୍ୟୁଟରରେ ପରୀକ୍ଷକମାନେ ଏହି ମୂଲ୍ୟାୟନ କରୁଛନ୍ତି। ସକାଳ ୯ଟାରୁ ଅପରାହ୍ନ ସାଢ଼େ ୨ଟା ଯାଏ ଖାତା ଦେଖାଯାଇଥିଲା। ଏହାପରେ ଦୁଇଟି ପର୍ଯ୍ୟାୟରେ ଖାତା ଦେଖା ହେବ ବୋଲି ମହାବିଦ୍ୟାଳୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। କମ୍ପ୍ୟୁଟରରେ ଖାତା ମୂଲ୍ୟାୟନ ହେଉଥିବାରୁ ମହାବିଦ୍ୟାଳୟ କମ୍ପ୍ୟୁଟର ସାଇନ୍ସ ବିଭାଗର କର୍ମଚାରୀ, କଲେଜର କମ୍ପ୍ୟୁଟର ସୁପରଭାଇଜର ଓ ଜଣେ ସହାୟକ ପରୀକ୍ଷକମାନଙ୍କ ସହାୟତା କରୁଛନ୍ତି। ପ୍ରଥମ ଦିନରେ ଅଳ୍ପ ଖାତା ଦେଖାହେଉଥିବା ବେଳେ ସୋମବାରଠାରୁ ଏହି ସଂଖ୍ୟା ବଢ଼ିବ ବୋଲି କଲେଜ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି।

ଆସିନି ବିହନ, ଆଶଙ୍କାରେ ଚାଷୀ

କାମାକ୍ଷାନଗର, ୬।୬(ଡି.ଏନ.ଏ)

'ଅମ୍ଫାନ୍' ପ୍ରଭାବରେ ଭଲ ବର୍ଷିଛି। ଆଉ ଏବେ ବଙ୍ଗୋପସାଗରରେ ସୃଷ୍ଟି ହେବାକୁଥିବା ଲଘୁଚାପ ମୌସୁମୀକୁ ସକ୍ରିୟ କରିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ହେଲେ ଅକ୍ଷୟ ତୃତୀୟାଠାରୁ ଅଖିମୁଠି ଅନୁକୂଳ କରି ଜମିରେ ଲଙ୍ଗଳ କଷିବାକୁ ଅପେକ୍ଷା କରିଥିବା ଚାଷୀ କିନ୍ତୁ ଖୁସି ହୋଇପାରୁନି। କାରଣ ତା' ପାଖରେ ବିହନ ନାହିଁ। କରୋନା ସଙ୍କଟ ସମୟରେ ଚାଷକୁ ଆଶ୍ରା କରି ବର୍ଷକ ପାଇଁ ଯୋଜନା କରିଥିବା ଚାଷୀ ସରକାରୀ ବିହନକୁ ଅନାଇଛି। ବିହନ ପହଞ୍ଚିବାରେ ବିଳମ୍ବ ହେଲେ ଏହାର ପ୍ରତିକୂଳ ପ୍ରଭାବ ଚାଷ ଉପରେ ପଡ଼ିବ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି କାମାକ୍ଷାନଗର କୃଷି ଜିଲାର ଚାଷୀ।

କୃଷି ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, କାମାକ୍ଷାନଗର, ପରଜଙ୍ଗ, ଭୁବନ ଏବଂ କଙ୍କଡ଼ାହାଡ଼ ବ୍ଲକକୁ ନେଇ ଗଠିତ କାମାକ୍ଷାନଗର କୃଷି ଜିଲାରେ ଚଳିତ ବର୍ଷ ୭୮,୭୨୦ ହେକ୍ଟର ଜମିରେ ଖରିଫ୍ ଚାଷ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ସେଥିରୁ ୩୬,୬୫୦ ହେକ୍ଟରରେ ଧାନ, ୧,୬୭୦ ହେକ୍ଟରରେ ମକା, ୧,୧୮୦୫ ହେକ୍ଟରରେ ଡାଲି, ୮,୨୩୫ ହେକ୍ଟରରେ ତୈଳବୀଜ, ୧୭,୨୧୦ ହେକ୍ଟରରେ ପରିବା, ୨,୮୪୫ ହେକ୍ଟରରେ ମସଲା, ୧୭୨ ହେକ୍ଟରରେ ଆଖୁ ସମେତ କପା, ବାଜରା ଚାଷ କରିବାକୁ ଯୋଜନା କରାଯାଇଛି। କରୋନା ସଙ୍କଟ ସମୟରେ ଆର୍ଥିକ ସ୍ଥିତି ସୁଧାରିବାକୁ ଚାଷ ହିଁ ଏକମାତ୍ର ବିକଳ୍ପ ରହିଛି। ପାଗ ବି ଅନୁକୂଳ ଅଛି। ହେଲେ ଧାନ ବିହନ ଅଭାବ ଏବେ ଚାଷୀଙ୍କ ଚିନ୍ତା ବଢ଼ାଇଛି।

କାମାକ୍ଷାନଗର କୃଷି ଜିଲା

- ୭୮,୭୨୦ ହେକ୍ଟର ଜମିରେ ଖରିଫ୍ ଚାଷ ପାଇଁ ପ୍ରସ୍ତୁତି
- ଆବଶ୍ୟକ ୩୯୩୫, ଆସିଛି ୧୩୨୧ କୁଇଣ୍ଟାଲ ଧାନ ବିହନ

ଚଳିତ ବର୍ଷ କାମାକ୍ଷାନଗରରେ ୯,୮୫୪, ଭୁବନରେ ୯,୦୯୦, ପରଜଙ୍ଗରେ ୧୦,୪୬୪, କଙ୍କଡାହାଡରେ ୭,୨୪୨ ହେକ୍ଟର ଜମିରେ ଧାନଚାଷ କରାଯିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ଅଞ୍ଚଳର ଚାଷୀମାନେ ମୁଖ୍ୟତଃ ପୂଜା, ନବୀନ, ସ୍ୱର୍ଣ୍ଣ, ୧୦୦୯, କଳାଚମ୍ପା, ସାରଳା ଆଦି କିସମର ବିହନ ଉପରେ ନିର୍ଭର କରିଥାନ୍ତି। ଏଥିଲାଗି ୩,୯୩୫ କୁଇଣ୍ଟାଲ ବିହନ ଆବଶ୍ୟକ। ଅଦ୍ୟାବଧି ୧,୩୨୧ କୁଇଣ୍ଟାଲ ବିହନ ଯୋଗାଣ ହୋଇଛି। କାମାକ୍ଷାନଗରକୁ ୩୩୫, ଭୁବନକୁ ୩୮୨, ପରଜଙ୍ଗକୁ ୨୨୭, କଙ୍କଡାହାଡକୁ ୩୭୭ କୁଇଣ୍ଟାଲ ବିହନ ଆସିଛି। ଘରୋଇ ଏବଂ ବଜାରରେ ମିଳୁଥିବା ବିହନ ଉପରେ ଚାଷୀମାନେ ଭରସା କରିପାରୁ ନ ଥିବାବେଳେ ଚାଷ ଆଗକୁ କିପରି ବଢ଼ିବ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପଟେ କାମାକ୍ଷାନଗର କୃଷିଜିଲାରେ ଦୀର୍ଘଦିନ ହେବ କୃଷି ଅଧିକାରୀ ପଦବୀ ଖାଲି ପଡ଼ିଛି। ଦାୟିତ୍ୱରେ ଥିବା ଭାରପ୍ରାପ୍ତ ଅଧିକାରୀ ଅବସର ନେଇଯିବା ପରେ ଜିଲା ବାହାରର ଜଣେ ଅଧିକାରୀ ଏହି ଦାୟିତ୍ୱ ନିର୍ବାହ କରୁଛନ୍ତି। କର୍ମଚାରୀ ଅଭାବରୁ ଚାଷୀଙ୍କୁ ଉତ୍ତମ ମାର୍ଗଦର୍ଶନ ମିଳିପାରୁନାହିଁ, ଯାହା ବୋଝ ଉପରେ ନଳିତା ବିଡ଼ା ହୋଇଛି। ଜିଲା କୃଷି ବିଭାଗ ଏଥିରେ ହସ୍ତକ୍ଷେପ କରି ଆବଶ୍ୟକ ବିହନ ଯୋଗାଣ କରିବାକୁ ଦାବି ହେଉଛି। ଏ ନେଇ କୃଷି ଜିଲା ଅଧିକାରୀ ରାଜକିଶୋର ନାୟକ କୁହନ୍ତି, ରାଜ୍ୟ ବିହନ ନିଗମ ପକ୍ଷରୁ ଉପଖଣ୍ଡକୁ ବିହନ ଯୋଗାଣ ହୋଇଥାଏ। ବିଭାଗର ଦାବି ମୁତାବକ ବିହନ ଆସିନାହିଁ। ୧୪ ତାରିଖ ପୂର୍ବରୁ ଆବଶ୍ୟକ ବିହନ ଆସି ପହଞ୍ଚିବ ବୋଲି ଆଶା କରାଯାଉଛି।

ପୋତିହେଲାଣି କେନାଲ

ସଫେଇ ଅଭାବରୁ କେନାଲ ପୋତି ହୋଇପଡ଼ିଛି।

ବଅଁରପାଳ,୬।୬(ଡି.ଏନ.ଏ.)

ବଅଁରପାଳ ବ୍ଲକ ଡେରେଜାଙ୍ଗ ପ୍ରକଳ୍ପରୁ ନାଲ୍‌କୋ ଦେଇ କନ୍ୟାବେଡ଼ା ଓ କୁରୁଡୁଲୁ ଗ୍ରାମର ଚାଷ ଜମିକୁ ଯାଇଥିବା ଏକ ମାଇନର କେନାଲ ସଫେଇ ଅଭାବରୁ ପୋତି ହୋଇଗଲାଣି। ଭିତରେ ବହୁ ଅନାବନା ଗଛ ଭରି ରହିବା ସହ ଆବର୍ଜନା ପକାଯାଉଥିବାରୁ ଏହା ଏକପ୍ରକାର ଡ୍ରେନ୍ ପରି ଦିଶିଲାଣି। ଖରିଫ ଋତୁ ଆରମ୍ଭ ହୋଇଯାଇଥିବାରୁ ଏହି କେନାଲ ପାଣି ଉପରେ ନିର୍ଭର କରୁଥିବା ଅଞ୍ଚଳର ଚାଷୀମାନେ ଏବେ ଆଶଙ୍କାରେ ପଡ଼ିଛନ୍ତି। ସ୍ଥାନୀୟ ଚାଷୀମାନଙ୍କ କହିବା ଅନୁଯାୟୀ, ଏହି କେନାଲ ପାଣି ଯୋଗୁ ଶତାଧିକ ଏକର ଜମିରେ ସେମାନେ ଧାନ ସହ ଡାଲି ଜାତୀୟ, ପରିବା ଓ ଆଖୁ ଆଦି ଫସଲ କରିଥାନ୍ତି। ମାତ୍ର କେନାଲ ସଫେଇ ଓ ଆବଶ୍ୟକ ରକ୍ଷଣାବେକ୍ଷଣ ପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବାରୁ ପ୍ରତିବର୍ଷ ଚାଷୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଚଳିତବର୍ଷ ଯଦି ସଫେଇ କରା ନ ଯାଏ ତା'ହେଲେ ପାଣି ଚାଷ ଜମିରେ ପହଞ୍ଚିପାରିବ ନାହିଁ। ତେଣୁ ତୁରନ୍ତ ଏ ଦିଗରେ ଦୃଷ୍ଟି ଦିଆଯିବାକୁ ଚାଷୀ ମହଲରେ ଦାବି ହେଉଛି। ଏ ନେଇ ପାଣି ପଞ୍ଚାୟତର ସଦସ୍ୟ ସତ୍ୟବାନ ସାହୁ କହିଛନ୍ତି, କେନାଲ ମରାମତି ନିମନ୍ତେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଖୁବ୍‌ଶୀଘ୍ର ମରାମତି କାର୍ଯ୍ୟ ଆରମ୍ଭ ହେବ।

କନ୍ଦାଇଲା ବିଦାୟ ବେଳା

ସରପଞ୍ଚ ଫୁଲ ପକାଇ ଜଣେ ଯୁବତୀଙ୍କୁ ବିଦାୟ ଦେଉଛନ୍ତି।

ଢେଙ୍କାନାଳ ଅଫିସ, ୬।୬

- ସଙ୍ଗରୋଧ ସାରି ଘରକୁ ଫେରିଲେ ୧୩ ମହିଳା
- ଗଛ, ଚକୋଲେଟ୍ ଦେଇ ବିଦାୟ ଦେଲେ ସରପଞ୍ଚ

ସମ୍ପର୍କ ଦିନ କେଇଟାର। ହାତଗଣତି ଦିନ ଭିତରେ ସମସ୍ତେ ବାନ୍ଧି ହୋଇଯାଇଥିଲେ ସମ୍ପର୍କ ଦଉଡ଼ିରେ। ଆଉ ଯେତେବେଳେ ଅତିଆପଣାର ସମ୍ପର୍କକୁ ବିଦାୟ ଦେବାର ବେଳଆସିଲା, ସେତେବେଳେ ଆଖିରୁ ଆପଣାଛାଏ ଝରିପଡ଼ିଲା ଲୁହ। ଶନିବାର ଏମିତି ଏକ ଭାବବିହ୍ୱଳ ପରିବେଶ ଦେଖିବାକୁ ମିଳିଥିଲା ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ପୋରୁହଖୋଜ ପଞ୍ଚାୟତର ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ସଙ୍ଗରୋଧ କେନ୍ଦ୍ରରେ। ସଙ୍ଗରୋଧ ଅବଧି ସରିବା ପରେ ୧୩ଜଣ ପ୍ରବାସୀ ଶନିବାର ଏଠାରୁ ଘରକୁ ବାହୁଡ଼ିଛନ୍ତି। ସରପଞ୍ଚ ଶୁଭଦର୍ଶିନୀ ପରିଡ଼ା ସମସ୍ତଙ୍କୁ ଆମ୍ବଗଛ ଚାରା, ଚକୋଲେଟ୍ ଦେଇ ବିଦାୟ ଦେଇଥିଲେ।

ଏ ନେଇ ସରପଞ୍ଚ କୁହନ୍ତି, ପଞ୍ଚାୟତର ସଙ୍ଗରୋଧ କେନ୍ଦ୍ର କେବଳ ମହିଳାଙ୍କ ଲାଗି ଉଦ୍ଦିଷ୍ଟ। ପ୍ରବାସୀମାନେ ୧୦ଦିନ କ୍ୱାରାଣ୍ଟାଇନ୍ ଅବଧି ପୂରଣ କରିଛନ୍ତି। ସ୍ୱାବ୍ ପରୀକ୍ଷା ରିପୋର୍ଟ ନେଗେଟିଭ୍ ଆସିବା ପରେ ସେମାନଙ୍କୁ ଘରକୁ ଛଡ଼ାଯାଇଛି। ଯିବା ବେଳକୁ ସେମାନଙ୍କୁ ଗଛ ଲଗାଇବାକୁ ଉତ୍ସାହିତ କରାଇ ଚାରା ଦିଆଯାଇଛି। ସରକାରୀ ନିର୍ଦ୍ଦେଶ ଅନୁଯାୟୀ ଆଉ ୭ଦିନ ହୋମ୍ କ୍ୱାରାଣ୍ଟାଇନରେ ରହିବାକୁ ପରାମର୍ଶ ଦିଆଯାଇଛି।

ପ୍ରଶାସନ ଫୋକସ୍‌ରେ ଜିଲା ଚିକିତ୍ସାଳୟ

ଢେଙ୍କାନାଳ ଅଫିସ, ୬।୬

ବୈଠକରେ ଜିଲାପାଳ, ସିଡିଏମ୍‌ଓଙ୍କ ସମେତ ଅନ୍ୟମାନେ।

- ଏମ୍‌ଆରଆଇ, ସିଟିସ୍କାନ୍ ପାଇଁ ପ୍ରସ୍ତାବ
- ପାର୍କିଂ ଏରିଆ ନିର୍ମାଣ ଲାଗି ୧୮ ଲକ୍ଷ

ଢେଙ୍କାନାଳ ଜିଲା ସ୍ୱାସ୍ଥ୍ୟସେବାର ପ୍ରାଣକେନ୍ଦ୍ର ଜିଲା ମୁଖ୍ୟ ଚିକିତ୍ସାଳୟର ଭିତ୍ତିଭୂମି ବିକାଶ ଏବଂ ଅତ୍ୟାବଶ୍ୟକ ସେବା ବ୍ୟବସ୍ଥା ଲାଗି ଯୋଜନା ପ୍ରସ୍ତୁତ କରାଯାଇଛି। ଖୁବ୍‌ଶୀଘ୍ର ଏଠାରେ ଏମ୍‌ଆରଆଇ, ସିଟିସ୍କାନ୍ ଭଳି ଜରୁରୀ ସେବା ଉପଲବ୍ଧ ହେବ। ଏଥିଲାଗି ରାଜ୍ୟ ସରକାରଙ୍କ ନିକଟକୁ ପ୍ରସ୍ତାବ ପଠାଯିବ। ଅନୁମତି ମିଳିବା ପରେ ଜିଲାବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହେବ। ଏଥିସହ ଆନୁଷଙ୍ଗିକ ଭିତ୍ତିଭୂମିର ବିକାଶ ଲାଗି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଶନିବାର ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ହଲ୍‌ରେ ଅନୁଷ୍ଠିତ ରୋଗୀ କଲ୍ୟାଣ ସମିତିର କାର୍ଯ୍ୟକାରୀ ବୈଠକରେ ନିଷ୍ପତ୍ତି ହୋଇଛି।

ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ହୋଇଥିବା ଆଲୋଚନାରୁ ଜଣାପଡ଼ିଛି ଯେ, ଜିଲା ଚିକିତ୍ସାଳୟ ପରିସରରେ ପାର୍କିଂ ଏରିଆ ନିର୍ମାଣ ପାଇଁ ୧୮ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ରରୁ ୫୫ନଂ. ଜାତୀୟ ରାଜପଥକୁ ସଂଯୋଗ ଲାଗି ରାସ୍ତା ନିର୍ମାଣ ହେବ। ସେହିପରି ଭେଣ୍ଡିଂ ଜୋନ୍ ଓ ଶୌଚାଳୟ ସମ୍ମୁଖରେ ସ୍ଥାୟୀ ରାସ୍ତା ତିଆରି କରାଯିବ। ରୋଗୀଙ୍କ ଆଟେଣ୍ଡାଣ୍ଟ ପାଇଁ ବିଶ୍ରାମଗୃହ ନିର୍ମାଣ କରାଯିବ। ପାନୀୟଜଳ ସମସ୍ୟାର ସମାଧାନ ଲାଗି ଦୁଇଟି ବୋରୱେଲ ଖୋଳାଯିବ। ଏଥିଲାଗି ଅଟକଳ ପ୍ରସ୍ତୁତ କରିବା ନିମନ୍ତେ ଜନସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ବାଦ୍ ଦେଲେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରୋଗୀଙ୍କ ପାଇଁ ରୋଷେଇ ଘର, ଲଣ୍ଡ୍ରି ବ୍ୟବସ୍ଥା କରାଯିବ ବୋଲି ସିଡିଏମ୍‌ଓ ଡା. ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ବୈଠକରେ ଏଡିଏମ୍‌ଓ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ଡା. ଅଭୟ ଦାସ, ଜାତୀୟ ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଜିଲା ଚିକିତ୍ସାଳୟରେ ଏମ୍‌ଆରଆଇ, ସିଟିସ୍କାନ ସୁବିଧା ନ ଥିବାରୁ ରୋଗୀମାନେ ସମସ୍ୟା ଭୋଗୁଛନ୍ତି। ଆବଶ୍ୟକସ୍ଥଳେ ସେମାନଙ୍କୁ ଅନୁଗୋଳ ଏବଂ କଟକ ଡାକ୍ତରଖାନା ଉପରେ ନିର୍ଭର କରିବାକୁ ପଡୁଛି। ଏ ନେଇ ଜିଲାପାଳ କୁହନ୍ତି, ସ୍ୱାସ୍ଥ୍ୟକେନ୍ଦ୍ରର ଜରୁରୀ ଆବଶ୍ୟକତାକୁ ଦେଖି ସମସ୍ତ ବ୍ୟବସ୍ଥା କରାଯିବ। ଏଥିଲାଗି ଉଦ୍ୟମ ଜାରି ରହିଛି।

ସୁସ୍ଥ ହେଲେଣି ୭ ଆକ୍ରାନ୍ତ

ଢେଙ୍କାନାଳ ଅଫିସ, ୬।୬

ଢେଙ୍କାନାଳ ଜିଲାର ମୋଟ ୩୩ ଜଣ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ୭ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଜିଲାରେ ଏବେ ୨୬ ଆକ୍ଟିଭ୍ ମାମଲା ରହିଛି। ସମସ୍ତ ଆକ୍ରାନ୍ତ ତାଳଚେର କୋଭିଡ୍ ହସପିଟାଲରେ ଚିକିତ୍ସିତ ହେଉଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଶନିବାର ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ କାମାକ୍ଷାନଗର ବ୍ଲକର ୩ଜଣ ଅଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ କାମାକ୍ଷାନଗର ବିଜ୍ଞାନ ମହାବିଦ୍ୟାଳୟ ସଙ୍ଗରୋଧ କେନ୍ଦ୍ର ଏବଂ ଅନ୍ୟଜଣେ ବଡସୁଆଁଳ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଚିହ୍ନଟ ହୋଇ ଚିକିତ୍ସା ପାଇଁ ଯାଇଥିଲେ।

ଆମ୍ବ ବଗିଚା ନଷ୍ଟ କଲେ ହାତୀ

ଛେଣ୍ଡିପଦା, ୬।୬(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ ଟେଣ୍ଟୁଲୋଇ କୋଡାସାହି ପଞ୍ଚାୟତ ଭାଲୁପାଳସାହିରେ ଗୁରୁବାର ବିଳମ୍ବିତ ରାତିରେ ୨ଟି ହାତୀଟି ପଶି ଉପଦ୍ରବ କରିଛନ୍ତି। ଗ୍ରାମର ରମେଶ ଚନ୍ଦ୍ର ବେହେରାଙ୍କ ପ୍ରାୟ ୨ ଏକର ଜମିରେ ୧୨୦ରୁ ଅଧିକ ଆମ୍ବ ଗଛ ଭାଙ୍ଗି ନଷ୍ଟ କରିଛନ୍ତି। ବନବିଭାଗ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

ଫଟୋରେ ଖବର

ଅନୁଗୋଳ ଶୈଳଶ୍ରୀକ୍ଷେତ୍ରଠାରେ କାରିଗରମାନେ ରଥ ନିର୍ମାଣରେ ବ୍ୟସ୍ତ। (ଫଟୋ- ବୁବୁ)

ମଜଦୁର ସଂଘ ପକ୍ଷରୁ ସ୍ମାରକପତ୍ର

ଅନୁଗୋଳ ଅଫିସ, ୬।୬



ମଜଦୁର ସଂଘ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ଲକ୍‌ଡାଉନ୍ ଯୋଗୁ ହ୍ରାସ ପାଇଥିବା ପ୍ରଦୂଷଣ ପରବର୍ତ୍ତୀ ସମୟରେ ଯେପରି ବୃଦ୍ଧି ନ ପାଏ ସେ ଦିଗରେ ଉପଯୁକ୍ତ ପଦକ୍ଷେପ ନେବାକୁ ଭାରତୀୟ ମଜଦୁର ସଂଘର ପର୍ଯ୍ୟାବରଣ ମଞ୍ଚ ଅନୁଗୋଳ ପକ୍ଷରୁ ଶନିବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀଙ୍କୁ ପ୍ରଦାନ କରାଯାଇଛି। ମଞ୍ଚର ଜିଲା ସଂଯୋଜକ ଅଶୋକ କୁମାର କୁଣ୍ଡୁଙ୍କ ନେତୃତ୍ୱରେ ଏକ ୫ ଜଣିଆ ଟିମ୍ ସ୍ମାରକପତ୍ର ସହ ଏକ ତୁଳସୀ ଗଛ ଉପହାର ସ୍ୱରୂପ ପ୍ରଦାନ କରିଛନ୍ତି। ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଲକ୍‌ଡାଉନ୍ ଯୋଗୁ କଳ କାରଖାନା, ଗାଡ଼ି ମୋଟର ବନ୍ଦ ରହିବା ଫଳରେ ପ୍ରଦୂଷଣର ମାତ୍ରା ହ୍ରାସ ପାଇଛି। ନଦୀ, ନାଳ ପାଣି, ସ୍ୱଚ୍ଛ ଓ ନିର୍ମଳ ହୋଇଛି। କିନ୍ତୁ ଲକ୍‌ଡାଉନ୍ ହଟିଯିବା ପରେ ପ୍ରଦୂଷଣ ମାତ୍ରାରେ ପୁଣି ବୃଦ୍ଧି ଘଟିବ। ତେଣୁ ମାତ୍ରାଧିକ ପ୍ରଦୂଷଣ ସୃଷ୍ଟି କରୁଥିବା ଯାନବାହନଗୁଡ଼ିକୁ ବନ୍ଦ କରାଯାଉ। ପ୍ରଦୂଷଣ ସୃଷ୍ଟିକାରୀ ଖଣି, କଳ କାରଖାନା ତଥା ପରିବହନ ସଂସ୍ଥା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ପ୍ଲାଷ୍ଟିକ ବ୍ୟବହାର ବନ୍ଦ ସହ ବ୍ୟାପକ ବୃକ୍ଷରୋପଣ ଉପରେ ଜୋର ଦେବାକୁ ଦାବି କରାଯାଇଛି। ରାଜ୍ୟ ସାଧାରଣ ସମ୍ପାଦକ ବିନୟ କୁମାର ତ୍ରିପାଠୀ, ପର୍ଯ୍ୟାବରଣ ମଞ୍ଚ ରାଜ୍ୟ ସଂଯୋଜକ ଶ୍ରୀନିବାସ ଖୁଣ୍ଟିଆ, ରାଜ୍ୟ ସମ୍ପାଦକ ବାଦଲ ମହାରଣା ଓ ବରିଷ୍ଠ କାର୍ଯ୍ୟକର୍ତ୍ତା ନିରୋଦ ପାଲ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ।

ଚକ୍‌ମା ଦେଇ ଚମ୍ପଟ ମାରୁଛନ୍ତି ଅଭିଯୁକ୍ତ

ଅନୁଗୋଳ ଅଫିସ, ୬।୬

ଅନୁଗୋଳ ଜିଲା ପୋଲିସ ହେପାଜତରୁ ବାରମ୍ବାର ଚମ୍ପଟ ମାରୁଛନ୍ତି ଅଭିଯୁକ୍ତ। ଗତ ଶୁକ୍ରବାର ଖସି

ନିୟମ ଭାଙ୍ଗୁଛନ୍ତି ଅଧିକାରୀ, କର୍ମଚାରୀ

କୋରୁକୋଣ୍ଡା, ୬।୬(ଡି.ଏନ.ଏ.)–କରୋନା ସ୍ଥିତିକୁ ନେଇ ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷା କରିବା, ବାରମ୍ବାର ହାତ ଧୋଇବା ପରି ବିଭିନ୍ନ କଟକଣା ଜାରି ରହିଛି। ମାତ୍ର ସରକାରୀ ଅଧିକାରୀ, କର୍ମଚାରୀମାନେ ହିଁ ଏହି ନିୟମକୁ ଭାଙ୍ଗିଛନ୍ତି। ଏପରି ଦେଖିବାକୁ ମିଳିଛି ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ଚିତାପାରି–୩ ପଞ୍ଚାୟତର ଚିତାପାରି–୧ ଗ୍ରାମରେ। ହିତାଧିକାରୀଙ୍କୁ ଯୋଗାଣ ଅଧିକାରୀ ଡାଲି ବଣ୍ଟନ କରିବା ସମୟରେ ସେଠାରେ ଉପସ୍ଥିତ ଥିବା ଅଧିକାରୀ ଓ ହିତାଧିକାରୀ କେହି ମାସ୍କ ପିନ୍ଧିନାହାନ୍ତି। ସାମାଜିକ ଦୂରତା ନ ରଖି ଗହଳି କରି ଡାଲି ନେଉଥିବା ଦେଖିବାକୁ ମିଳିଛି।

ସଂକ୍ଷେପରେ

ଗଜପତିରେ ପୁଣି ୧୦ କରୋନା ପଜିଟିଭ

ପାରଳାଖେମୁଣ୍ଡି, ୬।୬ (ସ୍ୱ.ପ୍ର.) - ଗଜପତି ଜିଲାରେ ପୁଣି ୧୦ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହି ସଂଖ୍ୟା ଶନିବାର ୬୧ରେ ପହଞ୍ଚିଛି। ଉକ୍ତ ୧୦ ଜଣଙ୍କୁ ଆର୍.ସୀତାପୁରଠାରେ ଥିବା କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗଜପତି ଜିଲାପାଳ ଅନୁପମ ଶାହା ଏକ ପ୍ରେସ୍ ଇସ୍ତାହାର ମାଧ୍ୟମରେ ଏହା ଜଣାଇଛନ୍ତି। ବର୍ତ୍ତମାନ ସୁଦ୍ଧା ମୋଟ ୧୦ ଜଣ ଗଜପତି ଜିଲାରୁ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏଠାରେ ୫୧ଜଣ ରହିଛନ୍ତି। ନୂତନ ଭାବେ ଯେଉଁ ୧୦ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି ସେମାନଙ୍କ ମଧ୍ୟରୁ ମହାରାଷ୍ଟ୍ରରୁ ୩ ଜଣ, ଆନ୍ଧ୍ରପ୍ରଦେଶରୁ ୭ଜଣ ପ୍ରବାସୀ ଗତ ୧୪,୧୬,୧୭ ଓ ୨୦ ତାରିଖରେ ଗଜପତି ଜିଲାକୁ ଫେରିଥିଲେ। ସେମାନଙ୍କୁ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇ ସ୍ୱାବ୍ ସଂଗ୍ରହ କରାଯାଇଥିଲା। ଆକ୍ରାନ୍ତଙ୍କ ମଧ୍ୟରେ ଜଣେ ମହିଳାଙ୍କ ସମେତ ୯ଜଣ ପୁରୁଷ ରହିଛନ୍ତି। ମହିଳାଙ୍କ ବୟସ ୧୯ ବର୍ଷ ହୋଇଥିବା ବେଳେ ପୁରୁଷଙ୍କ ବୟସ ୧୭ରୁ ୪୫ ମଧ୍ୟରେ ରହିଛି ବୋଲି ସୂଚନା ମିଳିଛି।

କରୋନା ମୁକାବିଲା ନେଇ ରାଜ୍ୟ ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କ ଆଲୋଚନା

ନବରଙ୍ଗପୁର,୬।୬(ବି.ପ୍ର.)- ରାଜ୍ୟ ଯୋଜନା ବୋର୍ଡ ଅଧ୍ୟକ୍ଷ ସଞ୍ଜୟ ଦାଶ ବର୍ମା ଜିଲାସ୍ତରୀୟ ଅଧିକାରୀ ଓ ଲୋକ ପ୍ରତିନିଧିମାନଙ୍କ ସହ ଭିଡିଓ କନଫରେନ୍ସ ମାଧ୍ୟମରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ବୈଠକ କରିଛନ୍ତି। କରୋନା ଯୋଗୁ ସୃଷ୍ଟି ହୋଇଥିବା ସମସ୍ୟା ଏବଂ ଏନେଇ ନେଇ ଜିଲା ପ୍ରଶାସନ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ଏମପି ରମେଶ ଚନ୍ଦ୍ର ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ, ଜିଲା ପରିଷଦ ଅଧକ୍ଷା ଭଗବତୀ ଭତରା, ଉପାଧକ୍ଷା ନିବେଦିତା ମହାନ୍ତି, ଅତିରିକ୍ତ ଜିଲାପାଳ ନିମାଇ ଚରଣ ସୂତାର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସନ୍ତୋଷ କୁମାର ସ୍ୱାଇଁଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

ଦେଢ଼ମାସ ପରେ ସୋଲାର ପ୍ରକଳ୍ପ ଅଚଳ

କୋରୁକୋଣ୍ଡା,୬।୬(ଡି.ଏନ.ଏ.)- ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ପୁରୁଣା ଚିମିଟାପଲି ପଞ୍ଚାୟତର ସୁବର୍ଣ୍ଣପୁର ଗ୍ରାମରେ ଜଳ ଯୋଗାଣ ବନ୍ଦ ହେତୁ ଲୋକେ ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଛନ୍ତି। ପ୍ରାୟ ୨୨ ପରିବାରର ଶତାଧିକ ଲୋକ ବସବାସ କରୁଥିବା ଏହି ଗ୍ରାମରେ ପାନୀୟ ଜଳ ସମସ୍ୟା ଦୂର ଲାଗି ୫ମାସ ତଳେ ଗ୍ରାମରେ ଏକ ସୋଲାର ପ୍ରକଳ୍ପ ନିର୍ମାଣ ହୋଇଥିଲା। ମାତ୍ର ତାହା ଦେଢ଼ମାସ ବ୍ୟବହାର ପରେ ଅଚଳ ହୋଇପଡ଼ିଥିଲା। ୩ମାସ ବିତିଯାଇଥିଲେ ମଧ୍ୟ ଏହାକୁ ମରାମତି କରାଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ସୋଲାର ପ୍ରକଳ୍ପ ନିର୍ମାଣ କରିଥିବା ଠିକାଦାରଙ୍କୁ ଗ୍ରାମବାସୀ କହିବାରୁ ସେ କାଲିକାଲି କହି ଦିନ ଗଡ଼ାଇ ଚାଲିଛନ୍ତି। ଏଥିପ୍ରତି ବ୍ଲକ ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହେଉଛି।

ବିପୁଳ ପରିମାଣର ଗୁଟ୍‌ଖା ଜବତ, ୩ ଗିରଫ

ଗୁଣପୁର,୬।୬(ଡି.ଏନ୍.ଏ.): ରାୟଗଡ଼ା ଜିଲା ଗୁଣପୁର ପୋଲିସ ଶକ୍ରବାର ଏକ ଗୋଦାମରେ ଚଢ଼ାଉକରି ବିପୁଳ ପରିମାଣରେ ଗୁଟ୍‌ଖା ଜବତ କରିଛି। ଏହାର ମୂଲ୍ୟ ପ୍ରାୟ ୨ଲକ୍ଷ ୭୫ ହଜାର ଟଙ୍କା ହେବ ବୋଲି ହେବ ବୋଲି ଜଣାପଡ଼ିଛି। ଏହି ମାମଲାରେ ପୋଲିସ ଶନିବାର ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଭି. ମୁରଲିକ୍ରିଷ୍ଣା, ଭି. ବାଲକ୍ରିଷ୍ଣା ଏବଂ ସାଗର ଲୋକଣ୍ଡା। ଶନିବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ରଶ୍ମିରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଲକ୍‌ଡାଉନ୍‌ରେ ଗୁଣପୁର ଅଞ୍ଚଳରେ ଗୁଟ୍‌ଖା ଗଚ୍ଛିତ ରଖି କାରବାର ଚାଲିଥିବା ପୋଲିସ ସୂଚନା ପାଇ ଗତ ୨୭ତାରିଖରେ ୧୩ଲକ୍ଷ ଟଙ୍କାର ଗୁଟ୍‌ଖା ଏବଂ ପଲିଥିନ୍ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଥିଲା। ସେହିପରି ଏପ୍ରିଲ ୩୦ରେ ୮ଲକ୍ଷ ଟଙ୍କାର ଗୁଟ୍‌ଖା ଜବତ କରାଯିବା ସହ ଜଣଙ୍କୁ ଗିରଫ କରାଯାଇଥିଲା।

ଜଙ୍ଗଲ, ପରିବେଶ ନିୟମ ଉଲ୍ଲଂଘନ ଅଭିଯୋଗ

ଗୁଲମିଠାରେ ପ୍ରକଳ୍ପ ନିର୍ମାଣ

- ଶ୍ରାବଣୀ ହାଇଡ୍ରୋ ପାୱାର କମ୍ପାନୀ ନେଇଥିଲା କାର୍ଯ୍ୟ
- ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା ବୁଦ୍ଧିଜୀବୀ ମଞ୍ଚ
- ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ କରିଥିଲା ଅନୁଧ୍ୟାନ

ଜୟପୁର, ୬।୬ (ଡି.ଏନ୍.ଏ.)

ଖବରଦାତା ସମ୍ମିଳନୀରେ ମଞ୍ଚ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି ।

କୋରାପୁଟ ଜିଲା କୋଟପାଡ ତହସିଲ ଡୁମାଖେଡି ମୌଜାର ଗୁଲମିଠାରେ ବିଦ୍ୟୁତ୍ ଉତ୍ପାଦନ ପ୍ରକଳ୍ପ ନିର୍ମାଣ କରୁଥିବା କମ୍ପାନୀ ଜଙ୍ଗଲ ଓ ପରିବେଶ ବିଭାଗ ନିୟମକୁ ଉଲ୍ଲଂଘନ କରୁଛି। ବେଆଇନ ଭାବେ ବ୍ୟାପକ ଗଛ କାଟିବା ସହ ଜଙ୍ଗଲ ଜମିରୁ ମାଟି ଉଠାଉଥିବା ଜୟପୁରସ୍ଥିତ ବରିଷ୍ଠ ବୁଦ୍ଧିଜୀବୀ ମଞ୍ଚ ଅଭିଯୋଗ କରିଛି। ଏନେଇ ମଞ୍ଚ ପୂର୍ବରୁ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲା। ୨୦୦୨ରେ ଗୁଲମିଠାରେ କୋଲାବ ନଦୀର ନିମ୍ନରେ ପ୍ରବାହିତ ଜଳରୁ ୧୫ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ ପାଇଁ ରାଜ୍ୟ ସରକାରଙ୍କ ସହିତ ହାଇଦ୍ରାବାଦର ଶ୍ରାବଣୀ ହାଇଡ୍ରୋ ପାୱାର ନାମକ ଘରୋଇ କମ୍ପାନୀ ସହ ଚୁକ୍ତିନାମା ହୋଇଥିଲା। ୨୦୦୫ରେ ସମ୍ପୃକ୍ତ ଘରୋଇ କମ୍ପାନୀ ପକ୍ଷରୁ ୪୭୭୨ ହେକ୍ଟର ଜମିରେ ଏହାର ନିର୍ମାଣ ଲାଗି ଅନୁମତି ପ୍ରଦାନ କରାଯାଇଥିଲା। କମ୍ପାନୀ ଜଙ୍ଗଲ ଓ ପରିବେଶ ନିୟମ ଉଲ୍ଲଂଘନ କରି ଜଙ୍ଗଲରୁ ଅଧିକ ପରିମାଣରେ ଗଛ କାଟିଥିଲା। ଜଙ୍ଗଲ ଜମିରୁ ବାହାରିଥିବା ଚୂନ ପଥରଗୁଡିକ ନେଇ ଆନ୍ଧ୍ର ପ୍ରଦେଶରେ ବିକ୍ରି କରିଦେଇଥିଲା। ଏନେଇ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶରେ କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ପକ୍ଷରୁ ୨ଜଣ ଅଧିକାରୀ ଗତ ଡିସେମ୍ବରରେ ଏହାର ତଦନ୍ତକରି ଏହି ନିର୍ମାଣ କାର୍ଯ୍ୟ କରୁଥିବା ଶ୍ରାବଣୀ ହାଇଡ୍ରୋ ଇଲେକ୍ଟ୍ରିକାଲ କମ୍ପାନୀ ବ୍ୟାପକ ଅନିୟମିତତା କରିଥିବା ରିପୋର୍ଟରେ ଉଲ୍ଲେଖ କରିଥିଲେ। ତୁରନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ କରିବା ସହିତ ୨ ସପ୍ତାହ ମଧ୍ୟରେ ଉଭୟ କମ୍ପାନୀ ଏବଂ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ କୈଫିୟତ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ୩ ସପ୍ତାହରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ସୁଦ୍ଧା ଏହାର ଉତ୍ତର କେହି ଦେଇନାହାନ୍ତି। ଇତିମଧ୍ୟରେ ଏକ ଚିଠିରେ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଆସିଛି। ଏନେଇ ଶନିବାର ଏକ ଖବରଦାତା ସମ୍ମିଳନୀରେ ବୁଦ୍ଧିଜୀବୀ ମଞ୍ଚ ପକ୍ଷରୁ ତୁରନ୍ତ ଉକ୍ତ ପ୍ରକଳ୍ପର କାର୍ଯ୍ୟବନ୍ଦ କରିବା ସହିତ ବେଆଇନ ଭାବେ ଅନୁମତି ପ୍ରଦାନ କରିଥିବା ତତ୍କାଳୀନ ଜୟପୁର ଡିଏଫ୍‌ଓ ଏବଂ ଏସିସିଏଫ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି । ଖବରଦାତା ସମ୍ମିଳନୀରେ ମଞ୍ଚର ସଭାପତି ଇଂ. ନିର୍ମଳ ଚନ୍ଦ୍ର ମଲ୍ଲିକ, କାର୍ଯ୍ୟକାରୀ ସଭାପତି ଡ. ଗଙ୍ଗାଧର ନନ୍ଦ, କାର୍ଯ୍ୟକାରୀ ସମ୍ପାଦକ ପଣ୍ଡିତ ଗୀତା ପ୍ରକାଶ ମିଶ୍ର, ସଂଯୋଜକ ମୀନକେତନ ଦାଶ, ସୁବାସ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ମାଟିତଳୁ ମୃତଦେହ ଉଦ୍ଧାରକଲା ପୋଲିସ

ହତ୍ୟାକରି ପୋତି ଦେଇଥିଲେ

ମାଲକାନଗିରି,୬।୬(ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ବ୍ଲକ ପେଡ଼ାକୋଣ୍ଡା ପଞ୍ଚାୟତ କେନ୍ଦୁଗୁଡ଼ା ଗ୍ରାମରେ ଜଣେ ବ୍ୟକ୍ତିଙ୍କୁ ୪ଜଣ ଡାକି ନେଇ ହତ୍ୟା କରିଥିବା ଘଟଣାର ପର୍ଦ୍ଦାଫାଶ ହୋଇଛି। ମୃତକ ହେଲେ ସମାରୁ ମାଡକାମି। ଶନିବାର ପୋଲିସ ତାଙ୍କ ମୃତଦେହ ପୋତାଯାଇଥିବା ଅଭିଯୁକ୍ତମାନେ ସ୍ୱୀକାର କରିଥିବା ସୂଚନା ଦେଇଛି। ଖବରରୁ ଜଣାପଡ଼ିଛି ଗ୍ରାମର ଦେବା ମାଡକାମି, ବୁନ୍ଦ୍ରା ମୁଚାକି, ଆଇତା କବାସୀ, ରାମ ମାଡି ଗତ ୪ ତାରିଖ ରାତି ୧୧ଟାରେ ସମାରୁଙ୍କୁ ଏକ ବୈଠକ ଅଛି କହି ଡାକି ନେଇଥିଲେ। ତା'ପରଠାରୁ ଆଉ ସମାରୁଙ୍କ ପତ୍ତା ମିଳି ନ ଥିଲା। ୨ ଦିନ ଧରି ସମାରୁ ନ ଫେରିବାରୁ ତାଙ୍କ ଭାଇ ଉଙ୍ଗା ମାଡକାମି ମାଲକାନଗିରି ଥାନାରେ ଅଭିଯୋଗ କରିଥିଲେ। ଆଇଆଇସି ରାମପ୍ରସାଦ ନାଗ ସମ୍ପୃକ୍ତ ଗ୍ରାମକୁ ଯାଇ ଗ୍ରାମର କିଛି ଦୂରରେ ସମାରୁଙ୍କ ଶବ ମାଟିତଳେ ପୋତା ହୋଇଥିବା ଜାଣିବାକୁ ପାଇଥିଲେ। ପରେ ମାଟିଖୋଳି ମୃତଦେହ ଉଦ୍ଧାରକରି ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ଏଥିରେ ସମ୍ପୃକ୍ତ ୪ଜଣ ଯୁବକଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚୁରା କରୁଛନ୍ତି। ତେବେ ଗୁଣି ଗାରେଡ଼ି କିମ୍ବା ଅନ୍ୟ କୌଣସି କାରଣରୁ ଏହି ହତ୍ୟାକାଣ୍ଡ ଘଟିଛି ତାହା ତଦନ୍ତ ପରେ ଜଣାପଡିବ ବୋଲି ନାଗ କହିଛନ୍ତି।

ଅଳିଆଗଦାରେ ପଡ଼ିଛି ଆଧାର କାର୍ଡ

ଗୁଡ଼ାରୀ,୬।୬(ଡି.ଏନ୍.ଏ.):

ଅଳିଆଗଦାରେ ପଡ଼ିଛି ଶତାଧିକ ଆଧାର କାର୍ଡ। ରାୟଗଡ଼ା ଜିଲା ଗୁଡାରୀ ବାଲିଯାତ୍ରା ପଡ଼ିଆ ନିକଟରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଅର୍ଦ୍ଧାଧିକ କାର୍ଡରେ କେହି ନିଆଁ ଲଗାଇଦେଇଥିବାବେଳେ ଭଲ ଅବସ୍ଥାରେ ଥିବା କାର୍ଡଗୁଡ଼ିକୁ ସ୍ଥାନୀୟ ଲୋକେ ସଂଗ୍ରହକରି ଗୁଡାରୀ ଥାନାରେ ଦେଇଛନ୍ତି। ଏଥିରେ ଗୁଡାରୀ ଓ ଚନ୍ଦ୍ରପୁର ବ୍ଲକ୍‌ର ବହୁ ଲୋକଙ୍କ କାର୍ଡ ରହିଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଡାକ ବିଭାଗ ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ଘଟଣା ନେଇ ସେ ପୋଷ୍ଟାଲ ଇନ୍ସପେକ୍ଟରଙ୍କୁ ଜଣାଇବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ପୋଷ୍ଟାଲ ଇନ୍ସପେକ୍ଟର ନିଜ ପ୍ରତିକ୍ରିୟାରେ କହିଛନ୍ତି, ଏହାର ତଦନ୍ତ କରାଯିବ। ତେବେ ଏତେ ସଂଖ୍ୟାରେ ଆଧାର କାର୍ଡ କେଉଁ କାରଣରୁ ଅଳିଆଗଦାରେ ଫୋପାଡ଼ିଲେ, ତାହାର ତଦନ୍ତ ହେବା ଜରୁରୀ ବୋଲି ଅଞ୍ଚଳବାସୀ କହିଛନ୍ତି।

ଲ୍ୟାମ୍ପସ୍‌ରେ ସାର ଟଙ୍କା ହେରଫେରର ତଦନ୍ତ ଆରମ୍ଭ

ପଟ୍ଟାଙ୍ଗୀ,୬।୬(ଡି.ଏନ୍.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ଲ୍ୟାମ୍ପସ୍ କାର୍ଯ୍ୟାଳୟରେ ହୋଇଥିବା ଆର୍ଥିକ ହେରଫେର ନେଇ ଶେଷରେ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି । ଏହି ଲ୍ୟାମ୍ପସ୍‌କୁ ୨୦୧୮/୧୯ରେ ଖରିଫଚାଷ ପାଇଁ ଆସିଥିବା ସାରକୁ ବିକ୍ରିକରି ଉକ୍ତ ଅର୍ଥକୁ ହେରଫେର କରି ଲ୍ୟାମ୍ପସ୍ ଏମ୍‌ଡି ପରବର୍ତ୍ତୀ ସମୟରେ କାଗଜପତ୍ରରେ ଏହି ଅର୍ଥ ପଇଠ ହୋଇଥିବା ଦର୍ଶାଇଥିଲେ। ଏପରି କି ସେ ସେମିଲିଗୁଡ଼ା କେସିସି ବ୍ୟାଙ୍କରେ ଜମା ହୋଇଥିବା ଚାଷୀଙ୍କ ଅର୍ଥକୁ ସେମାନଙ୍କ ଆକାଉଣ୍ଟରୁ ଉଠାଇ ସାର ବିକ୍ରି ଅର୍ଥ ପଇଠ ହୋଇଥିବା ଦର୍ଶାଇଥିଲେ। ଏନେଇ ଅଭିଯୋଗ ହେବା ପରେ ଏମ୍‌ଡିଙ୍କୁ ଉକ୍ତ କାର୍ଯ୍ୟାଳୟରୁ ଅନ୍ୟତ୍ର ବଦଳି କରାଯାଇ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଥିଲା। ମାତ୍ର ଏଥିରେ ପଟ୍ଟାଙ୍ଗୀ ଲ୍ୟାମ୍ପସ୍ କାର୍ଯ୍ୟାଳୟର ଡାଇରେକ୍ଟରମାନେ ସନ୍ତୁଷ୍ଟ ନ ଥିଲେ। ଫଳରେ ବିଭାଗ ପକ୍ଷରୁ ପୁଣି ଥରେ ଏହାର ତଦନ୍ତ ଲାଗି ସ୍ଥିର କରାଯାଇଛି। ଜୟପୁର କେସିସି ବ୍ୟାଙ୍କର ଜଣେ ଅଧିକାରୀ ଲଛମନ ଦାଶ ଏହାର ତଦନ୍ତ କରିବେ। ସେ ପଟ୍ଟାଙ୍ଗୀ ଲ୍ୟାମ୍ପସ୍ କାର୍ଯ୍ୟାଳୟରେ ପହଞ୍ଚି ପୂର୍ବତନ ଏମ୍‌ଡି ବସନ୍ତ ଦାଶଙ୍କୁ ଲ୍ୟାମ୍ପସ୍ କାର୍ଯ୍ୟାଳୟକୁ ଡକାଇ ପଚରାଉଚରା କରିଛନ୍ତି। ବର୍ତ୍ତମାନର ଏମ୍‌ଡି ରାମଚନ୍ଦ୍ର ଖେମୁଣ୍ଡୁ ଓ ବ୍ୟାଙ୍କ ସୁପ୍ରଭାଇଜର ଦିଗମ୍ବର ନାୟକଙ୍କ ଉପସ୍ଥିତରେ ଏହି ପଚରାଉଚରା ହୋଇଛି। ଦାଶ ସମସ୍ତ ରେକର୍ଡପତ୍ର ଯାଞ୍ଚ କରିଛନ୍ତି। ଏନେଇ ତଦନ୍ତ କରୁଥିବା ଅଧିକାରୀ ଦାଶଙ୍କୁ ପଚାରିବାରୁ ସେ କିଛି କହି ନ ଥିଲେ। ସୂଚନାଯୋଗ୍ୟ ଯେ, ସେମିଲିଗୁଡା କେସିସି ବ୍ୟାଙ୍କର ବ୍ୟାଙ୍କ ଆସିସଷ୍ଟାଣ୍ଟ ଭାବେ କାର୍ଯ୍ୟରତ ବସନ୍ତ ଦାଶ ୨୦୧୫ରୁ ୨୦୧୯ ଯାଏ ପଟ୍ଟାଙ୍ଗୀ ଲ୍ୟାମ୍ପସ୍‌ର ଏମ୍‌ଡି ରୂପେ ଦାୟିତ୍ୱ ତୁଲାଇଥିଲେ। ୨୦୧୮/୧୯ ଆର୍ଥିକ ବର୍ଷରେ ସାର ବାବଦ ବିକ୍ରି ଅର୍ଥ ୧୬,୨୩,୫୯୯ ଟଙ୍କା ହେରଫେର କରିଥିବା ତାଙ୍କ ନାମରେ ଅଭିଯୋଗ ହୋଇଥିଲା। ଲ୍ୟାମ୍ପସ୍‌ର ପୂର୍ବତନ ସଭାପତି ବେଶୁ ଖିଲ ଏବଂ ବର୍ତ୍ତମାନର ଏମ୍‌ଡି ରାମଚନ୍ଦ୍ର ଖେମୁଣ୍ଡୁ ଏନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ ।

ମଦ ବିକ୍ରି ବେଳେ ଚଢ଼ାଉ, ପୋଲିସକୁ ଆକ୍ରମଣ

କାଶୀନଗର,୬।୬(ଡି.ଏନ୍.ଏ.)–

ଗଜପତି ଜିଲା କାଶୀନଗର ବ୍ଲକ ବିଡିଗାଁ ପଞ୍ଚାୟତ ଅନ୍ତର୍ଗତ ନୀଳାପୁର ଗ୍ରାମ ପାର୍ଶ୍ୱ ଦେଇ ଯାଇଥିବା ରେଳଲାଇନ ନିକଟରେ ବେଆଇନ ଭାବେ ପାଉଚ ମଦ ବିକ୍ରି ହେଉଥିବା ଖବର ପାଇ ପୋଲିସ ଶୁକ୍ରବାର ଚଢ଼ାଉ କରିଥିଲା। ଚଢ଼ାଉ ବେଳେ କେତେଜଣ ପୋଲିସଙ୍କ ଉପରେ ଆକ୍ରମଣ କରିଥିଲେ। ଏଥିରେ ଏସ୍‌ଆଇ ରତିକାନ୍ତ ନାୟକ ଓ ହୋମଗାର୍ଡ ପାଲବାଲସା ସୁଧାକର ଆହତ ହୋଇ କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ବେଆଇନ ମଦ ବିକ୍ରି ହେଉଥିବା ଖବର ପାଇଁ ପୋଲିସର ଏକ ଟିମ୍ ଚଢ଼ାଉ କରିବାକୁ ଯାଇଥିଲା। ଏହି ସମୟରେ ସେଠାରେ ମଦ ପିଉଥିବା କେତେଜଣ ପୋଲିସକୁ ଦେଖି ଦୌଡ଼ିଥିଲେ। ଗାଡି ପାଖରେ ଥିବା ଏସ୍‌ଆଇ ରତିକାନ୍ତ ଓ ହୋମଗାର୍ଡ ପାଲବାଲସାଙ୍କ ଉପରେ କେତେଜଣ ଆକ୍ରମଣ କରିଥିଲେ। ପୋଲିସ ଘଟଣାସ୍ଥଳରୁ ୭୦ ପାଉଚ ମଦ ଓ ଗୋଟିଏ ବାଇକ(ଏପିୱାଏଇଏ୧୬୯୪) ଜବତ କରିଛି। ୪ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିବା ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ର କହିଛନ୍ତି।

ଜିଲାବାସୀଙ୍କ ସହଯୋଗ ଆମର ବଳ: ଜିଲାପାଳ

ମାଲକାନଗିରି,୬।୬(ଡି.ଏନ୍.ଏ.)

ଜିଲାପାଳ ସୂଚନା ଦେଉଛନ୍ତି ।

ଲକ୍‌ଡାଉନ ସରିଛି। ଏବେ ଅନ୍‌ଲକ୍–୧ ପ୍ରଥମ ପର୍ଯ୍ୟାୟରେ ଚାଲିଛି। କରୋନା ଲକ୍‌ଡାଉନ ସ୍ଥିତରେ କୋହଳ ହେବା ପରେ ମାଲକାନଗିରି ଜିଲା ପ୍ରଶାସନ ପକ୍ଷରୁ କ'ଣ ସବୁ ପଦକ୍ଷେପ ନିଆଯାଇଛି ଏବଂ ଅନ୍‌ଲକ–୧ ପ୍ରଥମ ପର୍ଯ୍ୟାୟରେ କ'ଣ ସବୁ ପଦକ୍ଷେପ ନିଆଯିବ ସେସମ୍ପର୍କରେ ଜିଲାପାଳ ମନୀଷ ଅଗ୍ରୱାଲ ସୂଚନା ଦେଇଛନ୍ତି। ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି ଯେ, ଲକ୍‌ଡାଉନ ଆରମ୍ଭରୁ ପ୍ରଶାସନ ପକ୍ଷରୁ ୩୨୮ଟି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରସ୍ତୁତକରି ୨୦ ହଜାର ଲୋକଙ୍କ ରହିବା, ସେମାନଙ୍କ ଖାଦ୍ୟପେୟ ବ୍ୟବସ୍ଥା କରାଯାଇଥିଲା। ଜିଲାରେ ପ୍ରାୟ ୧୭ ହଜାର ପ୍ରବାସୀ ଫେରନ୍ତା ସଙ୍ଗରୋଧ କେନ୍ଦ୍ରରେ ଥିଲେ। ଏବେ ୨ ହଜାର ଲୋକ ସଙ୍ଗରୋଧ କେନ୍ଦ୍ରରେ ଅଛନ୍ତି। ଜିଲାରୁ ୩୪୩୦ଟି ରକ୍ତ ନମୁନା ପରୀକ୍ଷା ହୋଇଥିଲା। ସେଥିରୁ ୩୨୫୮ଟି ନେଗେଟିଭ୍ ଆସିଛି। ୨୧ଟି ପଜିଟିଭ ଆସିଥିଲା। ସେମାନଙ୍କ ମଧ୍ୟରୁ ଚିକିତ୍ସିତ ହୋଇ ୧୯ ଜଣ ସୁସ୍ଥ ହେବା ପରେ ଘରକୁ ଫେରିଛନ୍ତି। ୧୭୨ଟି ନମୁନାର ରିପୋର୍ଟ ଆସିନାହିଁ। ଚାଲିଚାଲି ବାହାର ରାଜ୍ୟରୁ ଆସିଥିବା ୨୨,୭୩୮ ଶ୍ରମିକଙ୍କୁ ଜିଲା ପ୍ରଶାସନ ଓଡ଼ିଶା ସୀମାନ୍ତରୁ ବସ୍ ଯୋଗେ ସେମାନଙ୍କ ଗ୍ରାମକୁ ପଠାଇଛି। ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ବିହାର ରାଜ୍ୟର ପ୍

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ରବିବାର, ଜୁନ୍ ୭/୨୦୨୦ Sunday, June 7/2020

ସଂକ୍ଷେପରେ

ଆଇପିଏଲ୍ ଆୟୋଜନ ପାଇଁ ୟୁଏଇ ଆଗ୍ରହୀ

ଦୁବାଇ, ୬।୬(ପି.ଟି.): ଚଳିତ ବର୍ଷର ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍) ଆୟୋଜନ ପାଇଁ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ଆଗ୍ରହ ପ୍ରକାଶ କରିଛି। କୋଭିଡ-୧୯ ପାଇଁ ଭାରତ ଯଦି ଏହି ବ୍ୟୟବହୁଳ ଟି୨୦ ଲିଗ୍‌କୁ ବାହାର ପରିବେଶରେ କରାଇବାକୁ ଆଗ୍ରହ ପ୍ରକାଶ କରେ ତେବେ ଆମେ ପ୍ରସ୍ତୁତ ଅଛୁ ବୋଲି ଶନିବାର ଏମିରେଟ୍ସ କ୍ରିକେଟ ବୋର୍ଡ ପକ୍ଷରୁ ପ୍ରକାଶ କରାଯାଇଛି। ଆଇପିଏଲର ୧୩ତମ ସଂସ୍କରଣ ଗତ ମାର୍ଚ୍ଚରେ ଆରମ୍ଭ ହେବାର ଥିଲା। ମାତ୍ର ବିଶ୍ୱବ୍ୟାପୀ ସ୍ୱାସ୍ଥ୍ୟ ସଙ୍କଟ ଦେଖାଦେଇଥିବାରୁ ଏହାକୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ଚଳିତ ବର୍ଷ ଅଷ୍ଟ୍ରେଲିଆରେ ହେବାକୁଥିବା ଟି୨୦ ବିଶ୍ୱକପ ଯଦି ସମ୍ଭବ ନ ହୁଏ ତେବେ ଆସନ୍ତା ଅକ୍ଟୋବରରେ ଏହାକୁ ଆୟୋଜନ ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଯୋଜନା କରୁଥିବା ଆଲୋଚନା ହେଉଛି। ୟୁଏଇ କ୍ରିକେଟ ବୋର୍ଡ ପକ୍ଷରୁ ଆଇପିଏଲ ଆୟୋଜନ ପାଇଁ ଅଫର ଦିଆଯିବା ସମ୍ପର୍କରେ ଗଲ୍ଫ ନ୍ୟୁଜ ରିପୋର୍ଟରେ ପ୍ରକାଶ ପାଇଛି। ''ଏମିରେଟ୍ସ କ୍ରିକେଟ ବୋର୍ଡ ପୂର୍ବରୁ ୟୁଏଇରେ ସଫଳତାର ସହ ଆଇପିଏଲ ମ୍ୟାଚ ଆୟୋଜନ କରିଛି। ଏହା ବ୍ୟତୀତ ଆମେ ନିରପେକ୍ଷ ଭେନ୍ୟୁଭାବେ ଅନେକ ଦ୍ୱିପାକ୍ଷିକ ସିରିଜ ଏବଂ ବହୁ ରଷ୍ଟ୍ରୀୟ ଟୁର୍ନାମେଣ୍ଟ ମଧ୍ୟ ଆୟୋଜନ କରିଛୁ। ଆମ ଷ୍ଟେଟ୍-ଅଫ୍-ଦି-ଆର୍ଟ ଭେନ୍ୟୁ ଗୁଡ଼ିକ ସମସ୍ତ ପ୍ରକାର କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନ ପାଇଁ ଉପଯୁକ୍ତ ବୋଲି'' ବୋଲି ଏହାର ସାଧାରଣ ସମ୍ପାଦକ ମୁବାଶଶିର ଉସମାନି ପ୍ରକାଶ କରିଛନ୍ତି। ଏମିରେଟ୍ସ କ୍ରିକେଟ ବୋର୍ଡ ଇଂଲିଶ୍ ସିଜନ ଶେଷ କରିବା ପାଇଁ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ ବୋର୍ଡକୁ ମଧ୍ୟ ଅଫର ଦେଇଥିଲା ବୋଲି ଉସମାନି କହିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ୟୁଏଇ ପୂର୍ବରୁ ଅନ୍ୟ ବୋର୍ଡ ମଧ୍ୟରେ ଶ୍ରୀଲଙ୍କା କ୍ରିକେଟ ଆଇପିଏଲ ଆୟୋଜନ ପାଇଁ ପ୍ରସ୍ତାବ ଦେଇଥିଲା। ଚଳିତ ମାସ ୧୦ ତାରିଖରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଆଇସିସି ବୋର୍ଡ ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ଚଳିତ ବର୍ଷର ଟି୨୦ ବିଶ୍ୱକପ ଭାଗ୍ୟ ନିର୍ଦ୍ଧାରିତ ହେବ। ଫଳରେ ଆଇପିଏଲ ଆୟୋଜନକୁ ନେଇ ସ୍ପଷ୍ଟ ଚିତ୍ର ମିଳିଯିବ।

ନ୍ୟୁଜିଲାଣ୍ଡକୁ ଯୋଗ୍ୟତା

ନୂଆଦିଲ୍ଲୀ, ୬।୬(ପି.ଟି.)

ଆସନ୍ତାବର୍ଷ ଭାରତରେ ହେବାକୁଥିବା ଫିଫା ମହିଳା ୧୭ ବର୍ଷରୁ କମ୍ ବିଶ୍ୱକପ ପାଇଁ ନ୍ୟୁଜିଲାଣ୍ଡ ଯୋଗ୍ୟତା ଅର୍ଜନ କରିଛି। ଏଥିସହ ଓସେନିଆ ଅଞ୍ଚଳରୁ ଏକମାତ୍ର ଦଳଭାବେ ନ୍ୟୁଜିଲାଣ୍ଡ ପ୍ରତିନିଧିତ୍ୱ କରିବା ନିଶ୍ଚିତ ହୋଇଛି। ଆୟୋଜକ ହିସାବରେ ଭାରତ ପ୍ରତିଯୋଗିତା ଖେଳିବ। ପୂର୍ବରୁ ଜାପାନ ଓ ଉତ୍ତର କୋରିଆ ଏସିଆରୁ

ଫିଫା ମହିଳା ୧୭ ବର୍ଷରୁ କମ୍ ବିଶ୍ୱକପ

ଯୋଗ୍ୟତା ଅର୍ଜନ କରି ସାରିଛନ୍ତି। ଭାରତର ୫ଟି ଭେନ୍ୟୁରେ ଫେବୃୟାରୀ ୧୭ରୁ ମାର୍ଚ୍ଚ ୭ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତାରେ ୧୬ଟି ଦଳ ଅଂଶଗ୍ରହଣ କରିବେ। କରୋନା ଭାଇରସ ସଂକ୍ରମଣ ଯୋଗୁ ୨୦୨୦ ଏପ୍ରିଲରେ ହେବାକୁଥିବା ୧୭ ବର୍ଷରୁ କମ୍ ଓଏଫସି ମହିଳା ଚାମ୍ପିୟନଶିପ୍ ବାତିଲ ହେବାପରେ

ଓସେନିଆ ଫୁଟବଲ କନ୍‌ଫେଡେରେଶନ କାର୍ଯ୍ୟନିର୍ବାହୀ କମିଟି ନ୍ୟୁଜିଲାଣ୍ଡ ନାମ ସୁପାରିସ କରିଥିଲା। ଏହା ପୂର୍ବରୁ ନ୍ୟୁଜିଲାଣ୍ଡ ସମସ୍ତ ୬ଟି ଫିଫା ମହିଳା ୧୭ ବର୍ଷରୁ କମ୍ ବିଶ୍ୱକପରେ ପ୍ରତିଦ୍ୱନ୍ଦ୍ୱିତା କରିଛି। ୨୦୧୮ରେ ଉରୁଗୁଏରେ ଅନୁଷ୍ଠିତ ପ୍ରତିଯୋଗିତାରେ ଦଳ ଏକ ବ୍ରୋଞ୍ଜ ପଦକ ପାଇଥିଲା। ୨୦୦୮ ପ୍ରଥମ ସଂସ୍କରଣକୁ ଏହି ଦେଶ ଆୟୋଜନ କରିଥିଲା।

ପ୍ରକାଶ ଯୋଗ୍ୟ ଯେ, ଫିଫା ମହିଳା ୧୭ ବର୍ଷରୁ କମ୍ ବିଶ୍ୱକପ ପ୍ରକୃତରେ ୨୦୨୦ ନଭେମ୍ବର ୨ରୁ ୨୧ ପର୍ଯ୍ୟନ୍ତ ହେବାର ଥିଲା। ମାତ୍ର କୋଭିଡ-୧୯ ଯୋଗୁ ଏହାକୁ ଗୋଟିଏ ବର୍ଷ ଘୁଞ୍ଚାଇ ଦିଆଯାଇଛି। ବିଶ୍ୱବ୍ୟାପୀ ସ୍ୱାସ୍ଥ୍ୟ ସଙ୍କଟ ଦେଖା ଦେଇଥିବାରୁ ଅନ୍ୟ ୪ଟି କନ୍‌ଫେଡେରେଶନ ଆଫ୍ରିକା, ୟୁରୋପ, ଦକ୍ଷିଣ ଆମେରିକା ଓ କନ୍‌କାକାଫ(ସେଣ୍ଟ୍ରାଲ ନର୍ଥ ଆମେରିକା ଓ କାରିବିୟନ) ଏପର୍ଯ୍ୟନ୍ତ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ଆୟୋଜନ କରିପାରି ନାହାନ୍ତି। ଚଳିତ ବର୍ଷ ଶେଷସୁଦ୍ଧା ଏହି କାର୍ଯ୍ୟ ସରିଯିବା ଆଶା ରହିଛି। ୪ଟି କନ୍‌ଫେଡେରେଶନରୁ ୩ଟି ଲେଖାଏ ଦଳ ଯୋଗ୍ୟତା ଅର୍ଜନ କରିବେ। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ, କୋଲକାତାର ସଲ୍ଟଲେକ୍, ଗୁଆହାଟୀର ଇନ୍ଦିରା ଗାନ୍ଧୀ ଆଥଲେଟିକ୍ ଷ୍ଟାଡିୟମ, ଅହମ୍ମଦାବାଦର ଏକ୍କା ଆରେନା ଓ ନଭି ମୁମ୍ବାଇର ଡି.ୱାଇ. ପାଟିଲ ଷ୍ଟାଡିୟମରେ ମ୍ୟାଚ ଗୁଡ଼ିକ ଖେଳାଯିବ।

କରୋନାରେ ପୂର୍ବତନ ଫୁଟ୍‌ବଲରଙ୍କ ମୃତ୍ୟୁ

ମାଲାପୁରମ (କେରଳ), ୬।୬ (ପି.ଟି.): କରୋନା ଭାଇରସ୍‌ରେ ଆକ୍ରାନ୍ତ ହୋଇ ପୂର୍ବତନ ସନ୍ତୋଷ ଟ୍ରଫି ଜାତୀୟ ଫୁଟ୍‌ବଲ ଚାମ୍ପିୟନଶିପ୍ ଖେଳାଳି ଇ. ହାମ୍‌ସାକୋୟାଙ୍କ ମୃତ୍ୟୁ ଘଟିଛି। ଫଳରେ ରାଜ୍ୟରେ କୋଭିଡ୍-୧୯ରେ ମୃତ୍ୟୁ ସଂଖ୍ୟା ୧୫ରେ ପହଞ୍ଚିଛି। ୬୧ ବର୍ଷୀୟ ହାମ୍‌ସାକୋୟାଙ୍କ ଜନ୍ମସ୍ଥାନ ହେଉଛି ନିକଟବର୍ତ୍ତୀ ପାରାପ୍ପାନାଙ୍ଗଡିରେ। ଏବେ ସେ ମୁମ୍ବାଇରେ ବାସ କରୁଛନ୍ତି। ସେ ଓ ତାଙ୍କ ପରିବାର ମେ ୨୧ରେ ତାଙ୍କ ଜନ୍ମ ସହରକୁ ଆସି କ୍ୱାରାଣ୍ଟାଇନ୍‌ରେ ଥିଲେ। ହାମସାକୋୟାଙ୍କ ୫ଜଣ ପରିବାର ସଦସ୍ୟ ମଧ୍ୟ କରୋନା ପଜିଟିଭ। ସେମାନେ ସମସ୍ତେ ଏବେ ଚିକିତ୍ସାଧୀନ ରହିଛନ୍ତି। ମାଲାପୁରମର ଜିଲା ମେଡିକାଲ ଅଫିସର କେ. ସାକିନାଙ୍କ କହିବା ଅନୁସାରେ ହାମସାକୋୟାଙ୍କ ସ୍ତ୍ରୀ ଏବଂ ପୁଅଙ୍କ ନିକଟରେ ପ୍ରଥମେ କୋଭିଡ୍-୧୯ ଲକ୍ଷଣ ପ୍ରକାଶ ପାଇଥିଲା। ସମସ୍ତ ଚେଷ୍ଟା ସତ୍ତ୍ୱେ ଏହି ପୂର୍ବତନ ଫୁଟ୍‌ବଲରଙ୍କ ଜୀବନ ରକ୍ଷା ସମ୍ଭବ ହୋଇପାରି ନ ଥିଲା। ଶନିବାର ସକାଳେ ତାଙ୍କର ଦେହାନ୍ତ ହୋଇଥିଲା।

ସାମାଜିକ ନ୍ୟାୟ ପାଇଁ ଜୋର୍ଡାନ ଦେବେ ୭୫୫ କୋଟି

ଚାର୍ଲୋଟ,୬।୬(ଏପି): ବର୍ଣ୍ଣବୈଷମ୍ୟ ବିରୋଧୀ ଲଢ଼େଇରେ ସାମିଲ ହୋଇଛନ୍ତି କିମ୍ବଦନ୍ତୀ ବାସ୍କେଟବଲ ଖେଳାଳି ତଥା ଏନ୍‌ବିଏ ତାରକା ମାଇକେଲ ଜୋର୍ଡାନ। ସମାଜରେ ଥିବା ରଙ୍ଗ ଭେଦକୁ ଦୂରେଇବା ପାଇଁ ଓ ସାମାଜିକ ସମାନତା



ପ୍ରତିଷ୍ଠା କରିବା ଲାଗି ଜୋର୍ଡାନ ୧୦୦ ମିଲିୟନ ଆମେରିକୀୟ ଡଲାର ଅର୍ଥାତ ୭୫୫ କୋଟି ଟଙ୍କା ଦାନ କରିବେ ବୋଲି ଘୋଷଣା କରିଛନ୍ତି। ଜୋର୍ଡାନ ଓ ଜୋର୍ଡାନ ବ୍ରାଣ୍ଡ ତରଫରୁ ଏହି ଅର୍ଥ ଆସନ୍ତା ୧୦ ବର୍ଷ ମଧ୍ୟରେ ପ୍ରଦାନ କରାଯିବ। ସାମାଜିକ ନ୍ୟାୟ, ସାମାଜିକ ସମାନତା ଓ ଶିକ୍ଷାର ଉନ୍ନତି ପାଇଁ ଏହି ଅର୍ଥ ଖର୍ଚ୍ଚ କରାଯିବ ବୋଲି କୁହାଯାଇଛି।

ପୂର୍ବତନ ଚିକାଗୋ ବୁଲ୍ସ କିମ୍ବଦନ୍ତୀ ଖେଳାଳି ୫୭ବର୍ଷୀୟ ଜୋର୍ଡାନ ଚାର୍ଲୋଟ ହାର୍ନେଟ୍ସର ମାଲିକ ରହିଛନ୍ତି। ସ୍ପୋର୍ଟ୍ସ ଜୋତା କମ୍ପାନୀ ନାଇକ ପାଇଁ ଜୋର୍ଡାନ ବ୍ରାଣ୍ଡ ବେଶ୍ ପରିଚିତ। ନାଇକ ତରଫରୁ

ବର୍ଣ୍ଣବୈଷମ୍ୟ ବିରୋଧୀ ଲଢ଼େଇ

ପରିମାଣର ଅର୍ଥ ଦାନ ଦେବାକୁ ଘୋଷଣା କରିଛନ୍ତି। ଫେସ୍‌ବୁକ୍ ଓ ଆମାଜନଠାରୁ ୧୦ ଗୁଣା ଅର୍ଥ ପ୍ରଦାନ କରିବେ ଜୋର୍ଡାନ। ଯେପର୍ଯ୍ୟନ୍ତ ଆମ ଦେଶରେ ରଙ୍ଗଭେଦ ତଥା ବର୍ଣ୍ଣବୈଷମ୍ୟର ମୂଳୋତ୍ପାଟନ ନ ହୋଇଛି ସେପର୍ଯ୍ୟନ୍ତ ଆମର ଲଢେଇ ଜାରି ରହିବ ବୋଲି ଜୋର୍ଡାନ କହିଛନ୍ତି। ସମାଜ ସଂସ୍କାର ପାଇଁ କାର୍ଯ୍ୟ କରୁଥିବା ସଂସ୍ଥାଗୁଡିକୁ ଏହି ଅର୍ଥ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। କଳା ତଥା କୃଷ୍ଣକାୟ ବ୍ୟକ୍ତିମାନଙ୍କ ଜୀବନର ମଧ୍ୟ ମୂଲ୍ୟ ରହିଛି ବୋଲି ଜୋର୍ଡାନ ଓ ତାଙ୍କ ବ୍ରାଣ୍ଡ ତରଫରୁ କୁହାଯାଇଛି। କଳା ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବା ଆମର ମୂଳ ଲକ୍ଷ୍ୟ ବୋଲି ସେ କହିଛନ୍ତି। ପୂର୍ବରୁ ମଧ୍ୟ ଜୋର୍ଡାନ ଫ୍ଲଏଡଙ୍କ ହତ୍ୟା ନେଇ ରୋଷ ଜାହିର କରିଥିଲେ।

ମହିଳା ସୁପର ଲିଗ୍: ଚେଲ୍‌ସି ଚାମ୍ପିୟନ ଘୋଷିତ

ଲଣ୍ଡନ,୬।୬: ମହିଳା ଚେଲ୍‌ସି ଏଫ୍‌ସି ଏଥର ମହିଳା ସୁପର ଲିଗ୍‌ର ଚାମ୍ପିୟନ ଘୋଷିତ ହୋଇଛି। ଗତମାସ ୨୦୧୯-୨୦ ସେସନକୁ କୋଭିଡ୍-୧୯ ମହାମାରୀ କାରଣରୁ ବାତିଲ କରାଯାଇଛି। ଫଳରେ 'ପଏଣ୍ଟ ପର ଗେମ୍' ରେକର୍ଡକୁ ଦୃଷ୍ଟିରେ ରଖି ମାଞ୍ଚେଷ୍ଟର ସିଟିକୁ ପଛରେ ପକାଇ ଚେଲ୍‌ସି ଚାମ୍ପିୟନ ଘୋଷିତ ହୋଇଛି। ସେହିପରି ଗତଥର ଚାମ୍ପିୟନ ଆର୍ସେନାଲ ତୃତୀୟ ସ୍ଥାନରେ ରହିଛି। ମାଞ୍ଚେଷ୍ଟର ସିଟି ଗୋଟିଏ ଅଧିକ ପଏଣ୍ଟ ପାଇଥିଲେ ମଧ୍ୟ ମାର୍ଚ୍ଚରେ ସେସନ ସସ୍‌ପେଣ୍ଡ ହେଲା ବେଳକୁ ଗୋଟିଏ ଅତିରିକ୍ତ ମ୍ୟାଚ୍ ଖେଳିଥିଲା। ଲିଗ୍ ମୋଟ୍ ଉପରେ ଆଉ ୭ଟି ମ୍ୟାଚ୍ ଖେଳାଯିବାକୁ ବାକି ରହିଥିବା ବେଳେ ଫଳରେ ଚେଲ୍‌ସି ଲାଭବାନ ହୋଇଥିଲା। ଏହା ପୂର୍ବରୁ ଚେଲ୍‌ସି ୨୦୧୮ରେ ଟାଇଟଲ ହାସଲ କରିଥିଲା। ଏବେ ଚେଲ୍‌ସି ସହିତ ମାଞ୍ଚେଷ୍ଟର ସିଟି ଚାମ୍ପିୟନ୍ସ ଲିଗ୍ ଖେଳିବାକୁ ଯୋଗ୍ୟତା ହାସଲ କରିଛି। ମହିଳା ସୁପର ଲିଗ୍‌ରେ ଆର୍ସେନାଲ ଓ ଚେଲ୍‌ସି ସର୍ବାଧିକ ୩ଟି ଲେଖାଏ ଟାଇଟଲ ଜିତିଛନ୍ତି। ଏହାପୂର୍ବରୁ ଚେଲସି ୨୦୧୫, ୨୦୧୭-୧୮, ୨୦୧୯-୨୦ରେ ଟାଇଟଲ ହାସଲ କରିଥିଲା। ସେହିପରି ୨୦୧୪ ଓ ୨୦୧୬ରେ ରନର୍ସଅପ୍ ବିବେଚିତ ହୋଇଥିଲା।

ବିଶ୍ୱ ତୀରନ୍ଦାଜି ଚାମ୍ପିୟନଶିପ୍ ଘୁଞ୍ଚିଲା

ଲାଉସେନ, ୬।୬ (ପି.ଟି.): କରୋନା ଯୋଗୁ ଆମେରିକାର ୟାଙ୍କଟନରେ ଆୟୋଜନ ହେବାକୁ ଥିବା ୨୦୨୦ ବିଶ୍ୱ ତୀରନ୍ଦାଜି ଫିଲ୍ଡ ଚାମ୍ପିୟନଶିପ୍‌କୁ ଘୁଞ୍ଚାଇବାକୁ ନିଷ୍ପତ୍ତି ନିଆଯାଇଛି। ଏହା ୨୦୨୨ରେ ଆୟୋଜନ ହେବ। ଏହି ଇଭେଣ୍ଟ ଏନ୍‌ଏଫ୍‌ଏଏ ଇଷ୍ଟନ ୟାଙ୍କଟନ ଆର୍ଚେରୀ ସେଣ୍ଟରରେ ଚଳିତବର୍ଷ ସେପ୍ଟେମ୍ବରରେ ଆୟୋଜନ ହେବାର ଥିଲା। କରୋନା କଟକଣା ଓ ଆଥ୍‌ଲେଟଙ୍କ ସ୍ୱାସ୍ଥ୍ୟ ଓ ନିରାପତ୍ତାକୁ ଦୃଷ୍ଟିରେ ୱାର୍ଲ୍ଡ ଆର୍ଚେରୀ ଓ ୟାଙ୍କଟନ ଆୟୋଜକ କମିଟି ମିଳିତ ଭାବେ ଏହାକୁ ଘୁଞ୍ଚାଇବା ନିଷ୍ପତ୍ତି ନେଇଛନ୍ତି।

ଏହି ଚାମ୍ପିୟନଶିପ୍‌କୁ ଗୋଟିଏ ବର୍ଷ ଘୁଞ୍ଚାଇବା ନିଷ୍ପତ୍ତିକୁ ୱାର୍ଲ୍ଡ ଆର୍ଚେରୀ ବିରୋଧ କରିଥିଲା। କାରଣ ୨୦୧୨ରେ କାର୍ଯ୍ୟସୂଚୀ ବେଶ୍ ବ୍ୟସ୍ତ ବହୁଳ ରହିଥିଲା। ୟାଙ୍କଟନ୍‌ରେ ଆସନ୍ତା ବର୍ଷ ବିଶ୍ୱ ଆର୍ଚେରୀ ଚାମ୍ପିୟନଶିପ୍ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ପ୍ରଥମେ ଏହି ଇଭେଣ୍ଟକୁ ୨୦୨୧ରେ ଆୟୋଜନ କରାଯିବାର କାର୍ଯ୍ୟକ୍ରମ ଥିଲା। ତେବେ ଅଲିମ୍ପିକ୍ ଘୁଞ୍ଚାଯିବା କାରଣରୁ ଏହାକୁ ୨୦୨୨କୁ ଘୁଞ୍ଚାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଫିଲ୍ଡ ଚାମ୍ପିୟନଶିପ୍‌କୁ ଆମେ ଘୁଞ୍ଚାଇବାକୁ ନିଷ୍ପତ୍ତି ନେଇଛୁ ଓ ଏଥିପାଇଁ ଆମେ ଦୁଃଖିତ ବୋଲି ଡବ୍ଲ୍ୟୁଏ ସାଧାରଣ ସମ୍ପାଦକ ଟମ୍ ଡିଏଲେନ କହିଛନ୍ତି।

ବିବିସି ଛାଡ଼ିଲେ ବୟକଟ୍



ଲଣ୍ଡନ, ୬।୬ (ପି.ଟି.): ପୂର୍ବତନ ଇଂଲଣ୍ଡ ଅଧିନାୟକ ଜେଫ୍ରି ବୟକଟ୍ ବିବିସି ଟେଷ୍ଟ ମ୍ୟାଚ ସ୍ପେଶାଲ କମେଣ୍ଟ୍ରି ଟିମ୍‌ରୁ ଓହରିଯାଇଛନ୍ତି। କୋଭିଡ୍-୧୯ ମହାମାରୀ ସଂକ୍ରମଣ ଆଶଙ୍କା ଯୋଗୁ ସେ ଏହି ନିଷ୍ପତ୍ତି ନେଇଛନ୍ତି। ବିବିସି କମେଣ୍ଟ୍ରି ଟିମ୍ ସହ ୭୯ ବର୍ଷୀୟ ବୟକଟ୍ ଦୀର୍ଘ ୧୪ ବର୍ଷ ଧରି ସମ୍ପୃକ୍ତ ଥିଲେ। ଆସନ୍ତା ମାସରେ ୱେଷ୍ଟଇଣ୍ଡିଜ ବିପକ୍ଷ ଘରୋଇ ସିରିଜ ପାଇଁ ବୟକଟ୍ କମେଣ୍ଟ୍ରି ପାଇଁ ଡାକରା ପାଇଥିଲେ। କରୋନା ଭାଇରସ୍ ବିପଦ ଥିବାରୁ ଏହି କ୍ରିକେଟ ସିରିଜ ଜୈବ-ସୁରକ୍ଷିତ ପରିବେଶ ମଧ୍ୟରେ ଖେଳାଯିବ। ପୂର୍ବତନ ଇଂଲଣ୍ଡ ଅଧିନାୟକଙ୍କର ଇତିମଧ୍ୟରେ ୪ଥର ହାର୍ଟ ବାଇପାସ୍ ସର୍ଜରୀ ସରିଛି। ତାଙ୍କର ଅଧିକ ବୟସ ମଧ୍ୟ ହୋଇଯାଇଛି। କରୋନା ସଂକ୍ରମଣ ଭୟ ଥିବାରୁ ଏହି ନିଷ୍ପତ୍ତି ନେବାକୁ ସେ ବାଧ୍ୟ ହୋଇଥିବା ବୟକଟ୍ କହିଛନ୍ତି। କ୍ରିକେଟ ପ୍ରତି ମୋର ଖୁବ୍ ଭଲ ପାଇବା ରହିଛି। ଖେଳ ଛାଡ଼ିବା ପରେ କମେଣ୍ଟ୍ରିରୁ ଯଥେଷ୍ଟ ଆନନ୍ଦ ଲାଭ କରିଛି। ମୋ କମେଣ୍ଟ୍ରିକୁ ଯେଉଁମାନେ ଉପଭୋଗ କରିଛନ୍ତି ସେମାନଙ୍କୁ ମୁଁ ଧନ୍ୟବାଦ ଦେବାକୁ ଚାହିଁବି ବୋଲି ବୟକଟ ତାଙ୍କ ଟ୍ୱିଟର ପେଜ୍‌ରେ ପ୍ରକାଶ କରିଛନ୍ତି।

କ୍ଷତିଗ୍ରସ୍ତଙ୍କୁ ବିଶୁଦ୍ଧ ଜଳ ଯୋଗାଇଲେ ତାମିମ



ଢାକା,୬।୬(ପି.ଟି.): ବାତ୍ୟା ଅମ୍ଫନ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କୁ ସହାୟ୍ୟ କରିବାକୁ ପାଇଁ ଦିନିକିଆ ଅଧିନାୟକ ତାମିମ ଇକ୍‌ବାଲଙ୍କ ନେତୃତ୍ୱରେ ବାଂଲାଦେଶ କ୍ରିକେଟ ଦଳ ଆଗକୁ ବାହିରିଛି। ବାତ୍ୟା ପୀଡିତ ଲୋକଙ୍କ ପାଇଁ ବିଶୁଦ୍ଧ ଜଳର ବ୍ୟବସ୍ଥା କରିଛନ୍ତି କ୍ରିକେଟର। ସାତଖିରାର ଶ୍ୟାମନଗର ଉପଜିଲ୍ଲାରେ ରହୁଥିବା ଅଧିବାସୀଙ୍କ ପାଇଁ ତାମିମ ପିଇବା ପାଣି ଯୋଗାଡ କରିଛନ୍ତି। ଶୁକ୍ରବାର ତାମିମ ଏ ନେଇ ଫେସ୍‌ବୁକ୍‌ରେ ପୋଷ୍ଟ ମାଧ୍ୟମରେ ସୂଚନା ଦେଇଥିଲା। କିଛିଦିନ ତଳେ ବାଂଲଦେଶର ଦକ୍ଷିଣ ଭାଗ ବାତ୍ୟା ଅମ୍ଫନ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିଲା। ଖାସ୍ କରି ସାତଖିରା ଅଞ୍ଚଳର ଅଧିବାସୀମାନେ ସଂଘାତିକ ଜଳ ବିପତ୍ତିର ଶିକାର ହୋଇଥିଲେ। ଲୋକମାନଙ୍କ ପାଇଁ ବିଶୁଦ୍ଧ ପିଇବା ପାଣିର ବ୍ୟବସ୍ଥା ପାଇଁ ଆମେ ପ୍ରୟାସ କରିଛୁ ବୋଲି ତାମିମ ତାଙ୍କ ପୋଷ୍ଟରେ ଉଲ୍ଲେଖ କରିଛନ୍ତି।

ଆକ୍ରମଙ୍କ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ତାଲିକାରେ ସଚିନ

ଇସଲାମାବାଦ, ୬।୬



ପାକିସ୍ତାନ କ୍ରିକେଟ ଦଳର ପୂର୍ବତନ ଅଧିନାୟକ, ଜଣାଶୁଣା କ୍ରିକେଟ ଭାଷ୍ୟକାର ଏବଂ ବିଶେଷଜ୍ଞ ୱାସିମ ଆକ୍ରମ ନିଜ ସମୟର ୫ ଜଣ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ବାଛିଛନ୍ତି। ନିଜର ପୂର୍ବତନ ଟିମ୍‌ମେଟ୍ ବସିତ୍ ଅଲୀଙ୍କ ସହ ଏକ ଚାଟ୍ ଶୋ'ରେ ଭାଗନେବା ଅବସରରେ ସେ ଶ୍ରେଷ୍ଠ ୫ ବ୍ୟାଟ୍ସମ୍ୟାନଙ୍କ ତାଲିକାରେ ଭାରତର ମାଷ୍ଟର ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକରଙ୍କୁ ସ୍ଥାନ ଦେଇଛନ୍ତି। ଏହି ପାଞ୍ଚଜଣଙ୍କୁ ସେ କାହିଁକି ଶ୍ରେଷ୍ଠତ୍ୱ ଦେଇଛନ୍ତି ତା'ର ମଧ୍ୟ ଅବତାରଣା କରିଛନ୍ତି।

ସେ ବୋଲିଂ କରିଥିବା ବ୍ୟାଟ୍ସମ୍ୟାନଙ୍କ ମଧ୍ୟରୁ ନମ୍ବରୱାନ ସ୍ଥାନରେ ଆକ୍ରମ ୱେଷ୍ଟଇଣ୍ଡିଜର ଭିଭିଆନ ରିଚାର୍ଡ୍ସଙ୍କୁ ସ୍ଥାନ ଦେଇଛନ୍ତି। ରିଚାର୍ଡ୍ସ ୧୮୭ଟି ଦିନିକିଆ ଖେଳି ୪୭ ଆଭରେଜରେ ୬୭୨୧ ରନ ସଂଗ୍ରହ କରିଛନ୍ତି। ସେହିପରି ଏହି ଆଣ୍ଟିଗୁଆ କ୍ରିକେଟର ୧୨୧ଟି ଟେଷ୍ଟ ମ୍ୟାଚ ଖେଳି ୫୦.୨୩ ଆଭରେଜରେ ୮୫୪୦ ରନ କରିଛନ୍ତି। ଏହା ମଧ୍ୟରେ ୨୪ଟି ଶତକ ସାମିଲ। ଦ୍ୱିତୀୟରେ ଆକ୍ରମ ନ୍ୟୁଜିଲାଣ୍ଡର କିମ୍ବଦନ୍ତୀ କ୍ରିକେଟର ମାର୍ଟିନ କ୍ରୋଙ୍କୁ ବାଛିଛନ୍ତି। ୨୦୧୬ରେ ମୃତ୍ୟୁବରଣ କରିଥିବା ଏହି ପୂର୍ବତନ ନ୍ୟୁଜିଲାଣ୍ଡ ଅଧିନାୟକ ୭୭ଟି ଟେଷ୍ଟ ଓ ୧୪୩ଟି ଦିନିକିଆ ଖେଳି ଯଥାକ୍ରମେ ୫୪୪୪ ଓ ୪୭୦୪ ରନ ସ୍କୋର କରିଛନ୍ତି। ରିଭର୍ସ ସୁଇଂକୁ ଖେଳିବାରେ ମାର୍ଟିନ ମାଷ୍ଟର ଥିଲେ ବୋଲି ଆକ୍ରମ କହିଛନ୍ତି। ''ଯେତେବେଳେ ଅନ୍ତର୍ଜାତୀୟ କ୍ରିକେଟରେ ରିଭର୍ସ ସୁଇଂ କ'ଣ ଅଧିକାଂଶ ଜାଣି ନ ଥିଲେ ସେତେବେଳେ ମାର୍ଟିନ ପାକିସ୍ତାନ ଆସି ଟେଷ୍ଟ ସିରିଜରେ ୨ଟି ଶତକ ହାସଲ କରିଥିଲେ'' ବୋଲି ଆକ୍ରମ ପ୍ରକାଶ କରିଛନ୍ତି। ଏହାପରେ ସେ ୱେଷ୍ଟଇଣ୍ଡିଜର ବ୍ରାଏନ ଲାରା ଓ ପାକିସ୍ତାନର ଇଞ୍ଜାମାମ-ଉଲ୍-ହକ୍‌ଙ୍କୁ ସ୍ଥାନ ଦେଇଛନ୍ତି। ଅସାଧାରଣ ପ୍ରତିଭାର ଅଧିକାରୀ ଲାରା ୧୩୧ ଟେଷ୍ଟ ଓ ୨୯୯ ଦିନିକିଆରେ ୨୦,୦୦୦ରୁ ଅଧିକ ରନ ସଂ